

# ସୃଷ୍ଟି ଓ ପ୍ରଳୟ

ଗ|୧୩୬

ରାଜଶ୍ରୀ ସିରିଜ୍

୦/୧୪୬

କଳ୍ପନା କୁମାରୀ ଦେବୀ

ପ୍ରକାଶକ

ପ୍ରାଣକୃଷ୍ଣ ଦାସ

ରାଜଶ୍ରୀ ପ୍ରକାଶନୀ

୫ଏ, ନୂର ମହମ୍ମଦ ଲେନ୍

କଲିକତା-୯

ମୁଦ୍ରଣ

କଳିଙ୍ଗ ମୁଦ୍ରଣୀ

୫ଏ, ନୂରମହମ୍ମଦ ଲେନ୍

କଲିକତା-୯

ଶ୍ରୀପଞ୍ଚମୀ

୧୯୫୯

ଦୁଇଟଙ୍କା

5/186

କୁନ୍‌ନୁନିଙ୍କ—

ଯିଏ ମୋ ନିଦ୍ରାର ସ୍ୱପ୍ନ, ଜାଗରଣର କଳ୍ପନା,
ଆଖିର ଅଶ୍ରୁ, ହୃଦୟର କାରୁଣ୍ୟ,
ପ୍ରାଣର ମମତା, ମନର ଚେତନା ।

**ସୃଷ୍ଟି ଓ ପ୍ରଳୟ** ଏକ ଐତିହାସିକ ପୃଷ୍ଠଭୂମି ଉପରେ ଗଢ଼ି ଉଠିଥିଲେହେଁ, ଉପନ୍ୟାସଟିର ସୌଷ୍ଠବ ରକ୍ଷା କରିବାକୁ ଯାଇ ଇତିହାସର ପରମ୍ପରା ରକ୍ଷା କରି ଯାଇ ପାରି ନାହିଁ । ପାଠକ ପାଠିକାମାନେ ଇତିହାସ ଦୃଷ୍ଟିରୁ ଅନ୍ତତଃ କାଳକୁ ବିଚାର ନ କରିବା ପାଇଁ ଅନୁରୋଧ ।

186
17 J 1959

## ସାଗ୍ନିକା ଚମୁପତରାୟ

ପ୍ରଥମ ବାର୍ଷିକ କଳା

ରେଭେନ୍ସା କଲେଜ

କଟକ

ଝଲକୁ ଝଲକୁ ଗୁରୁଥାଉ ଲେଖା । ଦୀର୍ଘ ଦଶବର୍ଷ ତଳର ଲେଖା । ବନାନୀ ପୁରୁଣା ଡାଇରୀଟିକୁ ଖୋଲେଇ ଖୋଲେଇ ବାରମ୍ବାର ଦେଖିବାରେ ଲଗିଛି । ଆଜି ଏହି ଚଳନ୍ତା ଗାଡ଼ି ଭିତରେ ବନାନୀର ସବୁ ଗୋଟି ଗୋଟି ହୋଇ ମନେ ପଡ଼ି ଯାଉଛି । ତା ପରେ ଚଳମାନ ଜୀବନ ପ୍ରବାହରେ ଭାସି ଭାସି ଯେଉଁ ଘଟଣା ଘଟି ଯାଇଛି, ତାହା ବନାନୀର ଏକାନ୍ତ ଆପଣାର । ଏବେ ତାହା ସଂପୂର୍ଣ୍ଣ ଅଲଭ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।

କେତେଥର ସେ ସବୁକୁ ମନେ କରି କରି ଅନନ୍ତର ଅସୀମତା ଭିତରେ ନିମଗ୍ନ ହୋଇ ଯାଉଛି । କେବେ ପୁଣି ଅଶ୍ରୁର ଉଚ୍ଛ୍ୱାସରେ ଭାସି ଯାଉଛି ଦୂରକୁ ଦୂରକୁ । ସେଦିନର ଅନୁଭୂତି ଆଜି ମର୍ମେ ମର୍ମେ ଜାଗି ଉଠୁଛି, ଆଜି ପ୍ରାୟ ଦୁଇବର୍ଷ ହେବ ସାଗ୍ନିକା ସହିତ ଦେଖା ହୋଇନାହିଁ । ଏହି ଅଦେଖା ଦିନ ଗୁଡ଼ିକର ଫଗୁଣ, ବିଚ୍ଛେଦର ପ୍ରଥମ ଆଷାଢ଼...ଭରି ଭରି ବନାନୀ ଆସି ପରିଚିତ ଗୋଟିଏ ଘର ସାମ୍ନାରେ ପହଞ୍ଚିଗଲା । କିନ୍ତୁ ଭିତରକୁ ଯିବାପାଇଁ ତାର ଯେମିତି ସାହସ ହେଲା ନାହିଁ । ତାର ମନେ ହେଲା ସେ ଯେପରି ଏକ ଭୁଲ୍ ବାଟରେ ଚାଲି ଆସିଛି ।

ଆରେ ବନୁ...

ଭାବନାର ଗଭୀରତା ଭିତରେ କାହାର ସ୍ୱର ଶୁଣି ପାରି ଚମକି ପଡ଼ିଲା ବନାନୀ । ଅନେକ ଦିନ ପରେ ଏ ସ୍ନେହ ସମ୍ବୋଧନ ଶୁଣୁଛି ସେ । ଦୁଇଟା ବର୍ଷ କେମିତି କଟି ଯାଇଛି ଧାରାବାହିକ କର୍ମର ସାଧନା ଭିତରେ । ପ୍ରିୟ ପରିଜନର ସାନିଧ୍ୟ ଭିତରେ ଜୀବନକୁ ମଧୁ ରସରେ ରସାଣିତ କରିବାକୁ ଇଚ୍ଛା କରି ମଧ୍ୟ ଆଗେଇ ପାରିନାହିଁ ବନାନୀ ।

ବନୁ, ଭିତରକୁ ଆ, ବାପା...

ଆଜିରି ଥରେ ସେ ସ୍ୱର ଶୁଣିପାରିଲେ ମୁଗ୍ଧା ବନାନୀର ବାକ୍ସ୍ଫୁର୍ତ୍ତି ହେଲା ନାହିଁ । ପ୍ରାୟ ବର୍ଷକରୁ ଅଧିକା ହେବ ସାଗ୍ନିକାର ବାପା ନରେନ୍ଦ୍ର ସମ୍ପତରାୟଙ୍କର ମୃତ୍ୟୁ ସମ୍ବାଦ ଖବର କାଗଜରୁ ପାଇଥିଲା । ସେତେବେଳେ ସେ ରହୁଥିଲା ଓଡ଼ିଶାର ନୂଆ ରାଜଧାନୀରେ । କିନ୍ତୁ ଏହି ଅଳ୍ପଦିନ ଭିତରେ ଏମିତି ଏକ କରୁଣ ପରିବର୍ତ୍ତନ ବନାନୀ ପକ୍ଷେ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ।

ବନୁ...

ପୁଣି ସେହି ଡାକ । ଏଥର ଯେମିତି ସେ ସ୍ୱରରେ ପୁଞ୍ଜିଭୂତ ଅଶ୍ରୁର ମୂର୍ଚ୍ଛନା । ଏଥିରେ ନିଜ ଭିତରେ ଜାଗି ଉଠିଲା ବନାନୀ । ନା...ତାର ଭୁଲ୍ ହୋଇନାହିଁ । ଆଖି ଆଗରେ ଯେଉଁ ମାତୃସମା ନାରୀ ଛିଡ଼ା ହୋଇଛନ୍ତି ସେ ବରେନ୍ଦ୍ର ଚମୂପତି-ରାୟଙ୍କର ସହଧର୍ମିଣୀ । ସ୍ୱାଗତିକାର ମା ସୁଗନ୍ଧୀ ଦେବୀ । ଏଥି ଭିତରେ ବହୁ ଅଦଳ ବଦଳ ଘଟି ଯାଇଥିଲେ ଦୁହା ଆଖିରେ ସେହି ମାତୃତ୍ୱର ଦୀପ୍ତି ।

ଅତି ବିନମ୍ର ସହକାରେ ଦଣ୍ଡବତ କରି ସୁଗନ୍ଧୀ ଦେବୀଙ୍କର ପାଦଧୂଳି ଗ୍ରହଣ କଲା ବନାନୀ । କଣ୍ଠରେ ତାର କଥା ଆସୁନାହିଁ । ଆଖି ଦୁଇଟି ଛଳ ଛଳ ।

ଏତେ ଦିନେ ଆମେ ତୋର ମନେ ପଡ଼ିଲୁ । ତୋ ମଉସାଙ୍କ ସହିତ ଆମେ ମରି ଯାଇଥିଲୁ ବୋଲି ଭାବିଥିଲୁ ତୁ...

ସୁଗନ୍ଧୀ ଦେବୀଙ୍କ ସ୍ୱରରେ କ୍ରନ୍ଦନର ନିର୍ଯ୍ୟାସ । ଭିତରକୁ ଯାଇ ଯାଇ ସେ ପୁଣି କହିଲେ—

ବନସ୍ତରେ ନିଆଁ ଲାଗିଲେ ପଶୁପକ୍ଷୀ ଛାଡ଼ି ଦେଇ ନିଜ ବସା ଧରନ୍ତି...

କଥା ଟିକେ କହି ସାରି ପଣତରେ ଆଖି ପୋଛିଲେ ସୁଗନ୍ଧୀ ଦେବୀ ।

ତାଙ୍କର ପଛେ ପଛେ ଚାଲି କଣ୍ଠରେ ବେଦନା ଧରି ବନାନୀ କହିଲା—

ଛାଡ଼ି ଯାଆନ୍ତି ନାହିଁ ମାଉସୀ ସେଇ ନିଆଁରେ ପୋଡ଼ି ହୋଇ ମରନ୍ତି ।

କଥା ଭିତରେ ସେମାନେ ଦାଣ୍ଡ ଘର ଡେଇଁ ତଳ ମହଲାର ଗୋଟିଏ ଛୋଟ କୋଠରୀରେ ଆସି ପହଞ୍ଚିଲେ । ଘରର

ଚଟାଣରେ ନିଜ ହାତରେ ଖଣ୍ଡିଏ ଗାଲିଚା ବିଛେଇ ଦେଇ ସୁଗାନ୍ଧୀ ଦେବୀ କହିଲେ—

ଏଇଠି ବସ ବାପା...

ଆସନଟିକୁ ଟିକିଏ ଦୂରକୁ ଘୁଞ୍ଚେଇ ଦେଇ ତଳଟାରେ ବସି ପଡ଼ିଲା ବନାନୀ ।

ଧୂଳି...ଧୂଳି...କହି ପୁଣି ଆସନଟା ପାରି ଦେଲେ ସୁଗାନ୍ଧୀ ଦେବୀ । ତାଙ୍କ ହାତରୁ ଆସନଟାକୁ ଧରି ପକେଇ ବନାନୀ କହିଲା—

ଏ ଧୂଳି ମୋର ତୀର୍ଥ ରେଣୁ ମାଉସୀ ! ଏ ଘର ମୋର ତୀର୍ଥ ଭୂମି ।

ଏ କଥାରେ ଯେମିତି ସୁଗାନ୍ଧୀ ଦେବୀଙ୍କର ଦୁଃଖ ସମୁଦ୍ର ଘୂର୍ଣ୍ଣିରେ ବଢ଼ି ଉଠିଲା । ବନାନୀକୁ କୋଳକୁ ଟାଣିନେଇ ଅଶ୍ରୁ ଭାରରେ ଭାଙ୍ଗି ପଡ଼ିଲେ ସେ । ବନାନୀ ଓଠରେ ଭାଷା ଫୁଟେ ନାହିଁ । ଏଠି ଯେପରି ଭାଷାର ପ୍ରୟୋଜନ ନାହିଁ । ସ୍ୱାମୀହରା, ବିଧୁରା ପତ୍ନୀ ନିକଟରେ ଆଶ୍ୱାସନା ଏକ ବିଡ଼ମ୍ବନା ମାତ୍ର ।

କିଛି କ୍ଷଣ ପରେ ଅଶ୍ରୁ ସମ୍ବରଣ କରି ସୁଗାନ୍ଧୀ ଦେବୀ କହିଲେ—

ଦୁଇବର୍ଷ ହେଲା ଏ ଦୁଆର ମାଡ଼ିନାହୁଁ ତୁ । ଭଲ ହେଲା । କାମର ଗୁହାରେ ତୋ ମନ ଘର ଧରିଛି । ସେତିକି ମୁଁ ଜାଣିଥିଲି । ଏଥର ତୋ ସଂସାର ତୁ ଆବୋରି ନିଏ ବାପା ! ତୋ ଘର ତୁ କର । ଭଉଣୀ ମାନଙ୍କୁ ବାହା ଦେଇ ପାରିଲୁଣି ପରା ? ତେବେତ ଧନ ଭଲେ ତୋ ଚିଠି ପଢ଼ି ନା କଣ ସାନ କହୁଥିଲା । ସତେତ ତୁ ଆଉ ମନେ ରଖି ନାହୁଁ...

ସୁଗାନ୍ଧୀଦେବୀଙ୍କ ଆଖିରେ ପୁଣି ଲୁହ ପୂରି ଆସିଲା । ଏଥିରେ

ଯେମିତି ବନାମାଳୀର ଅପରାଧର ମାତ୍ରା ଅଜସ୍ର ବଢ଼ିଗଲା । ସାଗ୍‌ନିକା ମା'ଙ୍କ ନିକଟରେ କ୍ଷମା ଭିକ୍ଷା କରି ସେ କହିଲା—

ମିହାର ବାହାଘର କଥା କହନ୍ତୁ ନାହିଁ, ମଉସାଙ୍କୁ ଚିଠି ପଠେଇ ସାରି ଖବର କାଗଜ ପାଇଲି...

ଦୁଃଖର ଆବେଗରେ ବନାମାଳୀର କଥା ବନ୍ଦ ହୋଇ ଆସିଲା । ଟିକିଏ ରହି ସେ ପୁଣି କହିଲା—

ସାନର ବାହାଘର ଗଲା ଫାଲ୍‌ଗୁନରେ ହଠାତ୍ ହୋଇଗଲା । ତାର ବର କେଉଁଟିକୁ ବାହା ହେବାକୁ ଯାଇ କାଳିକନ୍ୟା ବୋଲି ଫେରି ଆସିଲା । ମୋର ଜଣେ ସାଙ୍ଗ ମଝିରେ ପଡ଼ି ସବୁ ଠିକ୍ ଠାକ୍ କରି ଦେଲା । ବାହାଘର ହେଲା ତାର ଜ୍ୟେଷ୍ଠରେ ।

ଗଦ୍ ଗଦ୍ ସ୍ୱରରେ ସାଗ୍‌ନିକା ମା କହିଲେ—

ଭଗବାନଙ୍କର ବିଚିତ୍ର ଲୀଳା ବାପା ! ମନୁ ତାର ଭୋଳା । କାହାର ଝିଅ କେଉଁଠି ରହିଛି ସେ...ହୋଇଅଛି ସୁଲକ୍ଷଣା । ଅଜି କାଲି ହେଉଁ ବଡ଼େଣି...

ସେଇଠାରୁ ମୁଁ ରକ୍ଷା ପାଇଛି ମାଉସୀ ! ବର୍ଷ ବର୍ଷ ଲାଗି ଯେଉଁ ସଞ୍ଚୟ କରିଥିଲି, ତା ପରେ କିଛି ଉଚ୍ଚ କରି ମିହାର ବାହାଘର କରିଥିଲି । ସେମାନେ ମୋ ଉପରେ କୌଣସି ଦାବୀ କରି ନ ଥିଲେ । ମିହାର ବାହାଘର ପରେ ମାତ୍ର ଗୋଟିଏ ବର୍ଷ...ନନ୍ଦାର ଶଶୁର ବଂଶ ଦାୟରେ ପଡ଼ି ମତେ କିଛି କହୁ ପାରିଲେ ନାହିଁ ସୁଏତ ! ତଥାପି ମୁଁ ତାର ସମସ୍ତ ପ୍ରାପ୍ୟ ଅଳ୍ପେ ଅଳ୍ପେ ଦେଇ ଦେବି ।

ବନାମାଳୀର ମୁଣ୍ଡ ଅଉଁସି ଅଉଁସି ସୁଗାନ୍ଧୀ ଦେବୀ କହିଲେ—

ଭଲ କରିଚୁ ବାପା ! ତୋର ଯେ ଏତେ ବୁଦ୍ଧି ଆସିବ, ମୁଁ ଆଗରୁ ଜମା ଅନୁମାନ କରି ପାରି ନ ଥିଲି...

ନମ୍ର ଭାବରେ ବନାନୀ କହିଲା—

ବାହାଘର ପରେ ସାଗ୍‌ନିକାଙ୍କୁ ସବୁ କଥା ଜଣେଇ ଚିଠି ଲେଖିଥିଲି ମୁଁ । କିନ୍ତୁ ଉତ୍ତର ପାଇଲି ନାହିଁ । ସେତେବେଳେ ସେ କେଉଁଠି ରହୁଥିଲେ କେଜାଣି···

ସାଗ୍‌ନିକା···

ସୁଗାନ୍ଧୀ ଦେବୀଙ୍କ ତୁଣ୍ଡରେ ଏକ ଅସ୍ପଷ୍ଟ ଶବ୍ଦ ଫୁଟି ଉଠିଲା । ଦୀର୍ଘଶ୍ୱାସର ଆଘାତରେ ସତେ ଯେମିତି ମାତୃ ହୃଦୟ ବିଦୀର୍ଣ୍ଣ ହୋଇ ଯାଉଛି । କିଛି କ୍ଷଣ ଧରି କଣ ଶୁଣିବାକୁ ଚେଷ୍ଟା କଲେ ସୁଗାନ୍ଧୀଦେବୀ । ତା'ପରେ ଖେଦମିଶା ସ୍ୱରରେ କହି ଉଠିଲେ—

ହେଇ ଶୁଣ୍, ଉପର ଘରେ କେମିତି ଠେକୁଲି ବାଡ଼ିଆ ବାଡ଼ି ଗୁଳଛି । କଣ ଆଉ କରିବି ! ବାପା ତାର ଏଇଆ ଶୁଣିବାକୁ ରଖି ଯାଇଛି ମତେ···

ସୁଗାନ୍ଧୀ ଦେବୀଙ୍କ ଆଖି ପୁଣି ସଜଳ ହୋଇ ଆସିଲା । ଅପୂର୍ବଙ୍କ ଅସ୍ଥବାରେ ସ୍ୱାମୀ ହରେଇ ସେ ଯେମିତି ସମାଜ ଜୀବନରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି । ପୁଣି ଏହା ଚିନ୍ତାଙ୍କୁ ସହଯୋଗ କରୁଚି ତାଙ୍କର ଝିଅ ସାଗ୍‌ନିକା । ସାଗ୍‌ନିକା ତା' ହେଲେ ଘରେ ଅଛନ୍ତି···

ଚିନ୍ତାର ନିବିଡ଼ତା ଭିତରୁ ପଚାରି ଉଠିଲା ବନାନୀ ।

ହଁ···ଘରେ ଅଛି ।

ଅତିଶୟ କ୍ଷୁବ୍ଧ ହୋଇ କହିଲେ ସୁଗାନ୍ଧୀ ଦେବୀ ।

ତା ହେଲେ ମୁଁ ଆସୁଚି···

କହିଦେଇ ଘରୁ ବାହାରିଗଲା ବନାନୀ । ତାର ପଛେ ପଛେ ଦୁଇପାଦ ଆସି ସୁଗାନ୍ଧୀ ଦେବୀ କହିଲେ—

ସେମିତି ସେମିତି ମୁହଁରେ କିଛି ନ ଦେଇ ଯାଅନା

ବନୁ ! ତୋ ଖବର ବୁଝିବା ପାଇଁ ଝିଅ ଯୁଦ୍ଧ ଛାଡ଼ି ଉଠି ଆସିବ ନାହିଁ ବାପା···

ଏତିକି କହି ପୁଅର ଉଦ୍ଦେଶ୍ୟରେ ଡାକି ଉଠିଲେ ସାଗ୍ନିକା ମା ।

ସୁହାସ, ବନୁକୁ ପାଣିଦିଅ; ସାବୁନ୍ ତଉଲିଆ ଦିଅ···

କଣି ଜଳଖିଆ ହେଉଛି ନଷ୍ଟ···

ପଚୁର ପଚୁର ବୋବେଇ ଘରକୁ ପଶିଗଲେ ସୁଗାନ୍ଧୀ ଦେବୀ । ସେଇଠି ଠିଆ ହୋଇ ପଛକୁ ଥରେ ଚାହିଁଲା ବନାନୀ । ତା'ପରେ ଅସ୍ତେ ଅସ୍ତେ ସିଡ଼ି ପାହାଚ ଦେଇ ଉପରକୁ ଉଠି ଗଲା ।

186
17 ... 1959

ତଳ ମହଲାର ସୋପାନ ଶ୍ରେଣୀ ଅତିକ୍ରମ କରି ବନାନୀ ଆସି ଦୋମହଲାର ବାରଣ୍ଡାରେ ପହଞ୍ଚିଲା । ଡାହାଣ ପଟର ଘର ଗୁଡ଼ିକ ହୁଏତ ବନ୍ଦ ଅଛି । ଗାଢ଼ ଅନ୍ଧକାରର କାଳିମା ଭିତରେ କୋଠରି ଗୁଡ଼ିକ ଥମ୍ ଥମ୍ କରି ଉଠୁଛି । ଯେଉଁ ଘର ଦିନେ ଆଲୋକର ବନ୍ୟାରେ ଉଦ୍ଭାସିତ ହେଉଥିଲା, ଯେଉଁ ଅଙ୍ଗନ ଦିନେ ଅଗଣିତ ସେବକ, ସେବିକାର କର୍ମ କୋଳାହଳରେ ମୁଖରିତ ହୋଇ ଉଠୁଥିଲା, ସେ ଆଜି ଅନନ୍ତ ନୀରବତା ଭିତରେ ନିମଜ୍ଜମାନ । ଆଜି କେହି ଅତିଥି ଏ ଦ୍ୱାରରେ ସ୍ୱହି ଯାପନର

ଆଶାରେ ପହଞ୍ଚି ହୁଏତ ଫେରିଯିବ । ଏ ଘରଟା ଯେ ଅଭି ଚମ୍ପୁପତିଙ୍କ ବଂଶର ବାସସ୍ଥଳୀ, ଏହା ଆଜି କେହି ବିଶ୍ୱାସ କରି ପାରିବ ନାହିଁ ।

ଅବଶେଷରେ ବନାନୀ ଆସି ଗୋଟିଏ ଦୁଆର ମୁହଁରେ ପହଞ୍ଚିଲା । ଦୋଳାୟମାନ ପରଦାର ଅନ୍ତରାଳରୁ କ୍ଷୀଣ ଆଲୋକ ରେଖା ପାପଡ଼ି ଉପରେ ଏକ ତ୍ରିକୋଣ ଭୂମି ସୃଷ୍ଟି କରିଚି । ଭିତରେ କୌଣସି ସୋର ଶବ୍ଦ ନାହିଁ । ତା ହେଲେ ସାତ୍ୱନିକା···କିନ୍ତୁ ପରଦା ଆଡ଼େଇ ଭିତରେ ପ୍ରବେଶ କରିବାକୁ ଯେମିତି ସାହସ ପାଇଲା ନାହିଁ ବନାନୀର । ସେଇଠି ଠିଆ ହୋଇ ସେ ଯେପରି କାହାର ପ୍ରତୀକ୍ଷା କରିବାକୁ ଲାଗିଲା ।

ଘର ଭିତରୁ ଡାକ ଆସିଲା—

କିଏ···କିଏ······

ଏହି ଡାକରେ ବନାନୀ ଯେମିତି ଏକ ଚାହିଁନା ପାଇ ଘର ଭିତରକୁ ଆଗେଇ ଗଲା । ଆଖି ଆଗରେ ସାତ୍ୱନିକା ବସି ରହିଚି । ସାମନାକୁ ପଛ କରି ଟେବୁଲ ଉପରେ ଝୁଙ୍କି ପଡ଼ି କଣ ଖଣ୍ଡିଏ କାଗଜକୁ ନିବିଷ୍ଟ ଚିତ୍ତରେ ଦେଖି ଲାଗିଚି ସେ ।

ଘର ଭିତରେ ପଦଧ୍ୱନି ଶୁଣି ମଧ୍ୟ ପଛକୁ ଫେରି ଚାହିଁଲା ନାହିଁ ସାତ୍ୱନିକା । ଯେମିତି ତାର ସମୟ ନାହିଁ ସେଥିପାଇଁ । ପଢୁଥିବା କାଗଜକୁ ଅନେଇ ରହି ସେ କହିଲା—

କଏ କିଏ ଆସି ଧନୁ······

· ଧନ କାହିଁ······?

ଏ ପ୍ରଶ୍ନରେ ପଛକୁ ବୁଲି ଚାହିଁଲା ସାତ୍ୱନିକା । ଅରେ ସତେତ···ଧନୁ କାହିଁ ? ବନାନୀ···

ବନାନୀର ଅବିର୍ଭାବଟା ସ୍ୱାଭାବିକ ହେଲେ ମଧ୍ୟ ସମ୍ପୂର୍ଣ୍ଣ

ଅଭିସିକ୍ତ । ବହୁଦିନ ପରେ ଏମିତି ସହଜ ଗତିରେ ଦେଖା ହେବାଠାକୁ ଯେମିତି ଭୁଲି ପାରି ନ ଥିଲା ସାଗ୍ନିକା । ଏଠି କିଛି ଉପମା ଦେବାକୁ ହେଲେ କହିବାକୁ ହେବ, ଗୃହ ବନ୍ଦୀ ଏକ ମେଷ ଶାବକର ବନ୍ଧନ ଖୋଲି ଯାଇଛି । ନିର୍ବାକ ବିସ୍ମୟରେ ସାଗ୍ନିକା ଚୌକୀ ଛାଡ଼ି ଠିଆ ହୋଇ ପଡ଼ିଲା । ଯେପରି ଗୋଟାଏ ନାଟକୀୟ ପରିସ୍ଥିତିର ଚରମ ଅବସ୍ଥା ।

ହାତରେ କଫି କପ୍ ଧରି ଅନ୍ୟ ହାତରେ ଦୁଆର ଦେଇ ଭିତରକୁ ଆସିଲା ଧନୁ । ଚିର ମାତୃହୀନ ଉଚ୍ଛିନ୍ନର ଗୋଟିଏ କିଶୋର । ପ୍ରାୟ ତିନିବର୍ଷ ହେବ ଗସ୍ତାରୁ ଟୋଟେଇ ଆଣିଥିଲା ସାଗ୍ନିକା । ସେତେବେଳେ ଧନୁ ଥିଲା ମୁମୂର୍ଷ । ତାର ଦେହ ଶୀର୍ଣ୍ଣ ହାଡ଼ ଭିତରେ ଆହତ ପ୍ରାଣପକ୍ଷୀଟିକି ନବ ଜୀବନର ପ୍ରଲେପ ଦେଇଛି ସାଗ୍ନିକା । ଧନୁ ଆଜି ସୁସ୍ଥ ସବଳ । ସଂଗ୍ରାମ ପାଇଁ ବଳିଷ୍ଠ ବାହୁ ତାର ବ୍ୟଗ୍ର ହୋଇ ଉଠୁଛି । ହୃଦୟ ହିଂସ୍ର ହୋଇ ଉଠୁଛି । ଆଖିରେ ଯେମିତି ତାଣ୍ଡବ ଅନଳର ଶିଖା ଜଳି ଉଠୁଛି ଧୀରେ ଧୀରେ ।

କଫି କପ୍ ଟେବୁଲ ଉପରେ ରଖି ଦେଇ ଫେରି ଯାଉଥିଲା ଧନୁ । ତାକୁ ପଛରୁ ଡାକି ସାଗ୍ନିକା କହିଲା—

ଅଉ କପେ...

ଧନୁ ଚାଲିଗଲା । ବନାନୀ ସେ ପର୍ଯ୍ୟନ୍ତ ଆସନ ଗ୍ରହଣ କରି ନାହିଁ । ସାଗ୍ନିକାକୁ ଚାହିଁ ଚାହିଁ କଣ ଯେପରି ଭାବି ଚାଲିଛି ସେ ।

ବନାନୀକି ନମସ୍କାର କରି ଡାହାଣ ପଟର ଚୌକୀରେ ବସିବାକୁ ଆଖିରେ ଇଙ୍ଗିତ ଦେଇ ନିଜର ଆସନରେ ବସି ପଡ଼ିଲା ସାଗ୍ନିକା । କିନ୍ତୁ ପ୍ରତି ନମସ୍କାର ଜଣେଇବାକୁ ବନାନୀର

ଯେମିତି ମନେ ନାହିଁ । ସାଗ୍ନିକାର ଇଙ୍ଗିତ ମଧ୍ୟ ସେ ଲକ୍ଷ୍ୟ କରି ପାରି ନାହିଁ ।

ଦଶବର୍ଷ ତଳେ କଲମ ମାଗି ନେଇ ଯିଏ ବନାନୀର ଡାଇରୀରେ ନାମ ଠିକଣା ଲେଖି ଦେଇଥିଲା, ସେ ଆଜିର ଏଇ ସାଗ୍ନିକା ଚମ୍ପତିରାୟ ନୁହେଁ । ସତେ ଯେମିତି ସେଦିନ ସେ ଥିଲା ଗୋଟିଏ ଗୋଲାପ କଳିକା । ମନର ରଙ୍ଗରେ ତାର ବନାନୀର ଦେହରେ ସ୍ୱପ୍ନ ରଙ୍ଗିନ୍ ହୋଇ ଉଠିଥିଲା । ଦେହର ରକ୍ତମାନେ ଲକ୍ଷେ କବିତାର ଫୁଲ ଫୁଟିଥିଲା । ବୟସ ଥିଲା ଖୁବ୍ ଅଳ୍ପ । ସେଦିନ ହାସ୍ୟ ଶୋଭନା ଷୋଡ଼ଶୀ କିଶୋରୀର ଓଠରେ ଥିଲା ତାରୁଣ୍ୟର ସାର୍ଥକତା, ସୃଷ୍ଟିର ଜୀବନ୍ୟାସ ।

ପରେ ଏକାନ୍ତରେ ବନାନୀକୁ ପାଇ ବନ୍ଧୁ ଉଲ୍ଲାସ ହସି ଦେଇ କହିଲା—

ଏକାଥରେ ବହୁତ ଲାଭ ହେଲା ! ଖୋଦାର ମେହେର୍‌ବାନୀ । ଷୋଡ଼ଶୀ···ତନ୍ୱୀ, ରୂପସୀ ବାଳା···

ହଠାତ୍ ଏକ କବିତାର ଅବୃତ୍ତି କରିବାକୁ ଯାଉଥିଲା ଉଲ୍ଲାସ । କିନ୍ତୁ ତାର ପାଟିରେ ହାତ ଦେଇ ବନ୍ଦ କରେଇ ଦେଲା ବନାନୀ । ଗମ୍ଭୀର ହୋଇ କହିଲା—

ତୋର ହିତାହିତ ଜ୍ଞାନ ନାହିଁ ଉଲ୍ଲାସ !

ଉଲ୍ଲାସ କହିଲା—

ଏ ଯୁଗରେ ଅହିତରେ ହିତ ଆସେ ।

ସେହି ହିତର ସୂଚନା ବନାନୀ ପ୍ରାୟ ଦଶବର୍ଷ ଆଗେ ପାଇଥିଲା । ଓଡ଼ିଶାର ସୀମା ଆନ୍ଦୋଳନରେ ବନାନୀ ପାଇଥିଲା ସାଗ୍ନିକା ଅନ୍ତରର ପରିଚୟ । ନାରୀ ହୃଦୟର କୋମଳତମ ସ୍ପର୍ଶରେ ଆହତ ରକ୍ତାକ୍ତ ବନାନୀ ନବ ଜୀବନର ସ୍ୱପ୍ନ ଦେଖିଥିଲା

ସେଦିନ । ସାଗ୍‌ନିକାର ସେବା ଭିତରେ ସେ ଦେଖିଥିଲା ଜନନୀର ବ୍ୟାକୁଳତା, ପାଇଥିଲା ଭଗିନୀର ମମତା, ଅନୁଭବ କରିଥିଲା ପ୍ରିୟତମାର ପ୍ରାଣ ପ୍ରାଚୁର୍ଯ୍ୟ । କି ଆନନ୍ଦ ସେଦିନ ବନାନୀର । ମୃତ୍ୟୁର ରହସ୍ୟମୟ ଅନ୍ଧକାର ଭିତରୁ ସେ ଯେମିତି ଅମୃତର ସନ୍ଧାନ ପାଇଥିଲା ସେଦିନ । ନାରୀ ହୃଦୟର ସ୍ୱପ୍ନ ସ୍ପର୍ଶ ଭିତରୁ ସ୍ୱର୍ଗ ଓହ୍ଲାଇ ଆସିଥିଲା । ସାକ୍ଷୀ ନାହିଁ, ଛଳନା ନାହିଁ, ଘୃଣା ନାହିଁ, ସମସ୍ତ ପ୍ରକାର ଗୋଷ୍ଠି ଆଉ ସାମାଜିକତା ଭିତରୁ ଉତ୍ତୀର୍ଣ୍ଣ ହୋଇ ପ୍ରାଣପକ୍ଷୀ ଗୁହାଁରିଥିଲା ଅନନ୍ତ ଆକାଶ ଆଉ ଅସୀମ ଅୟନ । ତାହାରି ଭିତରୁ ସବୁ ମିଳିଥିଲା । ଜାତି, ଐଶ୍ୱର୍ଯ୍ୟ ଆଉ ନୂତନ ଦୀକ୍ଷା ମନ୍ତ୍ର ।

ସେଦିନ ଅବିସ୍ମରଣୀୟ । ଓଡ଼ିଶାର ଇତିହାସ ପୃଷ୍ଠାରେ ତାହା ଅମର ଲିପି । ଅପୂର୍ବ ରୋମାଞ୍ଚକର ଦୃଶ୍ୟ ସେ । ସେଦିନ ସାଗ୍‌ନିକାର ପ୍ରଥମ ଦୃଷ୍ଟି ପଡ଼ିଥିଲା ଦଳିତ ମଥିତ ବନାନୀ ଉପରେ । ହୁଏତ ସେଦିନ ସେ ରକ୍ତ ମାଂସର ବନାନୀକୁ ଦେଖି ନ ଥିଲା । ଦେଖିଥିଲା ଜ୍ୱଳନ୍ତ ପାବକର ଏକ ଲେଲିହାନ ଶିଖାକୁ । ସାଗ୍‌ନିକା ଜୀବନରେ ସେ ଶିଖାର ପ୍ରଥମ ଆଲୋକ-ପାତ ହୋଇଥିଲା ସେଦିନ ।

ବନାନୀ ଜୀବନରେ ସେ ଏକ ଅଲିଭା ଆଲେଖ୍ୟ । କଟକର ରାଜପଥରେ, ଓଡ଼ିଆର ଦାବୀ ନେଇ, ଓଡ଼ିଶାର ମାଟି ନେଇ ଯୁବ ସମାଜର ବିରାଟ ଶୋଭାଯାତ୍ରା । ବିପୁଳ ଉତ୍ତେଜନାରେ କଣ୍ଠ ଥରି ଉଠୁଥାଏ । ବାହୁ ବଙ୍କି ଉଠୁଥାଏ । ସତେ ଯେପରି ପିଞ୍ଜରାବଦ୍ଧ ଅଗଣିତ ଦୁର୍ଦ୍ଦାନ୍ତ ପକ୍ଷୀରାଜ । ଅଗ୍ରଣୀ ବନାନୀ । ତାରି ଉପରେ ପ୍ରଥମ ରୁଷ୍ଟ ରୁକ୍ଷ ସରକାରର ପ୍ରତିନିଧି ପୁଲିସର ଅତ୍ୟାଚାର ଓହ୍ଲାଇ ଆସିଲା । କିନ୍ତୁ ରାଜପଥ ଉପରୁ ଗୋଟିଏ

ପାଦ ସୁଦ୍ଧା ଘୁଞ୍ଚିଲା ନାହିଁ ବନାନୀ । ସତେ ଯେମିତ ଶାନ୍ତ, ଅକଂପିତ ଏକ ତପସ୍ୱୀ ।

ପାଶବିକ ଅଙ୍କୃତା ଅନ୍ଧକାର ଭିତରେ ଉଡ଼ିଆର ଭାଗ୍ୟଲିପି ଲୁପ୍ତ ରହିଗଲା । ସନ୍ତାନର ରକ୍ତରେ ମାଟି ମାଉ ଗୁଡି ରଂଜିତ ହୋଇ ଉଠିଲା । ସତେ ଯେପରି ପ୍ରଶାନ୍ତ, ଗମ୍ଭୀର ନିଳାଚଳର ଜନ ସମୁଦ୍ରର ବକ୍ଷରେ ଦୁରନ୍ତ ତୋଫାନ ବହିଚଳା । ଭଗ୍ନ ଜାନୁ ରକ୍ତସ୍ନାତ ଉଡ଼ିଆର ଅସକ୍ତ ଶରୀରରେ ଭରି ଉଠିଲା ରାଜପଥ । ବିକ୍ଷିପ୍ତ ଶୋଭାଯାତ୍ରାର ମଝିରେ ଥିଲା ସାଗ୍ନିକା । ଘାଣ୍ଟରେ ଗୁଳି ଗୁଳି, ଦୀର୍ଘ ପଥ ଅତିକ୍ରମ କରି ସେ ମେଡ଼ିକାଲରେ ଆସି ପହଞ୍ଚିଥିଲା । ଶତ ଶତ ଆହତଙ୍କ ଭିତରୁ ସେ ଖୋଜି ବାହାର କରିଥିଲା ବନାନୀର ଅର୍ଦ୍ଧ ଚେତନ ଦେହଟାକୁ ।

ସେଦିନ ଆତ୍ମବିସ୍ମୃତା, ବିହ୍ୱଳା, ଅନୂଢ଼ା କିଶୋରୀର ପ୍ରତି ଧମନୀରେ ଉଷ୍ଣ ପ୍ରସ୍ରବଣ ବହି ଯାଉଥିଲା । ଦୁଇ ପ୍ରବଳ ବାହୁରେ ବନାନୀର ରକ୍ତାକ୍ତ ଦୁର୍ବଳ ତନୁ ଲତାକୁ ତୋଳି ଧରି ସାଗ୍ନିକା କହିଥିଲା—

ନା ତମେ ଯିବ ନାହିଁ । ତୁମ୍ଭମାନଙ୍କ ଜନନୀ ଆଜି ଅଶ୍ରୁମୁଖୀ । ତମର କାମ ସରି ନାହିଁ…ବାକୀ ରହି ମୁଁ ତମକୁ ଯିବାକୁ ଦେବି ନାହିଁ ।

ସେଦିନର ଏଇ ସମ୍ଭାଷଣଟିକୁ ନିଗୂଢ଼ ଅନ୍ତରର ଭାଷା କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଆଜି ଯେପରି ଦଳଗତ ବିଭେଦ ମଝିରେ ଠିଆ ହୋଇ ସାଗ୍ନିକାର ଆଉ ସେ କଥା ମନେ ନାହିଁ ।

ଭାବନାର ଆଲୋଡ଼ନରେ ବନାନୀର ଅନ୍ତସ୍ଥଳ ମଥିତ ହେବାକୁ ଲାଗିଲା । ସେଦିନର ଚପଳା, ହାସ୍ୟମୟୀ,

ପ୍ରଣୟବନ୍ତୀ ସାଗ୍ନିକାର ଅନ୍ତର ଏହି ରୁକ୍ଷବେଶ, ଛଠିନହୃଦୟା ସାଗ୍ନିକା ଚମ୍ପଭଗପୂର କର୍ତ୍ତବ୍ୟ ନିଷ୍ଠା ଭିତରେ ଅପମୃତ୍ୟୁ ଘଟିଛି ।

ସାଗ୍ନିକା...

ହୁଏତ ଡାକି ଉଠିଥାଆନ୍ତା ବନାନୀ । ତା ମନର ଡାକ । କିନ୍ତୁ ଅଜ ଗୋଟିଏ କଫି କପ୍ ଧରି ଆସି ପହଞ୍ଚିଲା ଧନୁ । ଟେବୁଲ ଉପରେ ରଖି ଦେଇ ଟିକିଏ ଦୂରରେ ଠିଆ ହେଲା ସେ । ଭଦ୍ରଲୋକ ଆସିଥାନ୍ତି । ନୂଆ କିଛି ଫରମାସ ହୋଇ ପାରେ । ଏହି ଫରମାସ ସମ୍ବନ୍ଧେ ଧନୁର ଅଭିଜ୍ଞତା ଅଛି । କେବେ ଦଳର, କେବେ ପ୍ରକାରର, କେବେ ଧର୍ମର ଲୋକ ଦେଶର ତାର ଆତିଥ୍ୟ ଗ୍ରହଣ କରନ୍ତି । ଆଜି ତାଙ୍କର ସତ୍କାରର ଭାର ପଡ଼େ ଧନୁ ଉପରେ ।

କଫି କପ୍‌ଟି ଟେବୁଲ ଉପରୁ ଉଠେଇ ଧରି ସ୍ମିତ ହସି ସାଗ୍ନିକା କହିଲା—

ତମେ କଣ ଠିଆ ହୋଇ ରହିବାକୁ ପଣ କରି ଆସିଛ ?

ଆରେ ସତେତ...କେଉଁ ଅଭିସାରିକାର ନୂପୁର ନିକ୍ୱଣରେ ବନାନୀର ଯୁଗ ଯୁଗର ସମାଧି ଦ୍ୱାର ଯେପରି ନିକ୍ୱଣିତ ହୋଇ ଉଠିଲା । ସ୍ୱପ୍ନାହତ ପରି ସେ କହି ଉଠିଲା—

ତମର ଅନ୍ତକାର ଟେରଚପୁ କଣ ସାଗ୍ନିକା...

ସରକାରୀ ନୁହେଁ କିଛି...

କହି କହି ଜୋର୍‌ରେ ହସି ଉଠିଲା ସାଗ୍ନିକା । ତାର ଉଚ୍ଛ୍ୱାସ୍ୟ ଯେପରି ବନାନୀ ହୃଦୟର କେଉଁ ସୂକ୍ଷ୍ମତନ୍ତ୍ରୀରେ ଆଘାତ କଲା । ସାଗ୍ନିକା କଥାର ଅନ୍ତରାଳରେ ଯେଉଁ ଅନ୍ତର ଲୁଚି ରହିଗଲା ତାହା ବନାନୀ ନିକଟରେ ପରିଚିତ । କିନ୍ତୁ ତାହା

ସଂପୂର୍ଣ୍ଣ ଗୋପନୀୟ । ଏହା ଛଡ଼ା ବସ୍ତୁତ, ନିରୁପାୟ ବନାନୀର ଯେମିତି ଅନ୍ୟ କିଛି ପନ୍ଥା ନାହିଁ ।

ଚୌକି ଖଣ୍ଡେ ଟାଣି ବସି ପଡ଼ିଲା ବନାନୀ । ସାଗ୍ନିକା ହାତରୁ କଫି କପ୍ଟା ନେଇ ମୁହଁକୁ ତାର ଚାହିଁ ରହିଲା । ପିଇବା କଥା ଯେମିତି ଏକଦମ ଭୁଲି ଯାଇଛି ସିଏ । କେବଳ ସାଗ୍ନିକାକୁ ଅନେଇ ଅନେଇ ଦେଖିବାରେ ଲାଗିଛି । ଦଶବର୍ଷ ତଳର ସ୍ୱାସ୍ଥ୍ୟବତୀ, ମଦାଳସି ସାଗ୍ନିକା କାହିଁ ? କବି ଭାଷାରେ ସେତେବେଳେ ସାଗ୍ନିକା ଥିଲା, ଚମ୍ପ ହାଟକ ଦେହା···କିନ୍ତୁ ଅଳ୍ପ ପୁଷ୍ଟ ପୁରୁ ବିପରୀତ ଶବ୍ଦରେ ତାକୁ ଉପମିତ କରିବାକୁ ହେବ । କବି ପ୍ରସିଦ୍ଧି ହାରମାନିଛି କର୍ମ ପ୍ରବଣା ବୟସ୍କା ସାଗ୍ନିକା ନିକଟରେ । ଦେହର ରଙ୍ଗ ଯେମିତି ତାତି ପୋଡ଼ି ପୋଡ଼ି ତମ୍ବାର ରଙ୍ଗ ଧରି ଆସୁଛି । ମୁଣ୍ଡର କବରୀ ଭାର ସଂକ୍ଷିପ୍ତ । କପାଳରେ ଚିନ୍ତାରେଖା ସୁସ୍ପଷ୍ଟ ଦିଶୁଛି । ଏଥି ଭିତରେ ସାଗ୍ନିକାର ବୟସ ଯେମିତି କୋଡ଼ିଏ ବର୍ଷ ଆଗେଇ ଯାଇଛି । କିନ୍ତୁ ଆଖିରେ କ୍ଲାନ୍ତି ନାହିଁ, ହାତ ଦୁଇଟିରେ ଅବଶତା ନାହିଁ, ସେହି ତତ୍ପରତା ବଳି ରହିଛି ।

କ୍ଷିପ୍ର ହସ୍ତରେ କାଗଜ ପତ୍ର ଗୁଡ଼ିକୁ ଗୋଟେଇ ନେଇ ଟେବୁଲର ଗୋଟିଏ ପାଖରେ ଆଡ଼େଇ ରଖି ଓଲଟେଇ ଦେଲା ସାଗ୍ନିକା । ଆର ପାଖରେ ଗୁଡ଼ାଏ ବହି ଆଉ ଅନ୍ୟାନ୍ୟ କାଗଜ ପତ୍ର ଜମି ରହିଛି । ସେହି କାଗଜ ଗଦା ମଝିରେ ରୁପା ଫ୍ରେମ ବନ୍ଧେଇ ଖଣ୍ଡିଏ ଓଡ଼ିଶା ମାନଚିତ୍ର । ତାହା ଭିତରେ ପୁଣି ଏକ ରକ୍ତସ୍ନାତା, କ୍ଷତ ବିକ୍ଷତା ନାରୀ ମୂର୍ତ୍ତିର ଅଙ୍କନ କରା ଯାଇଛି । ମାତୃଭୂମିର ମହିମାରେ ଛବିଟି ଦୀପ୍ତ ହେଲେ ମଧ୍ୟ ଅନ୍ତରର

ତନ୍ମୟତାରେ ମଗନ । ଯେମିତି ପ୍ରାଣର ସକଳ ମାଧୁର୍ଯ୍ୟ ଢାଳି ଶିଳ୍ପୀ ଛବିଟିକୁ ଅଙ୍କି ଥୋଇଛି ।

ଫ୍ରେମ୍‌ଟିକୁ ଗୋଟିଏ ହାତରେ ଉଠେଇ ଆଣିଲା ବନାନୀ । ପୁଣି ମନେ ପଡ଼ିଲା ସେହି ରକ୍ତରଙ୍ଗ ଦିବସରେ ଗୋଟିଏ ଶାନ୍ତ କମନୀୟ ବାଳିକାର ହସ୍ତ ସ୍ପର୍ଶ । କିନ୍ତୁ ତା ପରେ ସେ ଆଉ କିଛି ଭାବି ପାରିଲା ନାହିଁ । ତାର ଇଚ୍ଛା ହେଉଥିଲା, ସାଗରିକାକୁ ସେ ପଚାରନ୍ତା, ଏ ଛବି କିଏ ଅଙ୍କିଛି... ?

କିନ୍ତୁ ସେ କିଛି ପଚାରି ପାରିଲା ନାହିଁ । ଦୁଆର ମୁହଁରେ ପ୍ରତୀକ୍ଷମାଣ ଧନୁକୁ ଚାହିଁ ଚାହିଁ ସେ ପଚାରି ଉଠିଲା—

ଏଏ କାହିଁକି ଠିଆ ହୋଇ ରହିଲେ ସାଗରିକା...

କିଏ... ? ଧନୁ...

ହଠାତ୍ ଯେମିତି ସାଗରିକାର ମନେ ପଡ଼ିଗଲା । ହଁ...ହଁ... କପି ଦେଇ ସେତେବେଳେଠୁ ଠିଆ ହୋଇ ରହିଛି ଧନୁ । ନିଜର କପ୍‌ଟାକୁ ଉଠେଇ ନେଇ ନେଇ ସେ କହିଲା—

ତୁ ଯା ଧନୁ ! କିଛି ଦରକାର ପଡ଼ିଲେ ଆଉ କେହି ଆସିବେ । ତୋର ପଢିବାର ସମୟ ବୋଧହୁଏ ଗଡ଼ିଗଲାଣି ।

କହି କହି ମଣିବନ୍ଧକୁ ଅନେଇ ଦେଲା ସାଗରିକା ।

ହୁଁ...ସାଢ଼େ ଆଠଟା ବାଜୁଛି...

ଦେଈର ଆଦେଶ କ୍ରମେ ଧନୁ ସେଠୁ ଚାଲିଗଲା । ତାର ଯିବା ବାଟକୁ ଚାହିଁ ରହି ବନାନୀ ଭାବିଲା—

କିଏ ଏଏ ସାଗରିକା... ?

ଏ ମାଟିର ଶିଳ୍ପୀ...

ହସି ଦେଇ କପି ପିଇବାକୁ ଆରମ୍ଭ କଲା ସାଗରିକା । ତାର

ଏହି ବାକ୍ୟଟା ଯେପରି ବନାନୀର ବୋଧଗମ୍ୟ ହେଲା ନାହିଁ । ସେ ବୋକା ପରି ପୁଣି ପଚାରିଲା—

ତାର ପରିଚୟ…

ଜଣେ ଉତ୍‌ପୀଡ଼ିତ ବପ୍ଳବୀ ସୈନିକ…

ପୁଣି ସେହି ଦୁର୍ବୋଧ୍ୟ ଭାଷା । ଯାହା ଶୁଣିବାକୁ ଆଶାକରି ବନାନୀ ପ୍ରଶ୍ନ କରି ଥିଲା, ତାହା ସାଗ୍ନିକା ନିକଟରୁ ସଂପୂର୍ଣ୍ଣ ଦୁର୍ଲଭ । ସାଗ୍ନିକା ଯେମିତି ଏହି ଦୁଇବର୍ଷ ଭିତରେ ନିଜକୁ ପାହାଡ଼ ପରି କଠିନ ଆଉ ସାଗର ପରି ଗମ୍ଭୀର କରିବାକୁ ସାଧନା କରୁଥିଲା ।

ସତେ ତମେ ପାଷାଣୀ ହୋଇଗଲ ସାଗ୍ନିକା…

ଚମକି ଉଠି ବନାନୀ ଶୁଣିଲା ନିଜର ସ୍ୱର । କିନ୍ତୁ କି ଉତ୍ତର ଦେବ ସାଗ୍ନିକା… ? ବନାନୀର ମୁହଁକୁ ମଠ ମଠ କରି ଅନେଇ ରହିଲା ସେ । ଆଖି ତାର ଛଳ ଛଳ । ଆଜିକୁ ସକାଳର ତରୁଣ କେଶରୀ ବନାନୀ ରଞ୍ଜନ ଷଡ଼ଙ୍ଗୀରୁ ଏ । ଯାହାର ରକ୍ତର ଲାଲିମାରେ ସହରର କଣ ଅଣୁକଣରେ ନନ୍ଦନ ଉନ୍ମାଦନା ଖେଳି ଯାଇଥିଲା । ଅସୀମ ଉତ୍ତେଜନାରେ ଜାଗି ଉଠିଥିଲା ସହର ଜନତା । ଅହେତ ଚିତ୍କାରରେ ତାର କଣ୍ଠର ଗଗନ ପବନ ଥରି ଉଠିଥିଲା । ସତେ ଯେମିତି ଜନତାର ମହା ସାଗରର ତୀରେ ତୀରେ ବନ୍ଦୀ ହୋଇ ପଡ଼ିଥିଲା ସ୍ଫୁଲିଙ୍ଗ । ଡାକ୍ତର ଖାନାର ଗୋଟିଏ କୋଣରେ ଠିଆ ହୋଇ ସାଗ୍ନିକା ସେ ଚିତ୍କାର ଶୁଣିଥିଲା । ସେ ଭାଷାର ନୀରବ ଇଙ୍ଗିତ ବୁଝିଥିଲା । ଅର୍ଦ୍ଧ ଚେତନ ବନାନୀକୁ ଚାହିଁ ଚାହିଁ ସେତେବେଳେ ସେ ଦେଖିଥିଲା ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ । ବନାନୀର ନିମୀଳିତ ଆଖି ଦୁଇଟିରେ କି ଅପୂର୍ବ ଦୀପ୍ତି ସେ । ତରୁଣ

ପୁରୁଷର ବିକ୍ରମ ପୌରୁଷରେ ସାଗ୍ନିକାର ମନ ସେଦିନ ରଙ୍ଗ ଧରିଥିଲା । ଶନାଦ୍ରିଧାରେ ବିକ୍ଷତ ଦେହ ବନାନୀଙ୍କ କୋଳରେ ଢୋଳାଇନେଇ ଅଙ୍ଗେ ଅଙ୍ଗେ ସେ ଅନୁଭବ କରିଥିଲା ଏକ ଅଚିନ୍-ଷଗ ଉତ୍ତାପ । ତାର ମର୍ମେ ମର୍ମେ ଜାଗି ଉଠିଥିଲା ସାଂଘାତିକ ପ୍ରତିହିଂସା । ଏକ ଅପୂର୍ବ ପ୍ରେରଣାରେ ପୁଲକିତ ହୋଇ, ବନାନୀର ପାଦ ଦୁଇଟି ଛୁଇଁ ସାଗ୍ନିକା ପଣ ରଖିଥିଲା ଧନୀ ପରିବାରର ଐଶ୍ୱର୍ଯ୍ୟ, ଜ୍ଞାନୀ ମିତାର ଅଭିଜାତ । ନିଜ ଦେହର ସମସ୍ତ ରକ୍ତ ଖଟେଇ ମୃତ୍ୟୁର ପରପାରରୁ ସେ ବନାନୀଙ୍କୁ ଫେରେଇ ଆଣିଥିଲା ସଂଗ୍ରାମ ପାଇଁ, ପ୍ରତିଶୋଧ ପାଇଁ । ଆଣିଥିଲା ଜାତିର ମହାଯୁଦ୍ଧରେ ବନାନୀ ହେବ ପାର୍ଥ ଆଉ ସେ ହେବ ସାରଥୀ ।

ସାଗ୍ନିକାର ଏ ଆକାଂକ୍ଷା ଗୋପନ ରହିଲା ନାହିଁ ବେଶୀ ଦିନ । ଦିନେ ଏକାନ୍ତରେ ମା ତାକୁ କୋଳରେ ଧରି କହିଲେ—

ବନାନୀ ଦରିଦ୍ର ମା, ଅଜାତ । ସମାଜ ହୃଦୟର ମୂଲ୍ୟ ବୁଝେନା...

କିଛିକ୍ଷଣ ସ୍ତବ୍ଧ ହୋଇ ମାର ମୁହଁକୁ ଚାହିଁ ରହିଲା ସାଗ୍ନିକା ପର ମୁହୂର୍ତ୍ତରେ ମା'ର ଅଭୟ ବୁକୁରେ ମଥା ରଖି ଭଙ୍ଗି କଇଁ ହୋଇ କାନ୍ଦି ଉଠିଲା । ଆଉ ଯେଉଁର ଭାଷାର ପ୍ରୟୋଜନ ନଥିଲା । କଲ୍ୟାଣମୟୀ ସ୍ନେହ ବତ୍ସଳା ଜନନୀ ବୁକୁ ମଂଖାଲି କନ୍ୟାର ଲକ୍ଷ ଭିତରୁ ଯେମିତି ନୂତନ ପଥ ଖୋଜି ପାଇଲେ । ବିନା ବାକ୍ୟ ବ୍ୟୟରେ ପୁରୁଣା ମୂଲ୍ୟବୋଧ ଉପରେ ନୂଆ ମୂଲ୍ୟବୋଧର ଛାପ ଦେଲେ ସାଗ୍ନିକାର ବାପା ବରେନ୍ଦ୍ର ଚମ୍ପତିରାୟ ।

ଅଜି ବାପା ଥିଲେ......ହଠାତ୍ ଅଶ୍ରୁପୂର୍ଣ୍ଣ ଅନୁଭବ କଲା ସାଗ୍ନିକା । ସମସ୍ତ ପ୍ରକାର କାଠିଣ୍ୟ ଆଉ ପ୍ରଚୁର ବାଣୀକ

ପରାଜିତ କରି ଭିତରେ ତାର ମାନବ ପ୍ରବୃତ୍ତି ଜାଗି ଉଠିଲା । ସେ ଏକ ଲୟରେ ଅନେଇ ରହିଲା ତାର ସ୍ଫୁଲିଙ୍ଗ ଆଡ଼େ । ଯେମିତି ଗୋଟିଏ ନିର୍ବୋଧ ଅନ୍ଧ ପତଙ୍ଗ ।

କିନ୍ତୁ ପରକ୍ଷଣରେ ନିଜକୁ ଅସମ୍ଭବ ଭାବରେ ପ୍ରକୃତିସ୍ଥ କରି ତୋଳିଲା ସାଗ୍ନିକା । ତେଜଁ ଏକ ଅଖ୍ୟାତ ସଂଧ୍ୟାରେ ବନାନୀର ନୂତନ ନାମ କରଣ କରିବାକୁ ଯାଇ ସେ କହିଥିଲା—

ନାମଦାୟିନୀ ଜନନୀର ଭୁଲ ହୁଏତ ବିନ୍ଦୁବଧ, ଅନ୍ଦୋଳିତ, ସ୍ରୋତସ୍ୱିନୀର ବକ୍ଷରେ ଦିନେ ଅଗ୍ନିର କମନୀୟ ଛାୟା ଉଦ୍ବେଳିତ ଆଣିବ, କିନ୍ତୁ ତମେ ଆଜି ଶାନ୍ତ, ଶ୍ୟାମଳ ବନାନୀ ନୁହଁ; ରୁଦ୍ର, ଲୋହିତ ସ୍ଫୁଲିଙ୍ଗ । ସତେ ତମେ ମୋର ସ୍ଫୁଲିଙ୍ଗ...

କିନ୍ତୁ ସେଦିନର ଏହି ଅନ୍ତରଙ୍ଗତାର ଭାଷା ବନାନୀ ଆଜି ମନେ ରଖିନାହିଁ । ଯୌବନର ପିପାସା, ଆଉ ଜୀବନର ବିଳାସ ଭିତରେ ଅନେକ ଦିନୁ ଭୁଲି ଗଲାଣି । କିନ୍ତୁ ସେଦିନ ତା କଥାର ଉତ୍ତର ଦେବାକୁ ଯାଇ ହମ ହସି କହିଥିଲା—

ଆଜି ତମେ ସମିଧ...

ବାସ୍ତବରେ ସେଦିନ ସାଗ୍ନିକା ଥିଲା ସମିଧ । ସେଥିରେ ନିଜ ଦେହର ଉତ୍ତାପ ନେଇ ଅଗ୍ନି ସଂଯୋଗ କରିଥିଲା ବନାନୀ । କିନ୍ତୁ ସେ ଦେହ ଆଜି ଶୀତଳ । ସେଦିନର ଅଗ୍ନିପିଣ୍ଡ ଆଜି ଖଣ୍ଡେ ଅପରିଚ୍ଛନ୍ନ ଅଂଗାର । ଇତିହାସରେ ତାର କୌଣସି ସ୍ୱର୍ଣ୍ଣ ସ୍ୱାକ୍ଷର ନ ଥିଲେ ମଧ୍ୟ ସାଗ୍ନିକା ଜୀବନ ନାଟିକାରେ ତାହା ଏକ ଅବିଚ୍ଛେଦ୍ୟ ଭୂମିକା । କିନ୍ତୁ ସାଗ୍ନିକା ଏକା...ଆଜି ସେ ସମିଧ ନୁହେଁ, ଯେମିତି ପାବକର ଏକ ସର୍ବଧ୍ୱଂସୀ ରୂପ ଶିଖା...

ପ୍ରାୟ ଦଶବର୍ଷ ହେବ...

Kalpana Kumari Dave.
S.S.P.

ନିଜ ସ୍ୱରରେ ନିଜେ ଜାଗି ଉଠିଲା ସାଗରିକା । ଦୀର୍ଘଶ୍ୱାସ ଛାଡ଼ି ବନାନୀ କହିଲା—ପ୍ରାୟ ଆଉ କଣ...

କଥାର ଶେଷ ଅଂଶକୁ କଣ୍ଠ ତାର ଥରି ଉଠିଲା । କିନ୍ତୁ ନିଜ ଭିତରେ ଯେମିତି ଖୁବ୍ ସଚେତନ ହୋଇ ଉଠିଲା ସାଗରିକା । ନିଜକୁ ଧିକ୍କାର ମଧ୍ୟ କଲା । ଏ ପ୍ରକାର ଭାବ-ପ୍ରବଣତା ପଳାୟନ ବାଦ, ଆଉ ଏ ପଳାୟନ ବାଦ ବିପ୍ଳବ ବିରୋଧୀ । କର୍ତ୍ତବ୍ୟ ସାଧନାର ଯେମିତି ଘୋର ଅନ୍ତରାୟ । ସଜାଗ କଣ୍ଠରେ ସେ କହିଲା—

ତମେ ଖୁବ୍ ବଦଳି ଯାଇଚ । କେମିତି ବଦଳି ଯାଇ ପାରିଲ କହିଲ ।

ମୃଦୁ ହସି ବନାନୀ କହିଲା—

ଠିକ୍ କହି ହେବ ନାହିଁ । ତେବେ କେମିତି ଗୋଟାଏ ବାଧ୍ୟବାଧକତାରେ ସବୁ ଯେମିତି ଅଦଳ ବଦଳ ହୋଇଗଲା ।

ଏଇଟାଇ ଏ ଯୁଗର ସରକାରୀ କାଇଦା । ସମସ୍ତଙ୍କୁ ଦାସ କରି ରଖିବାର ଚକ୍ରାନ୍ତ । ମରଣର ଭୟ ଦେଖେଇ, ପଦୋନ୍ନତିର ଲୋଭ ଦେଖେଇ ଭୁଲ ଦେଉଚି ଭାରତର ପ୍ରଭୁ । ଅଣଓଡ଼ିଆମାନଙ୍କ ସଦ୍ଭାବ ଘଟେଇ ସମ୍ବନ୍ଧ ସ୍ଥାପନ କରି, ସେମାନଙ୍କ ତୋଷଣ ପାଇଁ ଓଡ଼ିଶାର ଶାସନ କଳ ଆଜି ପୁରି ଉଠୁଚି । ବିନା ବିଗ୍ରହରେ, ବିନା ବାଧାରେ ଓଡ଼ିଆ ଅଥର୍ବ, ଅଯୋଗ୍ୟ ବିବେଚିତ ହୋଇ ପଡ଼ି ରହୁଚି, କାହିଁ କେଉଁଠି । ଏଇ ହେଲା ଆମର ରାଜନୀତି । ଟଙ୍କା ନେଇ, ପ୍ରେମ ପାଇ ନିଜକୁ ବାରମ୍ବାର ବଦଳେଇବା ହେଲା ଆମର ରାଜଧର୍ମ ।

ବନାନୀ କହିଲା—

ଏହି କଳଙ୍କକୁ ଓଡ଼ିଆ କୌଣସି ଦିନ ପୋଛି ଦେଇ ପାରିବ ନାହିଁ ।

ତେଜି ଉଠି ସାଗ୍ନିକା କହିଲା—

ସେହି କଳଙ୍କକୁ ତମେ ଭୂଷଣ କରିବାକୁ ଚାହୁଁଛ କେମିତି ? ଅନ୍ୟର କଳଙ୍କ କଳାକୁ ଲଲାଟରେ ଟୀକା କରି ତାକୁ ପ୍ରଶ୍ରୟ ଦେଉଛ କାହିଁକି ? ତମ ମୁହଁରେ କଣ ପ୍ରତିବାଦର ଭାଷା ନାହିଁ ? ତମ ଦେହରେ କ'ଣ ପ୍ରତିରୋଧର କ୍ଷମତା ନାହିଁ ?

ବନାନୀ ନୀରବରେ ମୁଣ୍ଡ ପୋତି ବସି ରହିଲା ।

ସାଗ୍ନିକା କହିଲା—

ଆମରି ଚାବୁକ ଆମରି ପିଠିରେ ବସୁଛି । କ୍ଷମତାର ଲୋଭରେ ମାନବିକତାର ମୃତ୍ୟୁ ଘଟୁଛି ଅସ୍ତ୍ରେ ଅସ୍ତ୍ରେ । ଭାଇକି ଘୋଡ଼ା କରି ପଡ଼ୋଶୀକୁ ସବାର କରୁଛି ଭାଇ ଆଉ ନିଜେ ହେଉଛି ଶଇସ ।

ଟିକିଏ ରହି ଉଚ୍ଚ ସ୍ୱରରେ ସାଗ୍ନିକା କହିଲା—

ବ୍ୟକ୍ତି ସ୍ୱାର୍ଥ ମଣିଷକୁ ଆଜି ଜାନୁଆର କରିଛି । ଭାଇର ଗଳା ଚିପି ରକ୍ତ ପିଇ ଭାଇ ସବଳ ହେଉଛି, ଶକ୍ତି ସଂଗ୍ରହ କରୁଛି । ଏ ମାଟିର ସନ୍ତାନ ଆଜି ପର୍ଶୁରାମ ସାଜିଛି । କିନ୍ତୁ ପୁନର୍ଜୀବନ ଲଭ ପାଇଁ ସଞ୍ଜିବନୀ କାହିଁ ? ମଣିଷ ହୃଦୟରେ ଆଜି ପ୍ରେମ ନାହିଁ, ଐକ୍ୟ ନାହିଁ । ଖାଲି ହିଂସା...ଏହାର ଉତ୍ପାଟନ ପାଇଁ କଣ ଏ ଜାତି ଉଦ୍ୟୋଗ କରିବ ନାହିଁ ? ଅନାଚାର ଅନୀତିର ଗହ୍ୱର ଭିତରୁ ମାନବିକତାକୁ କଣ ଉଦ୍ଧାର କରିବାର ସାହସ ବାନ୍ଧିବ ନାହିଁ ?

କହୁ କହୁ ସାଗ୍ନିକାର ଆଖି ଦୁଇଟିରେ ରକ୍ତାଭ ଫୁଟି ଉଠିଲା । ପ୍ରବଳ ଉତ୍ତେଜନାରେ ଆପାଦ ମସ୍ତକ କମ୍ପିବାକୁ ଲାଗିଲା । ସତେ ଯେମିତି ପିଞ୍ଜରା ମୁକ୍ତ ଗୋଟିଏ ଆହତ ବାଘୁଣୀ ।

ଧୀର ସ୍ୱରରେ ବନାନୀ କହିଲା—

ଜଣେ ବା ମୁଷ୍ଟିମେୟ କେତେଜଣଙ୍କୁ ନେଇ ସେ ଅନ୍ୟାୟର ନିବାରଣ ଅସମ୍ଭବ ସାଗ୍ନିକା...

ହୋ ହୋ ହୋଇ ହସି ଉଠିଲା ସାଗ୍ନିକା । ସେହିପରି ହସି ହସି ସେ କହିଯିବାରେ ଲାଗିଲା—

ଅସମ୍ଭବ ଅସମ୍ଭବ କହି ନିଜର ମୁଣ୍ଡ ନିଜେ ଖାଇ ଚାଲିଛ । ପନ୍ଦର ବର୍ଷ ଆଗରୁ ବିଦେଶୀ ସରକାର ଅମଳରେ ଲୋକର ବିଶ୍ୱାସ ଗଭୀର ହୋଇଥିଲା । ସେହି ବିଶ୍ୱାସର ସୁଯୋଗ ନେଇ ତୁମେ ନିଜର ଛରବାସି ଶାଣେଇ ନେଇଛ । ମା ପେଟରୁ ଜନ୍ମ ହୋଇଛି ଉପାସି । ଦୁର୍ଭାଗ୍ୟର ନିଗ୍ରହ ଭିତରୁ ନିଜକୁ ମୁକ୍ତ କରି ଆଣିବାକୁ ସୁଖ ସୌଭାଗ୍ୟର ସ୍ୱପ୍ନ ଦେଖି ଯିଏ ତୁମର ଆଶ୍ରୟ ନେଇଥିଲା, ଅତି ସନ୍ତର୍ପଣରେ, ଗୋପନରେ ତୁମେ ତା ବୁକୁରେ ଛରବାସି ଆଘାତ ହାଣିଛ । ଅନୁଭବ କରି ପାରୁଛ ତୁମେ, ସେ ଅବ୍ୟକ୍ତ ଯନ୍ତ୍ରଣା ? ବୁଝି ପାରୁଛ ସେ ମର୍ମଦାହ ? ତୁମର ସ୍ତୋକ ବାକ୍ୟ ଆଜି କି ରୂପ ପରିଗ୍ରହ କରିଛି ଜାଣି ପାରୁଛ ? ସେହି ନିଷ୍କପଟ ସ୍ନେହ, ପ୍ରୀତିର ଯୋଗ୍ୟ ମୂଲ୍ୟ କଣ ତୁମେ ଦେଇ ପାରିବ ?

ନମ୍ର ସ୍ୱରରେ ବନାନୀ କହିଲା—

କାଳର ବିବର୍ତ୍ତନ ବୋଲି ଏଇଟାକୁ ମାନି ନେଉନ କାହିଁକି ?

ମାନିବି ନାହିଁ...

ଟେବୁଲରେ ହାତ ବାଡ଼େଇ ଅଶାନ୍ତ କଣ୍ଠରେ ସାଗ୍ନିକା କହିଲା—

କାଳର ବିବର୍ତ୍ତନ ନୁହେଁ, ଚକ୍ରାନ୍ତ । ଭିତରର ଦୁର୍ଗନ୍ଧମୟ ନର୍କକୁ ସମ୍ପଦର ଆଭରଣ ତଳେ ଘୋଡ଼େଇ ରଖି ମଣିଷ

ସାକୁର ବୈକୁଣ୍ଠ ବାସୀ ଆଜି ତାଙ୍କୁ ସମର୍ଥନ କଣିକଚନ୍ଦ୍ର ତମ ପରି କେତେଜଣ ବୋକା । ଯିଏ ପିଠିରେ ମାଡ଼ ଖାଉଥିଲେ ମଧ୍ୟ ପେଟରେ ହସ ଖେଳେଇ ପାଦରେ ହାତ ପକାଏ । ଧନ୍ୟ ତମର ଭ୍ରାତୃ ପ୍ରେମ...

ଏ ପ୍ରଶଂସା ନୁହେଁ ବିଦ୍ରୂପ । ବନାନୀ ଅନ୍ତରର ବହୁ ଦୂରରେ ତାହା ଯେପରି ପହଞ୍ଚି ଗଲା । କିନ୍ତୁ ବନାନୀ କିଛି କହି ପାରିଲା ନାହିଁ । ଏହି ଅକ୍ଷମତା ମୂଳରେ ଯେଉଁ କାହାଣୀ ଲୁଚି ରହିଛି ସାଗରିକା ତାହା ଜାଣେ । ତାର ଆଲୋଚନା ଆଜି ସଂପୂର୍ଣ୍ଣ ଅନାବଶ୍ୟକ । ଗତଦିନ ଗୁଡ଼ିକ ଭିତରେ ବହୁ ପରିବର୍ତ୍ତନ ହୋଇ ଯାଇଛି । ଦଳ, ଗୋଷ୍ଠୀ ଗୁଡ଼ି ସେ ମିଶି ଯାଇଛି ପାରିବାରିକ ସ୍ୱାର୍ଥ ଭିତରେ । ଭିନ୍ନ ଧର୍ମ ଗ୍ରହଣ କରି ସେ ଆଜି ହୋଇଛି ବିଧର୍ମୀ । ଏ ବିଧର୍ମବାଦକୁ ଦାୟିତ୍ୱର ନାଗଫାଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ନାଗଫାଶ ତାକୁ ସୁଦୃଢ଼ ବନ୍ଧନ ଦେଇ ତା ନିଜର ସମାଜ ଜୀବନ ଠାରୁ ବିଚ୍ଛେଦ ଘଟେଇ ଦେଇଛି । କିନ୍ତୁ ସେ ଆଜି ମୁକ୍ତ । ଏଠି ଅସହାୟତାର ଦୋହାଇ ଦେଇ ବସିଲେ ଆଜି ଆତ୍ମଘାତର ପାପରେ ଲିପ୍ତ ହେବାକୁ ପଡ଼ିବ । କିନ୍ତୁ ଆଜି କ'ଣ କେବଳ ସେ ଏହି କଥା ଶୁଣିବାକୁ ଆସିଥିଲା ? ଦୀର୍ଘଦିନର ଅଦର୍ଶନ ପରେ, ମିଳନର ପ୍ରଥମ ପ୍ରହରରେ ପ୍ରିୟତମାର ପ୍ରୀତି ମଧୁ ବଦଳରେ, ସେ କଣ ବିଷର ଅନଳରେ ଦଗ୍ଧ ହେବାକୁ ଆସିଥିଲା ?

ଭାରି ଭାରି କାତରେ କଣ୍ଠରେ ବନାନୀ କହିଲା—

ସାଗରିକା...

କହ...

ଏହି ତୁଚ୍ଛ ତର୍କ ଛଡ଼ା ଜୀବନରେ ଆଉ କଣ କିଛି ପ୍ରିୟତମ ନାହିଁ...

ସାଗ୍ନିକା କହିଲା—

ମୋ ଜୀବନରେ ଏହା ଛଡ଼ା ଆଉ କାହାକୁ ପ୍ରିୟ ଆଖ୍ୟା ଦିଆଯାଇ ପାରେନା । ଯେଉଁଟା ସହଜ ସେଥିପାଇଁ ସାଧ ସାଧନାର ଆବଶ୍ୟକ ନାହିଁ ! ଯେଉଁଟା ଅସହଜ, ତାକୁ ସାତ ତାଳ ପାଣି ଆଉ ପଙ୍କ ଭିତରର ଫରୁଆ ଭିତରୁ ଉଦ୍ଧାର କରି ଆଣିବାକୁ ପଡ଼ିବ ।

ବନାନୀର ଗଳା ଅଭିମାନରେ ରୁଦ୍ଧ ହୋଇ ଆସୁଚି ଯେମିତ । ସାଗ୍ନିକାକୁ ନିଜ ସମ୍ବନ୍ଧରେ ଆଉ କିଛି କହିବାକୁ ଯାଉଥିଲା ସେ । କିନ୍ତୁ ଖୋଲା ଦୁଆର ନିକଟରେ କାହାର ମୃଦୁ ପଦଧ୍ୱନି ଶୁଣି ଥମକି ଅଟକିଗଲା । କିଏ... ?

ପଛ ପଟକୁ ବୁଲି ପଡ଼ି ସାଗ୍ନିକା କହିଲା—

କିଏ... ?

ମୁଁ ଛନ୍ଦା...

ପରଦାର ଅନ୍ତରାଳରୁ 'ଗୋଟିଏ ନମ୍ର, ମଧୁର କଣ୍ଠର କଥା ଭାସି ଆସିଲା ।

ଛନ୍ଦାକୁ ଭିତରକୁ ଆସିବାକୁ କହି ଟେବୁଲ ଉପରୁ କାଗଜ ଗୁଡ଼ିକ ଆଗକୁ ଟାଣି ଆଣିଲା ସାଗ୍ନିକା ।

ଧୀର ପଦ କ୍ଷେପରେ ଭିତରକୁ ଆଗେଇ ଆସିଲା ଛନ୍ଦା । କିନ୍ତୁ ବନାନୀ ଉପରେ ଆଖି ପଡ଼ିବା କ୍ଷଣି ସେ ଦୁଆର ମୁହଁରେ ଅଟକି ଠିଆ ହେଲା । ହୁଏତ ପରିବାରର କେହି ଅଛି । କିନ୍ତୁ ସେ ଦଳର କାର୍ଯ୍ୟାଳୟ ଭିତରେ କାହିଁକି ?

ମନ ଭିତରେ ଅସ୍ୱସ୍ତି ଅନୁଭବ କଲା ଛନ୍ଦା । କିନ୍ତୁ ତୁରନ୍ତ

ଖୋଲି ସେ କିଛି ପ୍ରକାଶ କରି ପାରିଲା ନାହିଁ । ସାଗରିକା ଉପରେ କୌଣସି ଟିପଣୀ ଦେବାକୁ ତାର ସାହସ ନାହିଁ । ସାମର୍ଥ୍ୟ ମଧ୍ୟ ନାହିଁ । ଦଳର ପ୍ରତ୍ୟେକ ଲୋକ ଯାହାର ନିର୍ଦ୍ଦେଶରେ ପରିଚାଳିତ, ଯାହା ଉପରେ ବିଶ୍ୱାସ ସ୍ଥାପନ କରି ବିରାଟ ଜନତା ସ୍ଥିର ହୋଇ ଛିଡ଼ା ହେବାକୁ ଯାଉଚି, ତାର ବିଚାର ବୁଦ୍ଧି ଦୂଷିତ କରିବା ସାମାନ୍ୟ ଗୋଟିଏ ଚାକିରାର ସାଧ୍ୟାତୀତ ।

ସାଗରିକାର ନେତୃତ୍ୱ ଆଉ ପାଣ୍ଡିତ୍ୟ ଲାଗି ଦଳର ପ୍ରତ୍ୟେକ ଲୋକ ତାକୁ ସମ୍ମାନ କରନ୍ତି । ତାର ତ୍ୟାଗ, ନିଷ୍ଠା, ଦକ୍ଷତା ମଧ୍ୟ ଅତୁଳନୀୟ । ଏପରି ସ୍ଥଳେ ଚନ୍ଦ୍ରାର ସନ୍ଦେହ ସମ୍ପୂର୍ଣ୍ଣ ନିରର୍ଥକ । ଚନ୍ଦ୍ରା ନିଜକୁ ଏହି କଥା ଭଲ ରୂପେ ବୁଝେଇ ଦେଲା ।

କାଗଜ ପତ୍ର ଗୁଡ଼ିକୁ ସଜାଡ଼ି ଦେଇ ସାଗରିକା କହିଲା—

ନିଅ ଚନ୍ଦ୍ରା ! ଶୀଘ୍ର ଆଉ ଖୁବ୍ ସାବଧାନତାର ସହିତ ଛପା କାମ ଶେଷ କରିବ ।

ଅଚ୍ଛା, କହି କାଗଜ ଖଣ୍ଡିକ ବାନ୍ଧି ସେ ଘରୁ ବାହାରି ଗଲା ଚନ୍ଦ୍ରା । ସେ ପ୍ରାୟ ସାଗରିକା ଠାରୁ ବୟସରେ ଦଶବର୍ଷ ସାନ ହେବ । ଦେହର ରଙ୍ଗ ଟିକିଏ ସଫା ନ ହେଲେ ମଧ୍ୟ ସର୍ବାଙ୍ଗରେ ଲାବଣ୍ୟର ଢେଉ ଖେଳୁଚି । ଏହି ବୟସରେ ଝିଅ ମାନଙ୍କ ଠାରେ ଆଭରଣର ବିଳାସ ଦେଖା ଯାଇଥାଏ । କିନ୍ତୁ ଚନ୍ଦ୍ରା ସଂପୂର୍ଣ୍ଣ ନିରାଭରଣା । ଦେହରେ ଫିକା ରଙ୍ଗର ଓଢ଼ଣୀ ଶାଢୀ ଆଉ ବ୍ଲାଉଜ୍ । ମୁଣ୍ଡର ଶୃଙ୍ଖଳ, ନୁଖୁରା ବାଳ ପଛ ପଟରେ ଟେକି କରି ବେଣୀ ବନ୍ଧା ଯାଇଛି । ତାର ଚାଲି ବାଟକୁ ଅନେକ ଅନେକ ବନାମୀ ଲକ୍ଷ୍ୟ କଲା ଏକ ଅସାଧାରଣ ବୈଶିଷ୍ଟ୍ୟ । ସତେ ଯେମିତି ସବୁ ଭିତରେ ଯୌବନର ଲିପ୍ସାକୁ ହତ୍ୟା କରିବାର ଚେଷ୍ଟା ଚାଲିଚି । କିନ୍ତୁ କାହିଁକି···?

ବନାନୀର ଭାବନାକୁ ଖଣ୍ଡିତ କରି ବନାନୀ ପଚାରିଲା—

ଏ ଝିଅଟିକି ଚିହ୍ନିଛ ...?

ନିସ୍ପୃହ ଭାବରେ ବନାନୀ କହିଲା—

ଜଣେ କେନ୍ଦ୍ର ଉପମନ୍ତ୍ରୀ...

ଭାଷାରେ ଗଭୀର ନୈରାଶ୍ୟ ଧରି ବନାନୀ ପ୍ରତି କହିଲା—

ଗୋଟାଏ ଖିଆଲରେ ଯିଏ ନିଜକୁ ବିନା ଦ୍ୱିଧାରେ ଟିକି ଟିକି କରି କାଟି ଦେଇପାରେ...

ସାଗରିକା ଉଚ୍ଚ ସ୍ୱରରେ ତାର ପ୍ରତିବାଦ ଜଣେଇବାକୁ ଯାଉଥିଲା । କିନ୍ତୁ ସେଥିରେ ବାଧା ଦେଇ ହଠାତ୍ ତାର ଆଖି ଆଗରେ ମା ଆସି ଠିଆ ହୋଇଗଲେ । ତାଙ୍କୁ ଦେଖି ପରମ ବିସ୍ମୟରେ ଚୌକୀ ଛାଡ଼ି ଉଠି ପଡ଼ିଲା ସାଗରିକା । ମା...

କରୁଣ ଆଖିରେ ଝିଅର ମୁହଁକୁ ଅନେଇ ରହିଲେ ସୁଗନ୍ଧୀ ଦେବୀ । ସ୍ୱାମୀ ମଲା ଦିନୁ ସେ ପ୍ରାୟ ଉପର ମହଲକୁ ଆସନ୍ତି ନାହିଁ । ତଳ ମହଲରେ ଗୋଟିଏ ଛୋଟିଆ କୋଠରୀରେ ପୂଜା-ଆରାଧନା କରି ସେ ସମୟ କଟେଇ ଦିଅନ୍ତି । ଉପରକୁ ଆସିବାର ଦରକାର ମଧ୍ୟ ତାଙ୍କର ନ ଥାଏ । ଅନେକ ସମୟରେ ସେଠି ଲୋକ ଗହଳି ଲାଗିଥାଏ । ବେଳେ ବେଳେ ଗୁପ୍ତ ମନ୍ତ୍ରଣା ବି ଚାଲେ । ଯେଉଁ କୋଠରୀଟା ଆଗେ ଚନ୍ଦ୍ରପତିରାୟ ବଂଶର ଗନ୍ତାଘର ଥିଲା ଏବେ ତାହା ଦଳର ମନ୍ତ୍ରଣାଗାର ରୂପେ ବ୍ୟବହୃତ ହେଉଚି । ଘରର ପ୍ରାୟ ଅର୍ଦ୍ଧେକ ନିଜର ଦଳକୁ ଦାନ କରି ଦେଇଚି ସାଗରିକା । ଏଥିରେ ଆଦୌ ଆପତ୍ତି କରି ନାହାନ୍ତି ସୁଗନ୍ଧୀ ଦେବୀ । ଆପତ୍ତି କରିବାର କିଛି ନ ଥିଲା ମଧ୍ୟ । ଝିଅ ତାଙ୍କର ଆଉ ପିଲା ନୁହେଁ । ତାର ଯଥେଷ୍ଟ ବୟସ ହେଇଚି । ଶିକ୍ଷା, ଦୀକ୍ଷାର ମଧ୍ୟ ଉଣା ନାହିଁ । ତାର ସୁଖ, ସ୍ୱାଚ୍ଛନ୍ଦ୍ୟ ପାଇଁ

ଯାହା ଉଦ୍ଦିଷ୍ଟ, ତା ଉପରେ ସାଗରିକାର ପୂର୍ଣ୍ଣ ଅଧିକାର । ନିଜର ବସ୍ତୁକୁ ଅନ୍ୟକୁ ଦେଇ ଦେବାରେ ତାର ଯେଉଁ ଆନନ୍ଦ, ତାହାହିଁ ସୁଗାନ୍ଧୀ ଦେବୀଙ୍କର ଶ୍ରେଷ୍ଠତମ ଆନନ୍ଦ ।

ମା'ଙ୍କର ଉପସ୍ଥିତି ଲକ୍ଷ୍ୟ କରି ନିମିଷକ ଭିତରେ ତାଙ୍କର ଉଦ୍ଦେଶ୍ୟ ବୁଝି ପାରିଲା ସାଗରିକା । ଆଉ ଗୋଟିଏ ମୁହୂର୍ତ୍ତ ସୁଦ୍ଧା ଅପେକ୍ଷା ନ କରି ଦ୍ରୁତ ପଦରେ ସେଘରୁ ବାହାରି ଚାଲିଗଲା ସେ ।

ସାଗରିକାର ଚାଲିଯିବା ଦେଖି ବ୍ୟଥିତ ହୋଇ ଉଠିଲେ ସୁଗାନ୍ଧୀ ଦେବୀ । ଝିଅର ଏ ଉପେକ୍ଷା ଯେମିତି ତାଙ୍କ ପକ୍ଷେ ବଡ଼ ମର୍ମନ୍ତୁଦ । ଆଖି ତାଙ୍କର ବାଷ୍ପାକୁଳ ହୋଇ ଉଠିଲା । ଖେଦ ମିଶା ସ୍ୱରରେ ସେ କହିଲେ—

କିଛି ଟିକିଏ ଖାଇକି ଚାଲେ ବାପା ! ଏତେ ସମୟ ଧରି ଅଖିଆ ଅପିଆ ବସିବାରେ ତୋର କେଉଁ ଲାଭ । ଏତେ ବଡ଼ ଝିଅକୁ ଘରେ ବାନ୍ଧି ରଖି ମୋର ଯେଉଁ ଅଶାନ୍ତି···କେବେ ଭଗବାନ ତାକୁ ସଦ୍‌ବୁଦ୍ଧି ଦେବେ କେଜାଣି !! କିଛି ନ ବୁଝି ନ ଶୁଝି ବାହାରି ଚାଲିଗଲା । ଦେଶ ପାଇଁ ଝିଅର ଭୋକ ଶୋଷ ନାହିଁ । ଦେଶକୁ ସୁନାର ମୁକୁଟ ପିନ୍ଧେଇ ଦେବ···

ନମ୍ର ସ୍ୱରରେ ବନାନୀ କହିଲା—

ଏଥିପାଇଁ ଦୁଃଖ କାହିଁକି ମାଉସୀ ! ବରଂ ଖୁସି ହେବାର କଥା । ପ୍ରତ୍ୟେକ ଲୋକକୁ ଭିନ୍ନ ଭିନ୍ନ କାମ ପାଇଁ ଭଗବାନଙ୍କର ନିର୍ଦ୍ଦେଶ ଥାଏ ।

କ୍ଷୁବ୍ଧ ହୋଇ ସୁଗାନ୍ଧୀ ଦେବୀ କହିଲେ—

ମୁଁ ସବୁ ଜାଣେରେ ବାପା ! ଚିନ୍ତା ନାହିଁ ବୋଲି ଜନ ପଶୁ ନାହିଁ । ଏଇଟିଣି ସୁଅ ମୁହଁରେ ଭାସି ଯିବାର ବୟସ ।

ସମସ୍ତ ଆସିଲେ ଆପେ ଆପେ ରେଖା ଆସିବ । ଗୁଳି···ଗୁଳି··· ଛରକାସି ଥଣ୍ଡା ହୋଇଯିବ ।

କଥାଛଳ କହୁସାରି ନିଜ ଅଞ୍ଚଳରେ ବନାନୀର ମୁହଁ ପୋଛି ଦେଲେ ସୁଗାନ୍ଧୀ ଦେବୀ ।

ଖିଆ ପିଆ ସାରି ବନାନୀ ପୁଣି ଉପର ମହଲାକୁ ଫେରି ଆସିଲା । ସୁଗାନ୍ଧୀ ଦେବୀଙ୍କ ଆଦେଶ କ୍ରମେ ଦୋମହଲାର ଗୋଟିଏ କୋଠରୀରେ ତାର ଶୋଇବା, ବସିବାର ବନ୍ଦୋବସ୍ତ କରା ଯାଇଥିଲା । କିନ୍ତୁ ବନାନୀର ବିଛଣା ଧରିବାକୁ ଆଦୌ ଇଚ୍ଛା ହେଲାନାହିଁ । ଘର ଛାଡ଼ି ବାହାରକୁ ଚାଲି ଆସିଲା ସେ ।

ରାତି ପ୍ରାୟ ଦଶଟା ହେବ । କିନ୍ତୁ ସାଗ୍ନିକାର ଦେଖା ନାହିଁ । ସେହି ପ୍ରଥମ ଥରର ଆଳାପ, ଆଲୋଚନା ପରେ ସେ ଯେ କୁଆଡ଼େ ଯାଇଛି ଏପର୍ଯ୍ୟନ୍ତ ଫେରିନାହିଁ । ହୁଏତ କେଉଁଠି ଦଳର ଧର୍ମ ସମ୍ପର୍କରେ ଭାଷଣ ଦେଉଥିବ କିମ୍ବା କେଉଁ ନିଭୃତରେ ବସି ବସି ସହକର୍ମୀମାନଙ୍କ ସହିତ କେଉଁ ଲୁଗା କଳରେ ଧର୍ମଘଟ ପାଇଁ ପରାମର୍ଶ କରୁଥିବ । ଘରେ ଯେ ତାର ଜଣେ ମାନନୀୟ ଅତିଥି ଅଛି, ଏ କଥା ସେ ମନେ ରଖି ପାରି ନାହିଁ ।

ଏଇ ସମୟରେ ସାଗ୍ନିକା ଥିଲା ଭିଆଁ କାବୁଆ । ନିଜ

ଭବରେ ରଖି, ସେହି କଞ୍ଚା କାଦୁଅକୁ ମାଟି ମୂର୍ତ୍ତି ଆକୃତି ବିଶିଷ୍ଟ କରି ଥୋଇଛି ବନାନୀ । ତ୍ୟାଗ, ନିଷ୍ଠାର ଅର୍ଚ୍ଚିରେ କଞ୍ଚା ମାଟି ପିଣ୍ଡ ପୋଡ଼ି ପୋଡ଼ି ଶକ୍ତ ହେଲା । ବନାନୀ ଅକ୍ଷମାଳାର ଭଜନରେ ସ୍ୱର୍ଗରୁ ଓହ୍ଲେଇ ଆସିଲା ଦେବତା । ସେହି ମାଟିର ପ୍ରତିମା ହେଲା ଅଜର ଅମର । ସତେ ଯେମିତି ମୃତ୍ୟୁ ପୁରରେ ଏକ ଅମୃତ କଣିକା ।

ଚଳମାନ ସ୍ରୋତସ୍ୱିନୀ ସ୍ଥିର ନୁହେଁ । ଭିନ୍ନ ଭିନ୍ନ ଢେଉ ଛୁଇଁ କାଳର ଆବର୍ତ୍ତନରେ ବନାନୀର ଜୀବନ ପ୍ରବାହ ବହି ଚାଲିଛି । ଯେଉଁ ତଟିନୀ ଦିନେ ଉଚ୍ଛୁଳି ଥିଲା, ସେ ଆଜି ତରଙ୍ଗର ଆବେଗରେ କୂଳ ଲଙ୍ଘେନି । ଉତ୍ପୀଡ଼ନ, ଶୋଷଣରେ ଜାତିର ଦୁର୍ଦ୍ଦଶା ବଢ଼ିଲା । ତାହାଠାରୁ ଶତଗୁଣ ହେଲା ବନାନୀର ଦୁର୍ଦ୍ଦଶା । ସେହି ଦୁର୍ଦ୍ଦଶା ସାଗ୍ନିକା ଆଜି ତା ଭିତରେ ସୃଜିଛି ଯାତେଶ୍ୱ ଉଠେଇଲା । ଦୁହିଙ୍କର କର୍ମଧାରା ହେଲା ବିଚ୍ଛିନ୍ନ, ବିକ୍ଷିପ୍ତ । ପଥର ବନ୍ଧନ ଆପେ ଆପେ କୋହଳ ହୋଇ ଆସିଲା । ସେହି ବିଚ୍ଛେଦର ବ୍ୟଥାରେ ଛଟି ଛଟି, ବନାନୀର ମନେହେଲା ସେ ଯେମିତି ପାତାଳ ଗହ୍ୱରର କେଉଁ ଏକ ଅନ୍ଧକାରଛନ୍ନ କାରାଗାରରେ ଢୁଙ୍କ ହୋଇଛି । ଆଖି ଆଗରେ ସମସ୍ତ ଦିନ ଗୁଡ଼ିକ ଯେପରି ଅମାବାସ୍ୟାର ମୁହୂର୍ତ୍ତ । ଅନୁଶୋଚନା ଆଉ ଗ୍ଲାନିର ଅଶ୍ରୁରେ ବନାନୀର ସମସ୍ତ ନିମିଷ ସିକ୍ତ ହୋଇଛି । ଦୁଃଖ ଚକ୍ରରେ ସେ ଅନେକଥର ସାଗ୍ନିକାକୁ ନିଜ ଭିତରୁ ବହିଷ୍କାର କରି ଦେଇଛି । କିନ୍ତୁ ଆଜି ସୁଦ୍ଧା ସେହି ଅନ୍ତର୍ଦ୍ୱନ୍ଦର ଅବସାନ ଘଟି ନାହିଁ ।

କିନ୍ତୁ ସାଗ୍ନିକାଠାରୁ କୌଣସି ସଙ୍କେତ ମିଳିନାହିଁ । ସେ ଯେମିତି ଦୁଃଖର ଗରଳ ପିଇ ପିଇ ମାନବ ଗୋଷ୍ଠିକୁ ଅମୃତ

ଜିଇବାର ସାଧନା କରି ଚାଲିଛି । ନିଜର ସତ୍ତା ବାଣ୍ଟିଦେଇ ଆଗକୁ ମୁହଁ କରି ଚାଲିବାରେ ଲାଗିଛି । ଦୁଇ ପାଖର ସୀମା ଛୁଇଁବାକୁ ସେ ହୁଏତ ଭୟ କରୁଛି । ଛୁଇଁବାଟା ଯେପରି ତାର ଧର୍ମ ବିରୁଦ୍ଧ ।

ସାଗରିକା ଜାଣିଚି ଜଣେ ମଣିଷର ଅର୍ଥ ଦେଶ ନୁହେଁ, କିମ୍ବା ଗୋଟାଏ ପରିବାରର ସମ୍ପତ୍ତି ସୁଖ ନୁହେଁ । ସେ ଶିଖି ନାହିଁ ଜଣକୁ ଦେଖି ସମସ୍ତଙ୍କୁ ବୁଝିବାର ପ୍ରଣାଳୀ । ସେଥିଯୋଗୁ ପଥ ଚାରି ଅଲଗା କରି ନେଇଚି ସେ । ସେଇଟା ଅଭିମାନ କିମ୍ବା ଦୁର୍ନୀତି ଭାବି ପାରିଲା ନାହିଁ ବନାନୀ ।

ସାଗରିକା ବହୁତ କଷ୍ଟ ଭୋଗୁଚି । ସବୁଠାରୁ ଦୈହିକ ଯନ୍ତ୍ରଣା ସହୁଚି ବେଶୀ । ପିତାର ଐଶ୍ୱର୍ଯ୍ୟକୁ ଉପେକ୍ଷା କରି ଅନାହାରରେ ଛଟପଟେ ସେ । ଲାଞ୍ଛନା ସହୁଚି । ଅପମାନଡା ମଧ୍ୟ ହେଉନ୍ତୁ । କେଉଁ ଅରଣ୍ୟାନୀ କିମ୍ବା ପର୍ବତ ଗୁହାରେ ନିର୍ଜନ, ଧ୍ୱଂସ ରାତି ଯାପନ କରି ଆସୁଚି । ଭୟ ନାହିଁ, ଭ୍ରାନ୍ତି ନାହିଁ । ମାଡ଼ ଖାଇ ସୁଦ୍ଧା ଦୁଇ ବାହୁରେ ଟେକି ନେଉଚି ଉତ୍ପୀଡ଼ିତ, ବୁଭୁକ୍ଷୁମାନଙ୍କ ଶିଶୁଙ୍କୁ । ଅନ୍ଧାରଗହ୍ୱରର ଲହୁକୁ ପୋଛି ଦେଇ ନବୀନ ସୂର୍ଯ୍ୟକୁ ସ୍ୱାଗତ କରୁଚି । ଜୀବନର ସମସ୍ତ ଅବସ୍ଥାରେ ସାଗରିକା ଅପରାଜିତା ରୂପେ ରହି ଯାଇଚି । ସତେ ଯେମିତି ଅସୀମ ଅନ୍ଧତମସ ଭିତରେ ସାଗରିକା ଏକ ନିଷ୍କମ୍ପ ଦୀପଶିଖା ।

କିନ୍ତୁ ସେ କିଏ ? ଜୀବନଟା ତା ପାଖରେ ଏକ ଅସଫଳ ଇତିବୃତ୍ତ, ସାଗରିକା ଭାଷାରେ ସେ ଗୋଟାଏ କୁକୁର । ପାହାର ପରେ ପାହାର ଖାଇ ସୁଦ୍ଧା ସିଏ ପଦ ଲେହନ କରୁଚି । ଭିତରେ ପ୍ରତିହିଂସାର ନିଆଁ ଜଳି ନାହିଁ । ସେଥିପାଇଁ ସେ ଆଜି ନିମକ ସଚ୍ଚା । କେଉଁ ନାବରେ ଚଢ଼ି ଖରସ୍ରୋତା ଜୀବନ ନଦୀକୁ

ନିର୍ବିଘ୍ନରେ ପାର ହୋଇଯିବ ଠିକ୍ କରି ପାରି ନାହିଁ ବନାନୀ । ଭାବନା ତାର ଅସ୍ଥିର ନ ଥିଲା, ଥିଲା ବ୍ୟାପକ । ଧାରଣା ତାର ହଠାତ୍ ବଦଳି ଯାଇଥିଲା । 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' ଏହି ଚିରନ୍ତନ ବାଣୀକି କେହି ଯେପରି ତା କାନ ପାଖରେ ବାରମ୍ବାର ଘୋଷଣା କରି ଯାଉଥିଲା ।

ଏ ଘଟଣା ପ୍ରାୟ ପାଞ୍ଚବର୍ଷ ତଳର । ଆଜି ଅଭ ତାର ପୁନରାବୃତ୍ତି ଭିତରେ ସାଗରିକାକୁ ଖୋଜି ବାହାର କରିଯାଇ ପାରିବ ନାହିଁ । ପଥର ଆଲୋକ ଆଜି ବହୁ ଦୂରରେ । ଆଖି ଆଗର ପ୍ରଳୟଙ୍କରୀ ଅନ୍ଧାର ଭିତରେ ସାଗରିକା ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ । ନିଜର ଆଲୋକରେ କକ୍ଷସୀମା ତାର ଆଲୋକିତ । ସେହି ଆଲୋକର ବନ୍ୟାରେ କେତେ ଗ୍ରହ, ଉପଗ୍ରହ ଆଜି ଉଦ୍ଭାସିତ । କିନ୍ତୁ ସେ......ସାଗରିକାର ଅଗମ୍ୟ ପଥ ହୋଇ ସେ ଆଜି ଏକା ଏକା ଚାଲିଛି । ଏହି ବିଜନ ଯାତ୍ରା ପଥରେ ଅଭ ବିପ୍ଳବ ଚିତ୍କାର ଶୁଭେନାହିଁ । ସେ ଯେପରି ନିରନ୍ନ କଙ୍କାଳର ଆର୍ତ୍ତଧ୍ୱନି ନ ଶୁଣିବାକୁ ନିଜପାଇଁ ଏକ ଅଭେଦ୍ୟ ଗଡ଼ ରଚନା କରି ନେଇଛି । କିନ୍ତୁ ଏଇଟା ତା ପାଇଁ ସ୍ତୋକବାକ୍ୟ ବୋଲି ବନାନୀର ମନେ ହେଲା । ମଣିଷ ଜୀବନରେ ସଂଗ୍ରାମ ହେଲା ସର୍ବଶ୍ରେଷ୍ଠ ପରୀକ୍ଷା । ହାରଜିତ୍‌ର ମଧ୍ୟ ସ୍ଥଳରେ ଜୀବନର ପ୍ରକୃତ ପରିଚୟ ମିଳିଥାଏ । କିନ୍ତୁ ସେ ବାଟ ଭାଙ୍ଗି ଅନେକ ଦିନୁ ଅନ୍ୟ ରାହା ଧରିଲାଣି । ଘଟଣା ଚକ୍ରରେ ତା ସାଧନାର ଅପମୃତ୍ୟୁ ଘଟିଛି । ଇନ୍ଦ୍ରପଦ ଛାଡ଼ି ସେ ଆଜି ସାଜିଛି ମାଟିର ପତଙ୍ଗ । ସାଗରିକା ତା ନିକଟରେ ଏବେ ସମ୍ପୂର୍ଣ୍ଣ ଦୁଷ୍ପ୍ରାପ୍ୟ ।

କିନ୍ତୁ ଭୁଲି ହେବ ନାହିଁ ? ନିଜ ଭାବନାରେ ନିଜେ ଯେପରି ଏକ ଦଂଶନ ଅନୁଭବ କଲା ବନାନୀ । ଭୁଲି ସେ ହେବନାହିଁ ।

ଆତ୍ମହତ୍ୟାର ମହାପାପ ଭିତରୁ ସେ ଉଦ୍ଧାର କରି ଆଣିଛି ନିଜକୁ । କିନ୍ତୁ ସାଗରିକା ବିଷ ପାତ୍ରରେ ଓଠ ଦେଇ ପିଇ ଚାଲିଛି । ଜୀବନର ଅମୃତ ସେ ଚାହିଁନାହିଁ । ଧ୍ୱଂସାଗ୍ନି ଆଡ଼କୁ ଆଗେଇ ଚାଲିଛି । ସିଏ ମଧ୍ୟ ଦିନେ ପତଙ୍ଗ ପରି ସେ ଅଗ୍ନିର ଶିଖା ଭିତରେ ଝାସ ଦେଇଥିଲା । ସାଗରିକା ପ୍ରଣୟିନୀ ନୁହେଁ, ଏକ ଅଗ୍ନିକଣା । ନିଜର ଜ୍ୱାଳାରେ ନିଜେ ପୋଡ଼ି ଅନ୍ୟକୁ ପୋଡ଼ି ଚାଲିଛି ସେ । ପ୍ରେମର ଶୀତଳତା ଭିତରୁ, ଆଶ୍ଳେଷର କଲ୍ୟାଣ ଭିତରୁ ସେ ଯେମିତି ଅଗଣିତ ନର ନାରୀଙ୍କୁ ଆକର୍ଷଣ କରି ଆଣୁଛି । ପୃଥିବୀରେ ଶାନ୍ତିର ବୀଜ ବୁଣିବାକୁ ଯାଇ ସମସ୍ତ ସରସ ବିଭବକୁ ନିଜର ଜଠରରେ ଶୋଷି ଚାଲିଛି ସାଗରିକା । ମଣିଷର ବୁଭୁକ୍ଷୁ ଆତ୍ମା ଖାଲି ଅନ୍ନ ଚାହେଁନା । ଏହି କଥା ତାକୁ ବୁଝେଇ ଦେବାକୁ ହେବ । ତାର ବାଟ ଓଗାଳି ଜୀବନର ଶ୍ୟାମଳ ସମ୍ପଦ ଆଡ଼େ ଦୃଷ୍ଟି ଫେରେଇବାକୁ ହେବ । ତା ପୌରୁଷର ସମସ୍ତ ଶକ୍ତି ଦେଇ ସେ ସାଗରିକାକୁ ଉଦ୍ଧାର କରି ଆଣିବ ଧ୍ୱଂସର ଅଗ୍ନି ଭିତରୁ । ତାର ଉତ୍ସାବହ ସାଧନାକୁ ନିଷ୍ଫଳ କରି ସେ ତାକୁ ଶିଶୁ ଶକୁନ୍ତଳାର ବାର୍ତ୍ତା ଦେବ । ଭୁଲି ଯିବାକୁ ହେବ ସେ ସାଗରିକାର ଉପେକ୍ଷିତ, ବଞ୍ଚିତ ପ୍ରେମିକ । ତାକୁ ଅଭିମାନ ଛାଡ଼ିବାକୁ ହେବ । ତାକୁ ବୁଝେଇ ଦେବାକୁ ହେବ ନାରୀ ସୃଷ୍ଟି ପାଇଁ । ତାର ସୃଷ୍ଟି ପାଇଁ ପୁଣି ପୁରୁଷର ସହଯୋଗ ଆବଶ୍ୟକ ଆଜି ସେହି ପୁରୁଷ ହେଉଛି ବନାନୀ ।

କିନ୍ତୁ ସାଗରିକା···ସେ ତ ବନାନୀର ସହଯୋଗ କାମନା କରୁ ନାହିଁ । ଶୂନ୍ୟ, ନିରାନନ୍ଦ ଆଖିରେ ଦୂରକୁ ଚାହିଁଲା ବନାନୀ । ଯେତେ ଦୂର ଦୃଷ୍ଟି ଯିବ କେବଳ ଚନ୍ଦ୍ରୋଚ୍ଛ୍ୱାସିତ

ପୁଣ୍ୟଭୂମି ଉତ୍କଳ । ସତେ ଯେମିତି ଶ୍ୟାମଳ ସମ୍ଭାର ଧରି ଶାନ୍ତ ସୁନ୍ଦର ଜନନୀ ଆଜି ବର ଦାୟିନୀ ।

ଏହି ଜନନୀର ସତ୍ତା ଧରି ସାଗ୍ନିକା ଦୁନିଆକୁ ଆସିଥିଲା । କିନ୍ତୁ ସେ ଆଜି ଶାନ୍ତ କାନ୍ତ ବଦଳରେ ରୁଦ୍ର, ଭୀଷଣ କାହିଁକି ? କୌଣସି ଦିନ କଣ ତାର ପରିବର୍ତ୍ତନ ଆସିବ ନାହିଁ ?

ହଠାତ୍ ବନାନୀର ଆଖି ଦୁଇଟିରେ ଲୁହ ପୂରି ଆସିଲା । ତାହାର ସମ୍ମୁଖ ଭାସି ଆସିଲା ସୁଦୂର ଅତୀତ । ସେଦିନର ରକ୍ତ... ସେଦିନର ଅଶ୍ରୁ ।...ପ୍ରଥମ ଦିନ ପୁଲିସର ଲାଠି ମାଡ଼ରେ ସେ ରାସ୍ତା ଉପରେ ପଡ଼ି ଯାଇଥିଲା । କିନ୍ତୁ ରକ୍ତକ୍ଷୟ ଆଉ ପୀଡ଼ା ଯୋଗୁ ତାର ଉଠିବାର କ୍ଷମତା ନ ଥିଲା । କିଶୋରୀ ସାଗ୍ନିକା ଆହତ ଶରୀରକୁ ତାର କୋଳରେ ଟେକି ନେଇଥିଲା । କିନ୍ତୁ ପଟି ବାନ୍ଧି ଦେବା ପାଇଁ ବ୍ୟସ୍ତ ବିବ୍ରତ ବନାନୀର ପକେଟରେ ରୁମାଲ ଖଣ୍ଡିଏ ସୁଦ୍ଧା ନ ଥିଲା । ଆଖିର ପଲକରେ ଶାଢ଼ୀର ଅଞ୍ଚଳ ଚିରି ସାଗ୍ନିକା ନିଜର ପଦ୍ମ କୋମଳ ହାତ ଦୁଇଟିର ସାହାଯ୍ୟରେ ଯେତେବେଳେ କ୍ଷତ ସ୍ଥାନ ବାନ୍ଧି ଦେଇଥିଲା... କେଡ଼େ ସ୍ନିଗ୍ଧ... ଶୀତଳ ସେ ସ୍ପର୍ଶ...କେତେ ମଧୁର ବେଦନାମୟ ସେ ଅନୁଭୂତି...ବନାନୀର ଅଙ୍ଗେ ଅଙ୍ଗେ ରୋମାଞ୍ଚ ଜାଗି ଉଠିଥିଲା । ଭୁଲି ହେଉନାହିଁ ସେ ପ୍ରଥମ ସ୍ପର୍ଶ...ଯେମିତି ପୁଷ୍ପସ୍ତବକର ନର୍ମବିହ୍ୱଳ ସ୍ପର୍ଶ......

ସେଦିନର ମଧୁର ଆନନ୍ଦ, ବେଦନାର ଅଶ୍ରୁ ଯେପରି ଆଜି ବନାନୀର ହୃଦୟ ଭରି ଦେଲା । ଆଜି ତାହାର ଭିତରେ ସେ ଅନୁଭବ କଲା ଏକ ନୂତନ ସ୍ପର୍ଶ...କିନ୍ତୁ ସାଗ୍ନିକା କାହିଁ...?

ଏଇଟି...

ବନାନୀକୁ ଅବାକ୍ କରି ତାର ଆଖି ଆଗରେ ଠିଆ ହୋଇଗଲା

ସାଗରିକା । ବନାନୀ ବକ୍ ବକ କରି ତା ମୁହଁକୁ ଅନାଇ ରହିଲା । କଣ କହିଲ ସାଗରିକା···? ସେ କଣ ତାକୁ କହୁ ପଚାରୁଥିଲା···

ବନାନୀର ପାଖକୁ ଲାଗି ଆସି ଅନୁଚ୍ଚ ସ୍ୱରରେ ସାଗରିକା କହିଲା—

ସତେ ତମେ ମତେ ଖୋଜୁଥିଲ···

କହିସାରି ବନାନୀକି ଚାହିଁଲା ସାଗରିକା । କିନ୍ତୁ ବନାନୀର ଓଠରେ ଭାଷା ଫୁଟି ନାହିଁ । ଭାଷା ଯେମିତି ତାର ସରି ଯାଇଛି ଆଜି ସତେଇ ଦେଇଛି ବହୁ ଦିନ ପରେ ସାଗରିକାର ଏଇ କଥା ପଦକ । ସତେ କଣ ସାଗରିକା ଭିତରର ପାଷାଣୀ ଆଜି ଜାଗି ଉଠିଛି···

ସାଗରିକା···

ବନାନୀର ହାତ ଧରି ସାଗରିକା କହିଲା—

ଘରକୁ ଆସ···

କହିବା ସାଙ୍ଗେ ସାଙ୍ଗେ ଘର ଭିତରକୁ ଚାଲି ଆସିଲା ସାଗରିକା । ତାର ପଛେ ପଛେ ବନାନୀ ମଧ୍ୟ ଆସି ଘରେ ପହଞ୍ଚିଲା । କିନ୍ତୁ ଘରଟା ଭିତର ଅନ୍ଧାର । ଖୋଲା ଝରକା ଦେଇ ଚନ୍ଦ୍ର କିରଣର ଗୋଟାଏ ଫାଳକ ଆସି ପଡ଼ିଛି ସଫେଦ କାନ୍ଥ ଉପରେ । ବାହାରେ ମଧ୍ୟ ଜ୍ୟୋସ୍ନାର ଶାନ୍ତ ସ୍ନିଗ୍ଧ ।

ବନାନୀର ଇଚ୍ଛା ହେଉଥିଲା, ସାଗରିକାର ହାତ ଧରି ଅଳି କରି ସେ କହନ୍ତା, ଆଲୁଅ ଜଳାନା । ଖୋଲା ଝରକା ନିକଟରେ ବସି ବସି ଜ୍ୟୋସ୍ନାର ଏଇ ଶୁଭ୍ର ଲୀଳା ଦେଖିବା । କିନ୍ତୁ ପାଟି ଫିଟେଇ କିଛି କହିବା ଆଗରୁ ସାଗରିକା ଆଲୁଅ ଜାଳି ଦେଲା । ବନାନୀର ଏତେ ବେଳକେ ଆଖି ପଡ଼ିଲା ଘରଟା ଉପରେ ।

ଏଇଟା ଦଳର କାର୍ଯ୍ୟାଳୟ ନୁହେଁ । ହୁଏତ ସାଗ୍ନିକାର ଶୋଇବା ଘର । କିନ୍ତୁ ଏଥି ଭିତରେ ଯେମିତି ବଦଳେଇ ଦିଆ ଯାଇଚି ।

ଡୋମହଲର ଶେଷମୁଣ୍ଡର କୋଠରୀ ଏ । ଅକାର ପ୍ରକାରରେ ଫ୍ଲେଟ କିମ୍ବା ବଡ଼ ନୁହେଁ । ଗୋଟିଏ ପାଖରେ ଜଣିକିଆ ଖଣ୍ଡିଏ ଖଟ । ବିଛଣା ପତ୍ର ସଜା ସଜ୍ଜାରେ ଭମୂପଭ ପରିବାରର ବିଳାସ ଆଡ଼ମ୍ବର ନାହିଁ । ମୁଣ୍ଡ ପାଖର ଟେବୁଲ ଉପରେ କାଗଜ ପତ୍ର ଜମା ହୋଇ ରହିଚି । ଯେମିତି ସାଗ୍ନିକା ଜୀବନରେ ସେ ଗୁଡ଼ିକର ବିଶେଷ ସ୍ଥାନ ରହିଚି ।

ଆଜି କିଛି ନ ଭାବି ବିଛଣା ଉପରେ ଗଡ଼ି ପଡ଼ିଲା ବନାନୀ । ଏତେ ସମୟ ପରେ ତା ପାଟିରେ କଥା ଅସିଲା ।

ଖଟଟା ଏତେ ଅଣଓସାରୀ କାହିଁକି ସାଗ୍ନିକା...

କଥାଟା କହି ସାରି ହସି ପକେଇଲା ବନାନୀ । କିନ୍ତୁ ପରକ୍ଷଣରେ ତାର ଭୟ ହେଲା ଯେ ସାଗ୍ନିକା ବିରକ୍ତ ହୋଇପାରେ । କିନ୍ତୁ ତାର ଚିନ୍ତାକୁ ପାଣି ପକେଇ ମୃଦୁ ହସି ସାଗ୍ନିକା କହିଲା—

ଏକକ...

କହି ଦେଇ ବାହାରକୁ ଚାହିଁଲା ସାଗ୍ନିକା । କିନ୍ତୁ ଓଠରୁ ତାର ସେ ପର୍ଯ୍ୟନ୍ତ ହସ ଲିଭି ନାହିଁ । ସେହି ହସ ଭିତରେ ବନାନୀ ଯେମିତି ନିଜକୁ ଧୀରେ ଧୀରେ ହଜେଇ ବସୁଚି । ତାର ମନେ ହେଲା ସାଗ୍ନିକାର ରୂପ ଆଜି ବଦଳି ଯାଇଚି । ସତେ ଯେପରି ଗୋଟିଏ ପ୍ରେମ କବିତାର ସୁନ୍ଦର ପଦାବଳୀ ପରି ସାଗ୍ନିକା ଏଇକ୍ଷଣି ମନଲୋଭା । କପାଳରେ ଝଲ୍‌ଝଲ ହେଉଚି ଶ୍ରମବିନ୍ଦୁ । ନିତମ୍ବର ବିପୁଳ ପରିଧି ଅତିକ୍ରମ କରି ଶାଢ଼ୀର ଅଞ୍ଚଳ

ଦୋଳି ଖେଳି ଯାଉଛି । ଶାନ୍ତ ନିଶୀଥର ମୃଦୁ ମନ୍ଦ ପବନରେ ସତେ ଯେମିତି ସାଗରିକାର କୈଶୋର ଫେରି ଆସୁଛି ।

ହଠାତ୍ ଆଲୁଅଟା ଲିଭେଇ ଦେଲା ସାଗରିକା । ଉତ୍ତାପ ବଡ଼ ଅସହ୍ୟ । କ୍ଳାନ୍ତ, ଶ୍ରାନ୍ତ ଦେହ, ମନ ଆଉ ଯେମିତି ଗୃହଁର ବିଶ୍ରମ୍ଭ ଆଳାପ ଆଉ ସହିବ କ୍ଷମତା ।

ବାହାରକୁ ବାହାରି ଆସି ସାଗରିକା ଭାବିଲା—

ଆଃ, ଏଇଟି ବନ୍ଦନା । ବେଶ୍ ଲାଗୁଛି...

କହିବା ସାଙ୍ଗେ ସାଙ୍ଗେ ପଶ୍ଚିମ ପଟର ଘାସପେଟ ଉପରେ ଆସି ବସିପଡ଼ିଲା ସାଗରିକା । ତାକୁ ଅଳ୍ପ ଛାଡ଼ି ଦେଇ ପାଖରେ ଠିଆ ହେଲା ବନାନୀ । ଯେମିତି ଗୋଟିଏ ସବଳ ଡାଳିଆ । ସେହି ପରି ତାର ଭଙ୍ଗୀ ।

ଆକାଶରେ ପୂର୍ବପର ଜ୍ୟୋତ୍ସ୍ନାର ଅଭିସାର ଚାଲିଛି । ଦେହରେ ଲାଗି ଆସୁଛି ଶିଶିର କଣାର ଶୀତଳ ସ୍ପର୍ଶ । ଗୋଟିଏ ପାଖକୁ ଆଉଜି ଯାଇ ସାଗରିକା ଅନୁଭବ କଲା ଏକ ଅନିର୍ବଚନୀୟ ଶାନ୍ତି ଆଉ ପରିପୂର୍ଣ୍ଣତା । ଅନ୍ତରର କୋଣ ଅନୁକୋଣ ଯେମିତି ପୂରି ଉଠୁଛି । କ୍ଷଣିକ ପାଇଁ ସାଗରିକାର ମନେ ହେଲା ମଣିଷର ଇତିହାସରେ କେତେ ସଂଗ୍ରାମ ବ୍ୟର୍ଥ ହୋଇଛି । କେତେ ବ୍ୟକ୍ତିସ୍ୱାତନ୍ତ୍ର୍ୟ ହଜି ଯାଇଛି । କେତେକ ବିପ୍ଳବର ଜୟ ବାଣୀ ବିଲୟ ଭଜିଛି । କିନ୍ତୁ ଜ୍ୟୋତ୍ସ୍ନା ପୁଲକିତା ଏହି ଶୁକ୍ଳା ରଜନୀର ଶେଷ ନାହିଁ । ସତ୍ୟ, ସୁନ୍ଦର, ମଧୁମୟ...

ଅବସାଦ ଆଉ ଆବେଗରେ ସାଗରିକା ନେତ୍ର ଅଧେ ଗୃହୁଁ ରହିଲା । ସେହି ଅଧେ ଅଚେଇ ରହି ନିଜର ମନ ଭିତରେ ସମ୍ବୋଧନ କରି ବନାନୀ କହିଲା—

ହେ ଚନ୍ଦ୍ର, ହେ ଦେବତା, ମଣିଷର ଲକ୍ଷ୍ୟ କଣ କେବଳ ଅନ୍ଧ ? ମଣିଷର ଜୀବନ କଣ ଖାଲି ତ୍ୟାଗ, ନିଷ୍ଠା, କାଠିଣ୍ୟ...? ଧ୍ୱଂସର ଅନଳ ଭିତରୁ ମଣିଷକୁ ରକ୍ଷାକର, ସାଗରିକାକୁ ଫେରେଇ ଅଣ ସର୍ବନାଶର ପଥରୁ । ହେ ପ୍ରୀତିର ଦେବତା, ନିଜପର ତାକୁ ଶୀତଳ କର, ଲଳିତ କର...

ଅକୁଳ ତୃଷାର ଇଙ୍ଗିତରେ ବନାନୀର ଓଠ ଦୁଇଟି ଥରଥର କରି ଉଠିଲା । ସେ ପର୍ଯ୍ୟନ୍ତ ଦୁହିଙ୍କ ଭିତରେ ଭାଷାର ଆଦାନ ପ୍ରଦାନ ହୋଇ ନାହିଁ । କେବଳ ନୀରବ ଗୁହାଣୀ । ଯେତେ ଦୂର ଦୃଷ୍ଟି ଯିବ ପ୍ରଶାନ୍ତ, ସୁନୀଳ ଆକାଶ, ଦିଗନ୍ତ ପ୍ରସାରି ଶ୍ୟାମ ଝାଉଁବନ ଜ୍ୟୋତ୍ସ୍ନାର ପ୍ଲାବନରେ ଉଦ୍‌ଭାସିତ । କେଉଁ ନାମହୀନ ବଣ୍ୟ କଳିକାର ଗନ୍ଧ ପବନରେ ମିଶି ଆସୁଚି । ଅଦୂରରୁ ଭାସି ଆସୁଚି ସମୁଦ୍ରର ଗର୍ଜନ । ବେଳାଭୂମିର ଅଶାନ୍ତ ନିର୍ଜନତା ଭିତରୁ ଶୁଭୁଚି ଚକ୍ରବାକୀର ବିଳାପ...

କଣ ଯେପରି ପ୍ରଶ୍ନ କରିବାକୁ ଯାଇ ସାଗରିକାର ମୁହଁକୁ ଅନେଇ ଚମକି ଉଠିଲା ବନାନୀ । ଯେମିତି ସେଦିନର ସେହି କଅଁଳ କିଶୋରୀ ସହିତ ତାର ଦୃଷ୍ଟି ବିନିମୟ ହେଲା । ସତେ ସାଗରିକା କେତେ ସୁନ୍ଦର......

ଆଜି ସେଠି ବପୁସର ରୁକ୍ଷତା ନାହିଁ । ଆକର୍ଣ୍ଣବିସ୍ତାରିତ ଆଖି ଦୁଇଟିରେ ଯେପରି ଅନନ୍ତ ଆକାଶର ନୀଳାଭ ଭାଷା ଥର୍ ଥର୍ କରି ଉଠୁଚି । ଓଠ ଦୁଇଟିରେ ଜମି ଆସୁଚି ସମଗ୍ର ଯୌବନର ଅକୁଳ ପିପାସା ।

ସାଗରିକା ହୁଏତ କ'ଣ କହିବାକୁ ଯାଉଥିଲା । କିନ୍ତୁ ତାହାର ଦୀର୍ଘଛାୟା ଆସି ତା ଉପରେ ପଡ଼ିଲା । ଅନେକ ସମୟରେ ଦାଳିର ଲୋକ ଗୁପ୍ତକାର୍ଯ୍ୟ, ବିଳାପ ପାଇଁ ଲୁଚି ଲୁଚି ଆସନ୍ତି ।

ସେଥିଯୋଗୁ ଘରର ଆଗ ଆଉ ପଛ ପଟର ପ୍ରବେଶ ଦ୍ୱାର ଗୁଡ଼ିକ ସବୁ ସମୟରେ ଖୋଲାଥାଏ । ମଣିଷର ଛାୟା ଦେଖି ସଚେତନ ହୋଇ ଉଠିଲା ସାଗ୍ନିକା । ଏତେକ୍ଷଣ ଧରି ସେ ଯେମିତି ନିଜ ଭିତରେ ହଜି ଯାଇଥିଲା । କିନ୍ତୁ ପରମୁହୂର୍ତ୍ତରେ ତାର ମନେ ହେଲା, ତପସ୍ୟାର ପଥରେ ଏ ଭାବନା ଘୋର ଅନ୍ତରାୟ, କଳଙ୍କ ମଧ୍ୟ । ଆଜିର ସାଧନା ଭିତରେ ଏସବୁ କେବଳ ବୁର୍ଜୋୟା ଭାବ ପ୍ରବଣତା ବ୍ୟତୀତ ଆଉ ଯେମିତି କିଛି ନୁହେଁ । ନିଜକୁ କଠୋର ଭାବରେ ସଜାଡ଼ି ନେଇ, ସେ ଶୁଣିବାକୁ ପାଇଲା, କିଏ ଯେପରି ତାର ଶୋଇବା ଘରର ଦୁଆର ମୁହଁରୁ ମୃଦୁ ସ୍ୱରରେ ଡାକୁଛି ।

ବନାନୀ ଚହଙ୍କି ଉଠି କହିଲା—

କିଏ ଡାକୁଛି ସାଗ୍ନିକା……

ପୁଣି ସେହି ସ୍ୱର ଶୁଭିଲା—

ଦେବୀ ଅଛନ୍ତି…

ଜବାବ ଦେଇ ସାଗ୍ନିକା କହିଲା—

କିଏ ଗିରିଜା… ? ଏଇ ଆଡ଼େ ଆସ ଭାଇ…

ସାଗ୍ନିକାର ଡାକରେ ଗିରିଜା ଆସି ପାଖରେ ଠିଆ ହେଲା । କିନ୍ତୁ ବନାନୀକୁ ଦେଖି କିଛି କହିଲା ନାହିଁ । ସାଗ୍ନିକା ପଚାରିଲା—

ଅବନୀ ଫେରିଛି ଗିରିଜା !

ଧୀର ସ୍ୱରରେ ଗିରିଜା କହିଲା—

ହଁ ଫେରିଛି । କିନ୍ତୁ……

ଗିରିଜାର ଅଟକି ଯିବା ଦେଖି, ବୁଝିପାରି ସାଗ୍ନିକା କହିଲା—

ଉତ୍ତର ଦେଲା ନାହିଁ ଗିରିଜା ! ଉପର ବନାନୀ ଭାଇ ଆସିଚନ୍ତି ।

ସାଗରିକାର କଥା ଶୁଣି ଗିରିଜାର କୌଣସି ପରିବର୍ତ୍ତନ ହେଲା ନାହିଁ । ବନାନୀଙ୍କି ସମ୍ମାନ ପ୍ରଦର୍ଶନ ପାଇଁ ମଧ୍ୟ କୌଣସି ଉଦ୍ୟୋଗ ତା' ଠାରେ ଦେଖାଗଲା ନାହିଁ । ଏଥିରେ ବିରକ୍ତ ହୋଇ ସାଗରିକା କହିଲା—

ବନାନୀ ରଞ୍ଜନ ରାଜଗୁରୁଙ୍କୁ ତମେ ଜାଣ ଚିହ୍ନିନ ଗିରିଜା ! ସୀମା ଆନ୍ଦୋଳନ ବେଳେ କଲେଜରେ ତମର କେଉଁ ବର୍ଷ ଥିଲା ?

ସେକେଣ୍ଡ ଇୟର...କହି ବ୍ୟସ୍ତ ଭାବରେ ବନାନୀଙ୍କି ନମସ୍କାର କରିବାର ଅନ୍ତରର ନମ୍ରତା ପ୍ରକାଶ କଲା ଗିରିଜା ! ନିଜର ଅଜ୍ଞତା ପାଇଁ କ୍ଷମାଭିକ୍ଷା କରି କହିଲା—

ଏକ ସମୟରେ ବନାନୀ ଭାଇ ଆମର ଅଗ୍ରଣୀ ଥିଲେ । କିନ୍ତୁ ସେଓ ଆଜି ନିଜ ପାଇଁ ଭିନ୍ନ ବାଟ ବାଛି ନେଇଚନ୍ତି ।

ଧୀର ସ୍ୱରରେ ବନାନୀ କହିଲା—

ଅନ୍ୟ ଉପାୟ ନଥିଲା ଗିରିଜା ! କର୍ତ୍ତବ୍ୟର ପ୍ରଧାନ ଜ୍ଞାନଦାତ୍ରୀ ଜନନୀ......

ବାଳକର ଚପଳତା ଧରି ବନାନୀ ସହିତ ଯୁକ୍ତି କରିବାକୁ ଯାଉଥିଲା ଗିରିଜା ! କିନ୍ତୁ ସାଗରିକା ପଚାରିଲା—

ଅବନୀ କିଛି ସଂଗ୍ରହ କରି ପାରିଚି ?

ହଁ ...ଆପଣ ଗଲେ ଅନ୍ୟାନ୍ୟ ବ୍ୟବସ୍ଥା ହେବ ।

ହଁ ଚାଲ, କହି ଗୋଡ଼ରେ ଚଟି ଗଳେଇ ଆଗ ଆଗ ସିଡ଼ି ପାହାଚରେ ଓହ୍ଲେଇ ଗଲା ସାଗରିକା ।

ସାଗରିକାର ଗତ ପଥକୁ ଅନେଇ ରହି ଅଶ୍ରୁ ଭାରରେ ଭାଙ୍ଗି ପଡ଼ିଲା ବନାନୀ । ସାଗରିକା ଜୀବନରେ ଅପେକ୍ଷା ନାହିଁ ।

ଉପେକ୍ଷାର ରୁକ୍ଷତାକୁ ତା ନିକଟରେ ପ୍ରାଧାନ୍ୟ ବିସ୍ତାର କରି ସାରିଛି । ଯେତେବେଳେ ପ୍ରଣୟୀବଲ୍ଲଭର ମୁଗ୍ଧ ପଦାବଳୀରେ ପ୍ରାଣ ପୂରି ଉଠୁଥାଆନ୍ତା, ସେତେବେଳେ ଅଶ୍ରାବ୍ୟ ଗାଳିଗୁଲଜର ତର୍ଜାରେ ସାଗରିକାର ପ୍ରତ୍ୟେକ ମୁହୂର୍ତ୍ତ ଭରି ଉଠିଛି ।

ସାଗରିକା ସ୍ପଷ୍ଟ ରୂପେ ଜାଣିଛି ବନାନୀ ତାର ଏକାନ୍ତ ଅନୁଗତ । ତଥାପି ଏ ଦୂରତ୍ୱ କାହିଁକି ? ଅନେକ ଦିନପରେ ସମସ୍ତ କୋଳାହଳ ଠାରୁ ଦୂରରେ ସାଗରିକାକୁ ପାଇଥିଲା ସେ । ହୁଏତ ଏତେ ସହଜରେ ଆଉ କେବେ ତାକୁ ପାଇ ହେବ ନାହିଁ । ଖୁବ୍ ପାଖର ମଣିଷ ସାଗରିକା । କିନ୍ତୁ ଦୂରରେ ରହିବାର ଚେଷ୍ଟା ତାର ଅବିଶ୍ରାନ୍ତ । ଦୂରତ୍ୱଟା ଯେମିତି ତାର ଆତ୍ମ ରକ୍ଷାର ପ୍ରଧାନ ଅସ୍ତ୍ର । କେବେହେଁ ପ୍ରିୟ ସାନିଧ୍ୟ ଲୋଭର ଲାଳସା ସାଗରିକା ଭିତରେ ଦେଖା ଦେଇ ନାହିଁ । ବନାନୀର ସାହଚର୍ଯ୍ୟ ପାଇଁ ତାର ଯେପରି କୌଣସି ଆସକ୍ତି ନାହିଁ । କିନ୍ତୁ କଣ ଅପରାଧ……

ଗୁରୁ ଅଭିଯୋଗରେ ବନାନୀର ମୁହଁ ଥମ ଥମ କରି ଉଠିଲା ।

ସଂଘ
ନଂ.........
ତା.........
ରାଉରକେଲା

ବନାନୀ ଆଉ ବାହାରେ ରହି ପାରିଲା ନାହିଁ । ଦୁଶ୍ଚିନ୍ତା ଆଉ ଅଶ୍ରୁର ଅତ୍ୟାଚାରରେ ହଠାତ୍ ଯେମିତି ତାର ବଳିଷ୍ଠ ଗୋଡ଼ ଦୁଇଟାର ସମସ୍ତ ଶକ୍ତି ଏକାଥରେ ନଷ୍ଟ ହୋଇଗଲା । ଠିଆ ହୋଇଥିବା ଜାଗାରୁ ଧୀରେ ଧୀରେ ଚାଲି ଆସି, ବିଛଣାରେ କଚ୍ଛିଡ଼ି ହୋଇ ପଡ଼ିଲା ବନାନୀ । ଚିନ୍ତାର ଜଡପୀଡ଼ନ ଭିତରୁ ରକ୍ଷା ପାଇବାକୁ ଆଖି ବୁଜି ଶୋଇବାକୁ ଚେଷ୍ଟା କଲା । କିନ୍ତୁ ପରକ୍ଷଣରେ ମିଟି ମିଟି କରି ଖୋଲା ଝରକା ବାଟେ ବାହାରକୁ ଅନେଇ ରହିଲା ସେ ।

ସୁଦୂର କେଦାରରେ ଏ ପର୍ଯ୍ୟନ୍ତ ଜ୍ୟୋତ୍ସ୍ନାର ଶୋଭାଯାତ୍ରା ଚାଲିଛି । ଗଛପତ୍ରର ଧାରେ ଧାରେ ଚନ୍ଦ୍ର କିରଣର ଫଲନ । ଅଦୂରରୁ ସେହିପରି ସମୁଦ୍ରର ଗର୍ଜନ ସହିତ ଚକବାକୀର କ୍ରନ୍ଦନ ଧ୍ୱନି ଭାସି ଆସୁଛି । ସତେ କଣ ଚକବାକୀର ଏ ବିଳାପ ଯୁଗ ଯୁଗ ପାଇଁ...

ବନାନୀର ମନ ଭିତରେ ଫେରି ଯିବାର ଆକାଂକ୍ଷା ଜାଗି ଉଠିଲା । ଜୀବନ ନୌକା ତାର ଯେମିତି ପ୍ରତିକୂଳ ବାୟୁରେ

ଭୁଷି ଗୁଲଣି । କର୍ମର ବନ୍ଧନ ଭିତରୁ କିଛି ଦିନ ପାଇଁ ମୁକ୍ତି ପାଇ ସାଗ୍ନିକାର ସାନିଧ୍ୟ ଉପଭୋଗ ପାଇଁ ସେ ଧାଇଁ ଆସିଥିଲା । କିନ୍ତୁ ସେ ଆଶା ତାର ଅତି ନିର୍ମମ ଭାବରେ ବ୍ୟର୍ଥ ହୋଇ ଯାଇଛି । ଅନ୍ୟକୁ ନିଜର ସାନିଧ୍ୟ ଦାନରେ ସୁଖୀ କରିବାକୁ ତାର ଯେମିତି ସମୟ ନାହିଁ ।

ଏହି ଅନବସରର ଜୀବନରେ ସାଗ୍ନିକା ଓଡ଼ିଶାର ନାରୀ ମହଲର ଗୌରବ ହୋଇ ଉଠିଛି । ପ୍ରଥମ ଦେଖା ଦିନ ଯେଉଁ କିଶୋରୀ ସହିତ ତାର ପରିଚୟ ହୋଇଥିଲା, ଇଏ ସେ ସାଗ୍ନିକା ନୁହେଁ । ପ୍ରଥମେ ବନାନୀ ତାକୁ କଅଁଳ କୈଶୋର ଭିତରେ ଦେଖିଥିଲା । ସେତେବେଳେ ସେ ଥିଲା ଚଳଚଞ୍ଚଳା କଲ୍ଲୋଳିନୀ । ଆଖିରେ ତାର ଥିଲା ଚପଳ ତାରୁଣ୍ୟର ଇଂଗିତ । ଅଭିଜ୍ଞତା ନ ଥିଲା । ଥିଲା ତରଙ୍ଗିଣୀର ଉଦ୍ଦାମ ପ୍ରାଣ ପ୍ରବାହ । ପ୍ରଖର ବୁଦ୍ଧି ସମ୍ପନ୍ନ ନ ହେଲେ ମଧ୍ୟ କଠୋର କ୍ଳାନ୍ତ ଅଧ୍ୟବସାୟରେ ତ୍ରୁଟି ନ ଥିଲା ।

ଅନେକ ଦିନ ତଳେ ସାଗ୍ନିକା ଯେମିତି ଏକ ଖଣିଜ ବସ୍ତୁ ଥିଲା । ସେହି ଧାତୁକୁ ତରଳେଇ ମୂଷିରେ ଢାଳି ବନାନୀ ତିଆରି କରିଥିଲା ଅସ୍ତ୍ର । ଯାହାକୁ ସେ ପ୍ରୟୋଗ କରି ଜୀବନ ସଂଗ୍ରାମରେ ହୋଇ ଉଠିଥାଆନ୍ତା ସର୍ବଜୟୀ, ସବ୍ୟସାଚୀ ।

କିନ୍ତୁ ଘଟଣାକ୍ରମେ ସେ ଅସ୍ତ୍ର ଭିତରେ ତେଜ ବୀର୍ଯ୍ୟ ଭରି ଉଠିଲା । ସତେ ଯେମିତି ନିଷ୍ପ୍ରାଣ ଲୌହ ଫଳକ ଭିତରେ ଭରି ଉଠିଲା ସତ୍ୟ, ଚେତନ୍ୟର ଭାଷା । ଅସୀମ ଉତ୍ତେଜନା, ପ୍ରବଳ ଆବେଗରେ ଜାଗି ଉଠିଲା ସାଗ୍ନିକା । ଅପାର ଶକ୍ତି ବଳରେ, ଅସାମାନ୍ୟ ପ୍ରତିଭା ବଳରେ ବନାନୀକୁ ଅତିକ୍ରମ କରି ଉଠିଲା ସେ । ତା ବ୍ୟକ୍ତିତ୍ୱର ବିକାଶରେ, ତା ତେଜର ପ୍ରକାଶରେ

ନିସ୍ତବ୍ଧ ହୋଇ ଅସିଲା ବନାନୀ । ଛାତିର ବନ୍ଧନ ଶିଥିଳ ହୋଇ ପଡ଼ିଲା ।

କିନ୍ତୁ ବନାନୀ ଭୁଲି ପାରିଲା ନାହିଁ ପ୍ରଥମ ପରିଚୟର ପିପାସିତା, ବିଧୁରା ସାଗରିକାକୁ । ସଂଗ୍ରାମ ପାଇଁ ବନାନୀର ହାତରେ ଅସ୍ତ୍ର ତୋଳି ଦେଉ ଦେଉ ହାତ କଂପି ଉଠୁଥିଲା । ସେହି କଂପନରେ ବାରମ୍ବାର ଅସ୍ଥିର ହୋଇ ଉଠୁଥିଲା ସାଗରିକା । ବେଦନା ଜର୍ଜରିତ ଆଖି ଦୁଇଟି ତାର ଛଳଛଳ କରି ଉଠୁଥିଲା । ଥରେ ନୁହେଁ, ବହୁଥର ଲକ୍ଷ୍ୟ କରିଛି ବନାନୀ । ନିରାଶ୍ରୟ ବୃକ୍ଷର ଅଙ୍ଗୁଳି ଇଙ୍ଗିତରେ ସାଗରିକାର ପିପାସିତ ଓଠ ଦୁଇଟି ଥରି ଉଠୁଥିଲା । ହୁଏତ ସେଦିନ ମନରେ ତାର ପ୍ରଶ୍ନ ଉଠିଥିଲା, ଏ ବୃକ୍ଷର କଣ ଆଶ୍ରୟ ନାହିଁ ? ଏ ପିପାସାର କଣ ସାନ୍ତ୍ୱନା ନାହିଁ ?

ବହୁଦିନ ତଳର ଘଟଣା । ଦେଶ ପାଇଁ ଜାତି ପାଇଁ ସାଗରିକାକୁ ଯୁଦ୍ଧ ସାଜରେ ସାଜି ଦେଇଥିଲା ବନାନୀ । କିନ୍ତୁ ସାଗରିକା ସେଦିନ କଣ ପାଇଁ ଆକୁଳ ହୋଇ ଉଠିଥିଲା । ପୁରୁଷର ସ୍ପର୍ଶ ନା ଆଜିକାର ଅପସୃତ ଶକ୍ତି ପାଇଁ ? ନା ନିଜର ଏକ ନୂତନ ସଂସ୍କାର ପାଇଁ କାନ୍ଦିଥିଲା ସାଗରିକା ? ତାର ନାରୀତ୍ୱ କଣ ସେଦିନ ଚାହୁଁଥିଲା ନିଜକୁ ଟିକି ଟିକି କରି ବନାନୀର ରକ୍ତ କଣିକା ଭିତରେ ମିଶେଇ ଦେବାକୁ ?

ହୁଏତ ସେଦିନ ଏ ପ୍ରଶ୍ନର ଉତ୍ତର ଖୋଜିଥିଲେ ପାଇଥାନ୍ତା ବନାନୀ । କିନ୍ତୁ ଆଜି ଆଉ ସେ ସତ୍ୟକୁ ଖୋଜି ବସିଲେ ମିଳିବାର ସମ୍ଭାବନା ନାହିଁ । ଏକ ସମୟରେ ବନାନୀର ଦୁଇ ହାତ ମୁଠେଇ ଧରି ଅଶ୍ରୁମୁଖୀ ସାଗରିକା ପଚାରିଲା—

କେବେ ଏ ସବୁର ଶେଷ ହେବ ? ସର୍ବଗ୍ରାସୀ କ୍ଷୁଧା, ମରଣର ଉତ୍ପୀଡ଼ନ ଭିତରୁ କେବେ ଏ ଜାତି ଉଦ୍ଧାର ପାଇବ ?

ଶାନ୍ତ ସ୍ୱରରେ ବନାନୀ ଉତ୍ତର ଦେଲା—

ନିଶ୍ଚୟ ଦିନେ ଉଦ୍ଧାର ପାଇବ ।

ତା ପରେ...

ସାଗ୍‌ନିକାର ସ୍ୱରରେ କାରୁଣ୍ୟର ନିର୍ଯ୍ୟାସ । ଅଶ୍ରୁର ଆବେଗରେ ବନାନୀର ପାଦତଳେ କରୁଡ଼ି ହୋଇ ପଡ଼ିଲା ସେ ! ବନାନୀର ପାଦ ଦୁଇଟି ଯାବୁଡ଼ି ଧରି କେବଳ ନୀରବରେ କାନ୍ଦିବାକୁ ଲାଗିଲା । ତୁଣ୍ଡରେ ଆଉ ତାର କଥା ଆସିଲା ନାହିଁ । କଣ୍ଠରୁ ତାର ଖାଲି ଗୋଟାଏ କଇଁ କଇଁ ସ୍ୱର ନିର୍ଗତ ହେବାକୁ ଲାଗିଲା ।

ଏ ଘଟଣାରେ ବିମୂଢ଼ ହୋଇ ଅନେଇ ରହିଲା ବନାନୀ । ପାଦତଳେ ଅସଂବୃତା ସାଗ୍‌ନିକା ପଡ଼ି ରହିଛି । ଆଖିରୁ ଲୁହ ଝରି ଚଟାଣ ଭିଜି ଗଲାଣି । ଏ କରୁଣତାର ଏକ ଚରମ ଅବସ୍ଥା । ଏଠି ପ୍ରଗତିର ବିପ୍ଳବବାଦ କେବଳ ପୈଶାଚିକ ମନୋବୃତ୍ତି । ଆଉ କିଛି ଭାବି ନ ପାରି ବ୍ୟସ୍ତ ଭାବରେ ସାଗ୍‌ନିକାକୁ ଟେକି ଉଠାଇ ଧରି ବନାନୀ କହିଲା—

ତାପରେ...

ହଠାତ୍ ଅଟକି ଗଲା ବନାନୀ । ନିଜ ଭିତରେ ସେ ଅନୁଭବ କଲା ଭାଷା ବିନିମୟର ଅକ୍ଷମତା । ଟିକିଏ ରହି ସେ ପୁଣି କହି ଯିବାରେ ଲାଗିଲା—

ତାପରେ କେଉଁ ଅଖ୍ୟାତ ପଲ୍ଲୀରେ, ଗୃହସ୍ଥଳୀର ନିରାଡ଼ମ୍ବର ପରିବେଶ ଭିତରେ ତମେ ହେବ ବଧୂ...ମାତା...ପ୍ରବାସୀ ବିଧୂର ସ୍ୱାମୀ ପାଇଁ, ଶିଶୁର ଅଳିଅଳ, ଅଳାଗର ସନ୍ତାନ ପାଇଁ

ସଞ୍ଜବତୀ ଜାଳି, ବରଦାର ପାଦତଳେ ପଣତ ଚଢ଼େଇ ଅଶୀଷ ଭିକ୍ଷା କରିବ, ଅଶ୍ରୁ ଢାଳିବ ଆଜ ସେହି ଅଶ୍ରୁ, ସେହି ବଗଭସ୍ମ ହେବ ମୋର ସବୁଠାରୁ ସୁନ୍ଦର ବିଭବ ।

କଥାର ଶେଷ ଅଢ଼କୁ ବନାନୀର ସ୍ୱର ଅସ୍ପଷ୍ଟ ହୋଇ ଆସିଲା । କି ଏକ ଅବର୍ଣ୍ଣନୀୟ ପୁଲକରେ ସାତ୍‌ନିକାର ସର୍ବାଙ୍ଗ ରୋମାଞ୍ଚିତ ହୋଇ ଉଠିଲା । ବନାନୀର ବଳିଷ୍ଠ ହାତ ଦୁଇଟିରେ ଆବଦ୍ଧ ହୋଇ ସେ ଅନେଇ ରହିଲା ତାର ମୁହଁକୁ । ଆଖିରେ ତାର ସାରଲ୍ୟର ଭାଷା । ସତେ ଯେମିତି ଗୋଟିଏ ବର୍ଣ୍ଣ ହରିଣୀ ।

ଭାବି ଭାବି ସୁଦୂର ଅତୀତ ଭିତରେ ସଂପୂର୍ଣ୍ଣ ରୂପେ ହଜିଗଲା ବନାନୀ ।

ସେହି ଭାବନା ଭିତରେ ବନାନୀଙ୍କ ନିଦ ଆସି ଯାଇଥିଲା । ଖଟର ଗୋଟିଏ ଧାରରେ ନିଘୋର ନିଦରେ ଶୋଇ ଯାଇଥିଲା ସେ । ଏଥିଭିତରେ କେତେବେଳେ ଯେ ରାତ ପାହି ସକାଳ ଆସି ଯାଇଛି, ବନାନୀ ତାହା ଜାଣି ପାରି ନାହିଁ ।

ସକାଳ ପକ୍ଷୀର ଡାକରେ ବନାନୀର ନିଦ ପାତଳା ହୋଇ ଆସିଲା । ବାହାରେ ପୁଣି କର୍ମ କୋଳାହଳ ଜାଗି ଆସିଲାଣି । ଧୀରେ ଧୀରେ ବନାନୀର ବିଜଡ଼ିତ ଆଖିପତା ଖୋଲି ହୋଇ ଆସିଲା । ଉଦୀୟମାନ ସୂର୍ଯ୍ୟ କିରଣର ଗୋଟାଏ ଫଳକ ଖୋଲା

ଝରକା ଦେଇ ଧଇଲା କାନ୍ଥ ଉପରେ ମୂର୍ଚ୍ଛିତ ହୋଇ ପଡ଼ିଛି । ଗଛ ଲତାର ସବୁଜିମା ଉପରେ ସକାଳର ଶାନ୍ତ ଛାୟା । ଅଦୂରର କେଉଁ ବୃକ୍ଷ ଶାଖାରୁ ଭାସି ଆସୁଛି ତନ୍ଦ୍ରାତୁର ପକ୍ଷୀର କାକଳୀ ।

ବିଛଣାରେ କର ଲେଉଟେଇ ଉଠି ବସିଲା ବନାନୀ । ବାହାରେ କିଏ ତାର ଉଦ୍ଦେଶ୍ୟରେ ପାଣି ଥୋଇ ଦେଇ ଯାଇଛି । ବାହାରକୁ ଚାଲି ଆସି ପାଣି ନୋଟାକରେ ମୁହଁ ହାତ ଧୋଇ ପକେଇଲା ସେ । କାନ୍ଥରେ ଝୁଲୁଥିବା ଢଜଲ୍‌ଆ ଖଣ୍ଡିକରେ ଭଲ୍ କରି ପୋଷ୍ଟି ହୋଇ ପଡ଼ି ସେ ପୁଣି ଘର ଭିତରକୁ ଫେରି ଆସୁ ଆସୁ ତାର ଆଖି ପଡ଼ିଲା ଗୋଟିଏ ଛୋଟ ପିଲା ଉପରେ । ବୋଧେ ବୋଲକରା ଟୋକାଟିଏ । କପେ କପ୍‌ଟିଏ ହାତରେ ଧରି ସେ ବନାନୀର ଅପେକ୍ଷାରେ ଠିଆ ହୋଇ ରହିଛି । ଅଭିଜାତ ବଂଶର ବୃଥା ଅହଙ୍କାର ନଥିଲେ ମଧ୍ୟ ଅତିଥି ସତ୍କାରରେ ଯେପରି ରମାପତିବାବୁ ପରିବାରର ପରମ୍ପରା କ୍ଷୁର୍ଣ୍ଣ ହୋଇ ନାହିଁ ।

ମା କେଉଁଠି ଅଛନ୍ତି ?

କପେ କପ୍‌ଟି ନିଜ ହାତରେ ଟେକି ନେଇ ନେଇ ପଚାରିଲା ବନାନୀ । ନମ୍ର ସ୍ୱରରେ ପିଲାଟି ଜବାବ ଦେଲା—

ମା ଠାକୁର ମନ୍ଦିରରେ...

ବିଛଣା ଉପରେ ବସି ପଡ଼ୁ ପଡ଼ୁ ପୁଣି ବନାନୀ ପଚାରି ଉଠିଲା—

ଆଉ ରମେଶ ଦେଣ୍ଣ...

ଅଫିସରେ...

କହି ଅନ୍ୟ କିଛି ଆଦେଶର ଅପେକ୍ଷା କରି ରହିଲା ପିଲାଟି ।

କଣ୍ଠରେ କୋମଳତା ଧରି ବନାନୀ କହିଲା—

ତୁ ଯା ମୁଁ ଟିକିଏ ପରେ ଗାଧେଇବି...

ପିଲାଟି ଆଉ କିଛି ନ କହି ଧୀରେ ଧୀରେ ଜଳକୁ ଚାଲିଗଲା । କପି ପିଇବାକୁ ଆରମ୍ଭ କରିବା ମାତ୍ରେ କିଏ ଯେମିତି କର୍ମମୟ ଜୀବନର ସୂଚନା ଦେଇ ଦେଉଳ ଘଣ୍ଟିରେ ଛଅଟା ବଜେଇ ଦେଲା । ସେ ଶବ୍ଦର ଲୟ କ୍ରମେ ଦୂର ଦିଗ୍‌ବଳୟରେ ଲୀନ ହୋଇଗଲା । ଏହି ମାତ୍ର ସକାଳ ଆସିଚି । ଦେବ ମନ୍ଦିରର ମଙ୍ଗଳାରତିର ଧ୍ୱନି ଗଗନ ପବନ ମୁଖରିତ କରି ମାନବ ପ୍ରାଣକୁ ଯେମିତି ନିମିଷକ ଲାଗି ଅନାସକ୍ତିର ପଥକୁ ଟାଣିନେଲା । ଅମୃତ ଲୋକର ଅସୀମତା ଭିତରେ ବନାନୀର ମନ ବୁଡିଗଲା ଦଣ୍ଡିକ ଭିତରେ ।

ବାହାରକୁ ଚାହିଁ ରହି ମୁଗ୍ଧ ଆଖିରେ ବନାନୀ ଦେଖିଲା ପ୍ରଭାତର ଅପୂର୍ବ ଜ୍ୟୋତିର୍ମୟତା । ନୂତନାର ପ୍ରଥମ ସ୍ପର୍ଶ ପରି ସକାଳର ମୃଦୁ ମନ୍ଦ ପବନ ଦେହରେ ଶିହରଣ ଖେଳେଇ ଦେଉଚି । ତାହାର ଭିତରୁ ଯେମିତି ଏକ ଅନାସ୍ୱାଦିତ ଅମୃ-ତୃପ୍ତି ଅନୁଭବ କରୁଚି ବନାନୀ । ନିଦ୍ରାର ନିବିଡ଼ତା ଭିତରେ ପୂର୍ବ ରାତିର ଅଶୁସ୍ତି ତାର ପରା ଦୂର ହୋଇ ଯାଇଚି । ସକାଳର ସ୍ୱଚ୍ଛ ଆଲୋକ ଭିତରୁ ଯେପରି କ୍ଷତ ବିକ୍ଷତ ମନର ସାନ୍ତ୍ୱନା ଖୋଜି ପାଉଚି ବନାନୀ । ତରୁଣ ସୂର୍ଯ୍ୟର ନବୀନ ଦୀପ୍ତିରେ ଯେମିତି ମାନବ ଜୀବନର ଅପରିମିତ ଉତ୍ସାହର ଧାରା ବହି ଆସୁଚି । ତାର ମନେ ହେଲା ଏଥର ନୂତନ କର୍ମ ପ୍ରେରଣାରେ ମାତି ଉଠିବ ସାରା ନିଜ୍ୱ । କିନ୍ତୁ ନିଜ କ୍ଷେତ୍ରରେ ଆଗେଇ ଯାଇ ପାରିନାହିଁ ବନାନୀ । ଅପରିସୀମ କ୍ଳାନ୍ତିରେ ଯେମିତି ଦେହ, ମନ ଅବଶ ହୋଇ ଆସୁଚି । ନିଜର କର୍ମ ପଦ୍ଧତିରେ ଯେପରି ବିରକ୍ତି ଆସି ଯାଇଚି ବନାନୀର । ସେହି ଗତାନୁଗତିକ ଭ୍ରାନ୍ତ

ପଥରଲା । ସେଥିରେ ଆଲୋକ କାହିଁ·········ଆନନ୍ଦ କାହିଁ·········?

କିନ୍ତୁ ସାଗ୍‌ନିକାର ଚିନ୍ତା ନାହିଁ, ଅବସର ନାହିଁ । ଏହା ତାର ପ୍ରସ୍ତୁତିର ସମୟ । ସାତତାଳ ପାଣି ଅଉ ପଙ୍କର ପଟୁଆ ଭିତରୁ ସ୍ୱର୍ଣ୍ଣମଣିକୁ ଉଦ୍ଧାର କରି ଆଣିବାକୁ ହେବ । ନହେଲେ ଧ୍ୱଂସର ତାଣ୍ଡବରେ, ମୃତ୍ୟୁର ଗଭୀର ଗହ୍ୱରରେ ନିଜର ସ୍ଥାନ ବାଛି ନେବାକୁ ହେବ । ସେଥିପାଇଁ ଦ୍ୱିଧା ନାହିଁ, ଭ୍ରୂକ୍ଷେପ ନାହିଁ । ଅକ୍ଳାନ୍ତ ଅନିମେଷ ଚେଷ୍ଟା । ସାଗ୍‌ନିକାର ଜୀବନରେ ଯେମିତି କ୍ଳାନ୍ତି ଅଉ ବିଶ୍ରାମର ସ୍ଥାନ ନାହିଁ ।

ଏଥି ଭିତରେ କପ ପିଆ ସରି ଯାଇଥିଲା । ଶୂନ୍ୟ କପ୍‌ଟାକୁ ଖାଟ ମୁଣ୍ଡ ଉପରେ ପଡ଼ିଥିବା ଟୁଲ୍‌ଟା ଉପରେ ରଖିଦେଇ ବାହାରକୁ ବାହାରି ଆସିଲା ବନାନୀ । ଗୃହଅଡ଼େ ଥରେ ଆଖି ବୁଲେଇ ଆଣି ସାଗ୍‌ନିକାକୁ କେଉଁଠି ଦେଖିବାକୁ ପାଇଲା ନାହିଁ ସେ । କେତେବେଳେକେ ତାର ମନେ ପଡ଼ିଲା ଗୃହର ଟୋକା କଥା । ହଁ, ହଁ ସାଗ୍‌ନିକା ତା ଅଫିସରେ ଅଛି···ହୁଏତ କେଉଁଠି ବେଆଇନ୍ ଶୋଭାଯାତ୍ରା ପାଇଁ ଉଦ୍‌ଯୋଗ କରୁଥିବ, ନ ହେଲେ ହାତ ବୋମା କିମ୍ବା ଦେଶୀ ନଳୀରେ ବନ୍ଧୁକ ତିଆରି ସମ୍ବନ୍ଧରେ ବିଚାର କରୁଥିବ ।

ଭାବି ଭାବି ଅତି ଅସହାୟ ଭାବରେ ଘର ସାରା ବୁଲିବାକୁ ଲାଗିଲା ବନାନୀ । କେଉଁଠି କାହାର ଚିହ୍ନବର୍ଣ୍ଣ ନାହିଁ । ତଳ ମହଲାରେ ସୁଗନ୍ଧୀ ଦେବୀ କେଇଟି ଗୃହର ପିଲାଙ୍କୁ ଧରି ପ୍ରାତଃ କୃତ୍ୟରେ ଲାଗି ପଡ଼ିଚନ୍ତି । କିନ୍ତୁ ଉପର ମହଲା ଶୂନ୍ୟ । ଯେମିତି ଏକ ଦୈତ୍ୟପୁରୀର ନିର୍ଜନତା ଭିତରେ ସେ ଆସି ପହଞ୍ଚିଛି ।

ବୁଲି ବୁଲି ବନାନୀ ଆସି ଘରର ପଶ୍ଚିମ ପଟରେ ଠିଆହେଲା । ବରେନ୍ଦ୍ର ଚନ୍ଦ୍ରପତିବସୁ ଥିଲାବେଳେ ଏ ଥିଲା ସନ୍ଧ୍ୟା ଯାପନର ବିଶ୍ରାମସ୍ଥଳୀ । ସେ ବଡ଼ ଫୁଲ ସୌଖୀ ଥିଲେ । ଶହ ଶହ ଟଙ୍କା ଖର୍ଚ୍ଚ କରି ଦେଶୀ ବିଦେଶୀ ଫୁଲରେ ସବୁ ସମୟରେ ବଗିଚା ସଜେଇ ରଖୁଥିଲେ । କିନ୍ତୁ ସାଗରିକା ନିକଟରେ ଏ ସବୁର ମୂଲ୍ୟ ନାହିଁ । ତା ଆଖିରେ ଧାନ ଗଛହିଁ ସୁନ୍ଦର । ମଣିଷ ଗଣ୍ଡିଏ ଭାତ ପାଇଁ ଆକୁଳ ବ୍ୟାକୁଳ ହେଉଥିଲା ବେଳେ ଉପଭୋଗର ପ୍ରଶ୍ନ କାହିଁ ? ଏପରି ଫୁଲେ ଫୁଟିବା ଅଘ୍ରାଣ ଏକ ବୁର୍ଜୋୟା ବିଳାସ ଛଡ଼ା କିଛି ନୁହେଁ । ସାଗରିକାର ଯୁକ୍ତି ଅକାଟ୍ୟ । ସେଥିଯୋଗୁ ବରେନ୍ଦ୍ର ଚନ୍ଦ୍ରପତିବସୁଙ୍କ ପରେ ଜାଗାଟି ନାନା ଜାତି କୀଟ ପତଙ୍ଗର ବାସସ୍ଥଳୀ ହୋଇ ଉଠିଛି । ବଗିଚାର ଚାରିଆଡ଼େ ଘାସ ମାଡ଼ି ଗଲାଣି । ସେଥିପାଇଁ ନିଯୁକ୍ତ ଥିବା ମାଳିଟି କେଉଁ ଦିନୁ ବିଦାୟ ନେଇ ହୁଏତ ପେଟ ପାଇଁ କୌଣସି କାରଖାନା କିମ୍ବା କୃଷିକ୍ଷେତ୍ର ଚାହିଁ ନେଇଚନ୍ତି ।

ବିରକ୍ତି, ରାଗ ଅଭିମାନରେ ବନାନୀର ହୃଦୟ ଭାରି ହୋଇ ପଡ଼ିଲା । କିନ୍ତୁ ପରକ୍ଷଣରେ ତାର ମନେ ହେଲା ଏ ସବୁ ନିରର୍ଥକ । ସାଗରିକା ପେଟର ଦାବି ବୁଝେ, ହୃଦୟର ମୂଲ୍ୟ ବୁଝେନା । ତା ପ୍ରାଣର ସମସ୍ତ ମମତା ଯେମିତି ମରି ଯାଇଛି । କେବଳ ଅନ୍ନ ଯେ ଜୀବନର ପରିପୂରକ ନୁହେଁ, ଏ କଥା ସାଗରିକାକୁ ବୁଝେଇବ କିଏ ?

ନିଜର ଭାବନା ଭିତରେ ଅଧିକ କାତର ହୋଇ ପଡ଼ିଲା ବନାନୀ । ଯେଉଁ ନାରୀଟିର ସ୍ପର୍ଶରେ ମନକାନନରେ ତାର କେତେ ଫୁଲ ଫୁଟି ଥିଲା, ତାହା ଆଜି ତାର ଅଭ୍ୟାସର ସନ୍ଧ ନ ପାଇ ଭୁଲିଣିତ

ହୋଇଛି । ଜୀବନର ଘନରସର ପ୍ଲାବନରେ ସେଠି ଆଜି ନବ କଳିକାର ବିକାଶ ହେବ ନାହିଁ ।

ହଠାତ୍ ବନାନୀର ଆଖି ପଡ଼ିଲା ଗୋଟିଏ ଗୋଲାପ ଗଛ ଉପରେ । ଗଛଟା ଉପରେ କି ଜାତିର ଗୋଟାଏ ବର୍ଣ୍ଣଲତା ମାଡ଼ି ଯାଇଛି । ବରେନ୍ଦ୍ର ଚମ୍ପୂଦତ୍ତରାୟ ଥିଲେ ଏ ସବୁ ଦେଖି ପାରି ନ ଥାନ୍ତେ । ତାଙ୍କ ମତରେ ଏ ଗୋଟାଏ ଅତ୍ୟାଚାର, ତାହା ପୁଣି ମଣିଷର ସହଯୋଗରେ । ଯେଉଁମାନେ ସନ୍ତାନ ପାଳନର ସୁଖ ଦେଇ ଥାଆନ୍ତି, ଦେହରେ ବଳିଷ୍ଠ ଜୈବ ଶକ୍ତି ଥାଇ ମଧ୍ୟ ଯେଉଁମାନେ ମୂକ ଅଥର୍ବ, ସେମାନଙ୍କର ଯତ୍ନ ନ ନେବା ଚିତ୍ତ କର୍ତ୍ତବ୍ୟରେ ଏକ ବିଶେଷ ଅବହେଳା । ଏଥିପାଇଁ ମଣିଷ ଦାୟୀ ନୁହେଁ ତ ଆଉ କିଏ ? ଅନେକ ସମୟରେ ତାଙ୍କ କଥା ଶୁଣି ହସ ଲାଗୁଥିଲା । କିନ୍ତୁ ଆଜି ଯେମିତି ତାଙ୍କୁ ମର୍ମେ ମର୍ମେ ଉପଲବ୍ଧି କରି ପାରିଲା ବନାନୀ । ଗଛଟିର ମୂଳରେ ବସିପଡ଼ି ସେ ଅରମା ସଫା କରିବାରେ ଲାଗି ପଡ଼ିଲା । ଲତାଟାକୁ ଟାଣି ଆଣି ଛିଣ୍ଡେଇ ଦୂରକୁ ପକେଇ ଦେଲା । ଗଛଟିରେ କେତେଗୁଡ଼ିଏ କଢ଼ ଧରିଛି । ଫୁଲ ମଧ୍ୟ ଫୁଟିଛି । କିନ୍ତୁ ସବୁ କୀଟଦଷ୍ଟ । ବରେନ୍ଦ୍ର, ଚମ୍ପୂଦତ୍ତରାୟ କହୁଥିଲେ ଏଇଟା ପାରଶ୍ୟରୁ ଆସିଛି । ପୁରପୁର ଓମରଖୈୟାମୀ ଗୋଲାପ ଏ । ସେଥିଯୋଗୁ ସେତେବେଳେ ସାଗ୍ନିକାର ଏ ଫୁଲ ଥିଲା ବେଶୀ ପ୍ରିୟ । କେତେଥର ନିଜ ହାତରେ ଗୋଲାପ ତୋଳି ବନାନୀର କାମିଜରେ ସଜେଇ ଦେଇଛି ସାଗ୍ନିକା । ହଠାତ୍ ବନାନୀର ଇଚ୍ଛା ହେଲା, ଗୋଟିଏ ଗୋଲାପ କଳିକା ଧରି ସାଗ୍ନିକାର କବରୀ ସଜେଇ ଦିଅନ୍ତା ଆଉ କାନ ପାଖରେ ଚୁପି ଚୁପି ଅନେକ କଥା କହି ଯାଆନ୍ତା...

କିନ୍ତୁ ସାଗରିକାର ସେ କଥା ଶୁଣିବାକୁ ସମୟ ନାହିଁ । ବୟସ ମଧ୍ୟ ନାହିଁ । ଯେଉଁ ବୟସରେ ମଣିଷ ଜୀବନର ନୂତନ ଅଧ୍ୟାୟ ରଚନା ପାଇଁ ତତ୍ପର ହୋଇ ଉଠେ, ସେହି ମଧୁମୟ କୈଶୋରକୁ ବିପ୍ଳବର ନବାନମଣ୍ଡରେ ଭରି ଦେଇଛି ସାଗରିକା । ସେହି ମନ୍ତ୍ର ପ୍ରଥମ ସାଗରିକାର କାନ ପାଖରେ ଉଚ୍ଚାରଣ କରିଥିଲା ବନାନୀ । କିନ୍ତୁ ଆଜି ଯୌବନର ଏହି ବାସନାର ଜାଗୃତିରେ ସେ ମନ୍ତ୍ରର ଅବମାନନା କରିବାକୁ ଯାଉଛି ସେ…

ଆଉ କିଛି ସାଗରିକା ସମ୍ବନ୍ଧରେ ଭାବି ପାରିଲା ନାହିଁ ବନାନୀ । ଯେମିତି ଏ ସଂକ୍ରାନ୍ତରେ ତାର ଅସ୍ତ୍ରେ ଅସ୍ତ୍ରେ ଜଡ଼ିତା ଆସି ଯାଇଛି । ତାହାହିଁ ଅନୁଭବ କଲା ବନାନୀ । କିନ୍ତୁ ଗୋଲାପର ସୁନ୍ଦର କଳିକାଟିଏ ସାଗରିକା ହାତରେ ତୋଳି ଦେବାର ଲୋଭ ସମ୍ବରଣ କରି ପାରିଲା ନାହିଁ ସେ । ଘରର ପରିଣତ ବୟସରେ ଚିନ୍ତା କରିବାକୁ ତାର ଯେମିତି ମନେ ନାହିଁ । ହାତରେ ଗୋଟିଏ ଫୁଲ ଧରି ସାଗରିକା ଥିବା କୋଠରୀ ଉଦ୍ଦେଶ୍ୟରେ ଚାଲି ଆସିଲା ସେ ।

ବନାନୀ ଯେଉଁବାଟେ ଦେଇ ସାଗରିକା ପାଖକୁ ଚାଲି ଆସୁଥିଲା, ଠିକ ତାର ବିପରୀତ ପଟେ ଦେଇ ଚାଲି ଯାଉଥିଲା ସେ । ତାକୁ ଦେଖିପାରି ଅନ୍ୟମନସ୍କ ଭାବରେ ବନାନୀ ଡାକି ଉଠିଲା—

ସାଗରିକା…

ଶୁଣି ଦେଇ କୌଣସି ଉତ୍ତର ପ୍ରକାଶ ନ କଲେ ମଧ୍ୟ ସାଗରିକା ବାଟ କାଟେଇ ବନାନୀ ନିକଟକୁ ଚାଲି ଆସିଲା । କିନ୍ତୁ ବନାନୀ ତାକୁ କିଛି କହି ପାରିଲା ନାହିଁ । କିଛିକ୍ଷଣ ଆଗରୁ ସାଗରିକା ସମ୍ବନ୍ଧରେ ଯାହା ଭାବିଥିଲା, ତାହା ଯେମିତି ଏହି ଅଭିପ୍ସିତ ଭେଟାଭେଟି ଭିତରେ ହଜେଇ ବସିଲା ସେ ।

କଣ କରୁ କହୁନ ଯେ…

ଏ ସାଗ୍ନିକାର କଥା । ତଥାପି ବନାନୀ ଓଠରେ ସେହି ସମାଧିସ୍ଥ ଜଡ଼ତା । ବନାନୀର ଏହି ସ୍ୱାଭାବିକ ମଜ୍ଜଗତାରେ ହୋ ହୋ ହୋଇ ହସି ଉଠିଲା ସାଗ୍ନିକା । ସେହିପରି ହସି ହସି ସେ ଥଟ୍ଟା କରି କହିଯିବାରେ ଲାଗିଲା—

ତମେ କଣ ମୌନବ୍ରତ ଶିକ୍ଷା କରୁଚ ? କଣ ମୋ ପାଇଁ ଏ ସାଧନା…

ବନାନୀର ଗୀବ୍ରୁ ଭ୍ରୂବାନ୍ତରକୁ କାଟି ଦେବା ପାଇଁ ସାଗ୍ନିକାର ଉଚ୍ଚହାସ୍ୟ ଯେପରି ଯଥେଷ୍ଟ କାମ ଦେଉଥିଲା । ହଁ…ହଁ…ତମରି ପାଇଁ ମୋର ଏ ସାଧନା…ବନାନୀର ଇଚ୍ଛା ହେଲା ବଡ଼ପାଟି କରି ସେ ଏହି କଥା କହି ଯାଆନ୍ତା । କିନ୍ତୁ ସେ କିଛି କହି ପାରିଲା ନାହିଁ । ପୂର୍ବର ସେହି ନୀରବତା ଭିତରେ ସେ ଫୁଲଟିକୁ ଧୀରେ ଧୀରେ ସାଗ୍ନିକା ଆଡ଼େ ବଢ଼ାଇ ଦେଲା ।

ବନାନୀର ପାଖକୁ ଲାଗି ଆସି ଆଗ୍ରହର ସହିତ ଫୁଲଟି ତା ହାତରୁ ନେଲା ସାଗ୍ନିକା । ଗୋଲାପଟିକୁ ଅନେକ ଅନେକ କଣ ଯେମିତି ଭାବିବାକୁ ଲାଗିଲା । କିନ୍ତୁ କିଛିକ୍ଷଣ ଭିତରେ ନିଜର ବାଲ୍ୟପଟୁତା ଫେରି ପାଇ ହସି ଉଠି ସେ କହିଲା—

ଓ…ଓମରଖୈୟାମୀ ଗୋଲାପ…? ତମେ ଅଜିକାଲି ଚନ୍ଦ୍ରଗୁପ୍ତ ବଂଶର ସାମନ୍ତବାଦକୁ ସମର୍ଥନ କରିବାକୁ ଇଚ୍ଛା ଭିତ୍ତିର ପଣ…

ଠିକ୍ ଏ ରହି ସାଗ୍ନିକା ପୁଣି କହିଲା—

ଶୁଣିବାକୁ ପାଇଲି ତମେ ଏହିକ୍ଷଣି ଓଡ଼ିଶା ସରକାରଙ୍କର

ଜଣେ ଉଚ୍ଚପଦସ୍ଥ କର୍ମଚାରୀ । ଆଉରି ବି ଶୁଣିଲି ତୁମର ଡିପାର୍ଟମେଣ୍ଟରେ ମହିଳା କର୍ମଚାରୀ ସଂଖ୍ୟା ଅଧିକ ।

ସାଗରିକାର ଶେଷ କଥା ଗୁଡ଼ିକ ଉଚ୍ଛ୍ୱସିତ ହାସ୍ୟଧ୍ୱନି ଭିତରେ ଅସ୍ପଷ୍ଟ ଶୁଣାଗଲା । କିନ୍ତୁ ତାର ଭାବଟା ଯେପରି ସ୍ପଷ୍ଟ ରୂପେ ଅନୁମାନ କରି ପାରିଲା ବନାନୀ । ଏ ନିଶ୍ଚୟ ବନାନୀ ପକ୍ଷେ ଗୋଟିଏ ଆଘାତ । କିନ୍ତୁ ସେ ସେଥିରେ ଅନାହତ ହୋଇ ସାଗରିକାର ମୁହଁକୁ ଅନେଇ ରହିଲା । କିନ୍ତୁ ତାର ମନେହେଲା ସାଗରିକା ଯେମିତି ତାକୁ ଆଉରି କିଛି କହିବ । ବନାନୀର ଆଶଙ୍କାକୁ ରୂପ ଦେଇ କିଛିକ୍ଷଣ ପରେ ସାଗରିକା କହି ଉଠିଲା—

ଖୁବ୍ ଭଲ କଥା । ଭାରତରେ ସ୍ୱାଧୀନତା ଆସିଥିଲେ ମଧ୍ୟ ଅର୍ଥନୈତିକ ସ୍ୱଚ୍ଛଳତା ଏ ପର୍ଯ୍ୟନ୍ତ ଆସି ନାହିଁ । ଆଜି ତୁମେ ବିଶେଷ କରି ଓଡ଼ିଶାରୁ ଏଥିପାଇଁ ଉଦ୍ୟୋଗ କରୁଚ ଜାଣି ମୁଁ ତୁମକୁ ଧନ୍ୟବାଦ ଦେଉଚି । ଖୁବ୍ ଭଲ ବ୍ୟବସ୍ଥା ନିଶ୍ଚୟ !! କିନ୍ତୁ ତୁମେ ତ ଏ ପର୍ଯ୍ୟନ୍ତ ଉତ୍ତରାଧିକାରୀ ସୂତ୍ରେ ଚମ୍ପୂପତିଙ୍କ ବଂଶର ଜାମାତା ପଦ ପୂରଣ କରି ପାରିଲ ନାହିଁ ଯେ···

କହୁ କହୁ ପୁଣି ଉଚ୍ଚ କଣ୍ଠ ତୋଳି ହସି ଉଠିଲା ସାଗରିକା । ବନାନୀର ମନେ ହେଲା ଏ ହସ ଯେମିତି ସାଗରିକାର ନୁହେଁ, ଆଗାମୀ ପ୍ରଳୟର ସୂଚନା ଦେଇ ତାଣ୍ଡବୀ ରୁଦ୍ର ଅଟ୍ଟହାସ କରି ଉଠୁଚନ୍ତି । ନିଜ ଭିତରେ ଯେପରି ଖୁବ୍ ଡରିଗଲା ସେ ।

କିଛିକ୍ଷଣ ପରେ ସାଗରିକାର ହସ ବନ୍ଦ ହୋଇ ଆସିଲା । ଗୋଲାପ ପାଖୁଡ଼ା ଗୁଡ଼ିକ ଉପରେ ଅଙ୍ଗୁଳି ଚଳେଇ ଚଳେଇ ବନାନୀକୁ ଲକ୍ଷ୍ୟକରି ଶାନ୍ତ ସ୍ୱରରେ ସେ କହିଲା—

ସେ ଯାହା ହେଉନା କାହିଁକି, ତରୁଣର ରକ୍ତିମ ମହିମା ପରି

ଗୋଲାପର ଏ ଅରକ୍ତ ବିକାଶ ବେଶ୍ ଦୀପ୍ତ । ଉଷ୍ମାର ଜନକ ମଧ୍ୟ ।

କହିବା ସାଙ୍ଗେ ସାଙ୍ଗେ ଗୋଲାପଟିକୁ ନିରୀକ୍ଷଣ କରିବାକୁ ଲାଗିଲା ସାଗରିକା । କନାଙ୍କ ସେହି ପରି ଠିଆ ହୋଇ ରହିଛି । ଏପର୍ଯ୍ୟନ୍ତ ସାଗରିକାକୁ ପଦେ ହେଲେ କଥା କହି ପାରି ନାହିଁ । ବହୁତ କଥା ଶୁଣିଥିଲେ ମଧ୍ୟ ନିକଟରେ ସାଗରିକାକୁ ଦେଖି ଦେଖି ସେ ଯେମିତି ପରବର୍ତ୍ତୀ ବାକ୍ୟ ବିନିମୟକୁ ଭୁଲି ବସୁଛି ।

ଅଚ୍ଛା ଚାଲ ! ଏଇଟିକୁ ଉପଯୁକ୍ତ ପାତ୍ରରେ ଅର୍ପଣ କରିଦେବା ।

ଗମ୍ଭୀର ପ୍ରସନ୍ନତା ଭିତରେ ପୁଣି କେତୋଟି କଥା ସାଗରିକାର ଓଠରୁ ଝରି ଆସିଲା ।

ହଁ ତାକୁ କେଉଁଠିକି ଡାକୁଛି ସାଗରିକା...

କନାଣୀ ନିଜ ଭିତରେ ଜାଗି ଉଠି ସ୍ୱପ୍ନଥିବା ପରି କହିଲା—

କେଉଁଠିକି ଯିବା ସାଗରିକା...

ଯେମିତି ସାଗରିକା ସହିତ ଚାଲିଗଲେ ସେ ରକ୍ଷା ପାଇ ଯିବ । କିନ୍ତୁ ତାର ମନେ ହେଉଥିଲା ସେ ସୁଗାନ୍ଧୀ ଦେବୀଙ୍କ ପାଖକୁ ଚାଲି ଯାଅନ୍ତା । ସେଠି ରାଜନୈତିକ ତର୍କ କିମ୍ବା ପ୍ରଶ୍ନର ଉପେକ୍ଷା ନାହିଁ । କେବଳ ମାତୃ ହୃଦୟର ଶୀତଳ ସ୍ପର୍ଶ...

କିନ୍ତୁ ପରକ୍ଷଣରେ ସେ ସାଗରିକାର ଅନୁସରଣ କରିବାରେ ଲାଗିଲା । ଚାଲି ଚାଲି ସେମାନେ ଆସି ଗୋଟିଏ ବନ୍ଦ କୋଠରୀ ନିକଟରେ ପହଞ୍ଚିଲେ । ସାଗରିକାର ବାପା ଥିଲାବେଳେ ଘରଟି କେଉଁ କାର୍ଯ୍ୟରେ ବ୍ୟବହୃତ ହେଉଥିଲା କନାଙ୍କର ମନେନାହିଁ । ତାହାରି ହାତର ଦୁଇ ଅଙ୍ଗୁଳି ଟିପରେ ଗୋଲାପ ଧରା ହୋଇଛି । ଅନ୍ୟ ହାତ ସାହାଯ୍ୟରେ ଘରର କବାଟ ଖୋଲି ଭିତରେ ପଶିଲା

ସାଗରିକା । ପଛେ ପଛେ ବନାନୀ ମଧ୍ୟ ପଶିଲା । ବଡ଼ ଲମ୍ବା କୋଠରୀଟିଏ । ଗୋଟିଏ ପାଖକର ଏକ ମୂଲ୍ୟବାନ ଟେବୁଲ ଉପରେ ସୁନା ଫ୍ରେମ୍‌ରେ ନରେନ୍ଦ୍ର ଚମ୍ପତି ରାୟଙ୍କର ଖଣ୍ଡିଏ ଫଟୋ ଏକ ପ୍ରକାର ଗୋଲାପର ମାଳାରେ ଘେରା ହୋଇ ରହିଛି । ତଳେ ଜୋଇଛି ଶୁଖିଲା ଗୋଲାପ । ଟେବୁଲର ଚାରିପାଖ ମାଡ଼ି ନନାଜାତିର ବହି । ଯାହା ଦେଶ ବିଦେଶର ଅଭିଜାତ ପରିବାରର କାହାଣୀରେ ବୃଦ୍ଧିଲାଭ କରିଛି । ଘରର ଅନ୍ୟପାଖ ଗୁଡ଼ିକରେ ଚମ୍ପତିରାୟଙ୍କର ନାନା ସୌଖୀନ ବ୍ୟବହାର୍ଯ୍ୟ ବସ୍ତୁ ପଡ଼ି ରହିଛି । କାନ୍ଥରେ ରାଜା ମହାରାଜାଙ୍କ ସହିତ ଚମ୍ପତିରାୟ ବଂଶର ପୂର୍ବପୁରୁଷମାନଙ୍କର ଘୋଡ଼ାଚଢ଼ା ଫଟୋ । ହାତରେ କୋଷମୁକ୍ତ ତରବାରୀ । ଦେହରେ ମହାର୍ଘ୍ୟ ପୋଷାକର ସାଜ ସଜ୍ଜା । ଗାଲ ଉପରେ ଦୀର୍ଘ ଗାଲମୁଞ୍ଛ ସହିତ ଦୁଇପଟେ ଲେଖା ନିଶ । ଯେମିତି ଇଂରେଜ ସରକାର ଅମଳର ଏକ ଏକ ମୂର୍ତ୍ତିମନ୍ତ ଅତ୍ୟାଚାର । ବନାନୀ ଅନେକ ଥର ଦେଖିଥିଲେ ମଧ୍ୟ ପୁଣି ଘରଯାକ ବୁଲି ବୁଲି ଦେଖିବାରେ ଲାଗିଲା । ସେ ଯେମିତି ନୂଆକରି ଆଜି ଏସବୁ ଦେଖୁଛି । ପ୍ରତ୍ୟେକ ଜିନିଷ ଉପରେ ମଇଳା ଜମି ଗଲାଣି । ନରେନ୍ଦ୍ର ଚମ୍ପତିରାୟଙ୍କ ପରେ ହୁଏତ ଘର ଗୁଡ଼ିକ ଆଉ ଝାଡ଼ିଲା ହୋଇନାହିଁ । ଖାଲି ଯେମିତି ଆଖିରେ ପଡୁଛି ସମଗ୍ର ଘର ବ୍ୟାପି ଏକ ଅନାଦର ବିକ୍ଷିପ୍ତତା ।

ବୁଲି ବୁଲି ବନାନୀ ଆସି ସେହି ଟେବୁଲଟି ପାଖରେ ଠିଆ ହେଲା । ଯେତେବେଳକୁ ସାଗରିକା ମଉଳା ଫୁଲ ସବୁ କାଢ଼ି, ସଜଫୁଲଟି ତା ବାପାଙ୍କ ଫଟୋ ଉପରେ ସଜେଇ ଦେଇ ସାରିଛି । ସାମନା ସାମନି ଠିଆ ହୋଇ ଲୁହ ଛଳ ଛଳ ଆଖିରେ ଅନେଇ ରହିଛି ନିର୍ଜୀବ ପ୍ରତିଛବିଟି ଆଡ଼େ ।

ଏଥିରେ ଅଶ୍ରୁପୂର୍ଣ୍ଣ ହେଇ ସାଗରିକା ମୁହଁକୁ ଚାହିଁଲା ବନାନୀ । ସେଠି ଯେମିତି ପୂର୍ବର ସର୍ବନାଶୀ ରୁକ୍ଷତା ନାହିଁ । ଅଛି କେବଳ ଅଶ୍ରୁର କରୁଣତା । ସେ ଅଶ୍ରୁ ଯେମିତି କୌଣସି ଦୁର୍ବଳତାର ଅଶ୍ରୁ ନୁହେଁ ।

କିନ୍ତୁ ବନାନୀର ମନ ଏ ଘଟଣାରେ ଆଦୌ ସଦୟ ହୋଇ ପାରିଲା ନାହିଁ । ସାଗରିକାର ଏ ଆଚରଣ ଯେପରି ତା ହୃଦୟର କେଉଁ ସୂକ୍ଷ୍ମ ଗ୍ରନ୍ଥିରେ ଆଘାତ କଲା । ଯେଉଁ କଳିକାଟି ଧରି ସେ ତା ପ୍ରେୟସୀର କବରୀ ସାଜି ଦେବାର ଆଶାରେ ବୃନ୍ତଚ୍ୟୁତ କରି ଆଣିଥିଲା, ସେଥିରେ ସେ ଅନ୍ୟ ଏକ ଅଶରୀରର ଅର୍ଚ୍ଚନାରେ ଆଦୌ ସନ୍ତୁଷ୍ଟ ହୋଇ ପାରିଲା ନାହିଁ । ହଠାତ୍ ଆଉ କିଛି ଭାବି ନପାରି ଅସନ୍ତୁଷ୍ଟ ହୋଇ ସେ କହି ଉଠିଲା—

ପ୍ରକାରାନ୍ତରେ ତମେ ସାମନ୍ତବାଦର ସମର୍ଥନ କରୁଚ ସାଗରିକା…

ଟିକିଏ ଦୂରକୁ ଘୁଞ୍ଚିଯାଇ ସଂକ୍ଷିପ୍ତ ଉତ୍ତର ଦେଇ ସାଗରିକା କହିଲା—

ନା ଚିଡ଼ୁଚ…

ପ୍ରତିବାଦର ସ୍ୱର ତୋଳି ବନାନୀ କହିଲା—

ବହୁମୂଲ୍ୟ ଆଭରଣ ପୂଜାର ଉପାଦାନ ନୁହେଁ ସାଗରିକା…

ଠିକ୍ କହୁଚ…

ଅଳ୍ପ ସମୟ ଛାଡ଼ି ସାଗରିକା କହିଲା—

ଯାହାକୁ ନିଜପାଇଁ ଟିକିଏ ଚିନ୍ତା କରିବାକୁ ସମୟ ମିଳେନା, ସେ ଯେ ବସି ବସି ଏ ସାଜାହାଣୀ ବିଳାସର ଯୋଜନାକୁ କାର୍ଯ୍ୟକାରୀ କରୁଚି, ତାହା ତମେ କେମିତି ଭାବି ପାରିଲ… ?

କହୁ କହୁ ନୀରବ ହୋଇଗଲା ସାଗରିକା । ସେ ଅନୁଭବ

ଭଲ ଗଲା ତାର ଯେମିତି ବିଷଜ୍ୱାଳାରେ ଜଳି ଜଳି ଭରି ଉଠୁଛି । ଆଖି ତାର ପୂର୍ବପରି ଛଳ ଛଳ । ବହୁ ବର୍ଷ ପରେ ସାଗ୍‌ନିକା ଆଖିରେ ଆଜି ଅଶ୍ରୁ ଦେଖୁଛି ବନାନୀ । ଯେମିତି ପାଷାଣର ବୁକୁ ଫଟେଇ ଦେଖା ଦେଇଛି ଦୁଇଟି ଉଦ୍ୟତ ମରୁ ଝର । ତଥାପି ଯେମିତି ତାହାର ଭିତର ଦେଇ ନବୀନ କୈଶୋର ଫେରି ଆସୁଛି ।

ସକାଳର ନିତ୍ୟକର୍ମ ସାରିଛି ସାଗ୍‌ନିକା । ମୁଣ୍ଡର ଓଦା ବାଳ ପିଠି ଉପର ଦେଇ ଉନ୍ନତ ନିତମ୍ବ ଉପରେ ଲୋଟି ଯାଉଛି । ଅଞ୍ଚଳ ଉପରେ ଖସି ଆସୁଛି ବିନ୍ଦୁ ବିନ୍ଦୁ ଜଳକଣା । କପାଳ ଉପରେ ଚୂନାବାଳ ଝିର୍ ଝିର୍ କରୁଛି । ବିଶାଳ ଆଖି ଦୁଇଟିରେ ଉଦ୍ଧିପନାର ଆଭା । ସୂର୍ଯ୍ୟ କିରଣର ଗୋଟାଏ ଫାଳକ ମୂର୍ଚ୍ଛିତ ହୋଇ ପଡ଼ିଛି ସାଗ୍‌ନିକା ଉପରେ । ନିରାଭରଣା ତପସ୍ୱିନୀ ତାହାର ଭିତରେ ଦିଶୁଛି ଠିକ୍ ଯେମିତି ଗୋଟିଏ ଋଷି କୁମାରୀ । ସାଗ୍‌ନିକାର ବୟସ ଅଳ୍ପ ବହୁତ ପଚ୍ଛେଇ ଯାଇଛି ଯେପରି···

ସାଗ୍‌ନିକାକୁ ଅନେଇ ଅନେଇ ନିଜକୁ ଭୁଲିଗଲା ବନାନୀ । ତାର କଥା ଭିତରୁ କେଉଁ ହୃଦୟର ସଂଧାନ ପାଇଲା କେଜାଣି, ଗୋଟାଏ ଆବେଗରେ ସାଗ୍‌ନିକାର ମୁହଁ ତୋଳି ଧରି ଗଦ୍‌ଗଦ୍ ସ୍ୱରରେ ବନାନୀ କହିଲା—

ବିପ୍ଳବର ସର୍ବଗ୍ରାସୀ ପଥରୁ ତମେ ଫେରିଆସ ସାଗ୍‌ନିକା ! ଶସ୍ୟ ଶ୍ୟାମଳ ଓଡ଼ିଶା ମାଟିର କେଉଁ ଅଖ୍ୟାତ ସରଳ, ସୁନ୍ଦର ପଲ୍ଲୀ କୋଣରେ ଆମେ ଆମର ସ୍ଥାନ ବାଛିନେବା । ସେଠି ନଥିବ ରାଜନୈତିକ ସଂଘର୍ଷ କିମ୍ବା ଭାଇ ଭାଇର ଖଣ୍ଡ ଯୁଦ୍ଧ । ସମସ୍ତ ପ୍ରକାର ଜାତି ଧର୍ମର ବିଦ୍ୱେଷ ଆଉ ସଂକୀର୍ଣ୍ଣତା ଭିତରୁ ଉତ୍ତୀର୍ଣ୍ଣ ହୋଇ ଗୃହସ୍ଥଳୀର ଶୁଭ୍ର ସ୍ୱଚ୍ଛ ଅଙ୍ଗନରେ ତମେ ଜୀବନର

ଶଙ୍ଖ ଧ୍ୱନି କର ଆଜି ସେହି ଧ୍ୱନିରେ ମୋର ଯୁଗଯୁଗର ଅବସାଦ କ୍ଳାନ୍ତି, ହତାଶ ଦୂର ହୋଇଯାଉ । ଆସ ସାଗ୍ନିକା, ମୋ ହାତ ଧରି ଧ୍ୱଂସର ଅନଳ ଭିତରୁ ଉଠିଆସ ! ଆମର ଏହି ଭଗ୍ନ, ବିଚ୍ଛିନ୍ନ, ବିକ୍ଷିପ୍ତ ମନକୁ ଏକତ୍ର କରି ନୂତନ ଜୀବନର ଶୁଭ ଯାତ୍ରା ଆରମ୍ଭ କର ।

ବନାନୀର ସ୍ପର୍ଶଠାରୁ ଦୂରକୁ ଘୁଞ୍ଚିଯାଇ ବାହାରକୁ ଚାହିଁ ଚାହିଁ ଦୀପ୍ତ କଣ୍ଠରେ ସାଗ୍ନିକା କହିଲା—

ଭୁଲ କହିଲ ତମେ ! ଓଡ଼ିଶା ଆଜି ଶସ୍ୟଶ୍ୟାମଳା ନୁହେଁ, ଭଲ କରି ଅନାଅ । ଦେଖ, ଶ୍ରାବଣ ଆକାଶରେ ଆଜି ମେଘ ନାହିଁ । ମାଟି ମା'ର ଛାତି ଶୁଷ୍କ, ନୀରସ । ବନ୍ୟା, ମରୁଡ଼ି, ମହାମାରୀରେ ପଲ୍ଲୀର ସବୁଜ ସୁଷମା ମରି ଯାଇଛି । କୁଟୀର ଶୂନ୍ୟ ପଡ଼ିଛି । କଂକାଳ, କ୍ଷିପ୍ତ ଜନତା ଆଜି ଶଂଖ ଧ୍ୱନିରେ ଜାଗି ଉଠିବ ନାହିଁ । ସେ ଚାହେଁ ଜଳ, ସେ ଚାହେଁ ଅନ୍ନ...

ଶେଷ କଥାତକ କହୁ କହୁ ଉତ୍ତେଜିତ ହୋଇ ପଡ଼ିଲା ସାଗ୍ନିକା । ନାରୀର ସ୍ୱଭାବ ସୌନ୍ଦର୍ଯ୍ୟକୁ ପରାଜିତ କରି ମୁହଁରେ ତାର ପୁରୁଷୋଚିତ ଦୃଢ଼ତା ଫୁଟି ଉଠିଲା । ଆଖି ଦୁଇଟିକୁ ତାର ଚାହିଁଦେଇ ବନାନୀର ଧାରଣା ହେଲା, ଯେମିତି ଦୁଇଟି ଜ୍ୱଳନ୍ତ ଅଗ୍ନିପିଣ୍ଡ । ଏଥିରେ ଯେପରି ସମସ୍ତ ସାହସ ହରେଇ ଦେଲା ସେ ।

କିଛିକ୍ଷଣ ପରେ ସାହସ ସଞ୍ଚୟ କରି ବନାନୀ କହିଲା—

କେବଳ ଅନ୍ନଜଳ ଜୀବନର ପରିପୂରକ ନୁହେଁ ସାଗ୍ନିକା । ସେ ଯାହା ଚାହେଁ, ତାର ତୁଳନା କୌଣସି ବସ୍ତୁବାଚକ ସହିତ ହୋଇ ପାରେନା...

ନିଜ କଥାରେ ଜୋର୍ ଦେଇ ସାଗ୍‌ରିକା କହିଲା—

ପେଟରେ ଭାତ ନଥିଲେ କେହି ବସ୍ତୁର ସଜ୍ଜା ବୁଝେନା । ବଞ୍ଚିବା ପାଇଁ ଯେଉଁ କେତୋଟି ଉପାଦାନ ଲୋଡ଼ା, ତାହା ଭିତରୁ ପ୍ରଥମ ସ୍ଥାନ ଅଧିକାର କରି ବସିଛି ଅନ୍ନ । ସେଥିଯୋଗୁ ବଞ୍ଚିବାଟା 'ସୌଖ କମ୍ପା ଖିଆଲ ନୁହେଁ । ବଞ୍ଚିବାଟା ନିଷ୍ଠୁର ବାସ୍ତବ ।

ଯୁକ୍ତି କରି ବନାନୀ କହିଲା—

ବଞ୍ଚିବା ପାଇଁ ଯଦି କେବଳ ଅନ୍ନଜଳର ଆବଶ୍ୟକତା ସତ୍ୟ ହୁଏ, ତା ହେଲେ ଏଇଠାରୁ ପଳାୟନବାଦର ଭିତ୍ତି ଲଭିବାକୁ ହେବ । କିନ୍ତୁ ଜୀବନ ସେତିକି ପାଇ ଆଦୌ ସନ୍ତୁଷ୍ଟ ନୁହେଁ ସାଗ୍‌ରିକା ! ସେ ଚାହେଁ ବର୍ଣ୍ଣ ଆଉ ରୂପର ବୈଭବ । ସେ ଚାହେଁ ଭଲ ପାଇବାର ଉତ୍ତାପ ଭିତରେ ଆତ୍ମ ପ୍ରତିଷ୍ଠାର ଗୌରବ ।

ପରିହାସ କରି ସାଗ୍‌ରିକା କହିଲା—

ତମେ ଯେ ଜଣେ ସୁନ୍ଦର ପ୍ରେମିକ ସେ ଅଭିଜ୍ଞତା ମୁଁ ଆଜି ପ୍ରଥମ କରି ଅର୍ଜନ କରୁଛି । କିନ୍ତୁ କିଛିଦିନ ପୂର୍ବରୁ ତମର ସେହି ପୁରୁଷତ୍ୱର ଦମ୍ଭ ଆଉ ଆସ୍ଫାଳନ କୁଆଡ଼େ ଗଲା ? ଆଜି ପୁଣି ନୂତନ ପ୍ରଣୟ ବକ୍ଷସ୍ଥର ରଚନା ପାଇଁ ତମେ ନିଜକୁ ପ୍ରସ୍ତୁତ କରୁଛ । କିନ୍ତୁ ତମକୁ ଘୃଣା କରିବାକୁ ତମେହିଁ ମତେ ଶିଖେଇଛ ଅଜି । ତମେ ପଳାୟନପନ୍ଥୀ...ତମେ କାପୁରୁଷ...

ନିରୁତ୍ତର ହୋଇ ସାଗ୍‌ରିକାର ମୁହଁକୁ ଚାହିଁ ରହିଲା ବନାନୀ । ସାଗ୍‌ରିକା ଠିକ୍ କଥା କହୁଛି । ଧନେ ଯାହାକୁ ଅନ୍ୟାୟ, ଅତ୍ୟାଚାର କହୁ ତାର ଗତି ରୋଧ ପାଇଁ ସାଗ୍‌ରିକା ହାତରେ

ସେ ଯେଉଁ ଚାବୁକ ଖୋଲି ଦେଇଥିଲା, ସେହି ଚାବୁକ ଧରି ତାକୁ ଅଜସ୍ର ଆଘାତ କରିଚି ସାଗ୍ନିକା । ସେଇଟା ସାଗ୍ନିକାର ଭୁଲ ନୁହେଁ, ତାର ଭୁଲ । ପର ମୁହୂର୍ତ୍ତରେ ଗୋଟାଏ ଯଥାଯଥ ଉତ୍ତର ଦେବାକୁ ଯାଉଥିଲା ବନାନୀ । କିନ୍ତୁ ସେହି ସମୟରେ କିଏ ଯେମିତି ଆସି ଦୁଆର ମୁହଁରେ ଠିଆ ହେଇ ଗଲା ।

ସାଗ୍ନିକା ପଚାରିଲା—

କିଏ... ?

ମୁଁ ଗୈରିକା...

ଖବର କଣ ଗୈରିକା... ?

କହି ବାହାରକୁ ଚାଲି ଆସିଲା ସାଗ୍ନିକା । ଦୁଆର ମୁହଁର ପରଦାଟା ଘୁଞ୍ଚେଇ ଦେଇ ସେ ପୁଣି କହିଲା—

ସତ୍ୟକାମ ସରିଚି...

ସରିଚି...

ପ୍ରସନ୍ନ କଣ୍ଠରେ ସାଗ୍ନିକା କହିଲା—

ମହଲରେ ସେମାନେ ଆମମାନଙ୍କୁ ଗ୍ରହଣ କରି ନେଇ ପାରୁଚନ୍ତି ତ ?

ନମ୍ର ସ୍ୱରରେ ଗୈରିକା କହିଲା—

ସ୍ୱାଧୀନତାର ଦଶବର୍ଷ ପରେ ଶାସନ କଳ ଅସ୍ତେ ଅସ୍ତେ ଲୋକଙ୍କୁ ଯନ୍ତ୍ର ପଦରୁ ମଣିଷତ୍ୱ ଆଡ଼କୁ ଟାଣି ନେଉଚି । ପ୍ରାୟ ପାଞ୍ଚ ହଜାର ଚାଷୀ ମଜଦୁର ସ୍ୱେଚ୍ଛା ପ୍ରଣୋଦିତ ହେଇ ଆମ ସହିତ ଯୋଗ ଦେବାକୁ ଆସୁଚନ୍ତି ।

ଆଜି ସେଥିଯୋଗୁ ତମର ଚେଷ୍ଟା ପ୍ରଶଂସନୀୟ...

ଭକ୍ତଦେଇ ଗିରିଜାର କପାଳରେ ହାତ ବୁଲେଇ ଆଣିଲା ସାଗରିକା ।

ତାର ପାଦଧୂଳି ନେଇ ଟିରଜା ଭକ୍ତଲି—

ମୁଁ ଯାଉଛି । ଆପଣ ଆସନ୍ତୁ…

ସେଦିନ ଦିନର ଶେଷବେଳ । ଖିଅ ଗିଅ ସାଇ ବନାନୀ ବିଛଣାରେ ପଡ଼ି ପଡ଼ି ବିଶ୍ରାମ କରୁଥିଲା । ସାଗରିକା ଗିରିଜାର ପଛେ ପଛେ ଯାଇ ଆଜ ଘରକୁ ଫେରି ନାହିଁ । ଅଦ୍ଭୁତ ଝିଅ ସେ । ଦିନେ ତାକୁ ଆକସ୍ମିକ ଭାବରେ ନିଜର କରି ପାଇଥିଲା ବନାନୀ । ବହୁ ସାଧ ସାଧନା ପରେ ତାକୁ ଶଙ୍କ ଆଜ ମିଥ୍ୟା କରି ଠିଆ କରେଇଥିଲା ତାର ଅନ୍ଧକାର ଚଳନ୍ତି ପଥରେ । ସେଦିନର ଘଟଣା ଆଜି ଗୋଟି ଗୋଟି ହୋଇ ମନ ଭିତରେ ଖେଳି ଯାଉଛି ।

ଥରେ ସାଗରିକାକୁ ଧରି ବନ୍ଧୁ ଦଳର ଫୁର୍ତ୍ତି ପାଇଁ ଗାଁ ଗହଳକୁ ଯାଇଥିଲା ବନାନୀ । ଶୀତ ଦିନ । ସନ୍ଧ ପ୍ରାୟ ଦଶଟା ପରେ ଦିହେଁ ଯାକ ଗୋଟାଏ ଜୀପରେ ଫେରୁଥିଲେ । ନିଜେ ମଟର ଚଲାଉଥିଲା ସାଗରିକା । ବାଁ ପଟରେ ଦେହରେ ସାଲ୍ ଘୋଡ଼େଇ ବସି ରହିଥିଲା ବନାନୀ । ତରୁଣ ନାରୀ ସମାଜର ଅଗ୍ରଣୀ । ପଲ୍ଲୀର ଉଠାଣି ଗଡ଼ାଣି ବାଟ ଦେଇ ଜୀପ୍ ଆଗେଇ ଚାଲିଥିଲା । ଚାରିପାଖରେ ଗଭୀର ଶୀତାର୍ତ୍ତ ଅନ୍ଧକାର । ସମସ୍ତ

ଦିନର ପରିଶ୍ରମ ଆଉ ସାନାହାରର ଅନିୟମିତତା ଯୋଗୁ କ୍ଲାନ୍ତ ତନ୍ଦ୍ରାଚ୍ଛନ୍ନ ବନାନୀର ମୁଣ୍ଡଟି ସାଗ୍ନିକାର କାନ୍ଧ ଉପରେ ଢଳି ପଡ଼ିଥିଲା । ସ୍ତ୍ରାର ଧକେଇ ଭକେଇରେ ସାଗ୍ନିକାର ଗ୍ଲଭରେ ନିବିଡ଼ ହୋଇ ଲାଗିଯାଉଥିଲା ତାର ଦେହ । ସତେ କେତେ ମଧୁର···ସେମାନଙ୍କର ସେ ସ୍ପର୍ଶ···

ସାଗ୍ନିକାର ବାହୁ କଂପି ଉଠିଲା । ସ୍ଖଳିତ କଣ୍ଠରେ ସେ ଡାକି ଉଠିଲା—

ଶୋଇଲ ଯେ···

ହଠାତ୍ ଉଠି ବସି ତନ୍ଦ୍ରା ବିଜଡ଼ିତ ପରି ବନାନୀ କହିଲା—

ନା ଶୋଇନାହିଁ । କିନ୍ତୁ···

କଣ କିନ୍ତୁ···

ଚଞ୍ଚଳ ହୋଇ ଉଠିଲା ସାଗ୍ନିକା । ତାର ଉଲଗ୍ନ ବକ୍ଷ ଉପରୁ ଖସି ଆସୁଥିବା ସ୍କାର୍ଫଟିକୁ କାନ୍ଧ ଉପରକୁ ଟେକି ଦେଇ ଦେଇ ଜଡ଼ିତ ସ୍ୱରରେ ବନାନୀ କହିଲା—

ଘୁମେଇ ପଡ଼ ତମେ ଏମିତି ଚିରକାଳ ପ୍ରଣୟୀର ବଥ ବାହୁ ପାଶରେ ସାଗ୍ନିକା···

ବନାନୀର ସ୍ୱର ଭିତରେ ଯେମିତି ପ୍ରଣୟର ସମସ୍ତ ମଧୁ ବେଦନା ଆଉ ତାରୁଣ୍ୟର ସକଳ ସ୍ୱପ୍ନ ଭାଙ୍ଗି ପଡ଼ିଲା । ହଠାତ୍ ସାଗ୍ନିକାର ହାତ ଦୁଇଟି ଷ୍ଟିୟରିଂ ଠାରୁ ଶିଥିଳ ହୋଇ ଆସିଲା । କିନ୍ତୁ ପର ମୁହୂର୍ତ୍ତରେ ବନାନୀ ଅସମ୍ଭବ ଭାବରେ ରକ୍ଷା କରି ନେଲା ଦୁହିଁଙ୍କୁ । ନ ହେଲେ ସେଦିନ ହୁଏତ କେଉଁ ନାମହୀନ ଅପନ୍ତରା ପାଟରେ ଦୁହିଙ୍କର ସମାଧି ହୋଇ ଥାଆନ୍ତା ।

ବନାନୀ ଉଠି ବସି ଷ୍ଟିୟରିଂ ଧରିଲା । ପୁଣି ମଟର କ୍ଷିପ୍ର

ବେଗରେ ଆଗକୁ ଚାଲିଲା । କିଛିକ୍ଷଣ ପରେ ଗମ୍ଭୀର ହୋଇ ବନାନୀ ପଚାରିଲା—

ଏତେବଡ଼ ଭୁଲ୍‌କୁ କେମିତି ପ୍ରଶ୍ରୟ ଦେଇ ପାରିଲ ସାଗ୍ନିକା···

ହଠାତ୍ ସାଗ୍ନିକାର ତୁଣ୍ଡରେ ପ୍ରତ୍ୟୁତ୍ତରର ଭାଷା ଫୁଟିଲା ନାହିଁ । କିଛି କ୍ଷଣର ନୀରବତା ପରେ ଅଶ୍ରୁଳ ସ୍ୱରରେ ସେ କହିଲା—

କାହାପାଇଁ ତମର ଏ ତ୍ୟାଗ, ନିଷ୍ଠା, ପରିଶ୍ରମ ? କାହାପାଇଁ ତମ ଜୀବନର ଏ ଅପଚୟ···?

ଧୀର ସ୍ୱରରେ ବନାନୀ ଜବାବ ଦେଲା—

ଭାତ ପାଇଁ···

ଭାତ ପାଇଁ ? ତମ୍ଭପରିସ୍ୱ ଘରେ ତ ଭାତର ଅଭାବ ନାହିଁ···

ଶାନ୍ତ ସ୍ୱରରେ ବନାନୀ କହିଲା—

ଗୋଟିଏ ବନାନୀକୁ ଛାଡ଼ି କୋଟିଏ ନିରନ୍ନ କଂଗାଳ ବନାନୀକୁ ଯଦି କେତୋଟି ତମ୍ଭପରିଗସ୍ୱ ଅନ୍ନ ଯାଚି ଦିଅନ୍ତେ, ଜୀବନର ଏ ଅପଚୟ ଆଉ ହୁଅନ୍ତା ନାହିଁ ସାଗ୍ନିକା···

ଅସନ୍ତୁଷ୍ଟ ହୋଇ ସାଗ୍ନିକା କହି ଉଠିଲା—

ଅନ୍ୟର ପେଟ ଭୋକ ତମେ କେମିତି ବୁଝିବ···?

ଭୋକିଲା ନ ହେଲେ ଭୋକିଲାର ପେଟ ଜ୍ୱାଳା କେହି ଅନୁଭବ କରି ପାରେନା ସାଗ୍ନିକା ! ଧନୀ ପିତାର ସନ୍ତାନ ତମେ । ସରପୁଲି, କ୍ଷୀରଲଡୁ ତମେ ଥୁ ଥୁ କରି କାଉ, କୁକୁର ଆଗକୁ ଫୋପାଡି ଦିଅ । ତମେ କେମିତି ବୁଝିବ ଗଣ୍ଡିଏ ଭାତ

ପାଇଁ ନାସ୍ୱ ତାର ମାତୃଭୂମିକୁ ପଦାଘାତ କରି ନରକ ଭିତରକୁ ଅଗ୍ରେଇ ଯାଏ ବୋଲି ।

ସିକ୍ତ କଣ୍ଠରେ ସାଗ୍ନିକା ପଚାରିଲା—

ତାହେଲେ ତମେ କେବେ ଫେରିବ...?

କେଉଁଠିକି ?

ଚନ୍ଦ୍ରଗୁପ୍ତ ବଂଶର ଶୂନ୍ୟ ପଦ ପୂରଣ କରି, ମୋର ମନପ୍ରାଣ ଆଲୋକିତ କରି କେବେ ତମେ ଫେରିବ ?

କଥା ମଝିରେ ସାଗ୍ନିକାର ସ୍ୱର ଭାଙ୍ଗି ପଡ଼ିଲା । ନାସ୍ୱର ଅଶ୍ରୁ ଚିରଦିନ ପୁରୁଷକୁ କାଙ୍ଗାଳ କରିଛି । ଏଥିରେ ବନାନୀର ତରୁଣୀ ମନ ସଂଯମ ହରେଇ ବସିବା ସ୍ୱାଭାବିକ । କିନ୍ତୁ ଯଥା ସାଧ୍ୟ ନିଜକୁ ଆୟତ୍ତ କରି ସେ କହିଲା—

ହୁଏତ ତାହାର ଅନ୍ୟ ସମସ୍ୟାର ସମାଧାନ ଘଟେ ।

ମାନେ...? ତମେ କହିବାକୁ ଚାହଁ କେବେ ହେଲେ ସର୍ବନାଶ ପଥରୁ ଫେରିବ ନାହିଁ...

ଦୁଇ ହାତରେ ମୁହଁ ଲୁଚେଇ କାନ୍ଦି କାନ୍ଦି ହେକ୍କା ବାନ୍ଧି ଉଠିଲା ସାଗ୍ନିକା । ସଂଯତ ହୋଇ ବନାନୀ ଉତ୍ତର ଦେଲା—

ଫେରିବି । ଯେଉଁଦିନ ତମେ ସର୍ବନାଶୀ ସାଜି ମୋ ବାଟକୁ ଓଗାଳିବ ଆସିବ...

ବାସ୍ତବରେ ସାଗ୍ନିକା ଆଜି ସର୍ବନାଶୀ । ଐଶ୍ୱର୍ଯ୍ୟର ମୋହ, ସ୍ୱପ୍ନଶୀ ବୁନିଆଦର ମାୟାକୁ ନାଶ କରି ସାଗ୍ନିକା ଓଗାଳିଛି ଅସିତ ତ୍ୟାଗ, ନିଷ୍ଠା ଆଉ ଆଦର୍ଶର ଆସନକୁ । କିନ୍ତୁ ସେ ନିଜକୁ ସେଠି ରଖି ପାରିନାହିଁ । ବାହୁ ତଳକୁ ଖସି ଯାଉଛି ।

ଏହି ସମୟରେ ଶିଢ଼ି ପାହାଚରେ ଜୋତା ଶବ୍ଦ କରି ବନାନୀ ଥିବା ଘର ଭିତରକୁ ପଶି ଆସିଲା ସାଗ୍ନିକା । ଜୋରରେ

ଶବ୍ଦ କରି ଗୋଟାଏ ଅରାମ ଚୌକି ଉପରେ ପଡ଼ି ଯାଇ ଆଖି ବୁଜିଦେଲା ସେ । ବନାନୀ ଉପରେ ଯେମିତି ତାର ଦୃଷ୍ଟି ନାହିଁ । କିନ୍ତୁ ବନାନୀ ଅନେଇ ଅନେଇ ଦେଖିବାରେ ଲାଗିଛି ସାଗ୍ନିକାକୁ । ଚୌକିଟା ଉପରେ ସିଧା ହୋଇ ଶୋଇ ରହିଛି ସାଗ୍ନିକା । କପାଳ ଉପରେ ସ୍ୱେଦବିନ୍ଦୁ ଟଳ ଟଳ କରୁଛି । ମଧ୍ୟାହ୍ନ ଆଲୋକର ସ୍ୱଚ୍ଛ ଆଭା ସାଗ୍ନିକାର ମୁହଁ ଉପରେ କେମିତି ଏକ ଆଶ୍ଚର୍ଯ୍ୟ ଭାବେ ପ୍ରତିବିମ୍ବିତ ହେଉଚି ।

ବନାନୀର ଇଚ୍ଛା ହେଲା, ଉଠିଯାଇ ସାଗ୍ନିକାର ମୁକୁଳା କବରୀକୁ ନିଜ ହାତରେ ବେଣୀବନ୍ଧ କରି ଦିଅନ୍ତା ଆଉ ସ୍ୱେଦକାର ପୋଛି ପ୍ରିୟତମାର ସେବାରତ ରହନ୍ତା । କିନ୍ତୁ ତରୁଣ ମନର ଏହି ଆକାଂକ୍ଷାକୁ ଫଳବତୀ ହେବା ପାଇଁ ପ୍ରଶ୍ରୟ ଦେଇ ପାରିବ ନାହିଁ ସାଗ୍ନିକା । ବ୍ୟର୍ଥ ନିରୁପାୟ ମନ ନେଇ କେବଳ ବାହାରକୁ ଅନେଇ ରହିଲା ବନାନୀ ।

ଦୂର ଧାନ କ୍ଷେତ ଉପରେ ମଧ୍ୟାହ୍ନ ଖରା ଧୁ ଧୁ କରୁଚି । ଯେମିତି ନିଃସଂଗ ମଉନତା ଭିତରେ ମଗ୍ନ ହୋଇ ଯାଇଚି ଏ ପୃଥିବୀଟା । କ୍ଳାନ୍ତ କପୋତୀର କଣ୍ଠରେ ପ୍ରାଣର ସ୍ପନ୍ଦନ ଜାଗି ଉଠୁଚି । କ୍ଳାନ୍ତ ସ୍ୱରରେ ବନାନୀ କହିଲା—

ଖରାଟା ଭାରି ଟାଣ ହୋଇଚି । ଶ୍ରାବଣ ମାସରେ ପୁଣି ଖରା…

ଆଖି ଖୋଲି ବନାନୀକି ଚାହିଁଲା ସାଗ୍ନିକା । କହିଲା—

ତଥାପିତ ଓଡ଼ିଶାରେ ମରୁଭୂମି ନାହିଁ ବୋଲି କର୍ତ୍ତୃପକ୍ଷ ଗୁଡ଼ ଦମ୍ଭ କରି କହିଚନ୍ତି । ଯାଏ, ବହୁତ କାମ ବାକି । ଉଠିବାକୁ ହେବ ଏଥର ।

ସାଗ୍ନିକାର ପାଖକୁ ଉଠି ଆସୁ ଆସୁ ବନାନୀ କହିଲା—

ଏଡ଼େ ଖରାଟାରେ କୁଆଡ଼େ ଯିବ ? କି କାମ ତମର ଏଠେ ଅଛୁ ସାଗ୍‌ନିକା ।

ସାଗ୍‌ନିକା ଆଗରେ ମୁଖ୍ୟତଃ ଦୁଇଟି ପ୍ରଶ୍ନ । ଗୋଟାଏ ମୋଟାମୋଟି ଉତ୍ତର ଦେଇ ସେ କହିଲା—

ଭାଲ୍ ଗିରିଜା ଯେଉଁ କାମରେ ଏଠିକି ଆସିଥିଲେ ସେଥିପାଇଁ ଆୟୋଜନ କରିବାକୁ ହେବ । ଅଚ୍ଛା, ତମେ ଆଉ ଘର ଏବେ ଲେଖା ଲେଖି କରୁଛ ନା ? ଗୋଟାଏ ଗୀତ ଲେଖି ଦେଇ ପାରିବ ?

ଉତ୍ସାହିତ ହୋଇ ବନାନୀ ପଚାରିଲା—

କି ଗୀତ ?

ସାଗ୍‌ନିକା କହିଲା—

ଦିନାଦିନ ପରେ ଏଠିକାର ସମସ୍ତ କାରଖାନାରେ ଶ୍ରମିକ ମାନଙ୍କର ଗୋଟିଏ ବଡ଼ ଧରଣର ସଭା ହେବ । ସେଥିପାଇଁ ଗୋଟାଏ ଗୀତ, ସଭା ଆରମ୍ଭରେ ଗାଇବା ପାଇଁ ।

ଅସ୍ତେ ଅସ୍ତେ ବନାନୀ ପଚାରିଲା—

ଏ ସଭାର ଉଦ୍ଦେଶ୍ୟ···?

ଆଗାମୀ ଧର୍ମଘଟ ପାଇଁ ଉତ୍ତେଜନାର ଶକ୍ତି ଆଉ ବେଗ ସଂଚୟ କରିବା ।

କଥା ସାରି ଉଠି ଯାଉଥିଲା ସାଗ୍‌ନିକା । ପଛରୁ ବନାନୀ ଡାକି ଉଠିଲା—

ସାଗ୍‌ନିକା ଶୁଣ···

ଅଗତ୍ୟା ଚୌକୀଟା ଉପରେ ପୁଣି ବସିପଡ଼ି ସାଗ୍‌ନିକା ପଚାରିଲା—

କଣ କହ···

ରହି ରହି ବନାନୀ କହିଲା—

ଆରଶିରେ ମୁହଁ ଦେଖୁଚ...

କାହିଁକି ?

ମଧୁ ହସି ସାଗ୍‌ନିକା ବନାନୀର ମୁହଁକୁ ଅନେଇଲା ।

ତମର ସ୍ୱାସ୍ଥ୍ୟ କଣ ହେଉଚି ?

ଏକ ଅବ୍ୟକ୍ତ ଅଭିମାନରେ ସାଗ୍‌ନିକାର ଗଳା ରୁଦ୍ଧ ହୋଇ ଆସୁଥିଲା । କିନ୍ତୁ ବନାନୀକି ତାର ସୂଚନା ନ ଦେବାକୁ ଚେଷ୍ଟା କରି ସେ କହିଲା—

ଆର୍ଶି କିଣିବାକୁ ପଇସା କାହିଁ ?

ସାଗ୍‌ନିକା ଓଠରୁ ପୂର୍ବ ପରି ହସର ଝଲକ ଝଟୁଚି । ସେ ହସ ଯେମିତି ମଧ୍ୟାହ୍ନର ଏହି ଖରାଠାରୁ ଅଧିକ ଉତ୍ତପ୍ତ । ଅଧିକ ପୀଡ଼ାଦାୟକ । ସେ ଉତ୍ତାପରେ ବନାନୀର ସମଗ୍ର ଶରୀର ଯେପରି ଜଳି ଉଠୁଚି । ସାଗ୍‌ନିକାର ଡାହାଣି ହାତ ମୁଠେଇ ଧରି ଉଚ୍ଚ ସ୍ୱରରେ ବନାନୀ ପଚାରିଲା—

ପଇସା ତମେ ଚାହଁ ସାଗ୍‌ନିକା...?

ଓ ତମେ ଆଜିକାଲି ମାସର ପ୍ରଥମ ସପ୍ତାହରେ କିଛି ମୋଟା ଅଙ୍କର ଧଳା ମାଲ ପାଇ ଯାଉଚ ପରା...

ବଙ୍କି କଣ୍ଠରେ ଏତିକି କହି ହାତ ଛଡ଼େଇ ଦ୍ରୁତ ପଦରେ ସେ ଘରୁ ବାହାରି ଗଲା ସାଗ୍‌ନିକା । ଏହି ଉପହାସର ତଳେ ଯେଉଁ ଅନ୍ତର ଛପି ରହିଗଲା ତାକୁ ବୁଝିଲା ନାହିଁ ସାଗ୍‌ନିକା । ନିରୁପାୟ, ଆହତ ବନାନୀ ଆଉ କିଛି ଚିନ୍ତା କରି ପାରିଲା ନାହିଁ । ଏହା ଯେମିତି ତା କୃତକର୍ମର ଫଳ । ବନାନୀର ଦୁଇଗଣ୍ଡ ବହି ଅଶ୍ରୁ ଝରି ପଡ଼ିଲା ।

ଏହା ଭିତରେ ଗୋଟିଏ ସପ୍ତାହ ବିତି ଯାଇଛି । କିନ୍ତୁ ସାଗରିକା ସହିତ ଅଜିତ ନିୟମିତ ଦେଖାହୁଏ ନାହିଁ । ସେ ପ୍ରାୟ ଘରେ ରହେ ନାହିଁ । ନାନା କାମରେ ବାହାରେ ବାହାରେ ଘୁରି ବୁଲୁଥାଏ । କେତେବେଳେ ସେ ଘରକୁ ଫେରି ଆସେ ମା ବୁଢ଼ୀ ଜାଣି ପାରନ୍ତି ନାହିଁ । ଏହି ଶୋଭାଯାତ୍ରା ଧର୍ମଘଟ ଯେମିତି ତାଙ୍କୁ ପାରିବାରିକ ଜୀବନଠାରୁ ବିଚ୍ଛିନ୍ନ କରି ଅସ୍ତେ ଅସ୍ତେ ଦୂରକୁ ଟାଣି ନେଉଛି ।

ସୁବର୍ଣ୍ଣ ଦେବୀ ଝିଅର ଏହି ଉତ୍ତେଜନା, ଉତ୍ସାହ, ଏହି ସ୍ଲୋଗାନ, 'ଲାଲଝଣ୍ଡା' ଜିନ୍ଦାବାଦକୁ ପସନ୍ଦ କରି ପାରନ୍ତି ନାହିଁ । ମାତ୍ର ଅନ୍ତର ତାଙ୍କର ଏକ ଅବ୍ୟକ୍ତ ବେଦନାରେ ନିରନ୍ତର ଆକୁଳ ହେଉଥାଏ । ଝିଅର ଶୂନ୍ୟ ସୀମନ୍ତ, ନିରାଭରଣୀ ବେଶଭୂଷା, ଅନାସକ୍ତ ବୈରାଗୀ ବେଶ ଦେଖି ହୃଦୟ ତାଙ୍କର ଅଶ୍ରୁ ଭାରରେ ଫାଟି ପଡ଼େ । କିନ୍ତୁ ତୁଣ୍ଡ ଖୋଲି ବାହାରେ ସେ କିଛି ପ୍ରକାଶ କରି ପାରନ୍ତି ନାହିଁ । ସେଥିଯୋଗୁ କୁଣ୍ଠା କରି ସେ ଝିଅ ଠାରୁ ଦୂରେଇ ରହନ୍ତି । ସାଗରିକା ମଧ୍ୟ ମା'ଙ୍କୁ କିଛି କହେ ନାହିଁ । ସବୁ ବୁଝି ପାରୁଥିଲେ ବୁଢ଼ୀ ସେ ଯେପରି ନିଜକୁ ପ୍ରସ୍ତର ପ୍ରତିମାରେ ପରିଣତ କରି ଦେବାକୁ ଚେଷ୍ଟା କରୁଛି ।

ସମସ୍ତ ସମୟରେ ସାଗରିକାକୁ ଦେଖି ପକେଇ ଅନେଇ ରହେ ବନାନୀ । କେଉଁଠି କେଉଁ ଶ୍ରମିକ ବସ୍ତି, କେଉଁ ଚାଷୀ ପଡ଼ାରେ ବୁଲି ବୁଲି ତାର ପାଦ ଦୁଇଟିରେ ହୁଏତ ଆଉ ଚଳିବା ଶକ୍ତି ନଥାଏ । ଚଟିର ଗୋଟାଏ ପାଖ ଛିଣ୍ଡି ଲୁଅଡ଼େ ହଉ ଗଲାଣି । ରାସ୍ତାର ଧୂଳିରେ ଶାଢ଼ୀର ରଙ୍ଗ ବଦଳି ପଡ଼ିଲାଣି । ଖାନାହାରର ଅନିୟମିତତା ଭିତରେ ମଉଳି ଅଇଲାଣି ସୁଗଠିତ ତନୁଶ୍ରୀ । ତଥାପି ଯେମିତି ଦେହରେ ଦୁର୍ବାର

ସେହି ଅଦମିତ ଶକ୍ତି, ଆଖିରେ ସେହି ଅନିର୍ବଚନୀୟ ଜ୍ୟୋତିର୍ମୟତା ବହି ରହିଛି ।

ଅବାକ୍ ବିସ୍ମୟରେ ସାଗ୍ନିକା କଥା ଭାବେ ବନାନୀ । ପ୍ରଥମେ ସେ ତାକୁ ଯେଉଁ ଅବସ୍ଥାରେ ପାଇଥିଲା, ସେତେବେଳେ ସାଗ୍ନିକା ଥିଲା, କର୍କଶ, ପିଙ୍ଗଳ ଲୌହ ମୂର୍ତ୍ତି । ବହୁ ଘର୍ଷଣ ଆଉ ଉତ୍ତାପ ପରେ ସେ ହୋଇ ଉଠିଛି ଗାସ ଶବରର ତେଜମୟ ଫଳକ । ଆଉ ଅବଶିଷ୍ଟାଂଶରେ ବଢ଼ି ଉଠିଛି ଏରକାର ବନ । ଏ ଯୁଗର ଯଦୁବଂଶୀ, ଏହି ସ୍ୱାର୍ଥପର ଦୁର୍କଶ, ପୁଞ୍ଜିବାଦୀ ଦଲାଲ ମାନଙ୍କୁ ଧ୍ୱଂସ କରିବାର ଯେମିତି ଏ ଏକ ଉପାଦାନ ।

ସାଗ୍ନିକା ଅଦ୍ଭୁତ୍ ଝିଅ । ବନାନୀ ମନେ ପକାଉ ଥିଲା ତାର ଅନଭିଜ୍ଞା କିଶୋରୀ ପ୍ରେୟସୀ ସାଗ୍ନିକା ସହିତ ଏଥର ସାଗ୍ନିକାର ଯେମିତି କୌଣସି ସାମଞ୍ଜସ୍ୟ ନଥିଲା । ଅନେକଥର ବିରୁଦ୍ଧ ଦଳର କାମ ହାସଲ ପାଇଁ ବନାନୀର ନିର୍ଦ୍ଦେଶରେ ଦଳର ନେତୃତ୍ୱ ନେଇ ଏକାକୀ ସ୍ୱଚ୍ଛନ୍ଦରେ ଆଗେଇ ଯାଇଛି ସାଗ୍ନିକା । ସୁଦୂର କେଉଁ ପଲ୍ଲୀର କୁଟୀରରେ, କେଉଁ ବିଜନ ଭୂଖଣ୍ଡର ଅପନ୍ତରାରେ ପୁରୁଷର ହିଂସ୍ର ତାରୁଣ୍ୟ ମଝିରେ ଶାନ୍ତି ସ୍ଥାପନ କରି ଆସିଛି । ପୁଣି କେବେ ପୁଲିସ୍ ଆଖିରେ ଧୂଳି ଦେଇ କେଉଁ ନିର୍ଜନ ଗୁମ୍ଫାରେ ବସି ବସି ମାରଣାସ୍ତ୍ର ପ୍ରସ୍ତୁତ କରିଛି । କିନ୍ତୁ ସାଗ୍ନିକା ମୁହଁରେ କେବେ ବନାନୀ ଦେଖିନାହିଁ ନାରୀର ଲଜ୍ଜା, ଉତ୍କଣ୍ଠା କିମ୍ବା ଅନୁଭବ କରିନାହିଁ ସ୍ପନ୍ଦନ । ତଥାପି ଅସ୍ୱୀକାର କରି ହେଉନାହିଁ । କର୍ମ କ୍ଷେତ୍ରଠାରୁ ଦୂରରେ ଏକାନ୍ତରେ ବନାନୀଙ୍କୁ ପାଇଲେ ସାଗ୍ନିକା ଆଖିରେ ଅଶ୍ରୁ ବାଧା ମାନୁ ନ ଥିଲା ।

ତପସ୍ୱିନୀର ପ୍ରାଣ ହଂସୀ ଚାହୁଁଥିଲା ଶତ ପିଞ୍ଜରା ଖୋଲି ଅନନ୍ତ ଗଗନରେ ଅବାଧ ପକ୍ଷ ସଂଚାର କରି ଉଡ଼ି ବୁଲିବାକୁ ।

ବିଛଣାରେ ଶୋଇ ଶୋଇ ଏ ସବୁ ଚିନ୍ତା କରୁଥିଲେ ବନାନୀ । ରାତିର ନିସ୍ତବ୍ଧତା ଭିତରେ ସମୁଦ୍ରର ଗର୍ଜନ ଏଠି ଆସି ପହଞ୍ଚୁଛି । ତାହାରି ଭିତରେ ପୁଣି ଚକ୍ରବାକୀର ବିଳାପ । ନିର୍ଜନ ମଣିଷ ପ୍ରାଣରେ କରୁଣା ସଞ୍ଚାର କରି ଚାଲିଛି । ଏ ବିଳାପର ଯେମିତି ବିରାମ ନାହିଁ । ଜୀବନର ଶୂନ୍ୟତା ପରି ତାହା ଯେପରି ଚିରନ୍ତନ, ଅବିନାଶ...

ବନାନୀ ଆଖିରେ ନିଦ ଆସୁନାହିଁ । ବିଛଣାରେ ପଡ଼ି ପଡ଼ି ସେ ଯେମିତି ଏକ ତୀବ୍ର ବେଦନାର ଅନୁଭବ କଲେ । ଧୀରେ ଧୀରେ ଚାଲି, ସେ ଆସି ଦୋମହଲାର ପ୍ରାଙ୍ଗଣରେ ପହଞ୍ଚିଲେ । ସେଠି ମଧ୍ୟ ସେ ରହିଲେ ନାହିଁ । ଘରର ଏକ ପଟର ଶେଷାଂଶରେ ପାଦ ଦୁଇଟି ଆପେ ଆପେ ତାର ଥମିଗଲା ।

ନିର୍ଜନ ନୀରବ ଗୃହସ୍ଥଳୀ । ଶୂନ୍ୟତାରେ ହୁ ହୁ କରୁଛି । ତଳ ମହଲାର କେଉଁ କୋଣରେ ଆଶ୍ରୟ ନେଇଚନ୍ତି କେଇଟି ନିରକ୍ଷର ମଣିଷ । ତାହା ସହିତ ଯେପରି ଉପର ମହଲାର କୌଣସି ଯୋଗାଯୋଗ ନାହିଁ । ଏହି ବିରାଟ ଜନ ଶୂନ୍ୟତା ଭିତରେ ବନାନୀ ଯେମିତି ବିସ୍ତୀର୍ଣ୍ଣ ତଟ ଭୂମି ଉପରେ ସାମାନ୍ୟ ଖଣ୍ଡିଏ ଉପଳ । ଦୁରନ୍ତ ବୈଶାଖର ଝଡ଼, ଶିଶିରର ତୁଷାରବର୍ଷଣ ସବୁ ତାକୁ ଅକାତରରେ ବରେଇ ଦେବାକୁ ହେବ । କୌଣସି ବୈଲକ୍ଷଣ୍ୟ ପ୍ରକାଶ କଲେ ଚଳିବ ନାହିଁ । ସେଥିରେ ଯେପରି ମାନବିକ ଧର୍ମର ବିରୁଦ୍ଧାଚରଣ କରାଯିବ ।

ଯେତେଦୂର ଦୃଷ୍ଟି ଯିବ ଦିଗ୍‌ବଳୟର ଅସୀମ ନୀଳିମ ରେଖା । ଉଦାର ଅନନ୍ତ ଆକାଶ । ଲୋକାଳୟ ଦୂରରେ ।

ମଝିରେ ମଝିରେ କେଉଁ ଅନାମା ସାମୁଦ୍ରିକ ପକ୍ଷୀର ସ୍ୱର ଭାସି ଆସୁଛି । ଦୂରରୁ ଦିଶୁଛି ସମୁଦ୍ରର ବିକ୍ଷୁବ୍ଧ ଅନ୍ଦୋଳିତ ନୀଳ ଜଳରାଶି । ସତେ ଯେମିତି ଲଜ୍ଜାନତା କୁଣ୍ଠିତା ପ୍ରେୟସୀକି ଆଲିଙ୍ଗନ କରି ନେବାକୁ ତରଙ୍ଗର ବ୍ୟଗ୍ର ବାହୁ ଟେକି ହସି ଉଠୁଛି ସେ ।

ହଠାତ୍ ନିଜର ବାହୁ ଦୁଇଟିରେ ଶୀତଳତା ଅନୁଭବ କଲା ବନାନୀ । ମନେ ହେଲା ଏହି ମୁହୂର୍ତ୍ତରେ କିଏ ଯଦି ଦେହ ଉପରେ ତାର ଅତ୍ୟାଚାର କରି ଯାଆନ୍ତା……ଆଜି ସେ ତାର ବଳିଷ୍ଠ ବ୍ୟଗ୍ର ବାହୁରେ କେଉଁ ଗୋଟିଏ କନକ ଦେହ ଚିପି ପୀଡ଼ିତ କରି ଏ ଅକଥନୀୟ ଯନ୍ତ୍ରଣାରୁ ମୁକ୍ତି ପାଆନ୍ତା ।

ଉତ୍ତେଜନାରେ ଘୂରି ପଡ଼ିଲା ବନାନୀ । ଦେହ ତାର ଧକ୍କା ଲାଗିଗଲା ଆଉ ଗୋଟିଏ କୋମଳ ପଦାର୍ଥରେ । ଚମକି ଦୁପାଦ ପଛକୁ ଘୁଞ୍ଚି ଆସିଲା ସେ । ଛାତି ତାର ଥରୁଛି । ଏ ଆକସ୍ମିକ ଧକ୍କାରେ ବନାନୀର ମୂଳ ଭିତ୍ତି ଯେମିତି ଦୋହଲି ଯାଇଛି । ତାହାହିଁ ଅନୁଭବ କରୁଛି ସେ । ଦେହରେ ଆସ୍ତେ ଆସ୍ତେ ଆସି ଯାଉଛି ଏକ ଅଶରୀର ଜଡ଼ତା । ଅସ୍ପଷ୍ଟ ହୋଇ ବନାନୀର ପାଟିରୁ ବାହାରି ଆସିଲା—

କିଏ……?

ଚିହ୍ନିବ ନାହିଁ…

ଚପଳା ବାଳିକା ପରି ଖିଲ୍ ଖିଲ୍ ହୋଇ ହସି ଉଠିଲା ସାଗରିକା । ବନାନୀର ଖୁବ୍ ପାଖକୁ ଲାଗି ଆସି କହିଲା—

ତମେ ଶୋଇନାହଁ ? କେଉଁ ଅଭିସାରିକା ପାଇଁ ଜାଗି ରହିଛ ?

ସେପଟକୁ ମୁହଁ ବୁଲେଇ ନେଲା ସାଗରିକା । ଅଙ୍ଗ ଦେଖି

ପାରିଲା ନାହିଁ ବନାନୀ । କିନ୍ତୁ ତାର ନୀରବ କଳଧ୍ୱନି ନିଜ ଭିତରେ ଉପଲବ୍ଧି କରି ପାରିଲା ସେ । ଅନେକ ଦିନ ପରେ ଆଜି ଯେମିତି ପାଷାଣ ବୁକୁରେ ଶିହରଣ ଖେଳି ଯାଉଛି । ଏଇ ମଧୁର ଆବେଶରେ ବନାନୀର ଆଖି ଦୁଇଟି ଛଳଛଳ ହୋଇ ଆସିଲା । କିନ୍ତୁ ପରକ୍ଷଣରେ ଜାଗି ଉଠି ସେ ଡାକିଲା—

ସାଗ୍ନିକା......

କିନ୍ତୁ ବନାନୀର କଣ୍ଠ ଦେଇ ସେ ସ୍ୱର ନିର୍ଗତ ହେଲା ନାହିଁ । ମନର ଡାକ ଓଠ ତଟରେ ଧକ୍‌କା ଖାଇ ଫେରିଗଲା । ଦେହରେ ତାର ଅପୂର୍ବ ପୁଲକ । ସେ ଯେମିତି ଆଜି ଫେରି ପାଉଛି ପ୍ରଥମ ଦିନର କିଶୋରୀ ତନ୍ୱୀ ସାଗ୍‌ନିକାକୁ । ନିଜର ଏଇ ଅବସ୍ଥାଟାକୁ ଏକାଥରେ ଆଲିଙ୍ଗନ କରି ନେବାକୁ ଇଚ୍ଛାହେଲା ବନାନୀର ।

ଏଥି ଭିତରେ ସାଗ୍‌ନିକା ଯାଇ ଗୋଟାଏ ସିମେଣ୍ଟ ବେଞ୍ଚ ଉପରେ ବସି ସାରିଛି । ଏତେ କ୍ଷଣ ଧରି ତାକୁ କୌଣସି କଥା କହି ପାରିନାହିଁ ବନାନୀ । ସାଗ୍‌ନିକା ମଧ୍ୟ ନୀରବ । କ'ଣ ଯେପରି ଭାବୁଛି ସେ । ଶ୍ରାବଣର ଅକାଳ ନିର୍ମେଘ ଆକାଶରେ ଶୁକ୍ଳାଷ୍ଟମୀ ଚନ୍ଦ୍ରର କଳେବର ଏପର୍ଯ୍ୟନ୍ତ ହଜି ଯାଇନାହିଁ । ଅଦୂରର ବେଳାଭୂମି ଉପରେ ଜ୍ୟୋତ୍ସ୍ନା ମୂର୍ଚ୍ଛିତ ହୋଇ ପଡ଼ିଛି । ସତେ ଯେମିତି ସାଗରର ଶଯ୍ୟାଧାର ଉପରେ କେଉଁ ନବ ନାୟିକାର ବକ୍ଷାଂଚଳ ଖୋଲି ପଡ଼ିଛି । ମୁଗ୍ଧ ବନାନୀ ଆସି ସାଗ୍‌ନିକାର ପାଖରେ ବସିଯାଇ କହି ଉଠିଲା—

ଗୋଟାଏ ପ୍ରଶ୍ନର ଉତ୍ତର ଦିଅ ସାଗ୍‌ନିକା ! ଯେଉଁ ନଦୀ ଦୁଇ ପଟର ତଟ ଭୁଲି ସାଗର ଉଦ୍ଦେଶ୍ୟରେ ଛୁଟି ଚାଲିଥିଲା, ସେ ପୁଣି ତଟ ହରେଇ ସ୍ଥିର ରହିଲା କାହିଁକି ?

ଖୁବ୍ ସହଜରେ କଥାଟା ଅନୁମାନ କରି ପାରିଲା ସାଗ୍ନିକା, ହସି ଉଠି ଜବାବ ଦେଲା—

ତମର ସେଇ ରଚନାରେ...

ଏଥର ଆଉ ବନାନୀର ତୁଣ୍ଡରେ କଥା ଆସିଲା ନାହିଁ । ସେହି କଥା ଭିତରେ ତାର ସକଳ ପୁଞ୍ଜି ଯେମିତି ହରେଇ ସାରିଛି ସେ । ସାଗ୍ନିକା ମଧ୍ୟ ଚୁପ୍ । ତାର କପାଳରେ ହାତ ବୁଲେଇ ବୁଲେଇ ଚୁନା ବାଳ ଗୋଟେଇ ଦେବାକୁ ଲାଗିଲା ବନାନୀ ।

ଅନ୍ୟଦିନ ହୋଇଥିଲେ ସାଗ୍ନିକା ହୁଏତ ବନାନୀର ହାତ ଅଡ଼େଇ ଚାଲି ଯାଇ ଥାଆନ୍ତା । କିନ୍ତୁ ଆଜି ସାରାଦିନର ହାଡ଼ଭଙ୍ଗା ପରିଶ୍ରମ ଆଉ କ୍ଲାନ୍ତି ପରେ ସେ ଚାହୁଁଥିଲା ଟିକିଏ ବିଶ୍ରାମ । ପବନର ଶୀତଳତା ଆଉ ସାମାନ୍ୟ ପରିଚର୍ଯ୍ୟା । ଦେହ ତାର ଯେମିତି ଅସ୍ତେ ଅସ୍ତେ ନିସ୍ତେଜ ହୋଇ ଆସୁଥିଲା । ଚୁପ୍ କରି ସେ ବେଞ୍ଚ ଉପରେ ଅଡ଼ଙ୍କା ପଡ଼ି ରହିଥିଲା ।

କିନ୍ତୁ ଏ ଅବସ୍ଥା ଯେପରି ଅସହ୍ୟ ହୋଇ ଉଠିଲା ବନାନୀର । ସେ ହୁଏତ କିଛି କହନ୍ତା ସାଗ୍ନିକାକୁ । କିନ୍ତୁ କଣ କହିବ ଭାବି ଭାବି ଦୂରକୁ ଚାହିଁ ରହିଲା । ସମୁଦ୍ର କୂଳେ କୂଳେ ଜନ ବସତି । ଆଜି କିନ୍ତୁ ସବୁଠାରୁ ବେଶୀ ଆଖିରେ ପଡ଼େ ତାର ରୁଗ୍ଣତା । ଚାରି ଆଡ଼େ ଘେରି ଗୁଳ୍ମାଚ୍ଛାଦିତ ଭଙ୍ଗା ପଥରର ଗଦା । ପ୍ରେତ ପୁରୁଷର ଭୟାବହ ରୂପ ଧରି ଯେମିତି ଖାଁ ଖାଁ କରି ଉଠୁଛି । ଆଉ ପ୍ରେତ ଲୋକର ଗଭୀର ଅନ୍ଧକାର ଭିତରେ ତମ୍ରପତିସମ୍ଭୁ ବଂଶର ଏହି ବିରାଟ ବାସସ୍ଥଳୀ ଏକ ଅଲୋକ ସ୍ତମ୍ଭ ପରି ଠିଆ ହୋଇ ରହିଛି । କେବେ କେଉଁ ଯୁଗରେ କାସ୍ପିୟାନ ହ୍ରଦ କୂଳ ଛାଡ଼ି ଏହି ବିଜନ ବାଲୁକା

ପ୍ରାନ୍ତରରେ ଚମ୍ପକ ଗନ୍ଧ ବଂଶର କେଉଁ ଅଗ୍ରଣୀ ପୁରୁଷର ପାଦ ଏଠି ପ୍ରଥମ ପଡ଼ିଥିଲା, ଇତିହାସ ତାର କୌଣସି ଚିହ୍ନ ବହନ କରି ପାରି ନାହିଁ । ଲୋକ ଚକ୍ଷୁର ଅଗୋଚରରେ, କ୍ରମାନ୍ୱୟେ ଗୋଟାଏ ବଳିଷ୍ଠ ଶକ୍ତି ଏ ମାଟିରେ ଜାଗି ଉଠିଲା । କାଳର ଅବର୍ତ୍ତନରେ କେତେ ଅସ୍ତ । ଏହି ସାମୁଦ୍ରିକ ପବନରେ ମିଶି ଗଲା । କିନ୍ତୁ ତାର ପାଦ ଚିହ୍ନ ମିଶି ରହିଲା, ଏହି ବଂଶଧରର ଶୋଣିତ କଣା ଭିତରେ । ସେ ରକ୍ତ ଅଜି ଉତ୍ତପ୍ତ, ସେ ରକ୍ତ ଅଜି ଜାଗ୍ରତ । କିନ୍ତୁ ଏହାର ପରିଣତି...

ଶେଷ ଅକ୍ଷର ଉଚ୍ଚ ପାଟି କରି କରି କହି ଉଠିଲା ବନାନୀ । ସାଗରିକାର ଆଖିରେ ତନ୍ଦ୍ରା ଲାଗି ଆସୁଥିଲା । ଆଖି ଖୋଲି ମିଟିମିଟି କରି ସେ ବନାନୀର ମୁହଁକୁ ଅନେଇ ରହିଲା । ନିଜ ସ୍ୱରରେ ନିଜେ ମଧ୍ୟ ବିସ୍ମିତ ହୋଇ ସାଗରିକାର ମୁହଁକୁ ଚାହିଁଲା ବନାନୀ । ଭାବି ଭାବି କେତେ ବେଳେ କଥା ଗୁଡ଼ା କହି ପକାଇଚି ସେ । କିନ୍ତୁ ପରମୁହୂର୍ତ୍ତରେ ତାର ମନେହେଲା ଏଥିପାଇଁ ଯେମିତି ସାଗରିକାର ସନ୍ଦେହ ଅସିଚି ଅଜ ସେଥିପାଇଁ କିଛି ଗୋଟାଏ ଉତ୍ତର ଅବଶ୍ୟକ । ତର ତର ହୋଇ ବନାନୀ ପଚାରି ଉଠିଲା—

ସମୁଦ୍ର କୂଳେ କୂଳେ ଏ ଯେଉଁ ଭଗ୍ନାବଶେଷ ସବୁ ଦେଖା ଯାଉଚି ସେ କଣ ଥିଲା ସାଗରିକା...

ଇହ୍ନିଦେଇ ଦୂରକୁ ଅଙ୍ଗୁଳି ନିର୍ଦ୍ଦେଶ କଲା ବନାନୀ । ଜାଗି ଉଠି ସେହି ଅଡ଼େ ଅନେଇ ରହି ସାଗରିକା କହିଲା—

ଏ ସମ୍ବନ୍ଧେ ଇତିହାସ ମୂକ । କିମ୍ବଦନ୍ତୀରୁ ଜଣାଯାଏ ଏ ଜାଗା ଦିନେ କଳିଙ୍ଗ ସାଧବ ମାନଙ୍କର ବାସସ୍ଥଳୀ ଥିଲା । ଅନେକ ଲୋକ ଏଠୁ ବହୁ ମଣି ମାଣିକ୍ୟ ପାଇଥିବାର ଖବର

ମିଳେ । ଅତୀତର ମଧ୍ୟ ଅନେକ କହନ୍ତି ଇଂରେଜ ବଣିକ ମାନେ ଓଡ଼ିଶାକୁ ଆସିବା ପରେ ପରେ ଏଠି ବାଣିଜ୍ୟ ଘାଟୀ ନିର୍ମାଣ କରିଥିଲେ । ତାଙ୍କ ବାସ ଗୃହର ଭଗ୍ନାବଶେଷ ଏବେ ଦେଖା ଯାଉଛି । ହେଲେ କେଉଁଟି ସତ କହି ହେବ ନାହିଁ ।

କହି କହି ଯୂଥି ଯେମିତି ଟୋଟେଲାଇ ପଡ଼ିଲା ସାଗ୍ନିକା । ତା ଆଡ଼ ପାଖକୁ ଲାଗି ଯାଇ ନିରୀକ୍ଷଣ କରିବାକୁ ଲାଗିଲା ବନାନୀ । ସାଗ୍ନିକାର ଆଖିପତା ଦୁଇଟି ନିବିଡ଼ ଭାବରେ ଲାଗି ଆସିଲାଣି । ନିଦ୍ରାର ନିଶ୍ୱାସରେ ତାର ଏକ ଅସହ୍ୟ ଉଷ୍ମତା ଅନୁଭବ କଲା ବନାନୀ । ବହ୍ନିବଣୀର ଅଗ୍ନି-ଶ୍ୱାସରେ ସବାଙ୍ଗ ତାର ଯେମିତି ଜଳି ଯାଉଛି ଆଉ ସେହି ଅଗ୍ନି ଯେପରି ତାର ଦେହ, ମନ, ହୃଦୟର ପ୍ରତି ଗ୍ରନ୍ଥିରେ ଅସ୍ତେ ଆସ୍ତେ ସଞ୍ଚରି ଯାଉଛି ।

ବନାନୀର ଇଚ୍ଛା ହେଲା ସେ ଦୂରକୁ ଦୂରକୁ ଚାଲିଯିବ । ସେହି ମୁହୂର୍ତ୍ତରେ ମଧ୍ୟ ସେ ସାଗ୍ନିକା ଠାରୁ ଦୁଇ ଆସିଲା କିନ୍ତୁ ବସିବା ଜାଗାରୁ ଉଠି ପାରିଲା ନାହିଁ । ଏତେ ଅନ୍ଧାରରେ ବି ସେ ଅନୁଭବ କଲା କପାଳରେ ତାର ଝାଳ କଣ୍ଠି ଆସିଛି । ଧମନୀର ରକ୍ତ ପ୍ରବାହ ଉଦ୍ଦାମ ହୋଇ ଉଠିଛି । ଦୂରେଇ ଦୂରକୁ ଚାଲି ଯାଇ ପାରିଲେ ରକ୍ଷା । କିନ୍ତୁ ବନାନୀ ଯାଇ ପାରିଲା ନାହିଁ । ପାଖରେ ନିଦ୍ରାଳସା ନାରୀ । ତାର ସ୍ଥାନ ଅଧିକାର କରି ସେ ଆଜି ନିଶ୍ଚିନ୍ତରେ ଶୋଇ ଯାଇଛି । ତାର ରକ୍ଷଣାବେକ୍ଷଣର ଦାୟିତ୍ୱ ଏହିକ୍ଷଣି ସମ୍ପୂର୍ଣ୍ଣ ପୁରୁଷର । ଏପରି ସ୍ଥଳେ ସାଗ୍ନିକାକୁ ଛାଡ଼ି ଚାଲିଯିବା, ବନାନୀ ପକ୍ଷେ ଏକ ପୈଶାଚିକ ବ୍ୟବହାର ଛଡ଼ା ଅନ୍ୟ କିଛି ନୁହେଁ ।

ଅଉ କିଛି ଚିନ୍ତା ନ କରି ପୁଣି ସାଗ୍ନିକାର ପାଖକୁ ଲାଗି

ବସିଲା ବନାନୀ । ନିଘୋର ନିଦରେ ଶୋଇ ପଡ଼ିଛି ସେ । ବେଞ୍ଚର ବାରଣ୍ଡାରୁ ଧୀରେ ଧୀରେ ତାର ମୁଣ୍ଡ ଖସି ଆସୁଛି । ଝୁଙ୍କି ଆସି ସାଗରିକାର ମୁହଁକୁ ସର୍ବଗ୍ରାସୀ ଦୃଷ୍ଟିରେ ଚାହିଁ ରହିଲା ବନାନୀ । ମୃଦୁମନ୍ଦ ନୈଶ ପବନ ତଳେ ସାଗରିକାର ବିବଶା ତନୁଲତା ଲୋଭନୀୟ ହୋଇ ଉଠିଛି । ସତେ ଯେମିତି ଦୁଇଟି ମୁଦ୍ରିତ କମଳ କଳିକା ଉପରେ ଜ୍ୟୋତ୍ସ୍ନାର ଚୁମ୍ବନ ଲାଗିଛି । ପ୍ରାୟ ତିରିଶ ବର୍ଷ ବୟସର ଅନୁଭୂତିରେ ଆସି ମଧ୍ୟ ସାଗରିକା ସୁନ୍ଦରୀ । ଉଷ୍ଣ ଅଧୀର ବାସନାରେ ଆକୁଳ ହୋଇ ଉଠିଲା ବନାନୀ ।

ସାଗରିକାର ମୁଣ୍ଡ ଖସି ଆସି ବନାନୀର ବାହୁ ଉପରେ ଲଟିଗଲା । ବକ୍ଷ ତାର ଘନ ଘନ ସ୍ପନ୍ଦିତ ହୋଇ ଉଠିଲା । ସେ ସ୍ପନ୍ଦନ ମିଶିଗଲା ସାଗରିକାର ପ୍ରତିଟି ନିଶ୍ୱାସରେ । ଅସ୍ୱମସୁ ସୂତ୍ରର ଆଶ୍ରୟ ପାଇ ସାଗରିକାର ନିଦ୍ରା ନିବିଡ଼ ହେବାକୁ ଲାଗିଲା । ତାକୁ ଚାହିଁ ଚାହିଁ ଏକ ଅପୂର୍ବ ଅନୁଭୂତିର ଶୀତ୍କାରରେ ବନାନୀର ଆଖି ଦୁଇଟି ମୁଦି ହୋଇ ଆସିଲା । କିନ୍ତୁ ନିଦ ଯେମିତି ତାକୁ ଆଜି ସ୍ପର୍ଶ କରିବାକୁ ଚାହେଁନା । ଦେହରେ ଖାଲି ରୋମାଞ୍ଚ···

ଆକାଶର ପଶ୍ଚିମ ପ୍ରାନ୍ତରେ ଚନ୍ଦ୍ର ଧୀରେ ଧୀରେ ଅସ୍ତ ଗଲା । ଧରଣୀରେ ରହିଲା କେବଳ ତାର ବିବର୍ଣ୍ଣ ପାଣ୍ଡୁର ଆଭା ।

ଅଦୂର ମସଜିଦ ଘଣ୍ଟାରେ ଠଂ ଠଂ ହୋଇ ବାଜିଲା ରାତି ତିନିଟା । ସାଗରିକାର ନିଦ ପାତଳା ହୋଇ ଆସିଲା । ଥରେ ତା ଆଡ଼କୁ ଚାହିଁ ଦେଇ ଆକାଶକୁ ଚାହିଁ ରହିଲା ବନାନୀ । ଚମ୍ପତିଗଡ଼ ପରିବାରର ନିସ୍ତବ୍ଧ, ନିସ୍ପନ୍ଦ ଅଟ୍ଟାଳିକା ଶୂନ୍ୟଭାବେ

186
17-7-57

ମ୍ରିୟମାଣ ହୋଇ ପଡ଼ୁଛି । ଏ ଘର ଦିନେ ହୁଏତ କେଉଁ ଧନିଆ ସାଧବର ବାସସ୍ଥଳୀ ଥାଇ ଧନ, ଜନ, ଯାନ ବାହନରେ ମୁଖରିତ ହୋଇ ଉଠୁଥିଲା । କିନ୍ତୁ ଆଜି ସବୁ ଶୂନ୍ୟ ଆଉ ସେହି ଶୂନ୍ୟତା ଭିତରେ ଶେଷ ଆଲୋକ ଶିଖା ଏହି ସାଗ୍ନିକା···ଅସୀମ କ୍ଳାନ୍ତି ଆଉ ତନ୍ଦ୍ରା ବିହ୍ୱଳତା ଭିତରେ ବନାନୀର ଆଶ୍ରୟ ଗ୍ରହଣ କରିଛି । ଯେମିତି ଜନ ମାନବ ହୀନ ପ୍ରାନ୍ତରରେ ଦୁଇଟି ସୁଦୂର ପାନ୍ଥ ଯାତ୍ରୀ ।

ସବିତର ପକ୍ଷୀର ଡାକରେ ଜାଗି ଉଠିଲା ସାଗ୍ନିକା । ଅପେ ଅପେ ଆଖି ଦୁଇଟି ତାର ଖୋଲିଗଲା । କିଛିକ୍ଷଣର ଶୋଇବା ଭିତରେ ସମସ୍ତ ଶ୍ରାନ୍ତି ତାର ଦୂରେଇ ଯାଇଛି ଯେମିତି । ଅଳସ ଭଙ୍ଗି ସିଧା ହୋଇ ଉଠି ବସିଲା ସେ । ପାଖରେ ବନାନୀ ପୂର୍ବ ପରି ଅପଲକ ଆଖିରେ ବସି ରହିଛି । ଏତେବେଳକେ ଯେପରି ନିଜ ଅବସ୍ଥା ବିଷୟରେ ଚେତନା ଆସିଲା ସାଗ୍ନିକାର । ଶୋଇବା ଅଗରୁ ଏହି ବେଞ୍ଚ ଉପରେ ବସି ବସି ଗପ କରୁଥିଲା ସେ । ତାପରେ ନିଦ୍ରାର ଆବେଶରେ ଆଉ କିଛି ମନେ ନାହିଁ ତାର । ବନାନୀର ବାହୁ ଉପରେ ହାତ ରଖି ସାଗ୍ନିକା ପଚାରିଲା—

ଶୋଇବାକୁ ଯାଇ ନାହିଁ···

ଉଁ···

ବନାନୀ କଣ୍ଠରେ ଆଉ କିଛି ଶବ୍ଦ ଫୁଟିଲା ନାହିଁ । ବାରପଟର କେଉଁ ବୃକ୍ଷ ଶାଖାରେ ସକାଳ ପକ୍ଷୀ ଜାଗି ଉଠିଲା । ରାତିର ଶେଷ ପ୍ରହର । ବେଞ୍ଚ ଉପରୁ ଉଠି ପଡ଼ି ସାଗ୍ନିକା କହିଲା—

ଅନେକ ବେଳ ଶୋଇ ପଡ଼ିଲି । ଟିକିଏ ଉଠେଇ ଦେଇ ଥିଲେ ହୋଇ ନ ଥାନ୍ତା ? ହେଉ ମୁଁ ଯାଏ···

କହୁବା ସାଙ୍ଗେ ସାଙ୍ଗେ ଚାଲି ଯାଇ ଘରେ ପଶିଗଲା ସାଗରିକା । କିଛିକ୍ଷଣ ପରେ ଲୁଗାପଟା ବଦଳେଇ ସେ ବାହାର ଆସିଲା । ବନାନୀ ଆସି ତା ପାଖରେ ଠିଆ ହେଲା । ଅନେକ କଥା କହିବାକୁ ଇଚ୍ଛା କରି କହି ପାରିଲା ନାହିଁ ସେ । ସୂକ୍ଷ୍ମ ତାରୁଣ୍ୟ ତା ବୁକୁର କେଉଁ ତନ୍ତ୍ରୀରେ ଆଘାତ କଲା କେବଳ ସେଇ ଜାଣେ । ଓଠ ଦୁଇଟି ବାରମ୍ବାର କମ୍ପି ଉଠି ଚୁପି ହୋଇଗଲା ।

ଶୀଘ୍ର ପାହାଚ ଦେଇ ତଳକୁ ଓହ୍ଲାଇ ଗଲା ସାଗରିକା । କିନ୍ତୁ ବନାନୀ ସେଇଠି ଠିଆ ହୋଇ ରହିଲା । ପ୍ରାୟ ଅଠଟା ପାହାଚ ଟପିଗଲା ପରେ ସାଗରିକାର ଗତି ଥମିଗଲା । ହାତ ଟେକି ସେ କଣ କହିବାକୁ ଚେଷ୍ଟା କଲା । କିନ୍ତୁ ବନାନୀ ସେ ସଙ୍କେତର ଅର୍ଥ କିଛି ହେଲେ ବୁଝି ପାରିଲା ନାହିଁ । ଯେମିତି ମନ ତାର ପଙ୍ଗୁ ପାଲଟି ଯାଇଛି । କିଛି କ୍ଷଣ ପରେ ବନାନୀର ପାଦରେ ଗତି ଫୁଟି ଉଠିଲା । ଧୀରେ ଧୀରେ ଚାଲି ଆସି ସେ ବିଛଣାରେ ଗଡ଼ି ପଡ଼ିଲା । ଆଖି କୋଣରୁ ତାର ହଠାତ୍ ଅଶ୍ରୁ ପଡ଼ିବାକୁ ଲାଗିଲା । ତକିଆରେ ମୁହଁ ମାଡ଼ି ଦେଇ କଇଁ କଇଁ ହୋଇ କାନ୍ଦି ଉଠିଲା ବନାନୀ । ସତେ କି ହୃଦୟ ଫାଟି ପଡ଼ିବ...

କାନ୍ଦି କାନ୍ଦି ଶୋଇ ପଡ଼ିଥିଲା ବନାନୀ । କେତେବେଳେ ଯେ ସେ ଶୋଇ ପଡ଼ିଥିଲା ସେକଥା ତାର ମନେ ନାହିଁ । ହୁଏତ ସେହି ଭାବୁ ଭାବୁ ତାକୁ ନିଦ ଆସି ଯାଇଥିଲା । ସକାଳୁ ତାର ନିଦ ଭାଙ୍ଗିଥିଲେ ମଧ୍ୟ ସେ ବିଛଣା ଛାଡ଼ି ପାରୁ ନାହିଁ । ବିଛଣାରେ ପଡ଼ି ପଡ଼ି ସେ ସେମିତି ଗତ ରାତିର ମଜୁରୀ କରି ନେଉଛି । ନିଦର ଅବସରରେ ଆଖିପତା ତାର ଖୋଲୁ ନାହିଁ ।

ଏଥି ଭିତରେ ଚା କପ୍ ନେଇ ତାକୁ ଶୋଇଥିବାର ଦେଖି ଚାକର ଆସି ଫେରି ଗଲାଣି । ପୂଜାରୀ ଜଳଖିଆ କରି ଅନେଇ ଅନେଇ ମଧ୍ୟାହ୍ନ ଭୋଜନର ଆୟୋଜନରେ ମନ ଦେଲାଣି ।

ସକାଳର ପୂଜା ସାରି ସୁଗନ୍ଧୀ ଦେବୀ ଦେଖିଲେ ବନାନୀ ତଳକୁ ଆସି ନାହିଁ । ପୂଜାରୀ ଆସି କହିଲା, ବାବୁ ଜଳଖିଆ ଖାଇ ନାହାନ୍ତି । ଗାଡ଼ୁଆ ପାଣିଆ ମଧ୍ୟ ହୋଇ ନାହିଁ । ତା ହେଲେ ବନାନୀ ଜଣା ଉଠି ନାହିଁ ...? ଏତେବେଳ ଯାଏ ସିଏ ତ ଶୁଏ ନାହିଁ ...

କହୁ କହୁ ଉପର ମହଲକୁ ଉଠି ଆସିଲେ ସୁଗନ୍ଧୀ ଦେବୀ ।

ସାଗ୍‌ନିକା ର ତାଙ୍କୁ ଉପରେ ଦେଇ ନାହିଁ । ତାଙ୍କୁ ସମସ୍ତ ଚାହିଁ ...? ମାତ୍ର ଫଉଜଦାରୀ ପାଇଁ ହିଁଅକୁ ଦେଲ ଅଣ୍ଟୁନି... ମାଇକିନା ଜନ୍ମ ପାଇ ସାଗ୍‌ନିକାର ଘରଜରଣୀଙ୍କୁ ଅବମାନନା... ଯେତେ ଚହିଲେ ବି କଥା ମାନୁ ନାହିଁ...ତାହିଁଙ୍କ ବା ମାନିବ...

ଏହିପରି ଭାବନା ଭିତରେ ମାତୃତ୍ୱର ଅବମାନନାରେ ସୁଗାନ୍ଧୀ ଦେବୀଙ୍କର ଛାତି ଯେପରି ଫାଟି ପଡ଼ିଲା । ଏତେ ବଡ଼ ହିଁଅ । ନିଜର ମାନ ସମ୍ମାନକୁ ଜାଗିଲା ନାହିଁ । ନିଜ ବଂଶର ନାଁ ବୁଡ଼ାଇ ଦେଇ ଶ୍ଲେଟ ଲୋକଙ୍କ ସହିତ ମାତି ସମ୍ପର୍କ ଛନବସ୍ଥ ଜରି ଦେଲା । ନିନ୍ଦା ପ୍ରଶଂସା କି ଅପବାଦକୁ ଭୟ କଲା ନାହିଁ । ଉପାସ ଭୋକରେ କୋଉଁଠି ପୂଲା ମାଟିରେ ଏକାକାର ହୋଇ ଚାଲିଲା । ତଥାପି ବି ଦୁଃଖ ନଥିଲା । ଏବେ ପୁଣି ବନାନୀ ପ୍ରତି ବିମୁଖ...

ଭାବି ଭାବି ସୁଗାନ୍ଧୀ ଦେବୀ ଆସି ବନାନୀର ଖଟ ପାଖରେ ଛିଡ଼ା ହେଲେ । ବନାନୀ ବିଛଣାର ଗୋଟିଏ ପାର୍ଶ୍ୱରେ ଶୋଇ ରହିଛି । ତାଙ୍କୁ ଅନେକ ଅନେକ ଡାକି ଉଠୁଥିଲେ ସୁଗାନ୍ଧୀ ଦେବୀ । କିନ୍ତୁ କଣ୍ଠ ଯେମିତି ତାଙ୍କର ରୁଦ୍ଧ ହୋଇ ଆସିଲା । ନା ଶୋଇଥାଉ...

ନୀରବରେ ବନାନୀର ପିଠିରେ ହାତ ବୁଲେଇବାକୁ ଲାଗିଲେ ସୁଗାନ୍ଧୀ ଦେବୀ । ସାଗ୍‌ନିକା ହୁଏତ ରହିଙ୍କୁ କ୍ଷଅଡ଼େ ଯାଇ ପେରିବ ନାହିଁ । ଯାଉ ଥାଉ...ଅବାଧ୍ୟ ହିଁଅ ଉପରେ ତାଙ୍କର ଯେମିତି ଆଉ କୌଣସି ଭରସା ନାହିଁ । ଆସ୍ଥା ମଧ୍ୟ ନାହିଁ । ଏହି ବନାନୀ ହିଁ ତାଙ୍କର ଏକମାତ୍ର ସମ୍ବଳ ଅଛି...

ବନାନୀର ଅଳସ କଟି ଆସିଲା । ଦେହରେ ପୁଣି ତାହା

ହାତର ଶୀତଳ ପରଶ । ଅଳ୍ପେ ଅଳ୍ପେ ବନାନୀର ଆଖି ଖୋଲିଗଲା । ବାହାରେ ସୂର୍ଯ୍ୟ କିରଣ ଚିକ୍ ଚିକ୍ କରୁଛି । ଦିନ ପ୍ରାୟ ସାଢ଼େ ଆଠଟା ହେବ । ତାକୁ ଉଠେଇବାକୁ ଆସି ମା' ତା ପାଖରେ ଠିଆ ହୋଇଚନ୍ତି । ଏତେ ବେଳଯାଏ ଶୋଇ ପଡ଼ିଲା ସେ···ଲାଜରେ ଜଡ଼ସଡ଼ ହୋଇ ଧଡ଼ ପଡ଼ ହୋଇ ଉଠି ବସିଲା ବନାନୀ ।

ଖୋଲା ଦେହ । ଶୋଇବା ଭିତରେ ମୁଣ୍ଡର ବାଳ ଗୁଡ଼ିକ ଅଲଗ ବଲଗ ହୋଇ ଝୁଲୁଛି । କପାଳରେ ଚିନ୍ତା ରେଖା ଫୁଟି ଉଠିଲାଣି । ବନାନୀର ସ୍ୱାସ୍ଥ୍ୟ ଭାଂଗି ପଡୁଚି···

ବନାନୀକୁ ଉଠିବାର ଦେଖି ତାର ବାଳ ଗୁଡ଼ିକ ମୁହଁ ଉପରୁ ଟେକି ଦେଉ ଦେଉ ସାଗରିକା ମା କହିଲେ—

ଏତେବେଳେ ନିଦ ଭାଂଗୁଚି ବାବୁ ! ଆଜି କଣ ବାପା ଗାଧୁଆ ପାଟୁଆ ଖିଆ ପିଆ ହେବ ନାହିଁ କି···

ସୁଗାନ୍ଧୀ ଦେବୀ ପ୍ରଥମ ଭାବିଥିଲେ ବନାନୀ ଟିକିଏ ବାଳିଗ ହେଲେ ସେ ଝିଅର ବିବାହ ଦେଇ ଏ ଘର ସଂସାର ଦାୟିତ୍ୱରୁ ମୁକ୍ତ ହୋଇଯିବେ । କିନ୍ତୁ ବହୁଦିନ ଗତ ହୋଇଗଲେ ମଧ୍ୟ ନିଜ ଆକାଂକ୍ଷାର ପୂରଣ ହେଲା ନାହିଁ । ବାରମ୍ବାର ଝିଅକୁ ଏକଥା ଶୁଣେଇ ମଧ୍ୟ ସେ ସମ୍ମତିର ସୂଚନା ପାଇଲେ ନାହିଁ । ଏଥିପାଇଁ ସାଗରିକା ଠାରେ ଆଗ୍ରହ ସୁଦ୍ଧା ଦେଖିଲେ ନାହିଁ । ଝିଅର ନାନା ବିଲକ୍ଷଣ ଲକ୍ଷ୍ୟ କରି ସୁଗାନ୍ଧୀ ଦେବୀ ବିଚଳିତ ହୋଇ ପଡ଼ିଲେ । ତାଙ୍କର ଧାରଣା ହେଲା ଉଚ ଭାତର ପୁଅ ବନାନୀ । ପିଲା ମନ । କେତେବେଳେ କେଉଁ ଆଡ଼କୁ ଚାଲି ଯାଇଥିଲା । ଏବେ ପୁଣି ବଦଳି ଗଲାଣି ଆଉ ସେଥିଯୋଗୁ ଝିଅର ବିବାହ ବିଷୟରେ ବିତୃଷ୍ଣା ଆସିଯାଇଛି । କିନ୍ତୁ ବନାନୀଟି

ଦେଖି ତାଙ୍କର ମନେ ହେଲା ସେ ଯେମିତି ବଦଳି ନାହାନ୍ତି । ବଦଳିଛି ସାଗରିକା । ସେହି ଚିନ୍ତା ଦୁଃଖରେ ବନାନୀର ଦେହ ଆଜି ଜର୍ଜରିତ । ବୟସ ବଢ଼ି ଚାଲିଥିଲେ ମଧ୍ୟ ସାଗରିକା ପାଇଁ ଉପରେ ତାର କୌଣସି ପରିବର୍ତ୍ତନ ହୋଇ ନାହିଁ ।

ସାଗରିକା ମା'ଙ୍କର କଥା ଶୁଣି ତାଙ୍କୁ କିଛି କହି ପାରିଲା ନାହିଁ ବନାନୀ । ତାର ଇଚ୍ଛା ହେଲା ନିଜର ହୃଦୟ ଖୋଲି ସେ ସବୁକଥା କହି ଯାଆନ୍ତା । ଆଜି କାନ୍ଦି ନିଅନ୍ତା ସମସ୍ତ ଦୁଃଖ ତାପର ଅଶ୍ରୁ । କିନ୍ତୁ ପରକ୍ଷଣରେ ନିଜକୁ ସଂଯତ କରି ନେଲା ବନାନୀ । ଭିତରର ରୂପ ତାର ଯଦି ସୁଗାନ୍ଧୀ ଦେବୀ ଦେଖନ୍ତେ ତାଙ୍କ ଦୁଃଖର ସୀମା ରହିବ ନାହିଁ ।

ନମସ୍କାର ସହିତ ଖଟ ଉପରୁ ଓହ୍ଲାଇ ପଡ଼ିଲା ବନାନୀ । ପରମ ପୂଜନୀୟା ତଳେ ଠିଆ ହୋଇଛନ୍ତି । ଗତ ରାତିରେ ଚଳଣା ଉପରେ କାଢ଼ି ରଖିଥିବା ଗଞ୍ଜିଟାକୁ ଦେହରେ ଗଳେଇ ପକେଇ ଠିଆ ହେଲା ସିଏ । ଆଶ୍ରମବାସୀ ଶିଷ୍ୟ ପରି ତାର ଭଙ୍ଗୀ ।

ଏଥିରେ ଯେମିତି ସୁଗାନ୍ଧୀ ଦେବୀଙ୍କର ମାତୃତ୍ୱ ଯଥେଷ୍ଟ ସମ୍ମାନିତ ହୋଇ ଉଠିଲା । ତାହାହିଁ ଉପଲବ୍ଧି କରି ଆଖି ଦୁଇଟି ତାଙ୍କର ଆନନ୍ଦରେ ଉଜ୍ଜ୍ୱଳ ହୋଇ ଉଠିଲା । ଗଦ୍ ଗଦ୍ ହୋଇ ସେ କହିଯିବାରେ ଲାଗିଲେ—

ଏତେବେଳ ଯାଏ ଶୁଅନ୍ତି । ଦୁଷ୍ଟ···ତମେ ଦିଟା ମତେ ସବୁବେଳେ ହଇରାଣ କରି ମାରିଲ । କଫି ଆଜି ଅଛୁନା··· ଚାଲ···କହି କହି ସେ ପୁଣି ଚାକର ଉଦ୍ଦେଶ୍ୟରେ ଡାକି ଉଠିଲେ—

ରାମଦାସ, ରାମଦାସ, ପାଣି ଦିଅ ପୁଅକୁ । କଫି ପଠେଇ ଦିଅ

ପୂଜାସ୍ତ । ଡାକି ଡାକି ସେ ତଳକୁ ଚାଲି ଯାଉଥିଲେ । ପୁଣି ମଝି ବାଟରୁ ଫେରି ଆସି କହିଲେ—

ଡେରି କରିବୁ ନାହିଁ । ଆଜି ଗୋଟାଏ କୁଆଡ଼େ ଯାଇଛି ଜାଣିଚୁ ? ଯାଉ ସେଠି...

ସୁଗାନ୍ଧୀ ଦେବୀଙ୍କ ସ୍ୱରରେ କନ୍ଦନର ନିର୍ଯ୍ୟାସ । ଝିଅ ପାଇଁ ଅନ୍ତର ତାଙ୍କର ଯେପରି ପ୍ରତି ମୁହୂର୍ତ୍ତରେ ମଥିତ ହୋଇ ଉଠୁଛି । ଆଖିରେ ଆଖିଏ ଲୁହ । ଅକୁଳ ଓଠ ଦୁଇଟିରେ ଆଜି ଭାଷା ଫୁଟୁ ନାହିଁ । କେବଳ ବନାନୀର ମୁହଁକୁ ଚାହିଁ ରହିଛନ୍ତି ସେ । କଣ ଯେମିତି କହିବାକୁ ଇଚ୍ଛା କରି କହି ପାରୁ ନାହାନ୍ତି । କିଛି କ୍ଷଣ ପରେ ନୀରବ ପଦକ୍ଷେପରେ ସେଠୁ ତଳ ମହଲାକୁ ଚାଲିଗଲେ ସିଏ ।

କିନ୍ତୁ ଇଏ କଣ ? ବନାନୀକି ବିସ୍ମିତ କରି ପୁଣି ତା ଆଖିରୁ ଲୁହ ଝରିଲାଣି । ପୁରୁଷର ଅଶ୍ରୁ ଦୁର୍ବଳ ହୀନବୀର୍ଯ୍ୟର ସୂଚନା । କିନ୍ତୁ ତାକୁ ସମ୍ବୃତ କରି ରଖିବା ସାମାନ୍ୟ ମାନବ ବନାନୀର ସାଧ୍ୟାତୀତ । ଲୁହଟା ଦୁର୍ବଳତା...ତଥାପି ଅନ୍ତରଙ୍ଗ । ଅନନ୍ତ ଅବିନାଶ ସେ । ବନାନୀର ଜୀବନରେ ଯେପରି ଏହି ଅଶ୍ରୁର ଶେଷ ନାହିଁ ।

ନିଜର ଭାବନାରେ ନିଜେ ବିବ୍ରତ ହୋଇ ପଡ଼ିଲା ବନାନୀ । ପୁଣି ଗତ ସନ୍ଧ୍ୟାର ଘଟଣା ଗୋଟି ଗୋଟି ହୋଇ ତାର ଆଖି ଆଗରେ ଖେଳିଯିବାକୁ ଲାଗିଲା । ଦଶବର୍ଷ ତଳର ସାଗ୍ନିକା ସହିତ କାଲି ରାତିର ସାଗ୍ନିକାର କୌଣସି ସାମଞ୍ଜସ୍ୟ ନାହିଁ । ସେଥିଯୋଗୁ ବନାନୀର ଏ ବେଦନାବୋଧ । ଅଜି ଯେମିତି ସାଗ୍ନିକାର ପ୍ରାଣପ୍ରବାହ ଶୁଖି ଶୁଖି ଆସୁଛି । ତାର ନବୀନ କୈଶୋର ବ୍ୟର୍ଥତାର ଗ୍ଲାନିରେ ମଉଳି ଯାଉଛି ।

କମନୀୟ ଆଖି ଦୁଇଟିର ଚାହାଣୀ ଭୀଷଣ ହୋଇ ଉଠିଛି । ମନ ତାର ହୋଇଛି ହିଂସ୍ର, କଠୋର । ସତେ ଯେମିତି ସର୍ବଜନନୀ ଆଦ୍ୟାଶକ୍ତିର ଅନ୍ତରରେ ସଂହାରର ଲାଳସା ଜାଗି ଉଠିଛି । ନିଜର ସୃଷ୍ଟି ବିରୁଦ୍ଧରେ ନାରୀ ଆଜି ବିଦ୍ରୋହ ଘୋଷଣା କରି ବସିଛି ।

ସେଦିନର ଷୋଡ଼ଶୀ ସାଗ୍ନିକା ଥିଲା ପର୍ବତ କନ୍ୟା ଉମା । କୁମାରର ସମ୍ଭବ ପାଇଁ ସେ ଯେମିତି ଉନ୍ମାଦିନୀ ହୋଇ ଉଠିଥିଲା । କିନ୍ତୁ ସେ ଆଜି ଦଶଭୁଜା ବିଜୟା । କୋଟି କୋଟି ମହିଷାସୁରର ବଧ ପାଇଁ ସେ ଯେପରି ଆଜି ଉନ୍ମତ୍ତ, ଅଦମିତ ହୋଇ ଉଠିଛି । ତାର ଗତିରୋଧ ପାଇଁ ବନାନୀର ସାହସ ନାହିଁ, ଶକ୍ତି ନାହିଁ । ସେଥିଯୋଗୁ ଆଖିରେ ତାର ଲୁହ । ସତେ ଯେମିତି ସେଦିନର ସରଳା, ଚପଳା କୁରଙ୍ଗୀଟି ପାଇଁ ଭିତରେ କିଏ ବାହୁନି ବାହୁନି କାନ୍ଦୁଛି ।

ଏ କାହାଣୀ ଚିରନ୍ତନ । ଯେଉଁ ଆଶା ନେଇ ସେ ଏଠିକି ଆସିଥିଲା, ତାହା ସାର୍ଥକ ହେଲା ନାହିଁ । କୌଣସି ଦିନ ହେବାର ମଧ୍ୟ ସମ୍ଭାବନା ନାହିଁ । ତା ହେଲେ ସେ ବଞ୍ଚିବ କଣ ନେଇ ? ମଣିଷର ଜୀବନ ରକ୍ଷାପାଇଁ ଯେଉଁ ସବୁ ଉପାଦାନ ଲୋଡ଼ା, ସେଥି ଭିତରୁ ଗୋଟିଏ ହେଲେ ଖୋଜି ପାଉନି ବନାନୀ । ଯେଉଁ ସାଗ୍ନିକାର ସାହଚର୍ଯ୍ୟରେ କେତେ ଦେଉଳର ପରିକଳ୍ପନା ସେ କରିଥିଲା, ତାର ସୁଖ ଦେବା ପୂର୍ବରୁ ସାଗ୍ନିକା ଦୂରେଇ ଯାଇଛି । ଏକଥା ବହୁ ଆଗରୁ ଜାଣି ପାରିଥିଲେ ମଧ୍ୟ ଦେହଟା ତାର ଯେମିତି ସ୍ୱୟଂ ଚାଳିତ ହୋଇ ଏଠି ଆସି ପହଞ୍ଚି ଯାଇଛି । କିନ୍ତୁ ବିନା କାରଣରେ ଭୂତାବିଷ୍ଟ ବ୍ୟକ୍ତି ପରି ଏ ଘରେ

ରହୁଯିବା ଶୋଭନ ସୌଜନ୍ୟତା ନୁହେଁ । ବଡ଼ ମର୍ମନ୍ତୁଦ ମଧ୍ୟ । ଆସିବାଟା ହୁଏତ ଠିକ୍ ହୋଇ ନାହିଁ ।

ଏହିପରି ଭାବନା ଭିତରେ ବନାନୀ ସ୍ଥିର କଲା ସେ ଶୀଘ୍ର ନିଜର କର୍ମକ୍ଷେତ୍ର ଭିତରକୁ ଫେରିଯିବ । ନ ହେଲେ ବଞ୍ଚିବାର ଅନ୍ୟପନ୍ଥା ନାହିଁ । ଏହି ଦୀର୍ଘ ଅବସର ଦିନ ଗୁଡ଼ିକ ସାଗ୍ନିକାର ଅନାଦର ଭିତରେ ଯେମିତି ଅସହ୍ୟ ହୋଇ ଉଠୁଛି । ତା' ହେଲେ ଫେରିଯାଇ କଣ ସେ କରିବ ? କାମ ? ହଁ...ହଁ... ସକାଳ, ସନ୍ଧ୍ୟା, ରାତି...କାମ କରି କରି କଟେଇ ଦେବ ସେ । ମଣିଷ ସଂସାରକୁ ଆସିଚି କେବଳ କାମ ପାଇଁ । ସେହି କାଗଜ ସ୍ତୂପ, ଆଦେଶ, ମାସର ପହିଲି...ନିତ୍ୟ ନୈମିତ୍ତିକତା ଭିତରେ ସେ ଯେମିତି ଏକ ଆଶ୍ରୟ ସ୍ଥଳୀ ଛାଡ଼ି ଆସିଚି । ନା ନିଶ୍ଚୟ ଫେରିଯିବ ସେ...

ଭାବି ଭାବି ବାହାରକୁ ଚାଲି ଆସିଲା ବନାନୀ । ପୁଣି ଭାବିଲା ଗଲାବେଳେ କାହାକୁ କିଛି କହିବା ଆବଶ୍ୟକ ନାହିଁ । ଅବାଞ୍ଛିତ ଅତିଥି ପରି ସେ ଆସି ପହଞ୍ଚିଥିଲା । ପୁଣି ସେହିପରି ଫେରିଯିବ । ସେ ପରିବାର ପାଇଁ ଦିଲ୍ଲୀ ଛାଡ଼ିଥିଲା । ଦିଲ୍ଲୀପାଇ ସାଗ୍ନିକା ତାକୁ ଛାଡ଼ିଲା...ଏଇ ନୂଆ ଅଭିଜ୍ଞତା ନେଇ ତାକୁ ସାଗ୍ନିକା ଠାରୁ ବିଦାୟ ନେବାକୁ ହେବ...କିନ୍ତୁ ସୁହାସିନୀ ଦେବୀ...

ହଠାତ୍ ଯେମିତି ବନାନୀ ନିଜର ସମସ୍ତ ଉପେକ୍ଷା, ଅଶ୍ରୁ, ଭୁଲି ବସିଲା । ସ୍ୱାମୀ ପୁତ୍ରହରା ମାତୃସମା ନାରୀ, ଚିର ଚାଲି ଚଳନରେ ସେ ଯେ କେତେ ବ୍ୟଥିତା, ବନାନୀର ତାହା ଅଜଣା ନାହିଁ । ହୁଏତ ସେ ତାଙ୍କର ଶେଷ ସାନ୍ତ୍ୱନା ରୂପେ ଧରିନେଇଛନ୍ତି ତାକୁ । ସେହି କଲ୍ୟାଣମୟୀ ଜନନୀର ଆଶିଷ ଅନୁମତି ନ ନେଇ ସେ ଚାଲିଯିବ କେମିତି ?

ନିଜ ମନର ଏହି ଦ୍ୱନ୍ଦ୍ୱ ଭିତରେ ବନାନୀ ଧୀରେ ଧୀରେ ପାହାଚରେ ଓହ୍ଲାଇ ଗଲା ।

ସକାଳର ନିତ୍ୟକର୍ମ ସାରି ଖାଇବା ଘରେ ପହଁଚି ଅବାକ୍ ହୋଇଗଲା ବନାନୀ । ତାକୁ ଅପେକ୍ଷା କରି ବସି ରହିଛି ସାଗ୍ନିକା । ଜଳଖିଆ ଥାଳିଆ ଆଗୋରି ମା ମଧ୍ୟ ବସି ରହିଛନ୍ତି । ବନାନୀକୁ ଆଗରେ ଦେଖି ପକେଇ ଶାସନ ଭଙ୍ଗୀରେ ସେ ପାଟିକରି କହି ଉଠିଲେ—

କେତେବେଳେ ଆଉ ଭାତ ଖାଇବ ? ତମ ଦୁହିଙ୍କର ସତ ଏହିକ୍ଷଣି ପାହୁଚି ? ନୁହେଁ ? ଅବାଧ୍ୟ···

ଏଠି କୌଣସି ଉତ୍ତର ଆବଶ୍ୟକ ନାହିଁ । ସୁବୋଧ ବାଳକଟି ପରି ବନାନୀ ଯାଇ ସାଗ୍ନିକା ପାଖରେ ଶୂନ୍ୟ ପଡ଼ିଥିବା ଆସନଟା ଉପରେ ବସି ପଡ଼ିଲା । ସାଗ୍ନିକାକୁ ଖାଇବାପାଇଁ ଆଖିରେ ଇଙ୍ଗିତ ଦେଇ ନିଜେ ହାତ ଚଳେଇବାକୁ ଆରମ୍ଭ କରିଦେଲା । ସାଗ୍ନିକା ମଧ୍ୟ ନୀରବରେ ଖାଇବାରେ ଲାଗିଲା ।

ବନାନୀର ଆସିବା ପ୍ରାୟ ଆଠ ଦିନରୁ ଅଧିକା ହୋଇ ଗଲାଣି । କିନ୍ତୁ ସାଗ୍ନିକା ସହିତ ପ୍ରାତଃ ଭୋଜନର ସୌଭାଗ୍ୟ କେବେ ଆସି ନ ଥିଲା । ଏହା ମୂଳରେ ଯେ ଆଜି ମା'ଙ୍କର ବହୁ ଉଦ୍ୟମ କାମ କରିଛି ଏକଥା ମଧ୍ୟ ଅନୁମାନ କରିନେଲା ସେ ।

ଦୁହିଁଙ୍କ ଖାଇବା ମଧ୍ୟରେ ସୁହାସୀଦେବୀ ଯେ କେତେବେଳେ ଉଠି ଚାଲି ଯାଇଥିଲେ ତାହାର ଲକ୍ଷ୍ୟ ନାହିଁ। ହୁଏତ ଆକ୍‌କଠୁ ଆଶିଷ ପାଇଁ ଯାଇଥିଲେ ସେ। ଆଜି ଅନେକ ଦିନ ପରେ ସାଗ୍ନିକା ଆଉ ବନାନୀଙ୍କୁ ଏକା ସାଙ୍ଗରେ ପାଇଥିଲେ। ତାହାର ସୁଯୋଗରେ ମାତୃତ୍ୱର ସମସ୍ତ ଦାବୀ ସେ ହାସଲ କରି ନେବାକୁ ଚାହାନ୍ତି। ବହୁଦିନ ଧରି ବହୁ ଝଡ଼ ସହିଲେଣି। ଆଜି ଯେପରି ଝିଅ ଆଉ ଭାବି ଜାମାତାଙ୍କୁ ଏକାଠି ବସେଇ ତାଙ୍କର ସମସ୍ତ ଝଡ଼ ପୂରଣ କରି ନେବେ ସେ। ଉଦ୍ଦେଶ୍ୟ ମହତ୍। ବନାନୀ ଯେମିତି ନିଜ ଭିତରେ ଗୋଟିଏ ମୁହୂର୍ତ୍ତର ଅପେକ୍ଷା କରିବାକୁ ଲାଗିଲା।

କାଲି ରାତିରେ ତମେ ଶୋଇ ନଥିଲ… ?

ବନାନୀର ଭାବନାକୁ ଖଣ୍ଡନ କରି ସାଗ୍ନିକାର କଣ୍ଠସ୍ୱର ଭାସି ଆସିଲା। ଆଜିପାଇଁ ପ୍ରଥମ କଥା ଏ ତାର। ମା'ଙ୍କର ଅନୁପସ୍ଥିତିର ଲକ୍ଷ୍ୟକରି ହୁଏତ ପାଟି ଖୋଲିଛି ସାଗ୍ନିକା। କିନ୍ତୁ ତା କଥାର କୌଣସି ଜବାବ ନ ଦେଇ ବନାନୀ ପଚାରିଲା—

ତମେ ରାତିଏ ରାତିଏ କୁଆଡେ ବାହାରି ଯାଉଥିଲ… ?

ଉତ୍ତର ନପାଇ ସାଗ୍ନିକା ଶୁଣିଲା ବନାନୀର ପ୍ରଶ୍ନ। ଏଥିରେ ସେ ଟିକିଏ ହସି ଦେଲା। ତା ପରେ ନମ୍ର ସ୍ୱରରେ କହିଲା—

ଅଭିସାରିକା ସାଜିଥିଲି ବୋଲି ତମେ ଭାବିଲ ନା କଣ…?

ବନାନୀ ମନରେ ବହୁଦିନ୍ ଯେମିତି ସାଗ୍ନିକା ନାମ୍ନୀ ଝିଅଟିର ମୃତ୍ୟୁ ଘଟିଥିଲା କିନ୍ତୁ ଆଜି ତା ଆଖି ଆଗରେ ତାର ପୁନର୍ଜୀବନ ଲାଭ ଦେଖି ସେ ଉଲ୍ଲସିତ ହୋଇ କହି ଉଠିଲା—

ତମର ଆଉ ଯେତେ ଦୁର୍ବୁଦ୍ଧି ଥାଉନା କାହିଁକି ଏକଥା ଅନ୍ତତଃ ନାହିଁ……

କାହିଁକି କହିଲ…… ?

ସ୍ମିତ ହସି ବନାନୀ କହିଲା—

ନିଜେ କମାର ହୋଲି…

ଛାର ପ୍ରତିଦାନ ଦେଇ ହସି ହସି ସାଗରିକା କହିଲା—

ତମର ସ୍ୱାସ୍ଥ୍ୟ ଏମିତି ଶୋଚନୀୟ ଭାବରେ ଭାଙ୍ଗି ପଡୁଛି କାହିଁକି ?

ସେ କଥା ଭୁଲିଯାଅ ନିଜ କଥା କହ

ଧୀର ସ୍ୱରରେ ବନାନୀ କହିଲା—

ମୋ କଥାଟାକୁ ଏଡ଼େଇ ଦେବାକୁ ଚେଷ୍ଟା କରନା । କହିଲ ନାହିଁ ତ କାଲି ନଶୋଇ ନଖାଇ କୁଆଡ଼େ ଯାଇଥିଲ ?

ହସିଉଠି ସାଗରିକା କହିଲା—

ସେ ରହସ୍ୟ କଥା । ନ ଶୁଣିଲେ… ?

ଶୁଣିଲେ… ?

ମୁଁ କହିବି ନାହିଁ ।

କାରଣ ?

ପରମ ବିସ୍ମୟରେ ସାଗରିକାକୁ ଅନେଇ ରହିଲା ବନାନୀ ।

ପୂର୍ବପର ହସି ହସି ଚଞ୍ଚଳ ସ୍ୱରରେ ସାଗରିକା କହି ପକେଇଲା—

ତମେ ଓଡ଼ିଶା ସରକାରଙ୍କର ଗୁଇନ୍ଦା !!

ଆନନ୍ଦର ମୁକ୍ତ ହସ ହସି ଉଚ୍ଚସ୍ୱର ତୋଳି ବନାନୀ କହି ଉଠିଲା—

ଭୟ ନାହିଁ ସାଗରିକା ! ମୁଁ ଗୁଇନ୍ଦା ନୁହେଁ ନିଶ୍ଚୟ !! ଘାସର ସମ୍ମାନ ବୋଧ ଯେ ମୋର ଅଛି, ଅନ୍ତତଃ ଏ ଯୁଗର ଝିଅ ମାନେ ଭାବନ୍ତି ନାହିଁ ।

ବନାନୀର କଥା ଶୁଣି ଜୋରରେ ହସି ଉଠିଲା ସାଗରିକା।
ଦୁହିଁଙ୍କର କଥାବାର୍ତ୍ତା ମଝିରେ ଖାଇବା ସବୁ ଯାଇଥିଲା। ହାତ ଧୋଇ ଆସି ସାଗରିକା ଡାକିଲା—

ଉପରକୁ ଆସ...ଶୀଘ୍ର ଶୀଘ୍ର ଚାଲିଆସ...ନହେଲେ ମା ଆସିଲେ ନୂଆ କଥା ଶୁଣିବାକୁ ମିଳିବ ମତେ...

ତାର ପଛେ ପଛେ ଚାଲି ବନାନୀ କହିଲା—

କହ...

ପଛକୁ ବୁଲି ଚାହିଁ ସାଗରିକା କହିଲା—

ଆଜି କଣ ହୋଇପାରେ ବୋଲି ଭାବୁଛ ?

ଅଚ୍ଛା କହ ବନାନୀ କହିଲା—

କାମ ତ କାରଖାନା ଧର୍ମଘଟ, ଭାଗଚାଷୀ ମେଳି। ମୁଖ୍ୟ କର୍ତ୍ତା କିଏ ?

କର୍ମୀ ଯେତେବେଳେ ଧର୍ମଘଟ ଆଉ ଭାଗଚାଷୀ ମେଳି, କର୍ତ୍ତା ଆଉ କିଏ ହୋଇପାରେ ?

ସ୍ୱୟଂ ସାଗରିକା ଚମ୍ପୂଦତ୍ତରାୟ...

କହି କହି ହସି ଉଠିଲା ବନାନୀ। ଉତ୍ତେଜିତ ହୋଇ ସାଗରିକା କହିଲା—

ଚେଷ୍ଟା ସାର୍ଥକ ହୋଇଛି। ଚାଷୀ ମଜଦୁର ବୁଝିଛନ୍ତି ତାଙ୍କର ହକ୍ ଦାବୀ କଣ।

ଶାନ୍ତ ସ୍ୱରରେ ବନାନୀ କହିଲା—

ବୃଥା କଥା। ଏବେ ବି ଅଜ୍ଞତା ଅନ୍ଧକାର ଭିତରେ ଚାଷୀ, ମଜଦୁର୍ ପଡ଼ିଛନ୍ତି। କେବଳ ଉତ୍ତେଜନା, ଆବେଗ, ଧୂମ୍-ଧଡ଼କା। ଦ'ଟା ପାହାରରେ କମ୍ପା ଦ ଠିକା ଉଦ୍‌କୋଚରେ ଦାବୀ ହାସଲର ସ୍ୱପ୍ନ ତମର କୁଆଡ଼େ ମିଳେଇ ଯିବ। ଖାଲି

ପେଟ ପାଖରେ ଦୁଇଟା ଟଙ୍କାର ମୂଲ୍ୟ ଯେତେ ବେଶୀ, ତମର ସ୍ଲୋଗାନ ତାହା କମେଇ ଦେଇ ପାରିବ ନାହିଁ ସାଗ୍ନିକା !

ଅସହିଷ୍ଣୁ ହୋଇ ସାଗ୍ନିକା କହିଲା—

ଏଇଟା ତମର ଗୋଟାଏ ଶସ୍ତା ଭଗଣ। ଶ୍ରମିକ ଗୋଷ୍ଠି ଆଜି ନିଜର ଦାବୀ ହାସଲ ପାଇଁ ପ୍ରସ୍ତୁତ। ହୁଏତ ସେଥିପାଇଁ ଏକ ରକ୍ତସ୍ନାନର ସମ୍ମୁଖୀନ ହେବାକୁ ପଡ଼ିବ। ତଥାପି ଅଟଳର ସେମାନେ। ଗୋଟିଏର କବର ଉପରେ ଗୋଟିଏର ମିନାର ତୋଳା ଯାଏ। ଏହା ଅକ୍ଷରେ ଅକ୍ଷରେ ସେମାନେ ବୁଝିଚନ୍ତି।

ବନାନୀ ଅସ୍ତେ ଅସ୍ତେ କହିଲା—

ହୁଏତ ସେମାନେ ବୁଝି ଥାଇ ପାରନ୍ତି। କିନ୍ତୁ ସେମାନେ ଦୁର୍ବଳ। ତମେ ଭାବି ଦେଖ ସାଗ୍ନିକା, ଏ ଦୁର୍ବଳତା ନିଜର। ଏହାର କେବେ ପ୍ରତିବିଧାନ ହୋଇ ପାରିବ ନାହିଁ। ସାଜାହାନଙ୍କ ପରେ ପରେ ଆଉରଙ୍ଗଜେବଙ୍କ ପରି ଏ ମାଟିରେ ଜଣେ ଜଣେ ଅନ୍ୟମାନଙ୍କ ଉପରେ ଅତ୍ୟାଚାର କରି ଚାଲିବେ। ହୁଏତ ସେଇଟା ଶୋଭନ ସଂସ୍କରଣରେ ହୋଇପାରେ। ତଥାପି ତାର ଶେଷ ହେବ ନାହିଁ। କ୍ଷମତାର ଲାଳସା ନିକଟରେ ତମର ଏହି ନିସ୍ୱାର୍ଥପରତାର ଅସ୍ଫାଳନ ନିଶ୍ଚୟ ପରାଜୟ ସ୍ୱୀକାର କରିବ। ମୋ ମତରେ ଏହା ପୂର୍ବରୁ ତମେ ଫେରି ଆସ ସାଗ୍ନିକା...

ଆହତ ବାଘୁଣୀ ପରି ଚହଙ୍କି ଉଠି ସାଗ୍ନିକା ପଚାରିଲା—

କେଉଁଠିକି ?

ଗୃହସ୍ଥାଶ୍ରମ ଭିତରକୁ। ନାରୀ ସଂଗ୍ରାମ ପାଇଁ ନୁହେଁ ସାଗ୍ନିକା ! ତମର ମାତା, ମାତାମହୀଙ୍କୁ ଥରେ ମନେ ପକାଅ। ମନେ ପକାଅ ତମର ପିତା ପିତାମହଙ୍କୁ। ତାଙ୍କରି ରକ୍ତ ଆଜି

ଉପର ଭିତରେ ଜାଗି ଉଠିଛି । ଉତ୍ତମ ଚମ୍ପୂପତିରାୟ ବଂଶର କନ୍ୟା ପୂର୍ଣ୍ଣି...

କଥା ମଝିରେ ହୋ ହୋ ହୋଇ ହସି ଉଠିଲା ସାଗ୍ନିକା । ସେହିପରି ହସି ହସି କହିଲା—

ଏ କଣ ବିଳାସ, ଭୀରୁର ପଳାୟନ ବାଦ । ଚମ୍ପୂପତିରାୟଙ୍କ ପରି କେତେ ବଳବାନ ପରାକ୍ରମଶାଳୀ ସାମନ୍ତଙ୍କ ଜନ୍ମ ଜାଗି ଉଠିଥିଲେ । କିନ୍ତୁ କାଳର ପରିବର୍ତ୍ତନରେ ପୃଥିବୀରେ ଆଜି ତାର ସତ୍ତା ନାହିଁ । ବଂଶଧାରାର ପରମ୍ପରା ନିକଟରେ ପ୍ରାଗୈତିହାସିକ ଯୁଗର 'ଚମ୍ପୂ' ବହୁଦାନୁ ପରାଜୟ ମାନି ନେଲାଣି । ଆଜି ତାର ସ୍ୱପ୍ନ ଦେଖି ହୁଏ ନାହିଁ । ଏପରି ସ୍ଥଳେ ଚମ୍ପୂପତିମାନଙ୍କର ଅନ୍ତଃସ୍ଥର ଅଭିଜାତକୁ ବଞ୍ଚାଇ ରଖିବାର ସିଦ୍ଧାନ୍ତ ଠାରୁ ଲଜ୍ଜାକର ପରିକଳ୍ପନା ଆଉ କିଛି ଅଛି ବୋଲି ମୁଁ ଭାବି ପାରୁନାହିଁ । ସାଗ୍ନିକା ଚମ୍ପୂପତିରାୟ ଗୋଟାଏ ମହିଷ, ଏହି ତାର ଶ୍ରେଷ୍ଠ ପରିଚୟ । ଯେଉଁ ମହିଷ ଅନ୍ନ ବସ୍ତ୍ର ନ ପାଇଲେ ହିଂସ୍ର ହୋଇ ଉଠେ, ବିଦ୍ରୋହ କରେ । ଲଢ଼େ ମରେ । ଗୁଳି ସହେ । ସେଇଠାରେ ଆଜି ନୂଆ ନୂଆଁ ? ସବଳ ନିର୍ଦ୍ଦୟ ସ୍ୱାର୍ଥପର ରକ୍ତପିପାସୁ । ସେଥିପାଇଁ ଆଜି ଆଉ ଭୟ ନାହିଁ । ଆଜିର ସୂର୍ଯ୍ୟ ଅସ୍ତ ନ ଗଲେ କାଲି ସୂର୍ଯ୍ୟୋଦୟ ହେବ କେମିତି ?

ସାଗ୍ନିକାର କାର୍ଯ୍ୟାଳୟରେ ଏତେବେଳଯାଏ ବସି ବସି ସ୍ତବ୍ଧ ନିର୍ବାକ ହୋଇ ତାର କଥା ଶୁଣୁଥିଲା ବନାନୀ । ଉତ୍ତର ଦେବାକୁ ତାର ସାହସ ନାହିଁ । ନିରୁପାୟ, ଅସହାୟ ସେ । ସତେ ଯେମିତି ସ୍ନେହପାଳିତ ମଂଜାରୀ ଆଜି ବାଘୁଣୀ ପାଲଟି

ଯାଇଚି ଆଉ ତାଙ୍କୁହିଁ ଗ୍ରାସ କରିବାକୁ ଧାଇଁ ଆସୁଚି । କିନ୍ତୁ ଆତ୍ମରକ୍ଷା ପାଇଁ ତାର ଶସ୍ତ୍ର ନାହିଁ ।

କିଛିକ୍ଷଣ ପରେ ସାହସ ସଂଚୟ କରି ଦମ୍ଭର ସହିତ ବନାନୀ କହିଲା—

ବିଜ୍ଞାନ ଯୁଗର ମଣିଷ ସାଗ୍ନିକା । ସେ ପୁଣି ଚମୂପତ୍ରଗ୍ରସ୍ତ ପତ୍ନୀରେ ନିଜର ଦରିଚୟ ବାଣ୍ଟେ କାହିଁକି ?

ବନାନୀର ପ୍ରଶ୍ନ ସାଗ୍ନିକା ନିକଟରେ କିଛିକ୍ଷଣ ପାଇଁ ନିରୁତ୍ତରିତ ରହିଲା । ତାପରେ ଚିନ୍ତାବିଷ୍ଟ ପରି ସେ କହିଲା—

ମଣିଷ ଅନେକ ସମୟରେ ସଂସ୍କାରକୁ ଏଡ଼େଇ ଚାଲି ଯାଇ ପାରେ ନାହିଁ ।

ତର୍କାଳାପ ପାଇଁ ବନାନୀ ତୁଣ୍ଡରେ ଆଉ ପରବର୍ତ୍ତିର ଭାଷା ଫୁଟିଲା ନାହିଁ । ଫୁଟିବାକୁ ତାର ସମସ୍ତ ପୁଞ୍ଜି ଯେମିତି ସରି ଯାଇଚି । ଚୁପ୍ କରି ବସି ରହିଲା ସେ ।

ଟେବୁଲ୍ ଉପରୁ ଖାତାଏ କାଗଜ ଉଠାଇ ନେଇ ହ୍ୟାଣ୍ଡ ବ୍ୟାଗ୍‌ରେ ଭର୍ତ୍ତି କରୁ କରୁ ସାଗ୍ନିକା ପୁଣି କହିଲା—

ମୋର ସମୟ ହୋଇଗଲା । ସହରର ରାଜପଥରେ ଗୋଟାଏ ପଟୁଆର ବାହାର କରିବା ପାଇଁ ଉଦ୍‌ଯୋଗ କରିବାକୁ ପଡ଼ିବ ।

କହି ସାରି ଚୌକୀରୁ ଉଠି ପଡ଼ି ବ୍ୟାଗ୍ ଝାଙ୍କ ବାହାରି ପଡ଼ିଲା ସାଗ୍ନିକା । କାହାର ଅନୁମତି ଆବଶ୍ୟକ ନାହିଁ ତାର । ଏଠେ କ୍ଷଣ ଧରି ବିପ୍ଳବର ଏକ ଜୀବନ୍ତ ପ୍ରତିମାକୁ ଦେଖି ଦେଖି ନିଜକୁ କିଛିଣି ଭାବରେ ଭୁଲି ଯାଇଥିଲା ବନାନୀ । ହଠାତ୍ ତା ପାଟିରୁ କଥା ବାହାରି ପଡ଼ିଲା—

ସାଗ୍ନିକା ଶୁଣ…

କହ…

ମୁଁ କାଲି ଭୋର ଗାଡ଼ିରେ ଚାଲି ଯାଉଛି । ହୁଏତ ତମ ସହିତ ଆଉ ଦେଖା ହେବ ନାହିଁ…

ଦୁଇପାଦ ଆଗେଇ ଯାଇଥିଲା ସାଗ୍ନିକା । ସେଇଠି ଠିଆ ହୋଇ ସେ କହିଲା—

ସେଥିପାଇଁ ଦୁଃଖ ନାହିଁ । ତମେ ଭଲରେ ପହଞ୍ଚିବା ହେଲା କାମ୍ୟ ।

କହି କହି ପୁଣି ଆଗେଇବାକୁ ଲାଗିଲା ସାଗ୍ନିକା । ଏ ଉତ୍ତର ତାର ବନାନୀର ସଂପୂର୍ଣ୍ଣ ଅଭାବିତ । ଏଥିରେ ସେ ଯେମିତି ନିଜ ଭିତରେ ଖୁବ୍ ଜୋରରେ ଭାଙ୍ଗି ପଡ଼ିଲା । ତଥାପି ଯେପରି ନିଜର କ୍ଷତ ସ୍ଥାନରେ ପ୍ରଲେପ ଦେବାକୁ ଯାଇ କହିଲା—

ଆଉ କେବେ ଆସିବ କହିଲ ନାହିଁ ତ ସାଗ୍ନିକା…

ବନାନୀର କଥା ଶୁଣି ସାଗ୍ନିକାର ପାଦ ଦୁଇଟି ଅଘଣା ଛୁଏଁ ଥମିଗଲା । କିଛି ସମୟ ଧରି କଣ ଯେମିତି ଭାବିବାକୁ ଲାଗିଲା ସେ । ତାପରେ ଧୀରେ ଧୀରେ କହିଲା—

ଫେରିବ । ଯେତେବେଳେ ମୋର କିଛି କରିବାକୁ ଶକ୍ତି ନ ଥିବ…

ଏତିକି କହି ସେ ଘରୁ କ୍ଷିପ୍ର ପଦରେ ବାହାରି ଗଲା ସାଗ୍ନିକା । ବନାନୀ ପାଇଁ ତା ପାଟିରେ ଆଉ କୌଣସି ସହାନୁଭୂତିର ଭାଷା ଆସିଲା ନାହିଁ ।

ସାଗରିକା ଚାଲିଯିବା ପରେ ନିଜର କୋଠରୀ ଭିତରକୁ ଫେରି ଆସିଲା ବନାନୀ । ଏଥର ତାକୁ ଫେରି ଯିବାର ଆୟୋଜନ କରିବାକୁ ହେବ । ବିଦାୟ ମୁହୂର୍ତ୍ତରେ ପ୍ରିୟତମାର ଅଶ୍ରୁ ନ ପୋଛି ନିଜର ଅଶ୍ରୁଭାର ବହନ କରି ତାକୁ ଯିବାକୁହିଁ ହେବ । ସାଗରିକା ସହିତ ଆଉ କୌଣସି ଦିନ ମିଳିତ ହେବାର ସମ୍ଭାବନା ନାହିଁ । ହୁଏତ ଏ ଜୀବନରେ ମଧ୍ୟ ସମ୍ଭବ ହେବ ନାହିଁ । ନ ହେଉ, ତାହାହିଁ ଚାହେଁ ସାଗରିକା । ନିଜକୁ ପ୍ରଶ୍ନ ପଚାରି ଏହି ଉତ୍ତର ପାଇ ବସିଲା ବନାନୀ । ନ ହେଲେ ଏତେ ସହଜରେ ଏତେ ସହସା ତାର ଯିବା ପାଇଁ ତାକୁ ସାଗ୍ରହ ଅନୁମତି ସେ ଦେଇ ପାରିଲା କେମିତି ?

ନିଜ ଭିତରେ ନୀରବ ହୋଇଗଲା ବନାନୀ । ଭାବନା ତାର ଯେମିତି ଗୋଳ ମାଳ ହୋଇ ଯାଉଚି । ଆଉ ଏଥି ପାଇଁ ସାଗରିକାହିଁ ପୁରା ପୁରି ଦାୟୀ । କିନ୍ତୁ ସେ ତ ପ୍ରଥମ ଯିବା କଥା ଉଠେଇଚି । ସାଗରିକା ବା ଅନୁମତି ନ ଦେଇ ଆଉ କଣ କରି ଥାଆନ୍ତା ? କାହିଁକି ସେ କଣ ମନା କରି ପାରି ନ ଥାନ୍ତା ? ସେ କଣ ଜିଦ୍ କରି ବନାନୀକୁ ଅଟେକେଇ ରଖି ପାରି ନ ଥାନ୍ତା ? ସାଗରିକାର ନାରୀତ୍ୱର ଅଭିମାନ କଣ ତା ପୌରୁଷକୁ ଜୟ କରି ପାରି ନ ଥାନ୍ତା ? କାହିଁକି ସେ ଅଖିର

ଲବ୍ଧ ତାଳି ଅଭିମାନ କରୁନାହିଁ । କାହିଁକି ସେ ତାର ହାତଧରି ଜିଦ୍ କଲା ନାହିଁ । ନିଜର ଦାବୀ ଉପରେ, ଅଧିକାର ଉପରେ ପଦାଘାତ କରି ସାଗରିକା ହେଲା ପଥଚାରିଣୀ । ତାଟି ଚାଲିର କ୍ଲେଶ ଭିତରେ ସେ ଭୁଲିଗଲା ପ୍ରିୟତମର ପ୍ରାଣ ପ୍ରାଚୁର୍ଯ୍ୟ, ସେ ଭୁଲିଗଲା ସୁନ୍ଦର, ଅନାଗତର ମଧୁର କୋମଳ ସ୍ପର୍ଶ ।

ଏହାହିଁ ଥିଲା ଅଦୃଷ୍ଟ, ଅଚିନ୍ତ୍ୟ, ବିଶ୍ୱନିୟନ୍ତା ଈଶ୍ୱରଙ୍କର ଭାଗ୍ୟ ବିଧାନ । ଏହି ବିଧାନକୁ ଖଣ୍ଡନ କରିବାକୁ କାହାର ସାମର୍ଥ୍ୟ ନାହିଁ, ସାହସ ନାହିଁ । ଧରି ନେବାକୁ ହେବ ଏହାହିଁ ମଙ୍ଗଳ । ଅକିଞ୍ଚନ, ଅକ୍ଷମ ମଣିଷ ବନାନୀ ଏହି ମଙ୍ଗଳ ବିଧାନକୁ ଶିରରେ ବହନ କରି ଆଗେଇ ଚାଲିବ ।

ବନାନୀର ଅସହାୟ ମନ ଯେମିତି ଏକ ଅଦ୍ଭୁତ, ଅପୂର୍ବ ଐଶୀ ଶକ୍ତିରେ ବଳିଷ୍ଠ ହୋଇ ଉଠିଲା । ସମ୍ପୂର୍ଣ୍ଣ ନୂଆ ଅନୁଭୂତି । ସାଗରିକାଠାରୁ ବିଦାୟ ନେଇ ଦୂରକୁ ଚାଲିଯିବା ତାର ବର୍ତ୍ତମାନ ସର୍ବାଦୌ କର୍ତ୍ତବ୍ୟ । ସରକାରଙ୍କର ଉଚ୍ଚପଦସ୍ଥ କର୍ମଚାରୀ ସିଏ । ଏବେ ପୁଣି ପଦୋନ୍ନତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏପରି ସ୍ଥଳେ ସାଗରିକା ସହିତ ସମ୍ପର୍କ ରଖିବା ତା ପକ୍ଷେ ଶୁଭ ଲକ୍ଷଣ ନୁହେଁ । ତାର କୌଣସି ପରିଜନ ସହିତ ମଧ୍ୟ ନୁହେଁ । କିନ୍ତୁ ସାଗରିକା ସହିତ ସତେ କ'ଣ ସମସ୍ତ ସମ୍ପର୍କ ତୁଟେଇ ସେ ଚାଲି ଯାଇ ପାରିବ…

ବନାନୀ ଆଶ୍ଚର୍ଯ୍ୟ ହୋଇ ଶୁଣିଲା । କଥା ଗୁଡ଼ାକ ତା ପାଟିରୁ ଅତି ସ୍ପଷ୍ଟରୂପେ ବାହାରି ଯାଉଛି, ଆଉ ତାକୁ ହୁଏତ ଅନ୍ୟମାନେ ଶୁଣି ପାରିବେ । ସେନ୍ଧା ବାଟେ ଦେଇ କଣି ଗୋଟାଏ କାମରେ ଚାଲି ଯାଉଥିଲା ସୁହାସ । ଘରର ପୁରୁଣା ଚାକର ସେ । ବହୁ ପୋଖତା ମଧ୍ୟ । ବରେନ୍ଦ୍ର ଚମୂପତି ସପୁଙ୍କ ପୂଜା ବୟସରୁ

ଏ ଘରକୁ ସେ ଆସିଥିଲା । ଆଉ କୁଆଡ଼େ ଯାଇନାହିଁ । ଘରର ଯାବତୀୟ ଆୟ ବ୍ୟୟରେ ସହଯୋଗ କରି ଆସିଛି ସୁହାସ । ସେଥିଯୋଗୁ ପରିବାରର ବଡ଼ ବିଶ୍ୱାସୀ ଲୋକ ସେ । ସାଧାରଣ ଗୃହକର୍ତ୍ତାଙ୍କ ଠାରୁ ତାର ସମ୍ମାନ ବୋଧ ମଧ୍ୟ ଊଣରେ ।

ସାଗରିକାକୁ ନିଜ କୋଳରେ ବଢ଼ାଇଛି ସୁହାସ । ସେଥି-ପାଇଁ ତାର ଯେମିତି ଗୋଟାଏ ଗର୍ବବୋଧ ରହିଛି । ପିଲାଦିନେ ସାଗରିକାକୁ ଦେଖି ଡାକିବାକୁ ନିଜ ଭିତରୁ ଅଦୌ ସମର୍ଥନ ପାଇ ନଥିଲା ସୁହାସ । ସେ ଆସିଲା ବେଳେ ସାଗରିକାର ବୟସ ଥିଲା ମୋଟେ ଦୁଇବର୍ଷ ଆଉ ସେଥିଯୋଗୁ ସୁହାସ ତାକୁ ଟିକିବୁଢ଼ି ନାଁ ଦେଇ ଡାକୁଥିଲା । ଏଥିରେ ପରିବାର କର୍ତ୍ତାଙ୍କର ଆପତ୍ତି କରିବାର କିଛି ନଥିଲା । ବରଂ ସେ ଖୁସି ହେଉଥିଲେ । ଏବେ ସୁହାସର ସେହି ଟିକି ବୁଢ଼ି ବଡ଼ ବଡ଼ ହୋଇଛି ସାଗରିକା ଚମ୍ପତିରାୟ । କିନ୍ତୁ ସେହି ଗେହ୍ଲାର ଡାକଟି ଏବେ ବି ସୁହାସ ତୁଣ୍ଡରେ ବର୍ତ୍ତି ରହିଛି ଆଉ ସେହି ଟିକି ବୁଢ଼ିର ସାଙ୍ଗ ପିଲା ଏହି ବନାନୀ ବାବୁ । ସେ ବି ଯେମିତି ସୁହାସ ଆଖିରେ ଗୋଟିଏ ଟିକି ବୁଢ଼ା । ସେଥି ପାଇଁ ବିନାଦ୍ୱିଧାରେ ବନାନୀର ପାଖକୁ ଲାଗି ଆସି ସୁହାସ ପଚାରିଲା—

କାହାକୁ ଯିବାକଥା କହୁଥିଲ ବାବୁ ! ଟିକି ବୁଢ଼ି କଣ ସେ ଘରେ ଅଛନ୍ତି ? ନା ମା କେଉଁଠି ଅଛନ୍ତି ?

ସୁହାସକୁ ଆଗରେ ଦେଖିପାରି ଲଜ୍ଜିତ ହୋଇ ଉଠିଲା ବନାନୀ । ପରମୁହୂର୍ତ୍ତରେ ନିଜକୁ ରକ୍ଷା କରିବାକୁ ଯାଇ ହସିଉଠି ସେ କହିଲା—

ଟିକିବୁଢ଼ି ତ ତମର ଘର ଛାଡ଼ି ସନ୍ୟାସିନୀ ହୋଇ ଗଲେଣି । ସେ କଣ ଆଉ ମୋ କଥା ଶୁଣୁଛନ୍ତି ।

ବନାନୀର କଥାରେ ପରିହାସର ସଙ୍କେତ ପାଇଲା ସୁହାସ । ଭାବିଲା ସାର୍‌ଜିକା ବୋଧେ ଅଳ୍ପ ସମୟୁ ଆଗରୁ ଏଠି ଥିଲା, ଆଉ ବନାନୀ ତାକୁହିଁ ଯିବା କଥା କହୁଥିଲା । କିନ୍ତୁ କିଛି ନ କହି ଟିକିବୁଢ଼ି ଗୁଲିଗଲେ କେମିତି ? ପରକ୍ଷଣରେ ବନାନୀକୁ ତା ଯିବାର କାରଣ ପଚାରି ବସିଲା ସେ ।

ଏତେ ଚଞ୍ଚଳ ଚାଲିଯିବ କାହିଁକି ବାବୁ…

ସୁହାସର ପ୍ରଶ୍ନରେ ତାକୁ ବକ୍ ବକ୍ କରି ଅନେଇ ରହିଲା ବନାନୀ । ଏହି କଥା ସେ ସାର୍‌ଜିକାଠାରୁ ଶୁଣିବାକୁ ଆଶା କରିଥିଲା । ଜୋର, ଅଳି କିମ୍ବା ଅଭିମାନରେ ଅଟକେଇ ରଖିବାତ ଦୂରର କଥା, ସାଧାରଣ ଭଦ୍ରତା ଖାତିରରେ ମଧ୍ୟ ପଦେ କଥା କହିନାହିଁ ସାର୍‌ଜିକା । ଆଉ ଏହି ସୁହାସ… କଣ ତାର ତା ସହିତ ସମ୍ବନ୍ଧ… ।

ସତେ କଣ ଚାଲିଯିବ ବାବୁ… ?

ବନାନୀ ପୁଣି ଶୁଣିଲା ସୁହାସର କଥା । ହଁ…ହଁ…ତାକୁ ଆଗରୁ ବି ଥରେ ସେହି ଯିବା ସମ୍ପର୍କରେ କଣ ପଚାରୁ ଥିଲା ସୁହାସ । କିନ୍ତୁ ତାରୁଣ୍ୟର ଉତ୍ପୀଡ଼ନରେ ସେ କଥାର ଉତ୍ତର ଦେବାକୁ ଭୁଲି ଯାଇଚି ସେ । ସେଥିଯୋଗୁ କିଛି ମନେ କରି ନାହିଁତ ସୁହାସ ? ତାର ସନ୍ଦେହ ଧୂଆଁକୁ ଉଡ଼େଇ ଦେବାକୁ ଯାଇ ସୁହାସ ମୁହଁକୁ ଅନେଇ ଟିକିଏ ହସିଦେଇ ବନାନୀ କହିଲା—

ହଁ ମତେ କାଲି ଯିବାକୁ ହେବ ସୁହାସ !

ଅଧୀର ସ୍ୱରରେ ସୁହାସ କହି ଉଠିଲା—

କାହିଁକି ବାବୁ, ଏ ଟିକି ବୁଢ଼ୀଙ୍କ ପାଇଁ ? ତାଙ୍କପାଇଁ ଆପଣ ଚାଲିଯିବେ ?

ନା···ନା···

ପ୍ରତିବାଦର ସ୍ୱର ତୋଳି କଣ କହିବାକୁ ଯାଉଥିଲା ବନାନୀ । କିନ୍ତୁ ସୁହାସର ଅନର୍ଗଳ କଥା ସ୍ରୋତରେ ତାହା ଯେପରି ସାମାନ୍ୟ କୁଟାଖିଅ ପରି ଦୂରକୁ ଦୂରକୁ ଭାସିଗଲା । କେବଳ ଶୁଭିଲା ସୁହାସର କଥା ।

ସେତ ବାଇଆଣୀ ହୋଇ ଗଲେଣି ବାବୁ । ତାଙ୍କୁ ଯେତେ କହୁଲେ, ବୋଇଲେ କଣ ହେବ । ଏ କାନରେ ପୂରେଇ ସେ କାନରେ ବାହାର କରି ଦେଉଛନ୍ତି । ବେଚେରା ବଡ଼ ଘରର ଝିଅ । ସୁନା ରୁପାରେ ପା ପାଆନ୍ତି ପା ଗୁଲୁଥିଲେ । ତାଙ୍କ କଥା ଓଦେଖା । କଣି ପାଇଁ ଧନସମ୍ପ ବୁଲି ବୁଲି ବଳ ବୟସ ସାରୁଛନ୍ତି । ବାପେ ତ କହି କହି ଚିନ୍ତାରେ ଚିନ୍ତାରେ ଗଲେ । ଆଜ ମା'ଙ୍କର ତ ଧନ ସବୁ ଲକ୍ଷ ସ୍ୱର୍ଣ୍ଣ । ତାଙ୍କ ଉପରେ ରାଗିଲେ ଯାହା ବାବୁ, କାନ୍ଥ ଉପରେ ରାଗିଲେ ସେଇଆ ।

କହି କହି ଉତ୍ତର ଆଶାରେ ବନାନୀର ମୁହଁକୁ ଅନେଇ ରହିଲା ସୁହାସ । କିନ୍ତୁ କି ଉତ୍ତର ଦେବ ସେ ? ଏତେଦିନ ଧରି ଯେଉଁ ଚିନ୍ତା ତାର ଅନ୍ତସ୍ଥଳକୁ ମନ୍ଥନ କରୁଥିଲା ଅତର୍କିତ ଭାବରେ ତାହାରି ଉପରେ ଆକ୍ରମଣ କରି ବସିଛି ସୁହାସ । କିନ୍ତୁ ଜଟେଣୀ ଗୃହରର ଅଣିରେ ନିଜକୁ ଖୋଲି ଦେଖେଇ ଦେବାପାଇଁ ଯେମିତି ନିଜ ଭିତରୁ ଆଦୌ ସମର୍ଥନ ପାଇଲା ନାହିଁ ବନାନୀ । କଥା କାଟି ସେ କହିଲା—

ନା···ନା ମୋର ଛୁଟି ପୂରି ଗଲାଣି ସୁହାସ ! ପର ଘରେ ମୁଣ୍ଡ ଟିକି ମନ ଖୁସି କାହିଁ ?

ଏଥିରେ ଯେପରି ସୁହାସ ମନରୁ ପୂର୍ବର ଆଶଙ୍କା ଅନେକ ପରିମାଣରେ କଟିଗଲା । ତାର ମନେ ହେଲା ଏଥି ଭିତରେ

ଯେମିତ ବହୁ ପରିବର୍ତ୍ତନ ହୋଇ ଯାଇଛି ଅଜ ନିକଟରେ କିଛି ଚୋଟାଏ ଘଟି ଯିବାର ମଧ୍ୟ ସଂଭାବନା ଅଛି । ସେଥିଯୋଗୁ ମନ ଭିତରେ ଠାକୁରଙ୍କୁ ସହସ୍ର ପ୍ରଣାମ ଜଣେଇ କଣ୍ଠରେ ଅନନ୍ଦ ଧରି ସୁହାସ କହିଲା—

ପ୍ରଭୁ ଜାଣନ୍ତି ବାବୁ, ପ୍ରଭୁ ଜାଣନ୍ତି । ମା'ଙ୍କର ଦୁଃଖ ଏତେଦିନେ ଦରବାରରେ ପହଞ୍ଚିଲା । ହେଉବାବୁ, ତମେ ଦୁହେଁ ସୁଖରେ ଘର କର । ହେ ଭଗବାନ...

ଭଗବାନଙ୍କ ଉଦ୍ଦେଶ୍ୟରେ ମୁଣ୍ଡରେ ଯୋଡ଼ ହାତ ଲଗେଇ ଲଗେଇ ସେ ଘରୁ ବାହାରି ଗଲା ସୁହାସ । ତାକୁ ଗୃହଁ ଗୃହଁ ସ୍ୱସ୍ତିର ନିଶ୍ୱାସ ପାରିଲା ବନାନୀ । ସେହି କଥା ପଦକ କହି ସେ ଯେମିତ ନିଜକୁ ଅସମ୍ଭବ ଭାବରେ ବଞ୍ଚେଇ ପାରିଛି । ନ ହେଲେ ଲଜ୍ଜା ଅପମାନର ସୀମା ନ ଥାନ୍ତା । ଏଥିପାଇଁ ସେ ନିଜକୁ ମଧ୍ୟ ଧନ୍ୟବାଦ ଦେଲା ।

ବନାନୀର ବଦାନ୍ୟ ବାଣ୍ଟି ମୁହୂର୍ତ୍ତକ ଭିତରେ ସୁଗାନ୍ଧୀ ଦେବୀଙ୍କ ନିକଟରେ ପହଞ୍ଚିଲା । ତାଙ୍କୁ ଯାଇ ପ୍ରଥମେ କହିଲା ସୁହାସ । ତାହା ସହିତ ବନାନୀର ସରକାରୀ ଚାକିରୀର ଖବର ମଧ୍ୟ ଦେଲା । ଏଥର ସୁଯୋଗ ଅସି ଗୋଡ଼ତଳେ ଗଡ଼ୁଛି । ଅଉ ହେଲା କରି ହେବ ନାହିଁ । ଶୁଭ କାର୍ଯ୍ୟଟା ଶୀଘ୍ର ସାରି

ଦେବାଙ୍କୁ ସୁଗାନ୍ଧୀ ଦେବୀଙ୍କୁ ଭାଗିଦ୍ କରିବାକୁ ମଧ୍ୟ ସେ ଭୁଲିଗଲା ନାହିଁ ।

ସୁହାସର କଥା ଶୁଣି କିଛି ସମୟ ତାର ମୁହଁକୁ ନିର୍ବାକ୍ ହୋଇ ଅନେଇ ରହିଲେ ସୁଗାନ୍ଧୀ ଦେବୀ । ଏତେ ଗୁଡ଼ାଏ ମଙ୍ଗଳ ସମାଚାର ତାଙ୍କ ପକ୍ଷେ ଯେମିତି ଅସହ୍ୟ ହୋଇ ଉଠିଲା । କିନ୍ତୁ ଭିତରର ସମସ୍ତ ଆବେଗକୁ ସମ୍ଭାଳି ନେଇ ଭାଷାହୀନ କାରୁଣ୍ୟ ଭରି ସେ କହିଲେ—

ସତେ କଣ ବନାଣୀ ଚାଲି ଗଲାପରି ସୁହାସ...

ଏ ଦୁଃଖିନୀ ମା' ଆଖିର ସ୍ୱପ୍ନଜଗତ । ସେଥି ଭିତରୁ ଅନ୍ୟ କିଛିର ଆଭାସ ପାଇଲା ନାହିଁ ସୁହାସ ! ଭବିଷ୍ୟତର ବହୁ ଦୂରକୁ ଭାସି ଯାଉ ଯାଉ ସେ କହି ଉଠିଲା—

ଯିବେ ନାହିଁତ ଏଠି କଣ କରିବେ ବସି ବସି...ଖାଲି ପିଲିଙ୍କ ଗୋଡ଼ ଛନ୍ଦିବା କଥା । ନିଜ ଯୋଗାଡ଼ରେ ନିଜେ ରହନ୍ତୁ ଏଥର । ବୟସ ତ ଅନେକ ରହୁନି ଆଉ...

କଥାଟିକୁ କହି ଦେଇ ସେଠୁ ନିଜ କାମରେ ଚାଲିଗଲା ସୁହାସ । କିନ୍ତୁ ସୁଗାନ୍ଧୀ ଦେବୀ ଯେମିତି ଏଥିରେ ଆହୁରି ମର୍ମାହତ ହୋଇ ପଡ଼ିଲେ । ଶୁଭ କାମ ପାଇଁ ପୁଣି ଉଦ୍‌ଯୋଗ । ତାହାପାଇଁ ସେ କି ଉଦ୍‌ଯୋଗ କରିବେ । ସାଗରିକା ତାଙ୍କ ଠାରୁ ଏବେ ବି ଦୂରରେ । ଯେମିତି ହାତ ପାହାନ୍ତାରୁ ବହୁ ଉଚ୍ଚକୁ ସେ ଚାଲି ଯାଇଛି । ଆଉ ତାକୁ ଧରି ହେବ ନାହିଁ । ଅବାଧ୍ୟ ଝିଅ । ରମୂପତିବସୁ ପରିବାରର କନ୍ୟା ନିଜର ପିତୃ ବଂଶ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ବସିଛି । ଆଭିଜାତ୍ୟ ଆଉ ଐଶ୍ୱର୍ଯ୍ୟର ଶସ୍ତ୍ରରେ ତାକୁ ଯେପରି ଦମନ କରିବା ସୁଗାନ୍ଧୀ ଦେବୀଙ୍କର ସାଧ୍ୟାତୀତ ।

ଭଗ୍ନ ଭାବ ସଂପୂର୍ଣ୍ଣ ରୂପେ ଅସହାୟ ହୋଇ ପଡ଼ିଲେ ସୁଗାନ୍ଧୀ ଦେବୀ । ତାଙ୍କର ଦୁଇଚକ୍ଷୁ ବାହି ଅଶ୍ରୁର ଝରଣା ଝରି ଆସିଲା । ସେ ଅଶ୍ରୁ ଯେପରିକି ଏକ ନିରୁପାୟ, ଅସମର୍ଥ ଆତ୍ମାର ଅଶ୍ରୁ ।

ସ୍ୱାମୀଙ୍କର ମୃତ୍ୟୁ ପରେ ପରେ ପ୍ରାୟ ସୁଗାନ୍ଧୀ ଦେବୀଙ୍କର ଏହି ଅବସ୍ଥା ଆସି ଯାଇଛି । ନିଜର ଅବହେଳା ଭିତରେ ସେ ସମୟ କଟେଇ ଦିଅନ୍ତି । ଯେମିତି ତାଙ୍କର ଜୀବନଟା ଏବେ ଏକ ମୂଲ୍ୟହୀନ ବସ୍ତୁରେ ପରିଣତ ହୋଇ ଯାଇଛି । ସେଥିରେ ପୁଣି ଝିଅର ଏ ଢଙ୍ଗଢାଙ୍ଗ ତାଙ୍କୁ ଗଭୀର ନୈରାଶ୍ୟ ଭିତରେ ନିକ୍ଷେପ କରି ଦେଉଛି । ଏପରି ସ୍ଥଳେ ଶୁଭକର୍ମର ଉଦ୍‌ଯୋଗ ତ ଦୂରର କଥା, କଳ୍ପନା ସୁଦ୍ଧା କରିବାକୁ ସାହସ କରି ପାରି ନାହାନ୍ତି ସୁଗାନ୍ଧୀ ଦେବୀ । ନିର୍ବିବାଦରେ ଝିଅର କାର୍ଯ୍ୟକଳାପ ସହ୍ୟ କରି ଆସିଛନ୍ତି ସେ । ପ୍ରଥମେ ପ୍ରଥମେ ସେ ଯେ ପ୍ରତିବାଦ କରି ନ ଥିଲେ ଏହା ନୁହେଁ । କିନ୍ତୁ ତାଙ୍କର ସକଳ ଚେଷ୍ଟାକୁ ବ୍ୟର୍ଥ ଘୋଷଣା କରି ସାଗରିକା ପୁଣି ଧ୍ୱଂସର ପଥରେ ଆଗେଇ ଯାଇଛି । ଅବୋଧ କନ୍ୟା ନିକଟରେ ମାତୃ ଅନ୍ତରର ସମସ୍ତ ଅଶ୍ରୁ ଆବେଦନ ବୃଥା ହୋଇ ଯାଇଛି । କୋଟିଏ ଜନନୀର ଲୁହ ପୋଛିବାକୁ ଯାଇ ସାଗରିକା ଭୁଲି ଯାଇଛି ଗୋଟିଏ ଜନନୀର ଜନନ ବ୍ୟଥା । ଆଉ ବନାନୀ···କାହାପାଇଁ ତା ସହିତ ସଂପର୍କ···? କେଉଁ ଉପପାତକ, କାହା ଜୋରିରେ ସେ ତାକୁ ବାଧ୍ୟ କରି ଅଟକେଇ ରଖିବେ···

ଏହି କଥା ମନେ କରି ବନାନୀର ପ୍ରତି ସମ୍ପୂର୍ଣ୍ଣରେ କୌଣସି ଆପତ୍ତି ଉଠେଇଲେ ନାହିଁ ସୁଗାନ୍ଧୀ ଦେବୀ ।

କିନ୍ତୁ ଯିବାର ଶେଷ ମୁହୂର୍ତ୍ତରେ ଯେମିତି ସମସ୍ତ ଉତ୍ସାହ ହରେଇ ବସିଲା ବନାନୀ । ବେଦନାର ଏକ ଗଭୀର

ଆନ୍ଦୋଳନରେ ଅନୁକୂଳ ତାର ଆନ୍ଦୋଳିତ ହେବାକୁ ଲାଗିଲା । ସାଗ୍ନିକା ସେହି କେତେପଦ କଥାବାର୍ତ୍ତା ପରେ ଚାଲିଯାଇ ଆଉ ଘରକୁ ଫେରି ନାହିଁ । ଯେପରି ବନାନୀର ହୃଦୟରେ ସାଗ୍ନିକାର କୌଣସି କ୍ଷତି ନାହିଁ । ଦ ଦନର କୁଣିଆ ହୋଇ ଆସିଥିଲା ବନାନୀ । ପୁଣି ଫେରିଯିବ । ସେଥିରେ ହୃଦୟର ହିସାବ ନିକାଶ କରାଯାଇ ପାରେନା । ପ୍ରେମ, ବିରହ, ଅଶ୍ରୁ ଏ ସବୁ ସାଗ୍ନିକା ନିକଟରେ ନିହାତି ମୂଲ୍ୟହୀନ । ବୁର୍ଜୋୟା ବିଳାସ ମାତ୍ର ।

ଏ ସବୁ ଯେତେ ଥର ଭାବି ନିଜର ମନକୁ ଶକ୍ତ କଠୋର କରିବାକୁ ଚେଷ୍ଟା କଲେ ବି ବି, ବନାନୀ ସଫଳତା ହାସଲ କରି ପାରିଲା ନାହିଁ । ସେ ଯେ ସାଗ୍ନିକା ଠାରୁ ପୁଣି ଦୂରକୁ ଚାଲି ଯାଉଛି, ସେଥିପାଇଁ ତାର ମନ ଭିତରେ ଅନୁଶୋଚନା ଭରିଗଲା । ବନ୍ଧୁପଦ ସଦେ ସେ ସାଗ୍ନିକାକୁ ପାଖରେ ପାଇଥିଲା, ହୁଏତ ଏ ଜୀବନରେ ଆଉ ତାକୁ ସମ୍ପର୍କରେ ଏତେ ପାଖରେ ପାଇବ ନାହିଁ । ଦୁହେଁ ଦୁହିଁଙ୍କ ନିକଟରେ । ତଥାପି ଉଭୟର ମଝିରେ ଏକ ଦୀର୍ଘ ବ୍ୟବଧାନ ରହି ଯାଉଛି । କାହାର ଅଭିଶାପରେ ଚକୋର ଯେମିତି ଦୁରନ୍ତର କେଉଁ ବୃକ୍ଷ ଶାଖାରେ ବସିରହି ପ୍ରହର ଗଣି ଚାଲିଛି ଆଉ ଚକୋରୀ କୌଣସି ଦିନ ମିଳିତ ହେବାର ଆଶା ନ ରଖି ଏକ ଅପରନ୍ତ ପଥ ଧରି ଉଡ଼ି ଚାଲିଛି । ତାର ପଦାଙ୍କ ଅନୁସରଣ କରି ଚାଲିବା ସମ୍ଭବ ନୁହେଁ । କର୍ମ ବହୁଳ ଜୀବନର ଘନଘଟା ଭିତରେ ଅନେକ ଦିନୁ ତାର ପଦ ଚିହ୍ନ ହଜିଗଲାଣି ।

ହୃଦୟର ସମସ୍ତ ବ୍ୟଥା, ମମତାରେ ଲୋଷ୍ଟ୍ର ନିକ୍ଷେପ କରି ସ୍ୱଗାମୀ ଦେବାଙ୍କର ପଦଧୂଳି ଗ୍ରହଣ କଲା ବନାନୀ । ହଠାତ୍ ଗ...

ନିଜର ଘର ଭାଙ୍ଗି ପରର ଘର ବାନ୍ଧି ଦେବାକୁ ଅଣ୍ଟା ଭିଡୁଛି । ଅଶ୍ରୁର ଆବେଗରେ ସୁଗନ୍ଧୀ ଦେବୀଙ୍କର ବାକ୍ସ୍ଫୁର୍ତ୍ତି ହେଲା ନାହିଁ । ସତେ ଯେମିତି ତାଙ୍କର ବହୁ କାଳର ଘରକରଣା ଆଜି ଭୁଷୁଡ଼ି ପଡ଼ିଛି । ବନାନୀ ଯେପରି ତାଙ୍କର ଶୂନ୍ୟ କୋଳ ପୂରଣ କରି ଫେରିବ ନାହିଁ । ବନାନୀ ବୁଝୁଛି ଏ ଅଶ୍ରୁର ଅର୍ଥ ବୁଝୁଛି । କିନ୍ତୁ ତାର ଉପାୟ···?

ଅବଶେଷରେ ନିର୍ବାକ ବିମୂଢ଼ ବନାନୀ ବୁକୁରେ ଦୁଃଖ ଅଶ୍ରୁର ଗୁରୁଭାର ବହନ କରି କର୍ମକ୍ଷେତ୍ର ଉଦ୍ଦେଶ୍ୟରେ ଫେରିବାର ପଥ ଧରି ଆଗେଇ ଚାଲିଲା । କେବଳ କର୍ମ···ହିଁ କର୍ମହିଁ ତାର ପରମ ଗତି । ତାହାହିଁ ଯେପରି ଜୀବନର ସକଳ ନିଗ୍ରହ ଭିତରୁ ରକ୍ଷା ପାଇବାର ଏକମାତ୍ର ଅବଲମ୍ବନ । ଭାବି ଭାବି ପଥ ସରିବାର ଅପେକ୍ଷାରେ ଅନେଇ ରହିଲା ବନାନୀ ।

ଗାଡ଼ିରୁ ଓହ୍ଲାଇ ଷ୍ଟେସନ ପାଖ ଥରେ ଘୂରି ଆସିଲା ବନାନୀ । ଭୁବନେଶ୍ୱର ଷ୍ଟେସନ । ଭିତରେ ଭିତରେ ତାର ଯେମିତି ଏକ ଅସ୍ୱସ୍ତିର ପବନ ବହିଗଲା । ଆଖି ଆଗରେ କେତେ ଚିହ୍ନା ଅଚିହ୍ନା ମୁହଁ । ବନାନୀକୁ ଦେଖିପାରି କେତେ ହାତ ମୁଣ୍ଡରେ ଲାଗୁଛି ।

ନମସ୍କାର···ନମସ୍କାର···

ପାଟିରୁ ସେହି ଗୋଟିଏ ପରିଚିତ ଶବ୍ଦ ବାହାରି ଆସୁଛି । ଓଠରେ ହସ ଖେଳାଇ ପ୍ରତିନମସ୍କାର ଜଣେଇ ଜଣେଇ ପ୍ଲାଟଫର୍ମ ବାହାରକୁ ଚାଲି ଆସିଲା ବନାନୀ

ଚାରିପଟେ ତାରି ସାଇକେଲ୍ ରିକ୍ସାର ଭିଡ଼ ଲାଗିଛି । ସେଥିରୁ ଗୋଟିଏ ଧରି ନେଇ ଭିତରେ ଯାଇ ବସି ପଡ଼ିଲା ବନାନୀ । କ୍ୱାର୍ଟର ଉଦ୍ଦେଶ୍ୟରେ ଅଗର ରାସ୍ତାରେ ଚଳେଇ ନେବାକୁ ଅଙ୍ଗୁଳିରେ ନିର୍ଦ୍ଦେଶ କଲା । ରିକ୍ସା ଛୁଟି ଚାଲିଲା ।

ସାମନାରେ ଅସରନ୍ତି ପଥ । ତାର ଆରମ୍ଭ ଆଉ ଶେଷ କେଉଁଠି କହି ହେବନାହିଁ । କେବଳ ଦୀର୍ଘପଥ । ମାନବ ଜୀବନର ବିଭିନ୍ନ କର୍ମପନ୍ଥା ପରି ବିସ୍ତୀର୍ଣ୍ଣ, ବିକ୍ଷିପ୍ତ । ଏହି ସୀମାହୀନ ପଥର ବିସ୍ତୀର୍ଣ୍ଣତା ନିକଟରେ ଯେମିତି ଅଦମ ମଣିଷର ଦାୟାଦ ଏ ଯୁଗର ଏହି ପ୍ରବୀଣ କର୍ମଦକ୍ଷ, ଉଚ୍ଚଶିକ୍ଷିତ ଯୁବକ ବନାନୀ ରାଜଗୁରୁର ସମସ୍ତ ଦମ୍ଭ, ଆସ୍ଫାଳନ ପରାଜୟ ମାନିନିଏ । ଚେତନଶୀଳ ମନର ସକଳ ଅହମିକା ବିଲୀନ ହୋଇ ଯାଏ ଏହି ବିଶାଳ ପଥର ଧାରେ ଧାରେ ।

ରାଜଧାନୀର ଅଟ୍ଟାଳିକାମାଳା ଭିତରେ ରିକ୍ସାର ଚକ ଗଡ଼ି ଗଡ଼ି ଚାଲିଛି । ମୁଣ୍ଡ ଉପରେ ସେକ୍ରେଟେରିଏଟ୍‌ର ଅସୀମ, ମହାନ ଆକାଶ । ଚାରିପାଖେ ଘେରି ନୂଆ ରାଜଧାନୀର ସୌଧମାଳା । ସୁଦୂର ମୁଣ୍ଡିଆ ସେପଟରେ ଅନେକ ବେଳୁ ସୂର୍ଯ୍ୟ ବୁଡ଼ିଲେଣି ! ତଥାପି ରାଜପଥରେ କୋଳାହଳ ଲାଗି ରହିଛି । ଅନନ୍ତ, ଅଖଣ୍ଡ କୋଳାହଳ । ଯେମିତି ଏହାର ଶେଷ ନାହିଁ । କାଲି ପୁଣି ଏହି କୋଳାହଳ ଭିତରେ ନିଜକୁ ହଜେଇ ବସିବ ବନାନୀ । ହଜେଇ ଦେବାକୁ ମନର କୌଣସି ତାଡ଼ନା ନ ଥିଲେ ସୁଦ୍ଧା

ସବୁ ଯେମିତି ଖାଲି ବାଧା ବାଧକତା । ଜୀବନ ଧାରଣାଟା ମଧ୍ୟ ସେଇଆ ବୋଲି ମନେ କରେ ବନାନୀ ।

ରିକ୍‌ସା ଆସି ଠିକଣା ଜାଗାରେ ପହଞ୍ଚି ଯାଇଥିଲା । ସେଇଟି ଓ୍ୱେଲ୍‌ଇ ପ୍ରଧାନ ରାସ୍ତାର ବାଁ ପଟକୁ ଦୁଇ ପାହୁଣ୍ଡ ଆଗକୁ ଗଲେ ବନାନୀର କ୍ୱାର୍ଟରଟା ପଡ଼ିବ । ରିକ୍‌ସା ଅଟକେଇ ରାସ୍ତା ଉପରେ ଠିଆ ହୋଇ ପଇସା ଦେଲା ବନାନୀ । ବେଡିଂ ସୁଟ୍‌କେଶ ବାରଣ୍ଡା ଉପରେ ରଖି ଦେଇ ରିକ୍‌ସା ବାଲା ଚାଲିଗଲା । ଦୁଆର ମୁହଁକୁ ଉଠି ଆସି କବାଟର କଡ଼ା ଧରି ଦୁଇ ତିନିଥର ଖଡ଼ ଖଡ଼ କରି ଦେଲା ବନାନୀ ।

ରୁକର ଆସି କବାଟ ଖୋଲି ଦେଲା । ଆଗରେ ଠିଆ ବାବୁ…ପୁଣି ଅସମୟରେ । ଆଶ୍ଚର୍ଯ୍ୟ ହୋଇ ଅନେଇ ରହିଲା ସେ । ବନାନୀର ବେଶଭୂଷା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ । ମଳିନ କପାଳ ଉପରେ ବାଳ ଗୁଡ଼ିକ ଛିଟ୍ରି ହୋଇ ପଡ଼ିଛି । ସମସ୍ତ ଚେହେରାରେ କେମିତି ଏକ କ୍ଳାନ୍ତି ଆଉ ଅବସାଦର ଛାୟା । ରୁଚି ପୁରି ନାହିଁ । ତା ହେଲେ କଣ ଦେହ ଖରାପ ଅଛି ? ଭାବି ଭାବି ରୁକର ବନାନୀର ଗୋଡ଼ତଳେ ପଡ଼ି ଯାଇ ଅନ୍ତରେ ଭକ୍ତି ପ୍ରଦର୍ଶନ କଲା ।

ବନାନୀ କିନ୍ତୁ ତାକୁ କିଛି କହିଲା ନାହିଁ । ଜିନିଷ ପତ୍ର ଗୁଡ଼ିକ ସେ ପର୍ଯ୍ୟନ୍ତ ବାରଣ୍ଡା ଉପରେ ଥୁଆ ହୋଇ ରହିଛି ! ତାକୁ ଉଠେଇ ଆଣିବାକୁ ଆଖିରେ ଇଙ୍ଗିତ ଦେଇ ସେ ସିଧା ସିଧା ଶୋଇଲା ଘରେ ପଶିଗଲା । ଘର ଭିତରଟା ଅନ୍ଧାରରେ ଖାଁ ଖାଁ କରି ଉଠୁଛି । ସେହି ସର୍ବଗ୍ରାସୀ ଅନ୍ଧାର ଭିତରେ ଠିଆ ହୋଇ କିଏ ଯେମିତି ଅପେକ୍ଷା କରି ରହିଛି ତାକୁ । କିଏ…

ଦୁ ପାଦ ପଛକୁ ଘୁଞ୍ଚି ଆସିଲା ବନାନୀ । କିନ୍ତୁ ପରକ୍ଷଣରେ

ନିଜ ଉପରେ ବିରକ୍ତ ହୋଇ ଉଠିଲା । ପରିପୂର୍ଣ୍ଣ ବୟସରେ ଏ ହୃଦ ବିକାର ମାନବ ଧର୍ମ ବୋଲୁଛି । ପୁଣି ଅଗେଇ ଯାଇ ଆଲୁଅ ଜାଳି ଦେଲା ସେ । ଘରଟା ଭିତରେ ବିଜୁଳି ଆଲୁଅ ବର୍ଷି ହୋଇ ପଡ଼ିଲା । ଅସହ୍ୟ ଗରମ । ଶ୍ରାବଣ ଆକାଶ ଆଜି ମେଘ ଶୂନ୍ୟ । ଫସଲର କିଆରୀ ଆଜି ଶୁଖି ଫାଟି ଯାଉଛି । ସାଗ୍ନିକା ସତ କହିଛି । ପୁଣି ସେହି ସାଗ୍ନିକା । ତମେ ପୁଣି ମୋର ଭାବନା ଭିତରେ କାହିଁକି ସାଗ୍ନିକା...

ଚମକି ପଡ଼ି ବନାନୀ ଶୁଣିଲା ନିଜର କରୁଣ ସ୍ୱର । ତାର ଇଚ୍ଛା ହେଲା କୁଆଡ଼େ ଦୌଡ଼ି ପଳେଇ ଯାଆନ୍ତା । ନ ହେଲେ କାନ୍ଦି କାନ୍ଦି ଗଗନର ବୁକୁ ବିଦୀର୍ଣ୍ଣ କରି ଦିଅନ୍ତା । କିନ୍ତୁ ପର ମୁହୂର୍ତ୍ତରେ ନିଜକୁ ସେ ଖୁବ୍ ଅଦ୍ଭୁତ ଭାବରେ ସଂଯତ କରି ନେଲା ପୁଣିଥରେ ହିଁ ଘଣ୍ଟା ଘଡ଼ିରେ ଦେଖି । ସାତଟା ବାଜିଲାଣି ସେ ଜାଣେ ଦାସ୍ ବାବୁ ମନ୍ତ୍ରୀ ଗୁଣ୍ଡା, ଏହି କଥା ନିଜକୁ ଭଲ ରୂପେ ବୁଝେଇ ଦେଇ ଶାସନ କରିବାକୁ ଚେଷ୍ଟା କଲା ବନାନୀ । ଏ ଭାବପ୍ରବଣତା ତା ପକ୍ଷେ ନିହାତି ଅଶୋଭନୀୟ । ଦେହରେ ପବନର ଶୀତଳ ସ୍ପର୍ଶ ଲାଗିଲାହିଁ । ଜାମା ପଟା ଖୋଲି ଲୁଗା ବଦଳେଇ ଖଟ ଉପରେ ଗଡ଼ି ପଡ଼ିଲା ବନାନୀ । ହଠାତ୍ ତଣ୍ଟି ପାଖରେ ସେ ତୃଷାର ତାଡ଼ନା ଅନୁଭବ କଲା । କିନ୍ତୁ ସେଥିପାଇଁ କିଛି ବନ୍ଦୋବସ୍ତ କରିବା ପାଇଁ କାହାକୁ ଡାକି ପାରିଲା ନାହିଁ ବନାନୀ । ଆଲମାରି ଉପରୁ ତଉଲିଆଟା ଟାଣି ଆଣି ପୁହିଟାକୁ ଭଲ କରି ପୋଛି ପକେଇଲା ସେ ।

ଏହି ସମୟରେ ହାତରେ ସରବତ ଗ୍ଲାସ ଧରି ଆସି ପାଖରେ ଠିଆ ହେଲା ପୂଜାରୀ ବୈକୁଣ୍ଠ । ତା ହାତରୁ ଗ୍ଲାସଟା ଛଡ଼େଇ ନେଇ ଏକା ନିଶ୍ୱାସରେ ଢକ୍ ଢକ କରି ପିଇଗଲା ।

ବନାନୀ । ତା ପରେ ଗୋଡ଼ ଝାଡ଼ି ଦେଇ ବିଛଣାରେ ଲମ୍ବ ହୋଇ ଗଡ଼ି ପଡ଼ିଲା ।

ଖାଦ୍ୟ ପେୟ ସମ୍ବନ୍ଧରେ ନିର୍ଦ୍ଦେଶ ପାଇବାକୁ ଅପେକ୍ଷା କରି ଛାଡ଼ା ହେଲା ବୈକୁଣ୍ଠ । କିନ୍ତୁ କିଛି ଖାଇବ ନାହିଁ ବୋଲି କହି ଦେଇ ଆଖି ବୁଜି ଶୋଇବାକୁ ଚେଷ୍ଟା କଲା ସେ । ଅଳ୍ପ ସମୟ ପରେ ତାକୁ ନିଦ ଲାଗି ଆସିଲା । ବାୟୁ ମଣ୍ଡଳର ସ୍ନିଗ୍ଧତା ଭିତରେ ନିଘୋର ନିଦରେ ଶୋଇ ପଡ଼ିଲା ସେ ।

ବନାନୀ ଫେରି ଆସିଛି । ରାତି ପାହିବା ସାଙ୍ଗେ ସାଙ୍ଗେ ଏ ସମ୍ବାଦ ବନ୍ଧୁ ମହଲରେ ପ୍ରଚାର ହୋଇଗଲା । ସକାଳର ମଧୁର ଆବେଶ କଟି ନ ଯାଉଣୁ ବନାନୀ ତାର ପଦୋନ୍ନତିର ଖବର ପାଇଲା । ଖବର ନେଇ ଆସି ପହଞ୍ଚିଲା ସହକାରିଣୀ ଲିପିକା ଦାସ । ବନାନୀଙ୍କୁ ଅଭିନନ୍ଦନ ନମସ୍କାର ଜଣେଇ ସାରିବା ପରେ ପ୍ରଥମେ ସେ ବଡ଼ ଧରଣର ଗୋଟାଏ ଭୋଜିର ଦାବୀ କରି ବସିଲା । ଏଥିରେ ଆପତ୍ତି କରିବାର କିଛି ନ ଥିଲା ବନାନୀର । ସ୍ୱୀକୃତି ପାଇ ବିସ୍ତାରିତ ଭାବରେ ସମସ୍ତ ଘଟଣା ବର୍ଣ୍ଣନା କରିଗଲା ଲିପିକା । ମଝିରେ ମଝିରେ ନାନା ଥଟ୍ଟା, ପରିହାସ ମଧ୍ୟ କରିବାକୁ ଲାଗିଲା ସେ । ଏଥିରେ ବନାନୀ ମନର ସମସ୍ତ ଗ୍ଲାନି ଯେମିତି ଦୂରେଇ ଗଲା । ତାର ମନେ ହେଲା, ବହୁଦିନ

ପରେ ଯେପରି ତା ଭିତରେ ଏକ ଆନନ୍ଦ ପ୍ରବାହ ବହିଯାଉଛି ।

ଏହି ଆନନ୍ଦର ସ୍ରଷ୍ଟା ଅଛି ଲିପିକା ଦାସ । ବୟସରେ ସାଗରିକାଠାରୁ ପ୍ରାୟ ଦଶବର୍ଷ ସାନ ହେବ । ଲିପିକାକୁ ସୁନ୍ଦରୀ କହିଲେ ଅତ୍ୟୁକ୍ତି ହେବ ନିଶ୍ଚୟ !! ଅଳ୍ପ ଡେଙ୍ଗା ଆଉ ପାତଳା ଦେହ । ଆଖି ଦୁଇଟି ଉଜ୍ଜ୍ୱଳ । ଓଠକୁ ତୋଳି ଆଣି ଚିପି ଧରିଲା ପରି ସରୁ ଚିବୁକ । ଶ୍ୟାମଳ ତନୁଲତାର ଧାରେ ଧାରେ ଯେମିତି ସାରଲ୍ୟ ବିଦ୍ୟମାନ । ଶାଣିତ ଯୌବନ । ତଥାପି ଯେପରି ତୃଷ୍ଣା ହୀନ, କ୍ଷୁଧା ହୀନ ।

ଅନେକ ସମୟରେ ବହୁକ୍ଷଣ ଧରି ଲିପିକାକୁ ଦେଖିବାକୁ ଇଚ୍ଛା ହୁଏ ବନାନୀର । ସତେ ଯେମିତି ନାମଗନ୍ଧହୀନା ଗୋଟିଏ କଳିକା ।

ଲିପିକାର ବୟସ ଖୁବ୍ କମ୍ । ନିମ୍ନ ମଧ୍ୟବିତ୍ତ ପରିବାରର ଅର୍ଥନୈତିକ ଦୁର୍ଗତି ଭିତରେ ଉଚ୍ଚ ଶିକ୍ଷାର ଆକାଂକ୍ଷା ତାର ମରିଯାଇଛି । ପାରିବାରିକ ସମସ୍ୟାର ସମାଧାନ କରିବାକୁ ଯାଇ ଲିପିକା ବରଣି କରି ନେଇଛି ଏହି ତଳିଆ କିରାଣୀ ଜୀବନ । ତଥାପି ଯେପରି ଲିପିକାର ଦୁଃଖ ନାହିଁ । ଅବଶୋଷ ନାହିଁ । ଚିର ନିର୍ଝରିଣୀ ପରି ସବୁ ସମୟରେ ସହାସ୍ୟ କ୍ଷିପ୍ର । ସମସ୍ତ ଘାତ, ପ୍ରତିଘାତ, ବାଧା ବିଘ୍ନ ଅତିକ୍ରମ କରି ସେ ବହି ଚାଲିଛି । ଗତି ତାର କେଉଁଆଡ଼େ ସେ ଜାଣେ ନାହିଁ । ସାଗରର ସନ୍ଧାନ ସେ ହୁଏତ ପାଇବ । କିନ୍ତୁ କୌଣସି ଦିନ ମିଳିବାର ଆଶା ରଖି ନାହିଁ । କେବଳ ବହିବା ପାଇଁ ତାର ଯେମିତି ଜନ୍ମ ।

ଅନେକ ଦିନ ତଳେ ସଂପୂର୍ଣ୍ଣ ଅଭାବିତ ଭାବରେ ଲିପିକା ସହିତ ବନାନୀର ପରିଚୟ ହୋଇଥିଲା । କାଳକ୍ରମେ ସେହି ପରିଚୟ ଘନିଷ୍ଠ ହୋଇ ଉଠିଛି । ନିଜ ଦେହର ଏକ ଅବିଚ୍ଛେଦ୍ୟ

ଅଂଶ ରୂପରେ ଦୁହେଁ ଦୁହିଙ୍କ ଅନୁଭବ କରନ୍ତି । ଯେମିତି ଦୁଇଟି ଭଗ୍ନନୀଡ଼ ସାଥୀହୀନ ବିହଙ୍ଗ । ଆକାଶର ଅନନ୍ତ ପଥପାର୍ଶ୍ୱରେ ଦୁହେଁ ଦୁହିଙ୍କି ଭେଟିଛନ୍ତି । କୌଣସି ନିବିଡ଼ତା ନାହିଁ, ନଥିଲା, ହୁଏତ ହେବ ନାହିଁ । ତଥାପି ଯେପରି ଦୁହେଁ ଦୁହିଙ୍କର ଆପଣାର । ଦୁହେଁ ଦୁହିଙ୍କର ସହାୟ । ଖୋଲା ଝରକା ଦେଇ ଆଖିରେ ପଡୁଚି ପ୍ରଭାତର ମଧୁର ଜ୍ୟୋତିର୍ମୟତା. ସକାଳର ମୃଦୁମନ୍ଦ ପବନ ଦେହକୁ ଛୁଇଁ ଚାଲି ଯାଉଚି । ସମୟ ପ୍ରାୟ ସାତଟା ହେବ । ପାଖ ଘରେ କିଏ ରେଡ଼ିଓ ଖୋଲିଚି । ମାଙ୍ଗଳିକ ଭଜନର ସ୍ୱର ଆସି ପହଞ୍ଚୁଚି । କିନ୍ତୁ ବନାନୀର ପ୍ରାଣ ତନ୍ତ୍ରୀରେ ଏକ ଅପୂର୍ବ ମୂର୍ଚ୍ଛନା ଆଜି ଜାଗି ଉଠୁଚି । ତାହା ଯେପରି ସାରା ନିଖିଳର ପ୍ରଣୟ ପାଇଁ ନୁହେଁ, ଲିପିକାର ନିଭୃତ ଅନ୍ତରତା ପାଇଁ ।

ବନାନୀ ପାଖରେ ନିସଙ୍କୋଚରେ ବସି ରହିଚି ଲିପିକା । ଯେମିତି ବନାନୀ ମୁହଁରୁ କେଉଁ ଏକ ଶାସ୍ତ୍ର ଶୁଣିବାର ଅପେକ୍ଷାରେ ବସି ରହିଚି ସେ । ଭୟ ନାହିଁ, ଦ୍ୱିଧା ନାହିଁ, ଲାଜୁଆର ମୋହ ମଧ୍ୟ ନାହିଁ । ରମଣୀ ସରଳତାର ଏକ ଜୀବନ୍ତ ପ୍ରତିଛବି ଏହି ଲିପିକା । କ'ଣ ଆଜି କହିବାକୁ ଚାହେଁ ସେ...

ଭାବି ଭାବି ଏକ ସମୟରେ ବନାନୀ ଡାକି ଉଠିଲା—

ଲିପିକା...

ଆଜ୍ଞା...

ଚପଳା ହରିଣୀ ପରି ଛନ ଛନ ହୋଇ ଲିପିକା ଆଗ୍ରହରେ ବନାନୀର ମୁହଁକୁ ଅନାଇ ରହିଲା । ଧୀର ସ୍ୱରରେ ବନାନୀ କହିଲା—

ତମେ କହି ପାରିବ ଲିପି, ନାରୀ କ'ଣ ଚାହେଁ...?

ଏ ପ୍ରଶ୍ନ ଲିପିକାର ସମ୍ପୂର୍ଣ୍ଣ ଅଭାବିତ। ଆଲୋଚନା ତ ଦୂରର କଥା, ଏତେ ଦିନ ଧରି ସେ ଯେପରି ନାରୀର ଚେତନା ସମ୍ବନ୍ଧେ ପରିକଳ୍ପନା ସୁଦ୍ଧା କରି ପାରିନାହିଁ। ସାମାନ୍ୟ ବାଳିକା ସେ। ସାଧାରଣ ଜନ୍ମ ମରଣର ଅନୁଭୂତି ଧରି ସେ ଆଗେଇ ଚାଲିଛି। ଏତେବଡ଼ ସମସ୍ୟାର ରୂପମଧ୍ୟ ସେ ଦେଖିବାକୁ ପାଇ ନାହିଁ। ବନାନୀ ପ୍ରଶ୍ନର କି ଉତ୍ତର ଦିଆ ଯାଇ ପାରେ ମନ ଭିତରେ ଖୋଜି ବସିଲା ଲିପିକା। କିଛି କ୍ଷଣ ପରେ ହସିଦେଇ କହିଲା—

ମୁଁ ଠିକ୍ କରି ଜାଣି ନାହିଁ। ତଥାପି ଭାବୁଚି ଯାହା ଆପଣମାନେ ଚୁହାନ୍ତି ତାର ବିପରୀତ ବୋଧେ !! ସତେ ଆପଣମାନେ କ'ଣ ଚୁହାଁନ୍ତି···?

ଉତ୍ତର ଛଳରେ ଲିପିକାର ପ୍ରଶ୍ନ ଶୁଣି ହୋ ହୋ ହୋଇ ହସି ଉଠିଲା ବନାନୀ। ତାର ମନେ ହେଲା ଲିପିକାର ହୃଦୟଟା ଯେମିତି ଖଣ୍ଡିଏ ଦର୍ପଣ। ସେଠି କାହା ରୂପରେଖ ନାହିଁ। ଲିପିକାର ମୁହଁକୁ ଅନେଇ ଅନେଇ ସେହିପରି ହସି ହସି ବନାନୀ କହିଲା—

ନାରୀରୂପୀ ତମେ କିଏ ଗୋ ଲିପିକା···

ବନାନୀର ଏହି ସରଳ ଭାଷାରେ ଲିପିକାର ଆଖି ଦୁଇଟି ଥମ୍ ଥମ୍ କରି ଉଠିଲା। ଲଜ୍ଜିତା ହୋଇ ସେ କହିଲା—

ନାରୀର ଦେହ ନେଇ ମୁଁ ସଂସାରକୁ ଆସିଚି। ଆପଣଙ୍କୁ ସତ କହୁଚି, ନାରୀର ମନ କଣ ଚୁହେଁ ମୁଁ ସେ ଅଭିଜ୍ଞତା ମୁହୂର୍ତ୍ତିକ ପାଇଁ ହେଲେ ଅର୍ଜନ କରି ପାରି ନାହିଁ। ଆପଣ କିମ୍ଭୁ···

କଥାଟିକ କହିଦେଇ ଲିପିକାର ଭୟ ହେଲା, ମନକୁ ନିଦାଇଲେ

ପୁଣି ହୁଏତ ହସି ଉଠିବ ବନାନୀ । ସତକୁ ସତ ଲିପିକାର ଆଶଙ୍କାକୁ ରୂପ ଦେଇ ହସି ଉଠିଲା ବନାନୀ । ତାହାଙ୍କ ଏତେ ହସ୍ୟରସ୍ତ ବନାନୀ...ସେ କଣ ତାଙ୍କୁ କଷ୍ଟ ଦେବାର ଠିକ୍ ଉତ୍ତର ନ ପାଇଥିଲେ ଏମିତି ହସି ଥାଆନ୍ତା...କିନ୍ତୁ ଇଏ କଣ ? ହଠାତ୍ ବନାନୀର ମୁହଁରୁ ହସ ଲିଭିଗଲା କାହିଁକି !

କଣ୍ଠରେ କାରୁଣ୍ୟ ଧରି ବନାନୀ କହିଲା—

ମୋ ଜୀବନରେ ମାତ୍ର ଦୁଇଟି ନାରୀ ପ୍ରତିମାର ସାନିଧ୍ୟରେ ମୁଁ ଆସିଛି । ସେଥିଭିତରୁ ତମକୁ ନାରୀ ଆଖ୍ୟା ଦିଆଯାଇ ପାରେନା । କିନ୍ତୁ କଣ କୁହା ଯିବ ମୁଁ ତ କହି ପାରିବି ନାହିଁ ।

ବନାନୀର ଓଠରେ କ୍ଷୀଣ ହସ ରେଖାଟିଏ ଫୁଟି ଉଠିଲା । କିନ୍ତୁ ଲିପିକାର ମନେହେଲା, ବନାନୀ ମୁହଁ ସହିତ ସେ ହସର ଯେମିତି କୌଣସି ସାମଞ୍ଜସ୍ୟ ନାହିଁ । କିନ୍ତୁ ନିଜର ଭାବନାରେ ବେଶୀଦୂର ଅଗେଇ ପାରିଲା ନାହିଁ ଲିପିକା । ସେ ପୁଣି ଶୁଣିବାକୁ ପାଇଲା ବନାନୀର କଥା । ରହି ରହି ବନାନୀ କହିଲା—

ଅଉ ଯେଉଁ ନାରୀଟି ସହିତ ମୋର ନିବିଡ଼ ପରିଚୟ ଅଛି...

ହଠାତ୍ ଅଟକି ଗଲା ବନାନୀ । ଗଳା ତାର ରୁଦ୍ଧ ହୋଇ ଆସିଲା । ସେ ଅନୁଭବ କଲା, କି ଗୋଟାଏ ଅବ୍ୟକ୍ତ ବେଦନାର ଆଘାତରେ ହୃଦୟର ତନ୍ତ୍ରୀଗୁଡ଼ାକ ସବୁ ଛିନ୍ନ ବିଚ୍ଛିନ୍ନ ହୋଇ ଯାଉଛି । ଏହି କ୍ଷଣି ହୁଏତ ଆଖିପତା ଲୁହ ଟୋପି ଆସିବ । ଅନଭିଜ୍ଞା ହେଲେବି ଲିପିକା ନାରୀ । ଜଣେ ନାରୀ ଆଗରେ ବନାନୀର ଏ ଦୁର୍ବଳତା ପୌରୁଷହାନୀକର । ଯେତେଶୀଘ୍ର ପାରେ ଉଠି ସେ ବାହାରକୁ ଚାଲି ଆସିଲା । ନିଜକୁ ରକ୍ଷା

କରିବାକୁ ଯାଇ ଅଖିରେ ପାଣି ଛାଟିବାକୁ ଲାଗିଲା । ଲିପିକାର ଧାରଣା ହେବ ଅଖିରେ ଗୁଣ୍ଡ ପଡ଼ି ଯାଇଛି । ହୁଏତ ନିଜର ଆସନରେ ବସି ବସି ସେ ବନାନୀର କାର୍ଯ୍ୟ କଳାପ ଉପରେ ଦୃଷ୍ଟି ରଖିଛି ।

ପଛ ପଟରେ କାହାର ମୃଦୁ ପଦଶବ୍ଦ ଲାଗି ଲାଗି ଆସୁଛି । ବୁଲି ଅନେଇଲା ବନାନୀ । ତାକୁ ଆଶ୍ଚର୍ଯ୍ୟ କରି ପାଖରେ ଠିଆ ହୋଇ ଗଲା ଲିପିକା । ଅଖିରେ ସେହି ଜିଜ୍ଞାସାର ଇଙ୍ଗିତ ଆଉ ଆଗ୍ରହ । କିଛି ଗୋଟାଏ ନ ଶୁଣିଲେ ହୁଏତ ବନାନୀକ ସନ୍ଦେହ କରିବ ସେ । ମୁହଁଟାକୁ ଉଜଳ କରି ପୋଛି ପକାଇ ଲିପିକାକୁ ଗୃହିଁ ଚାହିଁ ସେ କହି ଉଠିଲା—

କଣ ଡର ମାଡ଼ିଲା ଘର ଭିତରେ ? ଊଃ ଗପ ଶୁଣିବାରେ କି ନିଶା ।

କହୁ କହୁ ବନାନୀର ଓଠ ଦୁଇଟିରେ ପୁଣି ହସ ଖେଳି ଗଲା । ଘର ଭିତରକୁ ଫେରି ନ ଯାଇ ବାରେଣ୍ଡାରେ ଚୌକି ଟାଣି ଦୁହେଁ ବସି ପଡ଼ିଲେ । ସକାଳର କଅଁଳ ଆଭା ବନାନୀର ଦେହ ଉପରେ ପଡ଼ୁଛି । ମାଟିର ଉଷ୍ମ ଗନ୍ଧ ଆସି ବାଜୁଛି ନାକରେ । ଦୂର ସୂର୍ଯ୍ୟ ଆଡ଼େ ଗୃହିଁ ଗୃହିଁ ଚୁପକରି ବସିରହିଲା ବନାନୀ । ଆଉ ଯେମିତି କିଛି କହିବାକୁ ତାର ସାହସ ହେଉ ନାହିଁ ।

ଲିପିକା କହିଲା—

ଗମ୍ଭୀର ହୋଇ ବସି ରହିଲେ ଚଳିବ ନାହିଁ । ଏଇ ତେଇଶବର୍ଷ, କିମ୍ବା ଚବିଶବର୍ଷ ବୟସରେ ଏତେ ଗାମ୍ଭୀର୍ଯ୍ୟ...ସାଧୁ ନା ସନ୍ୟାସୀ......ଏମିତି ବାକ୍ ସଂଯମୀ ହେଲେ ଉଭ ଚଳି ଯିବ ଯେ...

ତମେ କଣ ଭାବୁଛ ଲତି, କନ୍ଥା ସିଲେଇ କରିବାକୁ କେହି ଆଗଭର ହେଇ ଆସିବ...

ଆସିବେ...ଆସିବେ...ନହେଲେ ଆପଣଙ୍କର କାହା ପାଇଁ ଏ ବୟସରେ ଏତେ ତ୍ୟାଗ, ନିଷ୍ଠା, କାହାପାଇଁ ଆପଣ ଏତେ ନିର୍ଲିପ୍ତ, ନିର୍ଲୋଭ ଜୀବନ ଗଢ଼ି ନେଇଛନ୍ତି...

ସ୍ମିତ ହସି ବନାନୀ କହିଲା—

କିଏ କହିଲା ମୁଁ ନିର୍ଲିପ୍ତ, ନିର୍ଲୋଭ। ତା'ହେଲେ ଅଜି ଅଜଣା ବାସ ଛାଡ଼ି ତମ ପାଖରେ ବସିଥାଅନ୍ତି କାହିଁକି ? ମୋର ଗୃହବଧୂ ଜୀବନ କଥା ତମେ ଜାଣିଚ। ତାହାହିଁ ମୋର ସାଧନା। ମୋର ଶତାଧିକ ଟଙ୍କା ଯେ କେଉଁ ବାଟେ ଚାଲି ଯାଏ, ତାହା ତମର ଅଜଣା ନାହିଁ। ଅର୍ଥକଷ୍ଟ ବିଦ୍ୟାର ବଣିକ୍ରୁଚ ହେଇ ସହକାରୀ ଗୃହିଣୀରେ ପରିଣତ। ଏଠି ତ୍ୟାଗ କାହିଁ ଲତିକା...ନିଷ୍ଠା କାହିଁ...

ଲତିକା କହିଲା—

ଆପଣ ପଦ୍ମ ପତ୍ରର ଜଳକଣା...

କେମିତି ଜାଣିଲ...

ଅଭିଜ୍ଞ ବ୍ୟକ୍ତି ପରି ଲତିକା କହିଲା—

ଏହି କଥା କହି ଆପଣ ମତେ ନିଜ ବୋକାମୀର ପରିଚୟ ଦେଲେ ! ମୁଁ କଣ ମଣିଷ ନୁହେଁ...? କହିଲେ ଆପଣଙ୍କର ବୟସ କେତେ ?

ଅଳ୍ପ ସମୟ ଆଗରୁ ତମେତ ନିଜେ କହିଥିଲ...

ଭଲକଥା କହି ପାରିବନ୍ତି। ଏଥର ମୋ ପ୍ରଶ୍ନର ଉତ୍ତର ଦିଅନ୍ତୁ। ଓଡ଼ିଆ ଘରେ କୋଡ଼ିଏ ବର୍ଷପରେ ପୁଅର ବିବାହ ପାଇଁ ମା'ବାପ କେତେଥର ବୋହୂ ବାଛି ବସନ୍ତି।

ବନାନୀ କହିଲା—

କିନ୍ତୁ ସେହି ଝିଅ ମାନଙ୍କୁ ଭାଗ୍ୟବତୀ କହିବାକୁ ହେବ ଲିପି ! ଏମିତି ଯୋଡ଼ିଏ ପଶୁଷଣ୍ଡ ତାଙ୍କ କପାଳରେ ଜୁଟି ନାହାନ୍ତି ।

ଜିଦ୍ କରି ଲିପିକା କହିଲା—

ସେମାନେ ଭାଗ୍ୟବତୀ ହୁଅନ୍ତୁ ବା ଭାଗ୍ୟହୀନା ହୁଅନ୍ତୁ, ଆପଣ ଆଗ କହିଲେ ଏ ଘର ଲକ୍ଷ୍ମୀଛଡ଼ା ହେଇ ଏତେ କାଳ ପଡ଼ି ରହିଛି କାହିଁକି ?

ହସି ଉଠି ବନାନୀ କହିଲା—

କେହି ଲକ୍ଷ୍ମୀ ଦୟା କରି ନାହାନ୍ତି ବୋଲି...

ଚେଙ୍କି ଉଠି ଲିପିକା କହିଲା—

ମୁଁ ଛୋଟ ପିଲା ନୁହେଁ ଭାଇ ! ମୁଁ ଗୋଟାଏ ଝିଅ । ମୋର ଅନୁଭୂତି ନେଇ ମୁଁ କହୁଛି, ଆପଣଙ୍କୁ ଉପେକ୍ଷା କରିଯିବା ପାଇଁ କୌଣସି ଝିଅର ସାହସ ହେବ ନାହିଁ ।

ଅସ୍ତେ ଅସ୍ତେ ବନାନୀ କହିଲା—

ରୂପ ପ୍ରଦର୍ଶନରେ କଣ ପ୍ରଣୟ ମିଳେ ଲିପିକା...

ସାମାଜିକତାରେ...

ନା ତା ବି ନୁହେଁ...

ନମ୍ର ସ୍ୱରରେ ବନାନୀ କହିଲା—

ପ୍ରଣୟ କୌଣସି ସଂକୀର୍ଣ୍ଣତା ବୁଝେନା । ଐଶ୍ୱର୍ଯ୍ୟର ଭ୍ରୂକ୍ଷେପ କରେନା ଲିପି ! ବୁଝେ କେବଳ ପ୍ରାଣ । ଗୋଟିଏ କଥା ଶୁଣ । ମୋର ପ୍ରଥମ ଚାକିରୀ ଜୀବନରେ ସେ ଘଟଣା ଆଖି ଆଗକୁ ଆସିଥିଲା । ଗୋଟିଏ ପୋଖରୀରୁ ଦୁଇଟି ତରୁଣୀ

ତରୁଣୀଙ୍କର ମୃତ ଦେହ ଉଦ୍ଧାର କରା ଯାଇଥିଲା । ସେମାନେ ଅମୃଘାତୀ । ଦୁହିଁଙ୍କର ଲୁଗା କାନି ଏକାଠି ବନ୍ଧା ଯାଇଥିଲା । ଦୁହେଁ ନିବିଡ଼ ଆଲିଙ୍ଗନ ବଦ୍ଧ । ମୃତ୍ୟୁର ଛାୟାରେ ଦେହ ଦୁଇଟି ମଳିନ ଦିଶୁଥିଲେ ମଧ୍ୟ ଯେମିତି ମରଣରେ ଦୁଃଖ ନ ଥିଲା ସେମାନଙ୍କର । ବରଂ ଆତ୍ମ ତୃପ୍ତିର ସୂଚନା ମିଳୁଥିଲା ସେମାନଙ୍କର ମୁହଁରୁ । ଘଟଣାଟା ଅନୁମାନ କରିବାକୁ ସହଜ ହେଲେ ମଧ୍ୟ ଖବର ନେଇ ଜାଣିଲି ତରୁଣ ତରୁଣୀ ଦୁଇଟି ବିବାହାକାଂକ୍ଷୀ ଥିଲେ । କିନ୍ତୁ ପାରିବାରିକ ବିଦ୍ୱେଷ ଭିତରେ ବୈବାହିକ ଜୀବନ ଉପଭୋଗ କରିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇ ଉଠିଲା । ସେଥିଯୋଗୁ ମରଣରେ ସେମାନେ ପ୍ରଣୟ ପାଦ ପୂର୍ଣ୍ଣ କରି ନେଲେ । କାନିର ବନ୍ଧନ ଥିଲା ତାଙ୍କ ବିବାହର ମଙ୍ଗଳ ଗ୍ରନ୍ଥି ।

କହୁ କହୁ ନୀରବ ହୋଇଗଲା ବନାନୀ । ଆଖି ଦୁଇଟି ତାର ସଜଳ ହୋଇ ଆସୁଛି । ଲିପିକାର ଆଖିରେ ମଧ୍ୟ ଲୁହ । କାହାରି ତୁଣ୍ଡରେ ଭାଷା ନାହିଁ । ଭାଷା ଯେମିତି ହଜି ଯାଇଛି ସୁଦୂର ଅତୀତର କେଉଁ ଗଭୀର ଗହ୍ୱରରେ । କିଛିକ୍ଷଣର ନୀରବତା ଭାଙ୍ଗି ଲିପିକା କହିଲା—

ତାହେଲେ ଜୀବନଟା କଣ ଏତେ ଅର୍ଥହୀନ ? ଏତେ ରଂଗହୀନ ?

ହୁଏତ ସେଇଆ...

ଭିତରର ଦୀର୍ଘ ଶ୍ୱାସକୁ ଚୁପି ଚୁପି ନୀରବ ହୋଇଗଲା ବନାନୀ । ତାର ମନେ ପଡୁଥିଲା ସାଗ୍ନିକା କଥା । ଯାହାକୁ ଭୁଲିବାର ଚେଷ୍ଟା, ସୂକ୍ଷ୍ମ ଆକାରରେ ଲିପିକା ସହିତ ବର୍ତ୍ତମାନର ଆଳାପ ଜମେଇ ଦେଇଛି । ତେବେ କିଛି ପଚାରିଲେ ସାଗ୍ନିକା

ଠାରୁ ସୁସ୍ପଷ୍ଟ ଜବାବ ମିଳେ ନାହିଁ । ସେଥିଯୋଗୁ ସ୍ୱତ କ୍ଷେତ୍ରରେ ବିଜୟ ହାସଲ କରିବା ତା ପକ୍ଷେ କଠିନ । କାହିଁକି ଏ ପର୍ଯ୍ୟନ୍ତ ବୁଝି ପାରେନା ବନାନୀ । ହୁଏତ ସଜନୀଙ୍କ ଠାରୁ ସାଗ୍ନିକାକୁ ଦୂରେଇ ରଖିଥିଲେ, ଆଜି ଏହି ନିଃସଙ୍ଗ ଜୀବନ ଗଢି ଉଠି ନ ଥାନ୍ତା । ସାଗ୍ନିକା ଭିତରେ ଆଜି ବି ଗୋଟାଏ ଶିଶୁ ଲୁଚି ରହିଛି । ବଡ଼ ଅବାଧ୍ୟ ସେ ।

ବନାନୀଙ୍କୁ ଚାହିଁ ଚାହିଁ ଲିପିକାର ଆଉ କୌଣସି କଥା ପଚାରିବାକୁ ଇଚ୍ଛା ହେଲା ନାହିଁ । ଯେପରି କି ଏକ ଧକ୍କାରେ ବନାନୀ ତାରୁଣ୍ୟର କେଉଁ ଗୋଟିଏ ସୂକ୍ଷ୍ମ ତନ୍ତ୍ରୀ ଛିଣ୍ଡି ଯାଇଛି । ସେଥିରେ ବାରମ୍ବାର କରାଘାତ କଲେ ମଧ୍ୟ ମୂର୍ଚ୍ଛନା ଜାଗିବ ନାହିଁ ।

ନିଜର ମଣିବନ୍ଧକୁ ଅନେଇ ଚମକି ଉଠିଲା ଲିପିକା । ଦନ ନ'ଟା ବାଜୁଛି । ଉଠି ଠିଆ ହେଲା ସେ । ପୂଜାସ୍ତ ବୈକୁଣ୍ଠ କହିଲା—

ନଅଟା ବାଜିଲାଣି ବାବୁ ! ଆପଣ ଗାଧୋଇ ନାହାନ୍ତି ।

ବୈକୁଣ୍ଠକୁ କିଛି ଉତ୍ତର ନ ଦେଇ ରହି ରହି ବନାନୀ କହିଲା—

ନଅଟା ବାଜିଲାଣି ଲିପିକା ! ଯାଅ, ଅଫିସ ଅଛି ତମର…

ବନାନୀଙ୍କୁ ଅନେଇ ଅନେଇ ନୀରବ ପଦକ୍ଷେପରେ ବାହାରି ଗଲା ଲିପିକା ।

ଏହା ଭିତରେ ପ୍ରାୟ ଗୋଟିଏ ମାସ ବିତି ଗଲାଣି । କିନ୍ତୁ ସାଗରିକାର ଆଉ କୌଣସି ଖବର ମିଳି ନାହିଁ । ସବୁ ସମୟରେ କାର୍ଯ୍ୟ ବ୍ୟସ୍ତତା ଭିତରେ ବୁଡ଼ି ରହି ଅତୀତର ସମସ୍ତ ଘଟଣା ଗୋଟିଏ ରାତିର ସ୍ୱପ୍ନ ଭଳି ଭୁଲି ଯିବାକୁ ଚେଷ୍ଟା କରେ ବନାନୀ । କିନ୍ତୁ ସାଫଲ୍ୟ ମଣ୍ଡିତ ହୋଇ ପାରେ ନାହିଁ । ଅଧିକାଂଶ ସମୟରେ ମନଟା ତାର ଗଭୀର ଚିନ୍ତାରେ ଅଚ୍ଛନ୍ନ ଥାଏ । ଯେମିତି ସେ ଚିନ୍ତାର ନିଗଡ଼ ଭିତରୁ ବନାନୀ କେବେ ହେଲେ ମୁକ୍ତି ପାଇ ପାରିବ ନାହିଁ । କେବେ କେବେ ବନାନୀର ମନେହୁଏ କି ଏଇ ଅଭାବର ଚାପ୍ ତାରେ ଛାତିଟା ତାର ଯେପରି ଦୁଇ ଫାଳ ହୋଇ ଫାଟିଯିବ । ଭିତରର ଆବେଗକୁ ସମ୍ଭାଳି ପାରେ ନାହିଁ । ଶୂନ୍ୟ ଘରଟାର କବାଟ କିଳି ଭୋ ଭୋ ହୋଇ କାନ୍ଦି ଉଠେ । ସମୟ ସମୟରେ ଇଚ୍ଛା କରେ ସାଂସାରିକ ସମସ୍ତ ମାୟା ମମତାରେ ଜଳାଞ୍ଜଳି ଦେଇ ସେ ଦୂରକୁ ଦୂରକୁ ଚାଲି ଯାଆନ୍ତା । କେଉଁ ଅଗନା ଅଗମ ବନସ୍ତର ଗିରି ଗୁହାରେ ସେ ଜୀବନ ଯାପନ କରନ୍ତା । ଯେଉଁଠି ମଣିଷର ସ୍ୱର ପହଞ୍ଚନ୍ତା ନାହିଁ ।

ନ ହେଲେ ସେ ଚାଲି ଯାଆନ୍ତା ଏ ପୃଥିବୀର ପରପାରିକି । ଯେଉଁଠି ମାନବର ଦୁଃଖ, ଯନ୍ତ୍ରଣା, ଅଶ୍ରୁ, ବେଦନା ନାହିଁ । କିନ୍ତୁ ସେଠିକି କିଏ ତାକୁ ନେବ...ହତାଶ ହୋଇ ଦୂର ଦିଗ୍‌ବଳୟକୁ ଅନେଇ ଅନେଇ ରହେ ବନାନୀ । ଦିନେ ସେ ସବୁ ପାଇଥିଲା । କିନ୍ତୁ ଆଜି ଯେପରି କାହାର ଅଭିଶାପରେ ସେ ହୃଦୟର ସମସ୍ତ ସମ୍ପତ୍ତି ହରେଇ ବସିଛି । ଅଶ୍ରୁ ଭାରରେ ଭାଙ୍ଗି ପଡ଼େ ବନାନୀ ।

ଅନେକ ସମୟରେ ବନାନୀର ଧାରଣା ହୁଏ ମଣିଷର ଜନ୍ମ କେବଳ କର୍ମ ସାଧନ ପାଇଁ । ଏ ପୃଥିବୀଟା ଗୋଟାଏ ବିରାଟ କର୍ମଭୂମି । କାମ କରି କରି ଅଫିସରୁ ଫେରି ଆସେ ବନାନୀ । କିନ୍ତୁ ଶୂନ୍ୟ ଘର । ଯେଉଁ ଘରକୁ ଦିନେ ପଦ୍ମାଳୟ ରୂପେ ଦେଖିବାକୁ କଳ୍ପନା କରୁଥିଲା ସେ, ତାକୁ ନିଜ ଗୋଡ଼ରେ ଦଳି ଦେଇଛି ସାଗ୍ନିକ । ଯେଉଁ ନାରୀ ଦିନେ ସୃଷ୍ଟିର ବୀଜମନ୍ତ୍ର ପଢ଼ି ପଢ଼ି ଆତ୍ମହରା ହୋଇ ଉଠିଥିଲା, ସେ ଆଜି ନୃମୁଣ୍ଡମାଳରେ ନିଜର ବକ୍ଷ ସଜାଇ ଦେଇଛି । ମାନବର ରକ୍ତରେ ତୃଷ୍ଣା ମେଣ୍ଟେଇବାକୁ ସେ ଆଜି ଉନ୍ମତ୍ତ ହୋଇ ଉଠିଛି । ଉଦଣ୍ଡୀର କିଳିକିଳା ରଡ଼ରେ କେଉଁ ଦିଗ୍‌ବିଦିଗ କମ୍ପି ଉଠୁଛି । ପଦାଘାତରେ ସର୍ବଂସହା ଧରିତ୍ରୀ କେଉଁ ତଳାତଳର ଆଶ୍ରୟ ଲୋଡୁଛି । ଭୟାର୍ତ୍ତ ମାନବ ଶିଶୁର ଜୀବନ ଆଜି ଅସ୍ଥିର, ହୃଦୟ ଅଥୟ, ପ୍ରାଣ ଆକୁଳ । ରକ୍ତମୁଖୀର କରାଳ କବଳରୁ କିଏ ଉଦ୍ଧାର କରି ଆଣିବ ଦୁସ୍ଥ, ଦୁର୍ଗତ ମଣିଷ ଗୋଷ୍ଠୀକୁ... କିଏ...? କିଏ ସେହି ପ୍ରାଣକର୍ତ୍ତା...? ସିଏ ନିଜେ ?

ବନାନୀର ଅସ୍ଥି ଚମକି ଉଠିଲା । ସର୍ବଧ୍ୱଂସୀ, ସର୍ବନାଶୀ ସାଗ୍ନିକାର ସମ୍ମୁଖରେ ସେ ଆଜି ସାଜିବ ସର୍ବଜୟୀ, ସ୍ଥିତପ୍ରଜ୍ଞ

ସଦାଶିବ । ସର୍ବଗ୍ରାସୀ ଭୈରବୀର ବକ୍ର ପଦାଘାତ ତଳେ ସେ ରହିବ ଅଟଳ, ଅଚଳ, ଅକମ୍ପିତ । ସାଗ୍ନିକା ଯେମିତି ମୋହିନୀ ନୁହେଁ, ଜନନୀ ନୁହେଁ, ବାଘୁଣୀ । ରକ୍ତର ଲାଳସାରେ ସେ ମୃତ୍ୟୁର ଫାନ୍ଦ ବିଛେଇ ଚାଲିଛି । ସୁବିନ୍ୟସ୍ତ ଜୀବନର ପନ୍ଥାକୁ ଧ୍ୱଂସର ଅନଳ ଜାଳି ସେ ବିକ୍ଷିପ୍ତ କରି ଦେଉଛି । କିନ୍ତୁ ତାକୁ ଫେରେଇ ଆଣିବାକୁ ହେବ ସତ୍ୟର କଲ୍ୟାଣମୟ ପଥରେ । ବନାନୀ ତାର ପୌରୁଷର ସମସ୍ତ ଦମ୍ଭ ନେଇ ସାଗ୍ନିକାର ଉଗ୍ର ଲାଳସାର ବିରୁଦ୍ଧାଚରଣ କରିବ । ସାଗ୍ନିକା ଭିତରର ଆସୁରିକ ଶକ୍ତିକୁ ନିଷ୍କ୍ରିୟ, ନିଷ୍ଫଳ କରି ତାକୁ ଠିଆ ହେବାକୁ ହେବ ଅଭେଦ୍ୟ ପ୍ରତିବନ୍ଧକ ପରି । ନ ହେଲେ ରକ୍ଷା ନାହିଁ···ମୁକ୍ତି ନାହିଁ···

ଶେଷ କଥା ତକ ଭାବି ଭାବି ଆତ୍ମ ସମାହିତ ବନାନୀ ସଚେତନ ହୋଇଉଠିଲା । ସେ ଅନୁଭବ କଲା ପ୍ରତି ରକ୍ତକଣାରେ ତାର ଉତ୍ତେଜନା । ସେ ଉତ୍ତେଜନା ତାଣ୍ଡବୀରୁଦ୍ରଙ୍କର ନୁହେଁ··· ସୃଷ୍ଟିର ବୀଜ ରକ୍ଷା ସକାଶେ ସମସ୍ତ ହଳାହଳ ପାନ କରିବା ପାଇଁ ନୀଳକଣ୍ଠ ଶିବଙ୍କର ଅଦମ୍ୟ ଉତ୍ସାହ, ଅସୀମ ଉତ୍ତେଜନା ସେ । ପଥେ ପଥେ ଅମୃତ ବର୍ଷଣ କରି ସାଗ୍ନିକାକୁ ସତ୍ୟ, ଶିବ, ସୁନ୍ଦର ରୂପ ଦେବ ସେ । ସାଗ୍ନିକା ହେବ ମୃତ୍ୟୁଞ୍ଜୟୀ, କାଳଜୟୀ ଅମରୀ···ଅମୃତ ପାନରେ ସାଗ୍ନିକା ଭିତରେ ଦେବଶକ୍ତି ଜାଗି ଉଠିବ···ସାଗ୍ନିକା ଲାଭ କରିବ ନବଜନ୍ମ···

ବନାନୀର ମନ ଭିତରୁ ଟିକକ ଆଗର ସମସ୍ତ ଅଶ୍ରୁ ଆକୁଳତା ଦୂର ହୋଇଗଲା । ରାତିର ଘନ ଅନ୍ଧକାର ପରେ ପ୍ରଭାତର ସୂର୍ଯ୍ୟାଲୋକ ଆଶାରେ ସେ ଆଶ୍ୱସ୍ତ ହୋଇଛି । ନିଜ

ଭିତରେ ସେ ଏକ ଅକ୍ଷୟ ଆନନ୍ଦର ସନ୍ଧାନ ପାଇଛି । ଏଥିରେ ଯେମିତି ଭାବ ଭଲେ ହେଲେ ସନ୍ଦେହ ନାହିଁ ।

ନିଜକୁ ଜଣେ ଦୁର୍ଲଭ ଶକ୍ତି ସଂପନ୍ନ ସାଧକ ପରି ବନାନୀର ମନେ ହେଲା । ସେଥିପାଇଁ ବୋଧହୁଏ । ଆଜି ଉତ୍‌ଫୁଲ୍ଲ ମନ ନେଇ ଚଞ୍ଚଳ, ଚପଳ କିଶୋର ବାଳକ ପରି ସେ ସମୟ କଟେଇ ଦେବାକୁ ଲାଗିଲା । ଯେପରି ଅନାଗତ ସୁଯୋଗକୁ ଅପେକ୍ଷା କରୁଛି ସେ ।

ଏବେ ଦିନ ଗୁଡ଼ାକ ବନାନୀକୁ ଗୋଟିଏ ଗୋଟିଏ ନିମିଷ ପରି ମନେ ହୁଏ । ସକାଳ ସନ୍ଧ୍ୟା, ରାତି ଯେମିତି ଗୋଟିଏ ମଧୁର ସ୍ୱପ୍ନର ଆବେଶ ପରି ମନେ ହୁଏ । ସାଗ୍ନିକଠାରୁ କେବେ କିଛି ଚିଠି ପତ୍ର ଆସେ ନାହିଁ । କେବଳ ଆଶାୟୀ ରୂପରେ ଆନନ୍ଦ ପାଏ ବନାନୀ ।

ପ୍ରତିଦିନ ସନ୍ଧ୍ୟାରେ ଆସେ ଲିପିକା । ବେଳେ ବେଳେ ଆସନ୍ତି ଅନ୍ୟାନ୍ୟ, ବନ୍ଧୁ, ପରିଚିତ, ଆତ୍ମୀୟ । କଥା ପଡ଼େ, ଯୁକ୍ତି ଚଢ଼େ । ଓଡ଼ିଶାର ରାଜନୈତିକ ସମସ୍ୟା ଠାରୁ ଆରମ୍ଭ କରି ନିଜର ନାନା ସୁଖ ଦୁଃଖ ଉପରେ ଗପ ଘନେଇ ଉଠେ । କଫି ସିଗାରେଟ୍‌ରେ ଅତିଥି ସତ୍କାର କରେ ବନାନୀ । ରାତି ବଢ଼ିଲେ ଯିଏ ଯାହାର ବାଟ ଧରନ୍ତି ।

ଅଫିସରେ ଡିକ୍‌ଟେସନ ଦେଇ ଦେଇ ସମୟେ ସମୟେ ଅନ୍ୟମନସ୍କ ହୋଇ ଉଠେ ବନାନୀ । ଅତୀତର ସ୍ମୃତି ଯେମିତି ମନଟାକୁ ଭାର ପବନ ପରି ଉଡ଼େଇ ନିଏ ଭବିଷ୍ୟତକୁ । ଆଶାର କଳିକା ଫୁଲ ଫୁଟେ । ରଙ୍ଗ ଚଢ଼େ ମନରେ । ବାସ୍ନାରେ ମହକି ଉଠେ ଅନ୍ତର । ଫୁଲ ପୁଣି ପରିଣତ ହେବ ଫଳରେ... କିନ୍ତୁ କେବେ...? କେଉଁ ଦିନ ଆସିବ ସେ ସୁଯୋଗ...?

ବନାନୀର ମନଟା ସେହି ମୁହୂର୍ତ୍ତରେ ଫଳ ଲାଭ ପାଇଁ ଉଚ୍ଛନ୍ନ ହେଉଉଠେ । ନିଜ ଭିତରେ ସଂପୂର୍ଣ୍ଣ ଡୁବି ଯାଇ ସ୍ଥାନ କାଳ ଭୁଲିଯାଏ ସେ । ମନ ଭିତରେ ସାଗରିକାକୁ ସମ୍ବୋଧନ କରି ସେ କହି ଉଠେ—

ଯେଉଁ ଦିନ ସେ ସୁଦିନ ଆସିବ, କିଏ କହିବ ସାଗରିକା···

ତମେ କହିବ···

ନିକଟରେ କାହାର କଥା ଶୁଭେ । ଚମକି ଉଠେ ବନାନୀ । ପୁଣି ଷ୍ଟେନୋଗ୍ରାଫର ସ୍ୱର ଶୁଣିବାକୁ ପାଏ ସେ ।

ସାର୍···

ହିଁ···ହିଁ···ବନାନୀ ନିଜକୁ ଧୋଡ଼େଇ ରଖିବାକୁ ଚେଷ୍ଟା କରି ବଦଳେଇ କହେ···

ମୁଁ ଭାବୁଥିଲି···ହଁ ଲେଖ ଏଥର···

ନିଜକୁ ଧିକ୍କାର କରି ପୁଣି ଡିକଟେସନ ଡାକି ଗଲେ ବନାନୀ । ଏଇଟା ଯେ ଅଫିସ ଆଉ ସେ ଯେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଏ କଥା ଏକବାର ଭୁଲି ଯାଇଥିଲି । ଛି···ଛି··· ସାଗରିକା ଉପରେ ମନେ ମନେ ରାଗି ଉଠେ ବନାନୀ । କେବଳ ତାରି ପାଇଁ ଯେମିତି ଏ ଭୁଲ କରି ବସୁଚି ସେ ।

ଶ୍ରାନ୍ତ, କ୍ଲାନ୍ତ ହୋଇ ବନାନୀ ଫେରି ଆସେ । ଘରର ମହାଶୂନ୍ୟତା ଭିତରେ ଅବଶ ଦେହ ଗୁଡ଼େଇ, ଆଉ ଗୋଟିଏ ଦେହର ଉଷ୍ଣ ସ୍ପର୍ଶ । ସାମାନ୍ୟ ପରିଚର୍ଯ୍ୟା । ଓଠର ମୃଦୁ ହସ ଭିତରେ ପଦେ ମିଠା କଥା···

କିନ୍ତୁ ବନାନୀ ହତାଶ ହୁଏ ନାହିଁ । ବ୍ୟଥିତ ହେଲେ ମଧ୍ୟ ଆଶାର ଉଜ୍ଜ୍ୱଳ ଆଲୋକରେ ସେ ଯେମିତି ଦେଖିବାକୁ ପାଏ ସାଗରିକାର ଶାନ୍ତ ଛବି···ଗୃହ କର୍ମରତା ସାଗରିକା ସନ୍ତାନର

ଜଞ୍ଜାଳରେ, ଗୃହିଣୀର ଦାୟିତ୍ୱରେ ବ୍ୟସ୍ତ, ବିବ୍ରତ । ତଥାପି ଯେପରି କ୍ଲାନ୍ତି ନାହିଁ, ବିରକ୍ତି ନାହିଁ ...

ଅନେଇ ଅନେଇ ଉପଭୋଗ କରେ ବନାନୀ । ବହିର୍ଲୋକ ଛାଡ଼ି ଦୃଷ୍ଟି ତାର ଲମ୍ବିଯାଏ ଅନ୍ତର୍ଲୋକକୁ । ଭିତରେ ସେ ଦେଖିବାକୁ ପାଏ ନିଜର ଏକ ପୂର୍ଣ୍ଣତମ ବିକାଶ । ସେ ପ୍ରିୟତମ...ସେ ଗୃହସ୍ଥ...ସେ ସ୍ରଷ୍ଟା...ସ୍ରଷ୍ଟାର ଗୌରବରେ ଜୀବନ ତାର ଗରିମାମୟ...ସର୍ଜନର ମହତ୍ତ୍ୱରେ ଜୀବନ ତାର ମହିମାମୟ...ବଧୂର ମଧୁ ଉପଭୋଗରେ, ସନ୍ତାନର କଲରୋଳରେ ପ୍ରତ୍ୟେକ ମୁହୂର୍ତ୍ତ ତାର ଭରି ଉଠୁଛି ।

ପୂଜାରୀ କିମ୍ବା ଚୁଙ୍କରର ଡାକରେ ବନାନୀର ଚମକ ଭାଙ୍ଗେ । ଦୃଷ୍ଟି ତାର ଫେରି ଆସେ ନିଜର ଅବସ୍ଥିତି ଭିତରକୁ । କଳ କଳ କରି ଚାରି ଆଡ଼କୁ ସେ ଅନାଏ । ଆଖିରେ ପଡ଼େ ସେହି ଘର ଦ୍ୱାର । ତାର କୋଣ, ଅନୁକୋଣ ଯେମିତି କାହାର ଅଭାବରେ ଥମ୍ ଥମ୍ କରି ଉଠୁଛି ।

ସଂଧ୍ୟା ପବନରେ ଧୂପ ଗଂଧ ଭାସି ଆସେ । ପ୍ରବାସୀ ନାରୀର ଶଂଖଧ୍ୱନିରେ କଂପି ଉଠେ ରାଜଧାନୀର ଆକାଶ । ଦୀର୍ଘଶ୍ୱାସ ଚାପି ଉଠି ବସେ ବନାନୀ । ବୈକୁଣ୍ଠ କେତେ ବେଳୁ କପି ଧରି ଠିଆ ହେଉଛି । କପିର ଉଷ୍ମ ଗନ୍ଧ ଆସି ବାଜୁଛି ନାକରେ । ନୀରବରେ କପି କପଟା ଉଠେଇ ବାରଣ୍ଡାକୁ ଚାଲି ଆସିଲା ବନାନୀ । ପଶ୍ଚିମ ଆକାଶ କୋଣରେ ସଂଧ୍ୟାର ରାଗିଣୀ ଅନେକ ବେଳୁ ହଜିଗଲାଣି । ରାଜପଥରେ ଆଲୋକର ଉଚ୍ଛ୍ୱସିତ ବନ୍ୟା । କିନ୍ତୁ ମଣିଷର ସ୍ୱହସ୍ତ ବର୍ଦ୍ଧିତ ଝାଉଁ ଗଛର ଅଗରେ ଅଗରେ ଯେମିତି ଅଂଧାର ଛପି ଛପି ରହିଯାଇଛି । ସେହି ଝୁଲ ଶୃଙ୍ଖଳିତ ଆଲୋକ ଭିତରେ କାହାର ଛାୟା ଆଗେଇ ଆସୁଛି । କିଏ...

ବନାନୀ ଆଶ୍ଚର୍ଯ୍ୟ ହୋଇ ଶୁଣିଲା ନିଜର ସ୍ୱର । ପରକ୍ଷଣରେ ସେ ଦେଖିଲା ବାରଣ୍ଡା ଉପରକୁ ଉଠି ଆସି ତା ଆଗରେ ଠିଆ ହୋଇଗଲା ଲିପିକା…କିନ୍ତୁ ସବୁଦିନ ପରି ତାକୁ କିଛି କହି ପାରିଲା ନାହିଁ ବନାନୀ । କେବଳ ଅନାଇ ରହିଲା ।

କିଛିକ୍ଷଣ ପରେ ଗୋଟିଏ ଚୌକୀରେ ବସିବା ପାଇଁ ଲିପିକାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ନିଜେ ଗୋଟିଏ ଚୌକୀରେ ବସି ପଡ଼ିଲା ବନାନୀ । ହାତର କଫି କପ୍ ସେ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ଅବସ୍ଥାରେ ରହିଛି । ନୀରବରେ କଫି କପ୍‌ଟିକୁ ଲିପିକା ହାତକୁ ବଢ଼ାଇ ଦେଇ ବନାନୀ ଡାକିଲା—

ଆଉ କପେ କଫି ଆଣି…

କଥାଟା ସାର୍ବଜନୀନ । କାହାକୁ ସମ୍ବୋଧନ କରି ନ ଥିବାର ଦେଖି ଲିପିକା କହିଲା—

କାହାକୁ ଡାକିଲେ…

ତମେ କହିଲ…

ହସି ଉଠି ବନାନୀ କହିଲା—

ତମେ କଣ ଭାବିଲ ଲିପି, ତମର ଅଭ୍ୟର୍ଥନା ପାଇଁ ତମର ଅଂଶ ଧରି ଏ ଘରେ କେଉଁ ଲକ୍ଷ୍ମୀ ସ୍ୱରୂପାଙ୍କର ଆବିର୍ଭାବ ହୋଇଛି ଆଜି…

କାହିଁକି ନ ହୋଇଛି କହିଲେ…

ଏ ପ୍ରଶ୍ନର କର୍ତ୍ତ୍ରୀ ଯେମିତି ଗୋଟିଏ ଅବୋଧ ବାଳିକା । ତାକୁ ବୋଧ କରିବା ଆଜି ସହଜ ନୁହେଁ । ଅନ୍ୟ ପ୍ରସଙ୍ଗ ଧରି ବନାନୀ କହିଲା—

ସେ ଯାହା ହେଉନା କାହିଁକି, କହିଲ ଏତେ ଡେରି କାହିଁକି ହେଲା ତମର ।

ସତେତ ଭୁଲି ଗଲଣି କହିବାକୁ...

କଫି କପ୍ ଉପରେ ଲଗେଇ ଲିପିକା କହିଲା—

କଣ ମତେ ଦେଲେ...? କଫି ନା ସର୍ବତ...?

ହସି ହସି ବନାନୀ କହିଲା—

ସେଇଟା ତ ମୋର ବାହାଦୁରୀ ଲିପିକା ! କଫିକୁ ମୁଁ ସର୍ବତରେ ପରିଣତ କରି ପରିବେଷଣ କରିଛି...

କଥା ଶେଷରେ ଦୁହେଁ ଜୋର ସ୍ୱରରେ ହସି ଉଠିଲେ । ସେହିପରି ହସି ହସି ପୂଜାଘର ଉଦ୍ଦେଶ୍ୟରେ ଡାକ ଛାଡ଼ିଲା ବନାନୀ—

ବୈକୁଣ୍ଠ...ବୈକୁଣ୍ଠ...

ଧୀର ପଦକ୍ଷେପରେ ପାଖରେ ଆସି ଠିଆ ହେଲା ବୈକୁଣ୍ଠ । ବନାନୀ କିଛି କହିବା ପୂର୍ବରୁ ବଡ଼ ପାଟି କରି ଲିପିକା କହି ଉଠିଲା—

ତମେ ବୈକୁଣ୍ଠ...ଆଉ ଆଜି ଲକ୍ଷ୍ମୀ ଠାକୁରାଣୀ କେଉଁଠି ?

ପୁଣି ବନାନୀର ଜୋର ହାସ୍ୟ ରୋଳ ଗଗନ ପବନରେ କମ୍ପନ ଜାଗେଇ ଦେଲା । କିନ୍ତୁ ବନାନୀ ଏ ସବୁର ଅର୍ଥ କିଛି ବୁଝି ପାରିଲା ନାହିଁ । ଖାଲି ବଲ ବଲ କରି ତାର ମାଲିକଙ୍କୁ ଅନେଇ ରହିଲା । କିଛି ସମୟ ପରେ ବନାନୀ କହିଲା—

କଫି ରୂପରେ ସର୍ବତ ତିଆରି କରିବା କେବେ ଶିଖିଲ ବୈକୁଣ୍ଠ !

ଏକଥା ଆହୁରି ଦୁର୍ବୋଧ ହୋଇ ଉଠିଲା ବୈକୁଣ୍ଠ ନିକଟରେ । ସହଜ ସିଧା ମଣିଷ ସେ । ବାବୁ ଭୟାଙ୍କର ବଙ୍କା କଥା ସେ କା କେମିତି ବୁଝିବ । କେବଳ ବଲ୍ ବଲ୍ କରି ଚାହିଁ ରହିଲା ସେ । ବନାନୀ ଉପରୁ ସେ ପର୍ଯ୍ୟନ୍ତ ହସ ଲିଭିନାହିଁ ।

ଅଖି ଦୁଇଟିରେ ରସ ରହସ୍ୟର ଆଭା । ଏହି ତ୍ରିଂଶାଧିକ ବୟସ ଉପରେ କୈଶୋର ଯେମିତି ପଦାଘାତ କରୁଛି ଆ ହେଉ ରହିଛି । ଦେହରୁ ଏ ପର୍ଯ୍ୟନ୍ତ ଅଫିସ ପୋଷାକ ଖୋଲା ହୋଇ ନାହିଁ । ଖୋଲିବାକୁ ଯେପରି ଭୁଲି ଯାଇଛି ବନାନୀ । ତା ହେଲେ ବନାନୀଙ୍କ ଜୀବନରେ କାହାପାଇଁ ଏ ବ୍ୟତିକ୍ରମ···

ଲିପିକାର ସନ୍ଦେହାକୁଳ ଅଖି ଦୁଇଟି ବନାନୀକୁ ନିରୀକ୍ଷଣ କରିବାକୁ ଲାଗିଲା । ସହଜ ଗଳାରେ ବନାନୀ କହିଲା—

ଏ କଫି କପ୍‌ଟା ପିଇବାର ଅଯୋଗ୍ୟ ହୋଇ ଯାଇଛି । ଥଣ୍ଡା, ଆଉ କପେ ଅଣିତ···

କହି କହି ଲିପିକାର କପ୍‌ଆଡ଼େ ହାତ ବଢ଼େଇ ଦେଲା ବନାନୀ । ଏତେବେଳକେ ଘଟଣାଟା ଯେମିତି ବୈକୁଣ୍ଠର ଅଖି ଆଗରେ ପରିଷ୍କାର ହୋଇ ଉଠିଲା । ତାଙ୍କ ମୁହଁ ଉପରେ କିଛି କହିବାକୁ ତାର ସାହସ କିମ୍ବା ଅଧିକାର ନଥିଲେ ମଧ୍ୟ ଏ ଢଙ୍ଗା କଥା ଗୁଡ଼ାକ ତାକୁ ଯେପରି ବଡ଼ ଅସଙ୍ଗତ ବୋଧ ହେଲା । ସେ ଚୁପ୍ ଚୁପ୍ ହୋଇ ଚାଲିଗଲା ସେଠୁ । ପୂର୍ବ କଥାର ଖିଅ ଧରି ପୁଣି ପଚାରିଲା ବନାନୀ—

ଅସଲ କଥାଟାକୁ ଫାଙ୍କି ଦେଇ ବହୁତ ବାଟ ଚାଲି ଆସିଲଣି ଲିପି ! କିନ୍ତୁ ଆମ ଯୋଜନାବାଲାଙ୍କୁ ଠକି ଦେବା କଣ ସହଜ ? କହ, ଏତେ ଡେରି କଲି କାହିଁକି···

ସଂକ୍ଷିପ୍ତ ଉତ୍ତର ଦେଇ ଲିପିକା କହିଲା—

କାଲି ମୁଁ ଘରକୁ ଯାଉଛି ।

ସହାସ୍ୟ କଣ୍ଠରେ ବନାନୀ ପଚାରିଲା—

ହଠାତ୍ ଏ ଅଦମ ପ୍ରକୃତି ଜାଗିଲା କାହିଁକି ?

ବାବା ଜରୁରୀ ଚିଠି ପଠେଇଛନ୍ତି···

ଲିପିକାର ମୁହଁ ହଠାତ୍ ଗମ୍ଭୀର ହୋଇଗଲା । କିନ୍ତୁ ସେ ଆଡ଼େ ନଜର ନ ଦେଇ ଓଠ ଟିପି ବନାନୀ କହିଲା—

ଗୋଟାଏ କଥା କହନ୍ତି ଲିପି !

ଅନୁମତିର ଆବଶ୍ୟକ ନାହିଁ...

ନିଜର ପ୍ରଗଲ୍ଭତାକୁ ଚାପି ରଖି ବନାନୀ କହିଲା—

ମୁଣ୍ଡର ବୋଝଟାକୁ ଓହ୍ଲେଇ ଦେବାକୁ ବାବା ବୋଧେ ଯୋଗାଡ଼ କରି ସାରିଲେଣି । ଏଇଟା କି ମାସ...

ନିଜକୁ ସମ୍ଭାଳି ରଖିବା ବନାନୀର ସାଧ୍ୟାତୀତ ହୋଇ ଉଠିଲା । ଚାହାଳୀ ବାଳକ ପରି ଫେଁ କରି ହସି ଉଠିଲା ସେ । ଲିପିକାର ଆଉ କିଛି ବୁଝିବାକୁ ବାକି ରହିଲା ନାହିଁ । ଆରକ୍ତ ଲଜ୍ଜାରେ ଦେହରେ ତାର ଶିହରଣ ଜାଗି ଉଠିଲା ।

ମୃଦୁ ମୃଦୁ ହସି ବନାନୀ କହିଲା—

କାହିଁ କିଛି ଜବାବ ଦେଉନ ଯେ...

ଅସତ୍ କମ୍ପିତ କଣ୍ଠରେ ଲିପିକା ଜବାବ ଦେଲା—

ଦୁଷ୍ଟ...

ଏଏ କଣ ? ବନାନୀ ଅନୁଭବ କଲା ରକ୍ତରେ ତାର ଯେମିତି ଉଦ୍ଦାମ ତରଙ୍ଗ ଖେଳିଗଲା । କାହାର ସ୍ୱର ଏ... ? ମନେ ମନେ କରି ଲିପିକାର ମୁହଁକୁ ଅନେଇ ରହିଲା ବନାନୀ । ଏ ଯେମିତି ସେ ଲିପିକା ନୁହେଁ, ଲିପିକାର ଆଖିରେ ଅଜ ଏ କି ଚାହାଣୀ...ଗଣ୍ଡ ଦେଶରେ ଏ କି ଅରୁଣିମା...ଆଜି ଯେପରି ତାଙ୍କର ସ୍ୱଭାବ ଅତିକ୍ରମ କରି ବହୁ ଦୂର ଆଗେଇ ଯାଇଛି ଲିପିକା । ସେ ନାରୀ...ବାସ୍ତବରେ ଲିପିକା ଲକ୍ଷ୍ମୀ ସ୍ୱରୂପା, ଆଉ ସାଗ୍ନିକା...

ବନାନୀର ଇଚ୍ଛାହେଲା ଗୋଟାଏ ଚିତ୍କାରରେ ସେ

ଭୂଦେବୀର ବୁକୁ ବିଦୀର୍ଣ୍ଣ କରି ଦିଅନ୍ତା ଆଜି ତାହାର ଭିତରୁ ଖୋଜି ଆଣନ୍ତା ପ୍ରଥମ ମଣିଷର ଅସ୍ଥି । ଅଦି ନାରୀ ଶତରୂପାର ସ୍ମୃତିକୃତ ଦେହାଂଶ ଉପରେ ମଥା ପିଟି ସେ ପଚାରନ୍ତା—

କହ ଜନନୀ, ନାରୀ ଜାତିର ସୃଷ୍ଟି କାହିଁକି କରିଥିଲ ! କେଉଁ ଉଦ୍ଦେଶ୍ୟରେ ନିଜର ରକ୍ତ ମାଂସ ଦେଇ ପୃଥିବୀ ପୃଷ୍ଠକୁ ଡାକି ଆଣିଥିଲ...

ନିଜର ଅବସ୍ଥା ଭିତରେ ଚଞ୍ଚଳତା ଭୁଲି ଯାଇଥିଲା ବନାନୀ । ଲକ୍ଷ୍ୟକରି ପ୍ରକୃତିସ୍ଥ ହୋଇ ଉଠିଲା ଲିପିକା । ବନାନୀର ଚିନ୍ତା ସ୍ରୋତକୁ କାଟି ଦେବା ଉଦ୍ଦେଶ୍ୟରେ କହିଲା—

ଆଜିର କାଗଜ ପାଇଲେଣି...

ନା...କାହିଁକି...

ଉତ୍ସୁକ ହୋଇ ଲିପିକାର ମୁହଁକୁ ଅନେଇ ରହିଲା ବନାନୀ ।

ମୋର ଯାହା ମନେ ହେଉଛି ଓଡ଼ିଶା ଏଥର ରସାତଳକୁ ଯିବ । ବନ୍ୟା, ମରୁଡ଼ି, ମହାମାରୀ, ସେଥିରେ ପୁଣି ଧର୍ମଘଟ, ଅନଶନ ।

ମନ୍ଥ କହୁ ହାତବ୍ୟାଗ୍ ଖୋଲି ଖଣ୍ଡିଏ ସଦ୍ୟପ୍ରକାଶିତ ଖବର କାଗଜ ବନାନୀର ହାତକୁ ବଢେଇ ଦେଲା ଲିପିକା । ଚଞ୍ଚଳ ଅଖିରେ କାଗଜର ପୃଷ୍ଠା ଓଲଟେଇ ଦେଖି ଚାଲିଲା ବନାନୀ । ହଠାତ୍ ଗୋଟାଏ ଜାଗାରେ ତାର ଦୃଷ୍ଟି ସ୍ଥିର ହୋଇଗଲା ।

'ଏହି ଧର୍ମଘଟ ଅଇନ୍ ସଙ୍ଗତ ନ ହୋଇଥିବାରୁ ତାର ପରିଚାଳିକା ବାମପନ୍ଥୀ ନେତ୍ରୀ ଶ୍ରୀମତୀ ସାଗ୍‌ନିକା ଚମ୍ପତିରାୟଙ୍କୁ ଗତ ରାତ୍ରିରେ ସ୍ଥାନୀୟ ପୁଲିସ୍ ଗିରଫ କରିଥିଲେ । କିନ୍ତୁ

ଶ୍ରୀମତୀ ଚମ୍ପୂପଣ୍ଡିତଙ୍କ ଦୁଇ ଦିନ ତଳେ ପୁଲିସର ସମସ୍ତ ଚେଷ୍ଟାକୁ ବିଫଳ କରି ନିରୁଦ୍ଦେଶ ହୋଇ ଯାଇଛନ୍ତି । ଓଡ଼ିଶା ଗୋଇନ୍ଦା ବିଭାଗ ଅନୁସନ୍ଧାନ ଚଳେଇଛନ୍ତି ।

ଲିପିକା ପଚାରିଲା—

ଧର୍ମଘଟ ବିଷୟ ପଢ଼ୁଛନ୍ତି ବୋଧେ !! ଅଚ୍ଛା ସେ ମହୀୟସୀ ମହିଳା କିଏ ?

ବନାନୀ ଉତ୍ତର ଦେଇ ପାରିଲା ନାହିଁ । କେବଳ କାଗଜଟାକୁ ଅନେଇ ରହିଲା ।

ଲିପିକା ପୁଣି କହିଲା—

ବାସ୍ତବିକ ଏ ସମ୍ବନ୍ଧରେ କିଛି ଚିନ୍ତା କଲେ ମୁଣ୍ଡ ଧରି ଆସୁଚି ।

ଆଖି ଉଠେଇ ବନାନୀ କହିଲା—

ହଁ ସେଇଆ…

ଲିପିକା ଉଠି ଠିଆ ହେଲା । କହିଲା—

ଛାଡ଼ିଲୁ ସେ ସବୁ କଥା । ନିଜର ଦୁଃଖ ସୁଖ ନେଇ ରହିଯିବା ଆମର ସବୁଠାରୁ ଭଲ । ଏ ଅଶ୍ରାବ୍ୟ ସଙ୍ଗୀତରେ ମୁଣ୍ଡ ଖେଳେଇଲେ ଲାଭ ଭିତରେ ଏତିକି ହେବ, ନିରୁଦ୍ଦେଶ ଗ୍ରେପ୍ତାର, ଅଗ୍ନିକାଣ୍ଡ । କାଦୁଅରେ ପଶି ଗୋଡ଼ ଧୋଇବା ଅପେକ୍ଷା ନ ଧୋଇବାହିଁ ଭଲ କଥା । ଏଥର ମତେ ଛୁଟି ଦିଅନ୍ତୁ, ମୁଁ ଯାଏ…

ତନ୍ଦ୍ରାଚ୍ଛନ୍ନ ପରି ବନାନୀ କହିଲା

କୁଆଡ଼େ ଯାଉଚ ତମେ ଲିପିକା…

ଘରକୁ । ଦୁଇଦିନ ପରେ ଫେରି ଆସିବି ।

ଦୁଇଦିନ…[illegible] ଦୁଇଦିନ…

ବନାଣୀ ସ୍ୱରରେ କାରୁଣ୍ୟର ନିର୍ଯ୍ୟାସ । ନତ ହୋଇ ନମସ୍କାର ଜଣେଇ ଲିପିକା କହିଲା—

ହଁ ଠିକ୍ ଦୁଇଦିନ ପରେ...

ଦୁଃସ୍ୱପ୍ନ ପରି ଦୁଇଟି ଦିନ କଟି ଯାଇଚି । ନିତ୍ୟ ନୈମିତ୍ତିକ କର୍ମର ସାଧନା ଭିତରେ ସମୟର ସ୍ରୋତ ବହି ଯାଇଚି । କିନ୍ତୁ ବନାନୀ ମନ ଭିତରେ କିଛି ଧରି ରଖି ପାରି ନାହିଁ । ଯନ୍ତ୍ର ପରି ଅଫିସରେ କାମ କରି କରି ସେ ଫେରି ଆସିଚି ଘରକୁ । କାମ କରିବା ଯେମିତି ମାନବିକ ସଂଜ୍ଞା । ଘରେ ଖାଇ ପିଇ ବିଛଣା ଧରିଚି ବନାନୀ । ସବୁଦିନର ଅଭ୍ୟାସ । ମଣିଷ ଯେପରି କେବଳ ଅଭ୍ୟାସର ଦାସ ।

ଅଫିସରେ କିଛି କରୁ କରୁ ଅସ୍ଥିର ହୋଇ ଉଠେ ବନାନୀ । ସେ ଅନୁଭବ କରେ ଭିତରେ ତାର ଯେମିତି କଏ ଅହେତ ଅଭିମାନରେ ଫୁଲି ଫୁଲି କାନ୍ଦୁଚି ।

ଷ୍ଟେନୋଗ୍ରାଫର ରଞ୍ଜନ ହଠାତ୍ ପଚାରେ—

ସାର୍, ଆପଣଙ୍କ ଦେହ ଭଲ ଲାଗୁନି ବୋଧେ !!

ଛଳ ଛଳ ଆଖିରେ ଷ୍ଟେନୋ ଗ୍ରାଫରର ମୁହଁକୁ ଅନାଏ ବନାନୀ । ଯେମିତି ଗୋଟିଏ ନିରୀହ ଅସହାୟ ଶିଶୁ । କେତେ ସମୟ ପରେ ସେ ପୁଣି ଚଳ୍ପ କଣ୍ଠରେ ଉତ୍ତରଟାଏ ଦେଇଦିଏ—

ନା···ସଖି । ମୁଣ୍ଡଟା ବଥାଉଚି ସବୁବେଳେ···

ଅଧା ଭାତ ଛାଡ଼ି ଉଠି ପଡ଼େ ବନାନୀ । କହେ—

ଆଉ ବସି ହେବ ନାହିଁ । ବଡ଼ କଷ୍ଟ ହେଉଚି···

ଘରକୁ ଚାଲିଆସେ ବନାନୀ । ରାସ୍ତା ଘାଟରେ ସହକର୍ମୀ, ଚିହ୍ନା ଲୋକ ଯିଏ ଦେଖିଲା, ସମସ୍ତଙ୍କ ପାଟିରେ ସେଇ ଗୋଟିଏ କଥା ।

ଆପଣଙ୍କ ସ୍ୱାସ୍ଥ୍ୟ ଏମିତି ଭାଙ୍ଗି ପଡୁଚି କାହିଁକି ? କଣ ଦେହ ଭଲ ନାହିଁ···?

ସତେ କଣ ତାର ସ୍ୱାସ୍ଥ୍ୟ ଭଲ ନାହିଁ ? ନିଜକୁ ଏ ପାଖ ସେ ପାଖ କରି ପରସ୍ତେ ଅନେଇଲା ବନାନୀ । ଆରଶିରେ ନିଜକୁ ଭଲ କରି ଦେଖିଲା । ସତେତ···ମୁଣ୍ଡଟା କୁଣ୍ଡା ହେଇଛି । ବାଳ ଗୁଡ଼ାକ ଝାଁପୁର ଝାଁପୁର ହେଇ ମଳିନ କପାଳ ଉପରେ ଲଟି ହେଇ ପଡ଼ିଚି । ଆଖି ତଳେ କଳା ଦାଗ । ପରିଧେୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ।

ଆରଶି ଆଗରୁ ଚାଲି ଆସି ବିଛଣାରେ ଗଡ଼ି ପଡ଼ିଲା ବନାନୀ । ଭାବନାର ସମସ୍ତ ଉତ୍ପୀଡ଼ନ ଭିତରୁ ନିଜକୁ ରକ୍ଷା କରିବା ପାଇଁ ଆଖି ବୁଜି ଶୋଇବାକୁ ଚେଷ୍ଟା କଲା ସେ । କିନ୍ତୁ ପର ମୁହୂର୍ତ୍ତରେ ସେ ରାସ୍ତାକୁ ଜଳ ଜଳ କରି ଅନେଇ ରହିଲା । ରାଜପଥର ଅଗଣିତ ପଥିକଙ୍କ ଭିତରୁ ଆକୁଳ ଆଖି ଦୁଇଟି ତାର କାହାକୁ ଯେମିତି ଖୋଜି ବୁଲୁଚି । ସତେ କଣ ଏଇ ମାନଙ୍କ ଭିତରେ ଜୀବନ ମାତ୍ର ସମ୍ବଳ କରି ଛଦ୍ମ ବେଶରେ ଘୁରି ବୁଲୁଚି ସାଗ୍ନିକା···

ବନାନୀର ଆଖିରୁ ଦୁଇଧାର ଲୁହ ଝରି ଆସିଲା । ସାଗ୍ନିକା ନିରୁଦ୍ଦେଶ ହେଇ ଯାଇଚି । ଏଇଟା ଆଜି ନୂଆ କଥା ନୁହେଁ ।

ଏହା ପୂର୍ବରୁ ବହୁବାର ସାଗ୍ନିକା ପଳାତକ ସାଜିଛି । ଗୁଳି ଖାଇଛି, ଲୁଟି ସହିଛି । କାରା ବରଣ କରିଛି । କିନ୍ତୁ ଦୁଃଖ ନ ଥିଲା ବନାନୀର । ତାର ମନେ ହେଉଥିଲା, ଦୁଃଖକୁ ସେ ଜୟ କରିଛି । ସେତେବେଳେ ଦୁହିଁଙ୍କ ସାନିଧ ସହଯୋଗ ଭିତରେ ଅଶିର ଅଶ୍ରୁ ପରାଜୟ ମାନିଥିଲା । ସାଗ୍ନିକା ଯୁଅଡ଼େ ଯାଉଥିଲା, ତାର ପଛେ ପଛେ ଲାଗି ରହିଥିଲା ଯୋଡ଼ିଏ ତୀକ୍ଷ୍ଣ ଆଖି । ଶାଣିତ ପ୍ରେରଣା । ଦୁହିଁଙ୍କ ନିକଟରେ କାରାଗାର ଥିଲା ତୀର୍ଥଭୂମି । ତପଶ୍ଚର୍ଯ୍ୟା ପାଇଁ ସତେ ଯେମିତି ଏକ ନିର୍ମମ ବିବିକ୍ତ ସ୍ଥଳୀ । ସାଂସାରିକ କର୍ମ କୋଳାହଳ ସେଠି ପହଞ୍ଚି ପାରୁ ନ ଥିଲା । କିନ୍ତୁ ଆଜି…ତ୍ୟାଗ ନିଷ୍ଠାର ପଥ ଏଡ଼େଇ ନିଜ ଇଚ୍ଛାରେ, ସାଂସାରିକ କୋଳାହଳ ଭିତରେ ଝାସ ଦେଇଛି ବନାନୀ । ପ୍ରଣୟ କ୍ଷେତ୍ରରେ ସାଗ୍ନିକା ପ୍ରତି ସେ ଘୋର ଅନ୍ୟାୟ କରିଛି । ସାମାନ୍ୟ ଆରାମର ଲୋଭରେ ଅସହ୍ୟ ନିସଙ୍ଗତା ଭିତରେ ସେ ଫିଙ୍ଗି ଦେଇ ଆସିଛି ନିଜର ପ୍ରିୟତମାକୁ । ଦୁସ୍ଥା ସାଗ୍ନିକାକୁ ସେ ଆବୋରି ନେଇ ପାରି ନାହିଁ । ତା ଜୀବନରଥର ସାରଥୀ ଉପରେ ଯେଉଁ ଅବିଚାର କରି ଆସିଛି ତାର ପରିଣତି ଏହି ଅଶ୍ରୁ । ଏହି ବେଦନା…କିନ୍ତୁ ଏହାର ଶେଷ କେଉଁଠି…? କେଉଁଠି ଆଜି ତାର ସାଗ୍ନିକା…କେଉଁ ନିକାଞ୍ଚନ ଅରଣ୍ୟାନୀ, କେଉଁ ଗିରି ଗହ୍ୱର, କିମ୍ବା କେଉଁ ପ୍ରେତାଶ୍ରୟ ଦରଭଂଗା କୋଠା ଭିତରେ ଅଭୁକ୍ତ ନ ହେଲେ ଅର୍ଦ୍ଧଭୁକ୍ତ ଅବସ୍ଥାରେ ସମୟ କଟେଇ ଦେଉଥିବ । ମନେ ପଡୁଥିବ ବନାନୀ…ଅପଦାର୍ଥ ଅଯୋଗ୍ୟ ପ୍ରବଞ୍ଚକ ବନାନୀ…

ଅପରାଧର ଗୁରୁଭାରରେ ହୃଦୟ ଭାଙ୍ଗି ପଡ଼ିଲା । ସେ ଯଦି ସାଗ୍ନିକାକୁ ଆଜି ଫେରି ପାଆନ୍ତା…ତାର ହାତ ଧରି ଓହ୍ଲେଇ

ଯାଅନ୍ତା ପୂର୍ବର ଚଲାପଥକୁ···ସାଗ୍‌ନିକାର ପାଦତଳେ ଅଙ୍କର ଜୀବନକୁ ଅର୍ପଣ କରି ସେ ମାଗି ନିଅନ୍ତା ତାର ପାଥେୟ··· କହନ୍ତା, କ୍ଷମା କର ମତେ ସାଗ୍‌ନିକା, ଅଯୋଗ୍ୟକୁ ତମର ମୁକ୍ତ ଦିଅ···କାରଣ କୁଶଳତାର ସୁନାମ ଆଉ ଅର୍ଥ ମୋର ଲୋଡ଼ା ନାହିଁ । ମୋର ହାତ ଧରି ମତେ ଆଲୋକର ପଥରେ ଆଗେଇ ନିଅ । ମୁଁ ମୁକ୍ତି ଚାହେଁ···ଅନନ୍ତ ଚାହେଁ । ନିଜ ହାତରେ ମୋର ପିଞ୍ଜରା ଦ୍ୱାର ଖୋଲିଦିଅ ସାଗ୍‌ନିକା, ମୁକ୍ତିର ଗୀତ ଗାଇ ଅନନ୍ତ ଆକାଶର ଉଦାର ନୀଳିମା ଭିତରେ ବିହଙ୍ଗ ମିଶେଇ ଦେବି ନିଜକୁ । କିନ୍ତୁ ସାଗ୍‌ନିକା କାହିଁ···? ସତେ କଣ ସାଗ୍‌ନିକାକୁ ସେ ଆଉ ଫେରି ପାଇବ···?

କିଏ ଦେବ ଏ ପ୍ରଶ୍ନର ଉତ୍ତର ? କିଏ ଆଜି ଶାନ୍ତ କରିବ ଏ ଅଶାନ୍ତ ମନକୁ ? ଏଥର ଯେମିତି କୌଣସି ମୀମାଂସା ନାହିଁ, କୌଣସି ଉପାୟ ନାହିଁ । ଯେପରି ଅକୂଳ ସାଗରରେ ଜୀବନ ଡଙ୍ଗା ଭାସି ଚାଲିଛି, ସାମନାରେ ଦିଶା ନାହିଁ, ଉଦ୍ଦେଶ୍ୟ ନାହିଁ । କେବଳ ଅଦୃଶ୍ୟ ବିଧାତାର ଯେମିତି ଦୁରାଶା ମାତ୍ର । ସାମାନ୍ୟ ମୋହାଚ୍ଛନ୍ନ, ମାନବର ବୁଦ୍ଧି ଆଉ ମାୟାଗ୍ରସ୍ତ ଚେତନା ଦେଇ ସେ ଗଣ୍ଠି ଖୋଲିବା ସାଧ୍ୟାତୀତ । ଆଜି ଖାଲି ପିଞ୍ଜରା ବନ୍ଧ ନିରୁପାୟ ବ୍ୟାକୁଳ ପକ୍ଷୀ ଶାବକ ଭେଣ୍ଣା ଛାଡ଼ି ଆର୍ତ୍ତନାଦ କରି କରି ମୁକ୍ତି ଭିକ୍ଷା କରୁଛି ।

ଅଶ୍ରୁ !! ବନାନୀର ଫୁଲ ପଞ୍ଝୁରି ଗଣ୍ଡ ବାହି ଝରି ଝରି ଅଶ୍ରୁ ଝରି ପଡ଼ିଲା । କାହିଁକି ଅସିତ ଏ ଅଶ୍ରୁ ? ଗଭୀର ଅର୍ଥ ପୂର୍ଣ୍ଣ ହେଲେ ମଧ୍ୟ ଦୁର୍ବୋଧ୍ୟ । ସଂସାରର ମୋହ, ମାୟା, ଦୟା, କର୍ମ ଭିତରେ କାହିଁକି ଏ ନିର୍ଲିପ୍ତତା । କାହିଁକି ଏ ସମାଧିସ୍ଥ ଜଡ଼ତା ? ପରିଜନର ନିବିଡ଼ ମମତା ମଧ୍ୟରେ କାହିଁକି ଏ

ଶ୍ମଶାନ ବୈରାଗ୍ୟ ? କେଉଁ ନିର୍ମମ ଘାତକର କୃପାଣ ଆଘାତରେ ଛିନ୍ନ ହେଉଛି ପ୍ରାଣର ବନ୍ଧନ । କେଉଁ ଦେବତାର ଅଭିଶାପରେ ମଣିଷର ହୃଦୟ ଅଗ୍ନି ଋସମ୍ପାନ ହେଉଛି । ନତଜାନୁ ହୋଇ ସେହି ଦେବତାର ପୁଣି ଆଶୀର୍ବାଦ ମାଗୁଛି ଏ ନିପୀଡ଼ିତ ମାନବ । ସ୍ତୁତି ଗାନରେ ଶତ ମୁଖ ହୋଇ ଉଠୁଛି । କାହିଁକି···ତାହିଁକି ଏ ସ୍ତୋତ୍ରବାକ୍ୟ ? ତାହାଙ୍କି ଏ ଯାଚଞ୍ଚା···? ଏହାର କଣ ଶେଷ ନାହିଁ ? ଏହାର କଣ ସମାଧାନ ନାହିଁ ? ଦୁଃଖର ଅସୀମତା ଭିତରେ ଭ୍ରମି ଭ୍ରମି ଜୀବନର ନିଶ୍ୱାସ କଣ ପବନରେ ମିଶିଯିବ ? ଭାବି ଭାବି ବନାନୀର ହୃତକିମ୍ପ ଯେମିତି ବନ୍ଦ ହୋଇ ଆସିଲା ।

ପାଖରେ ଠିଆ ହୋଇ ଧୀର ସ୍ୱରରେ ବୈକୁଣ୍ଠ ପଚାରିଲା—

ବାବୁ ଶୋଇଚନ୍ତି···?

ଆଖି ଉପରେ ଡାହାଣ ବାହୁ ଘୋଡ଼େଇ ବିଛଣାରେ ପଡ଼ି ଥିଲା ବନାନୀ । ସେହିପରି ଶୋଇ ରହି ଆର୍ଦ୍ର ଗଳାରେ ସେ କହିଲା—

କଣ କହୁଚ ବୈକୁଣ୍ଠ···!

ରାତି ବହୁତ ହେଲାଣି ବାବୁ ! ଖାଇବା ସମସ୍ତ ଗଡ଼ି ଗଲାଣି । ଶୋଇଚନ୍ତି ଭାବି ଡାକି ନାହିଁ । ଉଠନ୍ତୁ ଖାଇବେ···

ବିଛଣାରେ ଉଠି ବସିଲା ବନାନୀ । ଅସହ୍ୟ, ଅବିଚ୍ଛେଦ୍ୟ ଅନ୍ଧକାର । ତାହାର ଭିତରେ ମୃତ୍ତିକା ଦୀପଟି ମଣିଷ ସୃଷ୍ଟି କରିଚି ଆଲୋକ । କିନ୍ତୁ ତାହିଁ ଆଲୋକ···? ଏହି ଆଲୋକ କ'ଣ ଅନ୍ତରର ଅନ୍ଧକାରକୁ ଦୂର କରି ପାରିବ ? ପାରିବ ତା ଦୁଃଖ ସନ୍ତାପର ମୋଚନ କରି···?

ବନାନୀର ଭାବନାକୁ ଖଣ୍ଡିତ କରି ପୁଣି ବୈକୁଣ୍ଠର ଡାକ ଶୁଭିଲା—

ବାବୁ...!

ବନାନୀ ମୁହଁ ଟେକି ଚାହିଁଲା ବୈକୁଣ୍ଠକୁ । ଆଖି ଦୁଇଟି ତାର ଲୁହଭରା । କରୁଣ ମୁହଁଟି ଉପରେ ବେଦନାର ଏକ ଦୀର୍ଘ ଛାୟା । କହିଲା—

ଦେହଟା ଆଜି ଭାରି ଖରାପ ଲାଗୁଚି ବୈକୁଣ୍ଠ । ନ ଖାଇଲେ ଭଲ ହେବ...

କଣ୍ଠରେ ସମବେଦନା ଧରି ବୈକୁଣ୍ଠ କହିଲା—

ଦେଖିଲେ ଜଣା ଯାଉଚି ବାବୁ ! ଦେହ ଆପଣଙ୍କର ଭାରି ଶୁଖି ଯାଇଚି । କିନ୍ତୁ କିଛି ହେଲେ ତ ବ୍ୟବସ୍ଥା କରୁ ନାହାନ୍ତି...?

କି ବ୍ୟବସ୍ଥା ଆଉ କରିବି ବୈକୁଣ୍ଠ...!

ଏ ଖେଦୋକ୍ତିର ଅର୍ଥ ବୈକୁଣ୍ଠ ବୁଝିଲା ନାହିଁ । ସେ ଦେଖିଲା ବାହାର । ଭିତରେ ପ୍ରବେଶ ପାଇଁ ଏକାନ୍ତ ଅସମର୍ଥ ସେ । ବିସ୍ମିତ ହୋଇ ସେ କହିଲା—

କାହିଁକି ବାବୁ, ଡାକ୍ତର କଣ ଅଭାବ ଅଛନ୍ତି, ନା ପଇସାର କେଉଁ ଅଭାବ ଅଛି ଆପଣଙ୍କର...

ନା...କିନ୍ତୁ...

କିନ୍ତୁ ଆଉ କଣ...? ଆଶ୍ଚର୍ଯ୍ୟ ହୋଇ ବୈକୁଣ୍ଠ ତାର ବାବୁଙ୍କୁ ଅନେଇ ରହିଲା । ଏ କଣ...?

ବାବୁ ଆପଣ କାନ୍ଦୁଚନ୍ତି...?

ବନାନୀ ନିଜ ବିଷୟରେ ସଚେତନ ହୋଇ ଉଠିଲା । ଲୁଗା କାନିରେ ମୁହଁଟାକୁ ପୋଛି ପକେଇ କହିଲା—

ନା କାନ୍ଦୁ ନାହିଁ ବୈକୁଣ୍ଠ ! ସର୍ଦ୍ଦି ଯୋଗୁ ଆଖିରୁ ପାଣି ପଡୁଚି । ତମେ ଯାଅ, ଖାଇପିଅ କରିବ । ମୁଁ ଶୋଉଚି...

କଥାର ଶେଷ ଅଂଶକୁ ବନାନୀର ସ୍ୱର ଭାଙ୍ଗି ପଡ଼ି . । ଆଉ

କିଛି କହିଲେ ସେ ହୁଏତ କାନ୍ଦି ପକେଇବ । ନିଜକୁ ବୈକୁଣ୍ଠର ଆଖି ଆଗରୁ ଲୁଚେଇ ରଖିବାକୁ ଚେଷ୍ଟା କରି ବିଛଣାରେ ଲମ୍ବ ହୋଇ ଶୋଇଗଲା ସେ । ଆଉ କିଛି ବଳାବଳି ନ କରି ବୈକୁଣ୍ଠ ଅସ୍ତେ ଅସ୍ତେ ସେ ଘରୁ ବାହାରି ଗଲା ।

ଅର୍ଦ୍ଧ ରାତିରେ ବନାନୀର ନିଦ ଭାଙ୍ଗିଗଲା । ନାନା ଦୁଶ୍ଚିନ୍ତା ଭିତରେ କେତେବେଳେ ତାକୁ ନିଦ ଆସି ଯାଇଥିଲା, ତାହା ଜାଣି ପାରି ନାହିଁ । କିନ୍ତୁ ହଠାତ୍ ତାର ନିଦ ଭାଙ୍ଗିଗଲା । ଯେମିତି ଏହା ପୂର୍ବରୁ କିଛି ଗୋଟାଏ ସ୍ୱପ୍ନ ଦେଖୁଥିଲା ସେ । କିନ୍ତୁ କିଛି ତାର ମନେ ପଡୁନାହିଁ । ସେ ସ୍ୱପ୍ନ ଯେପରି ଅନେକଟା ଦୁଃଖ, ଶୋକ ମିଶା । ହୁଏତ ସେଇଟା ଦୁଶ୍ଚିନ୍ତାର ଫଳାଫଳ । ତଥାପି ଯେମିତି ବନାନୀର ବୁକର ସ୍ପନ୍ଦନ ଅକସ୍ମିକ ଭାବେ ବଢ଼ି ଯାଉଛି । ଦେହରେ ଏକ ଅଜ୍ଞାତ ଆଶଙ୍କାର ଶିହରଣ । ସତେ ଯେମିତି ଏକ ରକ୍ତ ପ୍ରବାହରେ ଭାସି ଭାସି ସେ ଦୂରକୁ ଦୂରକୁ ଚାଲି ଯାଉଛି ।

ଧୀରେ ଧୀରେ ବନାନୀର ଆଖି ଖୋଲିଗଲା । ଘରସାରା ବିଜୁଳି ଆଲୁଅ ଛିଞ୍ଚିହୋଇ ପଡ଼ିଛି । ଶୋଇବା ପୂର୍ବ ମୁହୂର୍ତ୍ତରେ ଆଲୁଅ ଜାଳିଥିଲା ସେ । ସେ ଆଲୁଅ ସେହି ଅଜ ଲିଭେଇ ନାହିଁ । ମୁଣ୍ଡ ପାଖକୁ ପଡ଼ିଥିବା ଟେବୁଲ ଉପରେ ବୈକୁଣ୍ଠ ଘୋଡେଇ ରଖି ଯାଇଛି ପାଣିଗ୍ଲାସ । ସଂଧ୍ୟା ବେଳର ଖବର କାଗଜଟା ମଧ୍ୟ ରଖି ଯାଇଛି । ନିତି ଦିନର ଅଭ୍ୟାସ ମୁତାବକ ବନାନୀ କାଗଜଟାକୁ ହାତ ବଢ଼େଇଲା । କିନ୍ତୁ ଉଠେଇ ଆଣିବାକୁ ତାର ଯେମିତି ସାହାସ ହେଉନାହିଁ । କିଛି ଯଦି ଦୁଃସଂବାଦ ପାଏ···କିନ୍ତୁ ସାଗ୍ନିକା କଣ ମିଳି ନାହିଁ···? ସ୍ୱୟଂ ଚାଳିତ ହୋଇ ବନାନୀ କାଗଜଟାକୁ ଉଠେଇ ଆଣିଲା । କିନ୍ତୁ ହାତ ଦୁଇଟି

ତାର କଂପୁଚି । ସେ କମ୍ପନ ପୁଣି ମିଶି ଯାଉଚି ଛାତିର କମ୍ପନ ସହିତ । ପୁଣି ନୂଆ ଖବର…

ଶ୍ରୀମତୀ ସାଗ୍ନିକା ଚମ୍ପତି ରାୟ ମିଳନ୍ତି…

ସାଗ୍ନିକା ଚମ୍ପତିରାୟ ମିଳନ୍ତି…ନିମିଷକ ପାଇଁ ଯେପରି ବନାନୀର ଦେହଟା ବିଦ୍ୟୁତର ପ୍ରଖର ସ୍ରୋତରେ ପରିଣତ ହୋଇ ଗଲା । ବିସ୍ଫାରିତ ଆଖିରେ ସମସ୍ତ ଖବରଟାକୁ ଯେମିତି ଗିଳି ପକେଇଲା ସେ । କିନ୍ତୁ କିଛି ମନେ ରହୁନି । ଆଖି, ହାତ, ମନ, ପ୍ରାଣ ସବୁ ଯେପରି ଏକ ଅନନୁଭୂତ ଆବେଗରେ ଅସ୍ଥିର ହୋଇ ଉଠୁଚନ୍ତି । ସତେ କଣ ସାଗ୍ନିକା ମିଳୁଛି…

ନିଜକୁ ଆୟତ୍ତ କରି ଖବର ଉପରେ ଦୃଷ୍ଟି ନିବଦ୍ଧ କଲା ବନାନୀ ।

× × "ବେଆଇନ୍ ଶୋଭାଯାତ୍ରା ଯୋଗୁ ଗତ କାଲି ପୁଲିସ ତରଫରୁ ଗୁଳି ଚାଳନା କରା ଯାଇଥିଲା । ଫଳରେ କେତେଜଣ ବିପ୍ଳବୀ ଶ୍ରମିକ ଆଉ ତିନିଜଣ ବାମପନ୍ଥୀ ନେତା ଗୁରୁତର ଆଘାତ ପାଇଛନ୍ତି । ଆଶ୍ଚର୍ଯ୍ୟର କଥା ଯେ ଗୋଟିଏ ଆହତ ଶରୀର ଭିତରୁ ଶ୍ରୀମତୀ ସାଗ୍ନିକା ଚମ୍ପତିରାୟଙ୍କୁ ଅତି ଅପ୍ରତ୍ୟାଶିତ ଭାବରେ ପୁଲିଶ ଆବିଷ୍କାର କରିଚି । ପୁରୁଷ ବେଶରେ ସେ ଶୋଭା ଯାତ୍ରାରେ ଯୋଗ ଦେଇ ଥିଲେ । ଗୁଳିର ଗୁରୁତର ଆଘାତ ପାଇଥିବାରୁ ତାଙ୍କ ଜୀବନର ଆଶା କରା ଯାଇ ପାରୁନାହିଁ । ବର୍ତ୍ତମାନ ସେ ସ୍ଥାନୀୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ପୂର୍ଣ୍ଣସ୍ୱାସ୍ଥ୍ୟ ଲାଭପରେ ତାଙ୍କର ବିଚାର ହେବ ବୋଲି ସରକାରୀ ମହଲରୁ ସମ୍ବାଦ ମିଳିଚି ।"

ବନାନୀର ଥର ଥର ହାତରୁ କାଗଜ ଖଣ୍ଡିକ ଖସି ପଡ଼ିଲା । ସ୍ତବ୍ଧ ହୋଇ ଚାହିଁ ରହିଲା ସେ । ଆଖି ଆଗରେ ଆଉ କିଛି

ଦିଶୁନାହିଁ । କେବଳ ଶୂନ୍ୟ...ଶୂନ୍ୟ...ମହାଶୂନ୍ୟ...ଏହି ଶୂନ୍ୟତା ମଝିରେ ଆକାର ନାହିଁ...ଇଙ୍ଗିତ ନାହିଁ...ଓ କୋଟି କୋଟି ପ୍ରଳୟ ପରେ ମଧ୍ୟ ନିରାକାରଙ୍କର ଦର୍ଶନ ମିଳିବ ନାହିଁ ।

ବନ୍ଦିନୀର ଲୌହପିଞ୍ଜରା ଭିତରେ ଯେମିତି ଏକ ଆହତ ପକ୍ଷୀ ଡେଣା ପିଟି ପିଟି ମୁକ୍ତି ଯନ୍ତ୍ରଣାରେ ଅଧୀର ହୋଇ ଉଠୁଥିଲା । ଝରକା ଉପରେ ମୁଣ୍ଡ ନୁଆଇଁ ଯନ୍ତ୍ରଣାରେ ବସି ରହିଲା ସେ । ଆଖିରେ ଲୁହ ନାହିଁ, ମନରେ ଚିନ୍ତା ନାହିଁ । ଭିତରେ ଖାଲି ଉଦ୍‌ବେଳ ତରଙ୍ଗ ଗଭୀର ବ୍ୟାକୁଳତା ।

କିଛି ସମୟ ପରେ ଆସ୍ତେ ଆସ୍ତେ ଚାଲି ବନ୍ଦିନୀ ଆସି ଝରକା ଉପରେ ଠିଆ ହେଲା ! ଭିତରଟା ତାର ଯେପରି ଗୋଟାଏ ଅଶାନ୍ତ ଆବେଗରେ ଫାଟି ପଡୁଛି । ପ୍ରାଣ ଶକ୍ତି ତାର ଯେମିତି ଅନ୍ତରର କେଉଁ ଅତଳାତଳକୁ ଚାଲି ଯାଉଛି । ଆଉ ଯେତେଥର ଗଳା ଫଟେଇ ଡାକିଲେ ମଧ୍ୟ ଉତ୍ତର ମିଳିବ ନାହିଁ ।

କାଗଜଟା ପଛରେ ପଡ଼ି ରହିଲା । ପଛରେ ପଡ଼ିରହିଲା ସମଗ୍ର ଜୀବନର କଳ୍ପଲେଖା । ଦୃଷ୍ଟି ସାମନାରେ ରହିଲା କେବଳ ଅନନ୍ତ ଆକାଶର ତାରାପୁଞ୍ଜ ଆଉ ପୃଥିବୀର ଘନ ଗଭୀର ଅନ୍ଧକାର ।

ଏହି ଅନ୍ଧକାର ଭିତରେ କେଉଁଠି ହଜି ଯାଉଛି ସାଗରିକାର ପ୍ରାଣବାୟୁ । ଦୁଇଦିନ ତଳେ ଶ୍ରୀମତୀ ଚମ୍ପୁଦତ୍ତଙ୍କ ଜୀବନର ଆଶା ରଖାଯାଇ ପାରି ନ ଥିଲା । ଆଜି ନିଶ୍ଚୟ ସାଗରିକା ମୃତ୍ୟୁ ବରଣ କରିଛି । ଏକ ଦୁର୍ଦ୍ଧର୍ଷ ଶକ୍ତିର ଅବସାନ ଘଟିଛି ଏତେଦିନ ପରେ । ହୁଏତ ଏହାହିଁ ଥିଲା ବିଧାତାର ନିର୍ଦ୍ଦେଶ । ଏତିକି ପାଇଁ ହୁଏତ କେଉଁ ଭକ୍ତ ନିଜର ସାଧନା ମନ୍ଦିରରେ ବସି ବସି ଆଦ୍ୟାଶକ୍ତିର ପାଦତଳେ ରକ୍ତପୂଜା ଦେଉଥିଲା । ଭକ୍ତର

ମନବାଞ୍ଛା ପୂର୍ଣ୍ଣ ହୋଇଛି ଆଜି । ଅପରାଜିତା ତେଜଗର୍ବା ସାଗ୍ନିକା ମୃତ୍ୟୁର ନିଗଡ଼ରେ ବନ୍ଦୀହୋଇ ପରାଜୟ ମାନି ନେଇଛି ।

ବନାନୀର ପାଦ ଦୁଇଟି ତଳର ଭୂମି ଉପରେ ସ୍ଥିର ରହି ପାରିଲା ନାହିଁ । ପାଖରେ ଗୋଟାଏ ସ୍ତମ୍ଭ ଉପରକୁ ଆଉଜି ଯାଇ ସେ ନିଜକୁ ରକ୍ଷା କରିବାକୁ ଚେଷ୍ଟା କଲା କିନ୍ତୁ ଏ ଚେଷ୍ଟା ଆଉ କାହିଁକି ? ଖେଳର ଧୂଳିଘର ତାର ଭାଙ୍ଗିଛି । ଘରକରଣାର କାଞ୍ଚୁଲିକି କିଏ ତାର ଚୋରି କରିନେଇ ଯାଇଛି । କିଏ ତାକୁ ଖୋଜି ଦେବ ତା ଖେଳର ଉପାଦାନ··· ?

ବଡ଼ ବଡ଼ ଆଖିର ଆକାଶ ଆଡ଼େ ଚାହିଁଲା ବନାନୀ । ଏହି ତାରାର ରାଜ୍ୟ ଦେଇ ପିତୃଲୋକ ଅନେଇ ରହିଛନ୍ତି । ତାର ବାବା, ମା, ବରେନ୍ଦ୍ର ଚମୂପତି ରାୟ । ଚମୂପତିରାୟ ବଂଶର ଅତୀତର କେତେ କର୍ମବୀର । ଅନେଇ ଅନେଇ ସେମାନେ ଦେଖୁଛନ୍ତି ତାଙ୍କର ଦାୟାଦ ମାନଙ୍କର ମାଟି ମର୍ତ୍ତ୍ୟର ଲୀଳା । କିନ୍ତୁ ସେ ଲୀଳା ରଚନା ପାଇଁ ତ ସାଗ୍ନିକା ରହିଲା ନାହିଁ ? ଚମୂପତି-ରାୟ ବଂଶର ଶେଷ ଦୀପ ଶିଖାକୁ ଲିଭେଇ ଦେଇ ସାଗ୍ନିକା ହେଲା ଶହୀଦ···ସାଗ୍ନିକା ଗଣା ହେଲା ଅର୍ଯ୍ୟମାର ବଂଶଧର ରୂପେ । କିନ୍ତୁ ବରେନ୍ଦ୍ର ଚମୂପତିରାୟ କଣ ଦେଖିବାକୁ ଚାହିଁ ଥିଲେ ନିଜ ବୁନିଆଦର ଭିଟାଉପରେ ଶହୀଦର ଚିତାଗ୍ନି···

ଦୁର୍ବୋଧ୍ୟ, ଦୁର୍ଭେଦ୍ୟ ପ୍ରଶ୍ନ । କିଏ ଦେବ ଏହାର ଉତ୍ତର ? କିଏ ଆଜି ଫେରେଇ ଆଣିବ ସାଗ୍ନିକାର ଜୀବନ···ମୃତ୍ୟୁଲୋକର କେଉଁ ଅମୃତ ପୁରରୁ କିଏ ଆଜି ଖୋଜି ଆଣିବ ନବ ପ୍ରାଣର ଚେତନା । କେଉଁ ପରିତ୍ୟକ୍ତ ଅପନ୍ତରାର ଅନ୍ଧକାର ଭିତରେ ସାଗ୍ନିକାର ଅସାର ଦେହ ନିକଟରେ ବସି ବସି କାନ

ପାଖରେ ଉଚ୍ଚାରଣ କରି ପାରିବ ସଞ୍ଜୀବନୀର ଅମର ଅକ୍ଷର । ଏହି ମଣିଷ କଣ ନିଜେ ବନାନୀ ? ଅକ୍ଷମ, ନିରୁପାୟ ସାମାନ୍ୟ ମାନବ ସେ । ତାହାଁ ଠାର ସେ ଦୁର୍ଲଭ ଦେବ ଶକ୍ତି ? ତାହାଁ ଠାର ସେ ଅବ୍ୟୟ, ଅକ୍ଷୟ, ବଳବୀର୍ଯ୍ୟ ?

ପାଖରେ ତାହାର ପାଦଶବ୍ଦ ଲାଗି ଲାଗି ଆସୁଚି । ସେ ଶବ୍ଦ ଆସି ଧକ୍କା ଖାଇ ଯାଉଚି ବନାନୀର ଶୁଭ୍ର ତଟରେ । କିନ୍ତୁ ବନାନୀ ସ୍ଥିର, ଗମ୍ଭୀର । ଅଶାନ୍ତ, ବିକ୍ଷୁବ୍ଧ ନୀଳ ସିନ୍ଧୁର ଗର୍ଜନ ଭିତରେ ଯେମିତି ହଜି ଯାଉଚି ଶାନ୍ତ କଳ ନାଦିନୀ ତଟିନୀର ମଧୁର ମୂର୍ଚ୍ଛନା ।

ବାବୁ…

ଆଗକୁ ଆସି ବିସ୍ମିତ ହୋଇ ବୈକୁଣ୍ଠ କହିଲା—

ଶୋଇ ନାହାନ୍ତି ବାବୁ ! ଦେହ ବେଶୀ ଖରାପ ହେବ ।

ବନାନୀ ପଚାରିବାକୁ ଯାଉଥିଲା କାଲିକାର ଖବର । ସତରେ କଣ ଗୁଳିର ଆଘାତରେ ସାଗ୍ନିକା ମରି ଯାଇଚି ? କିନ୍ତୁ ମନର ଭାବନାକୁ ଚାପି ରଖି ଚଞ୍ଚଳ ସ୍ୱରରେ ସେ ପଚାରିଲା—

ତମକୁ କ'ଣ ନିଦ ହେଉନି ବୈକୁଣ୍ଠ !

ନା ବାହାରକୁ ଉଠିଥିଲି ।

ଓ ବାହାରକୁ ଉଠିଥିଲ ? କାହିଁକି ଉଠିଥିଲ କହିଲ !

କଣ ଯେମିତି ସନ୍ଦେହରେ କଟ୍ ମଟ୍ କରି ବୈକୁଣ୍ଠ ତାର ବାବୁଙ୍କ ମୁହଁକୁ ଅନେଇଲା । ଅନ୍ଧାରରେ କିଛି ବାରି ହେଉ ନାହିଁ । କହିଲା—

ଦେହ କଷ୍ଟରେ ମନ ବୋଧେ ଆପଣଙ୍କର ଠିକ୍ ନାହିଁ ବାବୁ !

ଠିକ କରି ରଖିବା ପାଇଁ କିଛି ଆଉ ରହିଲା ନାହିଁ ବୈକୁଣ୍ଠ!

ବୈକୁଣ୍ଠ ମନସ୍ତତ୍ତ୍ୱ ପଢ଼ିନି, ନାଁ କେବେ ମଧ୍ୟ ଶୁଣିନି । ସେ ଦେଖେ ବନାନୀର ଚେହେରା । ତାର ପୋଷାକ, ତାର ଚଳନି । ଆଉ ଜାଣେ ବାବୁ ତାର ଅବିବାହିତ । ପାତ୍ରୀର ଅଭାବ ନଥିବା ସ୍ଥଳେ କାହିଁକି ଯେ ବାବୁ ତାର ଏପର୍ଯ୍ୟନ୍ତ ବିବାହ କରି ନାହାନ୍ତି, ଅନେକଥର ଚେଷ୍ଟା କରି ସୁଦ୍ଧା ବୈକୁଣ୍ଠ ବୁଝି ପାରେ ନାହିଁ । କେବଳ ଦେଖେ ବେଳେ ବେଳେ ବାବୁ ତାର ଅସ୍ଥିର ହୋଇ ପଡ଼ନ୍ତି ଆଉ ସେ ଅସ୍ଥିରତା ଯେ କାହିଁକି ତା ବେଶ କରି ଜାଣି ପାରେ ସେ । ଅନେକ ସମୟରେ ତାହାହିଁ ମନେ ମନେ ଅନୁଭବ କରେ । ଆଜି ହୁଏତ ସେହି ଅସ୍ଥିର ଅବସ୍ଥା ଭିତରେ ରହିଛି ବନାନୀ । ଏହି କଥା ମନେ ମନେ ଭାବି ବୈକୁଣ୍ଠ ଚୁପ୍ ରହିଲା ।

ଭଙ୍ଗା ଗଳାରେ ବନାନୀ କହିଲା—

ତମେ କହି ପାରିବ ବୈକୁଣ୍ଠ, ପବନ ସହିତ କିଏ ମିଶି ଯାଇ ପାରିବ ? ଏ ତତ୍ତ୍ୱ କଥା ବୈକୁଣ୍ଠ ନିକଟରେ ସମ୍ପୂର୍ଣ୍ଣ ନିରର୍ଥକ । ସେ ବୁଝିଲା ଗୋଟାଏ କଥା । କହିଲା—

ବାବୁ ଶୋଇ ପଡ଼ିବେ ଯାଉନ୍ତୁ । ପବନ ତ ଶୂନ୍ୟଦେବତା । ତାଙ୍କ ସାଙ୍ଗରେ କିଏ ସମାନ ହୋଇ ପାରିବ ? ଅଣ୍ଡା ଲାଗୁଛି ଶୋଇବେ ଯାଉନ୍ତୁ ।

ଏତିକି କହି ନିଜର ଶୋଇବା ଘର ଆଡ଼େ ଆଗେଇ ଗଲା ବୈକୁଣ୍ଠ । ତାର ପଛେ ପଛେ ଦୁଇପାଦ ଚାଲି ଆସି ବନାନୀ ଡାକିଲା—

ବୈକୁଣ୍ଠ ଶୁଣ...

ଫେରି ଆସି ବୈକୁଣ୍ଠ କହିଲା—

କଣ କହୁଚନ୍ତି ବାବୁ !

ତମେ କହିଲ ପବନ ଦେବତା ! ଏଇ ଦେବତା କଣ ମୋର ଦେହଟାକୁ ନିଜ ସହିତ ଉଡ଼େଇ ନେଇ ପାରିବ ? ତମେ କହି ପାରିବ ?

ବୈକୁଣ୍ଠ କିଛି କହି ପାରିଲା ନାହିଁ । ଅଶିକ୍ଷିତ, ଅଜ୍ଞ, ସରଳ ପଲ୍ଲୀବାସୀ । ଖାଲି ମଠ ମଠ କରି ସୁଶିକ୍ଷିତ, ଅର୍ଦ୍ଧଚେତନ ମଣିଷଟି ଅଡ଼େ ଅନେଇ ରହିଲା ।

ଅତି ଅସ୍ୱାଭାବିକ ଭାବେ ଚିତ୍କାର କରି ବନାଣୀ କହି ଉଠିଲା—

ମିଛ…ମିଛ…ସବ୍ ମିଛ…

କହି କହି ପ୍ରାୟ ଦୌଡ଼ି ଦୌଡ଼ି ଘରେ ପଶିଗଲା ବନାଣୀ । ତା ଛାତିର ପଞ୍ଜରା ତଳୁ ଯେମିତି ଗୋଟିଏ ସର୍ବହରା ବାଳକ ଯେଉଁଠି ସେଠି ଆତ୍ମପ୍ରକାଶ ପାଇଁ ବ୍ୟାକୁଳ ହୋଇ ଉଠୁଛି । ଗୁହାଁରି ଟିକିଏ ଆଶ୍ରୟ । କିନ୍ତୁ କିଏ ଦେବ ତାକୁ ଅଳି ଆଶ୍ରୟ…

ବନାଣୀର ବିନିଦ୍ର ଆଖି ଦୁଇଟିରୁ ଧାର ଧାର ହୋଇ ଲୁହ ବହି ଆସିଲା । ନିରୁପାୟ, ଅସହାୟ ମାନବ ଶିଶୁ କାନ୍ଦିଲା ବିଧିର କଠୋର, କ୍ରୂର, ଅଖଣ୍ଡ ବିଧାନ ପାଇଁ । ହେ ଦେବତା, ହେ ନିର୍ମମ, ନିଠୁରତା କଣ ଦେବତ୍ୱ ? ପୈଶାଚିକତାରେ କଣ ଗୌରବ ? ପରପୀଡ଼ନରେ କଣ ଆନନ୍ଦ ?

ହେ ପିତୃଲୋକ, ହେ ପିତା, ହେ ପିତାମହ, ତମେ ଆଶୀର୍ବାଦ କର । ଫେରେଇ ଦିଅ ତମର ଅବୋଧ, ଅଜ୍ଞାନ ସନ୍ତାନକୁ । ଚନ୍ଦୁ କାମ ବାଙ୍କି ଦେଖି ଭୁଲି ଯାଉଛି ସେ । ଅଭିମାନିନୀ ଭୁଲି ଯାଉଛି ନିଜ ଉପରେ ଅଭିମାନ କରି । ଜୀବନ ଉପରେ ଅତ୍ୟାଚାର କରି ବିପ୍ଳବର କ୍ଷୁଧା, ନୂତନ ସର୍ଜନାର ତୃଷ୍ଣା, ତାକୁ ଧ୍ୱଂସର ପଥରେ ଅଗେଇ ନେଉଛି । ନିଜ ନାସ୍ତିକ୍ୟର

ଅବହେଳା କରି କରି, ନିଜ ମାତୃ ଶକ୍ତିର ଅପଚୟ କରି କରି ଚାଲି ଯାଇଛି ସେ । ମୃତ୍ୟୁ ଲୋକର ଅନ୍ଧାର ଭିତରୁ, ସର୍ବନାଶର ପଥ ମଝିରୁ ତାକୁ ଘୁରାଇ ଆଣ ପିତା ! ତାକୁ ଆଲୋକର ସନ୍ଧାନ ଦିଅ । ଅବନତ ମସ୍ତକରେ ତାର ଅମୃତର ସିଞ୍ଚନ ଦେଇ ତାକୁ ଅମର କରି ତୋଳ ।

ହଠାତ୍ ଯେପରି ବନାନୀର ଯୋଗ ଧ୍ୟାନ ଭାଙ୍ଗି ତାହାର ନୂପୁର ନିକ୍ୱଣ ଭାସି ଆସିଲା । ସମାଧି ଦ୍ୱାରରେ ତାର ବସନ୍ତ ଉପଗତ । ଶିଶୁ ଶକୁନ୍ତଳାର ବାର୍ତ୍ତା ନେଇ ଏହି ବିଜନ ବନସ୍ଥଳୀକି ଓହ୍ଲେଇ ଆସିଛି ବସନ୍ତ । ମେନକା ଅନାବିଳ ସୌନ୍ଦର୍ଯ୍ୟରେ ଅଂଜଳି ଭରି ସେ ଗୃହ୍ଣୁଁଛି ଯୋଗୀର ଅର୍ଚ୍ଚନା । ମେନକା ମରି ନାହିଁ । ମରଣକୁ ଜୟ କରି ବନାନୀର ଅଂଗେ ଅଙ୍ଗେ ସେ ଆଶ୍ରୟ ନେଇଛି । ବନାନୀର ରକ୍ତେ ରକ୍ତେ ନିଜକୁ ମିଶେଇ ସେ ଗୃହ୍ଣୁଁଛି ମାଟିର ମମତା । ସୃଷ୍ଟିର ଆଲେଖ୍ୟ ।

ପ୍ରକୃତ ପ୍ରହରୀର ଡାକରେ ଜାଗି ଉଠିଲା ବନାନୀ । ନିଶବ୍ଦ ଅନ୍ଧକାର ଭିତରେ ଅସ୍ତେ ଅସ୍ତେ ଦୂରକୁ ଅନେଇଲା ସେ । ପୃଥିବୀର ବକ୍ଷ ଅସ୍ପଷ୍ଟ, ମାନବର ଚେତନା ନିଶ୍ଚିହ୍ନ । ସତେ ଯେମିତି ଏ କାଳସର୍ପ ପ୍ରେତଲୋକ ଆଜି ନରଲୋକକୁ ଏକାକାର କରି ପୋଉଛି । ଅଶାନ୍ତ, ମୁଖର ରାଜଧାନୀ ନିଦ୍ରାମଗ୍ନ । କେବଳ ସ୍ୱର୍ଗଙ୍ଗାର ଲହରରେ ଜୀବନର ସଙ୍କେତ । ସତେ ଯେପରି ସାଗ୍ନିକାର ଅଶରୀରି ଆତ୍ମା କେଉଁ ଅମ୍ବରର ଶୂନ୍ୟତାରେ କାନ୍ଦି ବୁଲୁଛି ।

ବନାନୀ ଆଜି ନିଜକୁ ସମ୍ଭାଳି ପାରିଲା ନାହିଁ । କ୍ଷିପ୍ର ହସ୍ତରେ ସୁଇଚ୍ ଟିପି ଆଲୁଅ ଜଳେଇ ଦେଲା । କିନ୍ତୁ ବିବଶ, ବିବ୍ରତ, ବିଧ୍ୱସ୍ତ - ହସ୍ତ ପଦର ଅକ୍ଷମତା ଅନୁଭବ କଲା ସେ । ଆଜି କିଛି

ଚିନ୍ତା କରି ନ ପାରି ପରି ମୁହୂର୍ତ୍ତରେ ନିଜକୁ ସଜାଡ଼ି ନେଇ ପଦାକୁ ବାହାରି ଆସି ଡାକିଲି—

ବୈକୁଣ୍ଠ...

ବୈକୁଣ୍ଠଙ୍କ ଛାଇ ନିଦ ଲାଗି ଆସୁଥିଲା । ନିଦୁଆ ସ୍ୱରରେ ସେ ଜବାବ ଦେଲା—

ବାବୁ...

ଗାଡ଼ି କେତେବେଳେ ବୈକୁଣ୍ଠ...

ଆଖି ମଳି ମଳି ବାହାରକୁ ଆସିଲା ବୈକୁଣ୍ଠ । ବନାନୀ ପୁଣି ପଚାରିଲା—

ଟ୍ରେନ ସମୟ ଅଛି ତ ବୈକୁଣ୍ଠ...

ଆଶ୍ଚର୍ଯ୍ୟ ହୋଇ ବୈକୁଣ୍ଠ କହିଲା—

କୁଆଡ଼େ ଯିବେ ବାବୁ...

କୁଆଡ଼େ ? କୁଆଡ଼େ ଯିବି କହି ପାରିବି ନାହିଁ ବୈକୁଣ୍ଠ । ତେବେ ଏହା ନିଶ୍ଚିତ ଯେ ମୁଁ ଯିବି...

ବୈକୁଣ୍ଠର ଆଉ ବାକ୍ୟସ୍ଫୁର୍ତ୍ତି ହେଲା ନାହିଁ । ସ୍ତମ୍ଭିତ ହୋଇ କେବଳ ଅନାଇ ରହିଲା ସେ । ବନାନୀ ପଚାରିଲା—

ଲିପିକା ଆସିଛି ବୈକୁଣ୍ଠ !

ମୁଁ ଜାଣି ନାହିଁ ବାବୁ !

ଏହାପରେ ବନାନୀର ତୁଣ୍ଡରେ ଆଉ କୌଣସି କଥା ଆସିଲା ନାହିଁ । ପାଦରେ ମୋଜା ଗଳେଇ ଜୋତା ପିନ୍ଧି ସେ ବାରଣ୍ଡା ଉପରୁ ଓହ୍ଲେଇ ଦ୍ରୁତ ପଦରେ ରାଜପଥ ଉପରେ ଅଗେଇ ଚାଲିଲା ।

ପାଦରେ ଚାଲି ଚାଲି ଏକ ସମୟରେ ବନାନୀ ଆସି ଲିପିକାର କ୍ୱାର୍ଟର ସାମନାରେ ଛିଡ଼ା ହେଲା । ଜନହୀନ

ବାସଭୂମିର କେଉଁଠି ଅଡ଼େ ସୋର ଶବ୍ଦ ନାହିଁ । ନିଶବ୍ଦ, ନିସ୍ପନ୍ଦ ବାସସ୍ଥଳୀ । ସେତେ ଯେପରି ନିସ୍ତବ୍ଧ ଭୀଷଣ ପ୍ରେତପୁରୀର ସିଂହଦ୍ୱାର ସମ୍ମୁଖରେ ଅସି ପହଞ୍ଚିଲ ବନାନୀ ।

ଦୁଇ ତିନିଥର କବାଟରେ ଆଘାତ କରିବା ପରେ ଭିତରୁ ଭଯ୍ଯାର୍ତ୍ତ ଲିପିକାର ଉଦ୍‌ବିଗ୍ନ ଜବାବ ଆସିଲା—

କିଏ...?

ଚିହ୍ନି ପାରିବ ନାହିଁ...

ବନାନୀର ସ୍ୱରରେ ବେଦନାର ଝଙ୍କାର ।

ଏଥର ଉଠି ଆସି କବାଟ ଖୋଲିଦେଲା ଲିପିକା । ଅବାକ୍ ହୋଇଗଲା ସେ । ରାସ୍ତାର ଅଲୋକ ଆସି ସିଧା ପଡ଼ିଛି ବୁଆର ମୁହଁରେ ।

ଏଁ, ଅପଣ ?

ବିସ୍ମୟ ବିସ୍ଫାରିତ ଅଖିରେ ବନାନୀଙ୍କ ମୁହଁ ରହିଲା ଲିପିକା । ସକାଳ ଅସିବାକୁ ଏହ୍ଯଣି ବି ଅନେକ ଡେରି ଅଛି । ଭଗ୍ନ, ରୁଦ୍ଧ କଣ୍ଠରେ ବନାନୀ କହିଲା—

ହଁ...ମୁଁ । ଭୟ କରନା ଲିପିକା ! ମୁଁ ତମର ଶତ୍ରୁ ନୁହେଁ । ଶରଣାର୍ଥୀ । କହ, ମତେ ଆଶ୍ରୟ ଦେଇ ପାରିବ ?

ନିର୍ବୁଦ୍ଧି ବାଳିକା ପରି ବନାନୀର ମୁହଁକୁ ବକ୍ ବକ୍ କରି ଅନେଇ ରହିଲା ଲିପିକା । ତା ପରେ ବନାନୀର ଗୋଡ଼ତଳେ ପଡ଼ି ଯାଇ କହିଲା...

ଏକି ପରୀକ୍ଷା ଠାକୁର ! ଯାହା ପାଇଁ ଅପଣ ସାଂସାରିକ ସମସ୍ତ ଭୋଗ ବିଳାସରେ ଜଳାଞ୍ଜଳୀ ଦେଇ ଏ ନିରାଡ଼ମ୍ବର ନିସ୍ପୃହ ଜୀବନ ବରି ନେଇଛନ୍ତି ସେ ଭାଗ୍ୟବତୀ ବିଦୁଷୀ ମହିଳା ତ ମୁଁ ନୁହେଁ ।

ସେ ମହିଳା ଆଜି ନାହାନ୍ତି ଲିପିକା ! ମୋର ନିର୍ଲିପ୍ତତା, ମୋର ଉଦାସୀନତା, ମୋର ତ୍ୟାଗ, ନିଷ୍ଠା ତାଙ୍କୁ ଅଟକେଇ ରଖି ପାରି ନାହିଁ । ସେ ଚାଲି ଯାଇଚନ୍ତି । ଅଭିମାନରେ, ଅବହେଳାରେ, ମାଡ଼ଖାଇ, ଅଶ୍ରୁଢାଳି, ଯନ୍ତ୍ରିତ ହୋଇ ସେ ଚାଲି ଯାଇଚନ୍ତି ଲିପିକା…

ଅଶ୍ରୁର ଆବେଗରେ ବନାନୀର ସ୍ୱର ଭାଙ୍ଗି ପଡ଼ିଲା । ଲିପିକାକୁ ତାକୁ ଦୁଇ ହାତରେ ଉଠେଇ ଧରି ସେ ପୁଣି କହିଲା—

ତମ ସ୍ୱଭାବର ଶୁଭ୍ରତା ପାଇଁ, ତମ ଚଳଣିର ସରଳତା ପାଇଁ ତମ ନାରୀତ୍ୱର ବିଶାଳତା ପାଇଁ, ତମ ଚରିତ୍ରର ନିର୍ମଳତା ପାଇଁ ମୁଁ ତମକୁ ଶ୍ରଦ୍ଧା କରେ ଲିପିକା, ଭକ୍ତି କରେ । ତମେ ନାରୀ ! ତମେ ଜନନୀ ! ତମେ ଆଶ୍ୱାସବାଦିନୀ ! ତମେ କ୍ଷମାମୟୀ ! ମାତୃ ଜାତିର କୋମଳତମ ସତ୍ତା ଧରି ତମେ ବନ୍ଦ୍ୟମାନା । ମୁଁ ତମର ଅନାଦର କରିଚି । ତମ ମହିମାର ଅମର୍ଯ୍ୟାଦା କରିଚି । ତମ କରୁଣାକୁ ଉପେକ୍ଷା କରିଚି । ତମେ ମୋର ଅପରାଧ କ୍ଷମା କର ଲିପିକା । ଅବାଧ, ଅଭିଶପ୍ତ ବନାନୀକୁ ତମେ କ୍ଷମାକର । ସର୍ବଂସହା, ଲାଞ୍ଛିତା, ଅଶ୍ରୁମୁଖୀ ଉତ୍କଳ ଜନନୀର ଜାଗ୍ରତ ପ୍ରତିନିଧି ତମେ ଲିପିକା ! ମାତୃଦ୍ରୋହୀ ସନ୍ତାନର ଶେଷ ଦଣ୍ଡବତ ଗ୍ରହଣ କର ଜନନୀ…

କହୁ କହୁ ଅଶ୍ରୁମାଢ଼ି ଲିପିକାର ପାଦତଳେ ଅଭୂମି ପ୍ରଣାମ କଲା ବନାନୀ । ଆଖିର ଲୁହ ଢାଳି ତାର ପାଦ ଦୁଇଟି ଧୋଇଦେଲା ।

ଲିପିକା ସ୍ତବ୍ଧ, ନିର୍ବାକ, ଅଚଳ । ତାର ପାଦ ଧୂଳି ଗ୍ରହଣ କରି ଗଦ୍‌ ଗଦ୍‌ ସ୍ୱରରେ ବନାନୀ କହିଲା—

ତମର ପଦ ଦର୍ଶନ ନ କରି ମୁଁ ଯାଇ ପାରିଲି ନାହିଁ ।

ଅସିଥିଲି ତମର ଆଶୀର୍ବାଦ ଭିକ୍ଷା କରି । ମୁଁ ଯାଏ ଏଥର । ମତେ ବିଦାୟ ଦିଅ ଲିପିକା ! ମୋର ସମୟ ହୋଇଛି ।

ଥର ଥର ହାତରେ ବନାନୀର ହାତ ଦୁଇଟି ତୋଳି ଧରି ଅସ୍ପଷ୍ଟ ସ୍ୱରରେ ଲିପିକା କହିଲା—

କେଉଁଠିକି ଯିବେ…

ସେଇଠିକି ଯିବି ଲିପିକା ! ଯେଉଁ ମାଟିକି ଆଲିଙ୍ଗନ କରି ତାର ଶେଷ ନିଶ୍ୱାସ ପବନରେ ମିଶି ଯାଇଛି । ସେହି ମୋର ବ୍ରଜଭୂମି ଲିପିକା ! ତାହାର ପଦ ଧୂଳିକୁ ଦେହରେ ବୋଳି ବୋଳି ମୁଁ ତାର ଅନୁସରଣ କରିବି ।

ପୂର୍ବ ଅବସ୍ଥାରେ ଥାଇ ଲିପିକା ପଚାରିଲା—

କେବେ ଫେରିବେ ?

ହୁଏତ ଆଉ ଫେରିବି ନାହିଁ ଲିପିକା ! ସେ ଫେରି ନାହିଁ । ଯାଇଛି ଅତ୍ୟାଚାର ସହି, ଗୁଳି ଖାଇ, ଲାଞ୍ଛନା ଭୋଗି । ମାଟି ପାଇଁ, ମଣିଷ ପାଇଁ । ସେହି ମାଟି ମୋର ତୀର୍ଥ ସ୍ଥଳୀ । ସେହି ମଣିଷ ମୋର ପରିଜନ । ସେହି ମାଟି ଉପରେ, ସେହି ପରିଜନର ପଙ୍କ୍ତିରେ ମୁଁ ଶୋଇବି ଲିପିକା, ହସି ହସି ମରଣର ମାଳା ପିନ୍ଧିବି । ବାସର ଦୀପାଳି ନ ଜାଳି, ବାସରର ସଂକେତ ଦେଇ ଅଭିମାନିନୀ ଚାଲି ଯାଇଛି । ହୁଏତ ଏ ଜୀବନର ପରପାରରେ ମୁଁ ବାସଘରର ଅବଗୁଣ୍ଠନ ଖୋଲିବି ।

କହିସାରି ଧୀର ପଦକ୍ଷେପରେ ପାହାଚରେ ଓହ୍ଲାଇଗଲା ବନାନୀ । ଗଳିପଥର ଉଜ୍ଜ୍ୱଳ ଆଲୋକରେ ଅଶ୍ରୁମୁଖୀ, ମୌନାବତୀ ଲିପିକା ଦେଖିଲା, ସମସ୍ତ କଷ୍ଟର ମିନତୀ ବହନ କରି ବନାନୀର ଶାନ୍ତ ଆଖି ଦୁଇଟି ଉଦାର ଗମ୍ଭୀର ।

## ଏକା ଆପଣ ନୁହନ୍ତି

## ଆହୁରି ଅନେକେ ଅପେକ୍ଷା କରିଥିଲେ ।

କେତେକ ଯାନ୍ତ୍ରିକ ଅସୁବିଧା ପାଇଁ ଲାଲ ସିରିଜ୍ ଆଜିଯାଏ ଆପଣଙ୍କ ପାଖରେ ପହଞ୍ଚି ପାରି ନଥିଲା ।

**କିନ୍ତୁ**

ଆମର ପରବର୍ତ୍ତୀ ଅବଦାନ

186

**ଲାଲ୍ ସିରିଜ୍‌ର ପ୍ରଥମ ଖଣ୍ଡ**

# ନୀଳ ମହଲ

ଆଖିରୁ ନିଦ ମରିଯିବ, ପେଟରୁ ଭୋକ ଛାଡ଼ିଯିବ, ଆପଣ ହଜିଯିବେ ଯେଉଁ ଏକ ଅଜ୍ଞାତ ଜଗତରେ । ଖାଲି ପୃଷ୍ଠା ପରେ ପୃଷ୍ଠା, ଘଟଣା ପରେ ଘଟଣା, ଆପଣ ଏପରି ଏକ ଗୋଳକ ଧନ୍ଦାରେ ପଡ଼ିଯିବେ, ଯେଉଁଠୁ ଆଉ ବାହାରିବାର ଉପାୟ ନ ଥିବ ।

**ପରେ ପରେ**

**ଲାଲ ପରୀ, ଲାଲ ସଂକେତ, ଲାଲ ମୁସାଫିର**
**ଲାଲ ମାକଡ଼ସା, ଲାଲ ଫିତା**